# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୨/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, June 12/2023 | Page 14 | ₹ 7.00

୪୯ଶ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 197 | ମୂଲ୍ୟ ₹୭/-




### ଟ୍ରାଭିସ୍ ହେଡ୍ ପ୍ଲେୟର ଅଫ୍ ଦି ମ୍ୟାଚ୍

ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍। ୧୪

୧୦

### ସାମନ୍ଥାଙ୍କ ସହ ପବ୍‌ରେ ନାଚିଲେ ବରୁନ୍

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବଂ ଅଭିନେତା ବରୁନ ଧାୱନଙ୍କୁ ଶନିବାର ସର୍ବିୟା ପବ୍‌ରେ 'ଓ ଅଣ୍ଟାୱା' ଗୀତରେ ନାଚୁଥିବା ଦେଖିବାକୁ ମିଳିଛି।





ରାଉରକେଲା ବିମାନବନ୍ଦର ଛକଠାରେ ଗତ ୫ ମାସ ତଳେ ତିଆରି ହୋଇଥିବା ହକି ସ୍ମାରକୀ ରବିବାର ଅପରାହ୍ନରେ ପବନରେ ଭାଙ୍ଗିଯାଇଛି।

# ରଥଯାତ୍ରାରେ ଡ୍ରୋନ୍ ଉଡ଼ାଣ ମନା

- ଡ୍ରୋନ୍ ପ୍ରମାଣପତ୍ର ଯାଞ୍ଚ ପାଇଁ ଏକ ୱିଣ୍ଡୋ ସିଷ୍ଟମ ରହିବ
- ପୋଲିସ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି

**ପୁରୀ ଅଫିସ,୧୧।୬**

ଆଉ ୯ଦିନ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି ଜୋରସୋରରେ ଚାଲିଥିବା ବେଳେ ୫-ଟି ସଚିବଙ୍କଠାରୁ ଡିଆଇଜି, ଆଇଜି ଯାଏ ବଡ଼ ବଡ଼ ଅଧିକାରୀମାନେ ବାରମ୍ବାର ପୁରୀ ଆସି କାର୍ଯ୍ୟର ସମୀକ୍ଷା କରିବା ସହ ସେବାୟତ ଏବଂ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି। ତେବେ ରଥଯାତ୍ରା ଯେପରି ଶୃଙ୍ଖଳିତ ଓ ସୁରୁଖୁରୁରେ ହେବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବେଶ୍ ଗୁରୁତ୍ୱ ଦିଆଯାଇଛି। ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ହେବାକୁ ଥିବାରୁ ଶ୍ରୀମନ୍ଦିର ତଥା ମହାପ୍ରଭୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ରଥଯାତ୍ରା ସମୟରେ ଡ୍ରୋନ ଉଡ଼ାଇବା ଉପରେ କଟକଣା ଲାଗୁ କରାଯାଇଛି। ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ତରଫରୁ ଘୋଷଯାତ୍ରା ସମୟରେ ଡ୍ରୋନ ଉଡ଼ାଇବା ଉପରେ କଟକଣା ଲାଗୁ କରାଯାଇଥିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ରଥଯାତ୍ରାରେ କେହି ଡ୍ରୋନ ଉଡ଼ାଇପାରିବେ ନାହିଁ। ଶ୍ରୀମନ୍ଦିର ଉପରେ, ତିନି ରଥ ନିକଟରେ, ବଡ଼ଦାଣ୍ଡ ଏବଂ ଗୁଣ୍ଡିଚା ମନ୍ଦିର ଉପରେ ଡ୍ରୋନ ଉଡ଼ାଣ ପାଇଁ ବାରଣ କରାଯାଇଛି। ଏହି ନିୟମ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି।

ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଅନେକ ବ୍ୟକ୍ତି ବିଶେଷ ବିଭିନ୍ନ ଉଦ୍ଦେଶ୍ୟ ନେଇ ଫଟୋ ଏବଂ ଭିଡିଓ ଉତ୍ତୋଳନ ପାଇଁ ଡ୍ରୋନର ସାହାଯ୍ୟ ନେଇଥାନ୍ତି। ଏପରିକି ଅନେକ ଅନଭିଜ୍ଞ ଡ୍ରୋନ ବ୍ୟବହାରକାରୀଙ୍କ ଡ୍ରୋନ ଚଳାଇବା ଲୋକମାନଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରିଥାଏ। ଅତିତରେ କେତେଜଣ ବ୍ୟକ୍ତି ☞ପୃଷ୍ଠା-୪

# ଟଳି ପଡ଼ିଲା ହକି ସ୍ମାରକୀ

- ୬ ମାସ ଗଲାନି ୩୦ ଲକ୍ଷର କାମ
- ଆର୍‌ଏମ୍‌ସି କହିଲା ତଦନ୍ତ ହେବ
- ବିରୋଧୀଙ୍କ ସମାଲୋଚନା

**ରାଉରକେଲା ଅଫିସ,୧୧।୬**

୨୦୨୩ ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଉରକେଲା ସହରକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଏହି କ୍ରମରେ ଗତ ୫ମାସ ତଳେ ବିମାନ ବନ୍ଦର ଛକରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ ବିଶାଳକାୟ ହକି ଖେଳାଳିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା। ତେବେ ରବିବାର ଅପରାହ୍ନ ୧ଟାରେ ରାଉରକେଲା ସହରରେ ମାତ୍ର ୧୦ ମିନିଟ୍‌ର ଝଡ଼ପବନରେ ଉକ୍ତ ହକି ସ୍ମାରକୀ ଭାଙ୍ଗି ଯାଇଛି। ଏହି ଘଟଣା ଜଣାପଡିବା ପରେ ଆର୍‌ଏମ୍‌ସି ପକ୍ଷରୁ ଉକ୍ତ ଭଙ୍ଗା ମୂର୍ତ୍ତିକୁ ପଲିଥିନ ଘୋଡ଼ାଇ ରଖାଯାଇଛି। ଏତେ କମ୍‌ଦିନ ତଳେ ନିର୍ମାଣ ହୋଇଥିବା ଉକ୍ତ ହକି ସ୍ମାରକୀ ଝଡ଼ପବନରେ ଭାଙ୍ଗିଯିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଉକ୍ତ ସ୍ମାରକୀ ଭାଙ୍ଗିଯିବା ପରେ ନିର୍ମାଣରେ ତ୍ରୁଟି ଥିବା ପଦାକୁ ଆସିଛି। ଅନ୍ୟପକ୍ଷେ ପୁରୁଷ ହକି ବିଶ୍ୱକପ୍‌ରେ ବିଜେଡି ଓ ପ୍ରଶାସନିକ କଳ ମିଳିତ ଭାବେ କରିଥିବା ଦୁର୍ନୀତିକୁ ଏହି ଘଟଣା ପଦାରେ ପକାଇଛି ବୋଲି ଭାଜପା ଓ କଂଗ୍ରେସ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ କହିଛନ୍ତି, ୨୦୨୩ ପୁରୁଷ ହକି ବିଶ୍ୱକପ୍‌ରେ ଶାସକ ଦଳ ଏବଂ ପ୍ରଶାସନିକ କଳ ଦ୍ୱାରା ହୋଇଥିବା କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟର ଅସଲ ଚିତ୍ର ରବିବାର ଘଟଣାରୁ ପ୍ରମାଣିତ ହୋଇଛି। ପୂର୍ବରୁ ଆମ ଦଳ ପକ୍ଷରୁ ହକି ବିଶ୍ୱକପ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରାଯାଇଥିଲା। ଆଜି ଏହି ଘଟଣାଟି ଅଭିଯୋଗକୁ ସତ୍ୟ ପ୍ରତିପାଦନ କରିଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ସେହିପରି କଂଗ୍ରେସ ନେତା ଦେବବ୍ରତ ବିହାରୀ କହିଛନ୍ତି, ଶାସକ ଓ ପ୍ରଶାସକଙ୍କ ତରବରିଆ କାମ ସହିତ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବା ଚକ୍ରାନ୍ତର ପର୍ଦ୍ଦାଫାଶ ହୋଇଛି। ଆଗକୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିହାରୀ ପ୍ରକାଶ କରିଛନ୍ତି। ଏ ନେଇ ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ରବିବାର ପ୍ରବଳ ଝଡ଼ପବନ ହୋଇଥିଲା। ଯଦି ପବନ ପ୍ରଭାବରେ ଷ୍ଟାଚ୍ୟୁଟି ଟଳିପଡିଥାନ୍ତା, ତେବେ ☞ପୃଷ୍ଠା-୪

# ଓଡ଼ିଶାରୁ ବଢ଼ୁଛି ଆଇଏସ୍‌ଆଇ ଲିଙ୍କ୍

**ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆତଙ୍କବାଦୀ, ଅନ୍ତଃରାଷ୍ଟ୍ରୀୟ ଅପରାଧୀଙ୍କ ସହ ଲିଙ୍କ୍ ରହୁଥିବା କ୍ରମାଗତ ଭାବେ ଦେଖିବାକୁ ମିଳିଲାଣି। ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର୍‌ର କେତେଜଣ କର୍ମଚାରୀ ହନିଟ୍ରାପ୍‌ର ଶିକାର ହୋଇ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଦେବା ଘଟଣା ଘଟିଛି। ନୟାଗଡ଼, ଯାଜପୁର ଓ ପୁରୀରୁ କେତେଜଣ ଯୁବକ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାରିଂ କରିବା ଏବଂ ସାଇବର ଅପରାଧୀଙ୍କୁ ପ୍ରିଆକ୍ଟିଭ ସିମ୍ ବିକ୍ରି କରିବା ଧରାପଡ଼ିଛି। ଏବେ ଆଉ ଜଣେ ଓଡ଼ିଆ ଯୁବକ ପ୍ରୀତମ୍ କରଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି, ଯାହାଙ୍କର ଗତବର୍ଷ କର୍ଣ୍ଣାଟକର ମାଙ୍ଗାଲୋରଠାରେ ହୋଇଥିବା ଆତଙ୍କବାଦୀଙ୍କ ଅଟୋରିକ୍ସା ବିସ୍ଫୋରଣ ମାମଲାରେ ଲିଙ୍କ୍ ଥିବା ଜଣାପଡ଼ିଛି।**

## ଓଟିପି ଶେୟାରିଂ ଘଟଣା

- ଯାଜପୁରରୁ ଆଉ ଜଣେ ଅଭିଯୁକ୍ତ ଗିରଫ
- ମାଙ୍ଗାଲୋର ଅଟୋ ବିସ୍ଫୋରଣ ଲିଙ୍କ୍‌ରେ ଥିଲେ
- ସିମ୍‌କୁ ହଜାରେ, ୱାଲେଟ୍‌କୁ ୩୦ ହଜାର ପର୍ଯ୍ୟନ୍ତ ନେଉଥିଲେ

**ଭୁବନେଶ୍ୱର(ବ୍ୟୁରୋ),୧୧।୬**

ଓଡ଼ିଶାରୁ ଦେଶବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ(ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗତ ମେ ୧୩ ତାରିଖରେ ଓଡ଼ିଶାର ଜଣେ ଆଇଟିଆଇ ଶିକ୍ଷକଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିଲା। ସେହିପରି ଜୁନ୍ ୭ରେ ନୟାଗଡ଼ରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର ତଦନ୍ତ ଚଳାଇଥିବା ଏସ୍‌ଟିଏଫ୍ ଶନିବାର ୫ମ ଅଭିଯୁକ୍ତ ପ୍ରୀତମ୍ କରଙ୍କୁ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭୁରୁଙ୍ଗା ଗ୍ରାମସ୍ଥିତ ତାଙ୍କ ଘରୁ ଗିରଫ କରିଛି। ପ୍ରୀତମ୍‌ଙ୍କୁ ଗିରଫ ପରେ ସାଂଘାତିକ ତଥ୍ୟ ପଦାକୁ ଆସିଛି। ଗତବର୍ଷ ନଭେମ୍ବର ୧୯ରେ ମାଙ୍ଗାଲୋରରେ ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଅଟୋରିକ୍ସା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପ୍ରୀତମ ସିମ୍ ଓ ଡେବିଟ୍ କାର୍ଡ ଯୋଗାଇଥିଲେ ବୋଲି ଏସ୍‌ଟିଏଫ୍ ଏସ୍‌ପି କେ. କେ. ପାଣିଗ୍ରାହୀ କହିଛନ୍ତି। ମାଙ୍ଗାଲୋର ବିସ୍ଫୋରଣ ଘଟଣାରେ ତଦନ୍ତ କରୁଥିବା ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ସ୍କାନରରେ ପ୍ରୀତମ୍ ଓ ତାଙ୍କର ଜଣେ ସାଙ୍ଗ ରହିଛନ୍ତି। ପ୍ରୀତମ୍‌ଙ୍କ ସାଙ୍ଗଙ୍କୁ ଏନ୍‌ଆଇଏ ତଦନ୍ତ ପାଇଁ ଡାକିଥିବା ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଓଟିପି ଶେୟାରିଂ ମାମଲାରେ ମେ ମାସରେ ଗିରଫ ହୋଇଥିବା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମର ସୌମ୍ୟ ପଟ୍ଟନାୟକ (୧୯)ଙ୍କ ସାଙ୍ଗ ହେଉଛନ୍ତି ପ୍ରୀତମ୍। ସେ ଅଷ୍ଟମ ପାସ୍ କରିଥିଲେ ମଧ୍ୟ ସାଇବର ଅପରାଧୀ ଓ ଆତଙ୍କବାଦୀଙ୍କ ସହ ତାଙ୍କର ବଡ଼ ସମ୍ପର୍କ ଥିବା ଜଣାପଡ଼ିଛି। ପ୍ରୀତମ୍‌ଙ୍କ ପାଖରୁ ୧୬ଟି ମୋବାଇଲ, ଡେବିଟ୍ କାର୍ଡ, ବିଭିନ୍ନ ବ୍ୟାଙ୍କର ପାସବୁକ୍, ମେମୋରି ଚିପ୍, ପ୍ରିଣ୍ଟର ଆଦି ଜବତ ହୋଇଛି। ରବିବାର ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ପ୍ରୀତମ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଅଭିଯୁକ୍ତ ପ୍ରୀତମ୍ କର

କାଗଜପତ୍ର ଜାଲିଆତି କରି ଅନ୍ୟ ନାଁରେ ମୋବାଇଲ ସିମ୍ ଆଣି ଓଟିପି ଶେୟାର କରିବାରେ ଦେଶବ୍ୟାପୀ ବଡ଼ ରାକେଟ ଚାଲିଛି। ଏଥିପାଇଁ ଟେଲିଗ୍ରାମ, ହ୍ୱାଟ୍‌ସଆପ୍ ଆଦି ଗ୍ରୁପ୍‌ରେ ବହୁ ସଦସ୍ୟ ଯୋଡ଼ି ହୋଇଛନ୍ତି। ଏଭଳି ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ସନ୍ଧାନ ପାଇ ଏସ୍‌ଟିଏଫ୍ ପୂର୍ବରୁ ☞ପୃଷ୍ଠା-୪

# ଷ୍ଟେଶନମାଷ୍ଟରଙ୍କ ସମେତ ୩ଜଣଙ୍କୁ ଉଠାଇନେଲା ସିବିଆଇ

## ବାହାନଗା ଟ୍ରେନ ଦୁର୍ଘଟଣା

- ଦୁର୍ଘଟଣା ପୂର୍ବରୁ ଜଣାପଡ଼ିଥିଲା ସିଗ୍‌ନାଲଜନିତ ତ୍ରୁଟି

**ବାହାନଗା/ବାଲେଶ୍ୱର ଅଫିସ,(ଡି.ଏନ.ଏ.)/ ଭୁବନେଶ୍ୱର, ୧୧।୬ (ବ୍ୟୁରୋ)**

ଟ୍ରେନ ଦୁର୍ଘଟଣାର ୧୦ଦିନ ପରେ ରବିବାର ବାହାନଗା ଷ୍ଟେଶନମାଷ୍ଟରଙ୍କ ସମେତ ଆସିଷ୍ଟାଣ୍ଟ ଷ୍ଟେଶନମାଷ୍ଟର ଓ ଟେକ୍ନିସିଆନଙ୍କୁ ଉଠାଇ ନେଇଛି ସିବିଆଇ। ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରିବା ସହ ସେମାନଙ୍କ ସିଡିଆର୍ ଯାଞ୍ଚ କରୁଥିବା ସୂଚନା ମିଳିଛି। ଗତ ୨ତାରିଖ ସନ୍ଧ୍ୟାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ୨୮୮ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା। ଏବେ ବି ଶତାଧିକ ଯାତ୍ରୀ ଚିକିତ୍ସାଧୀନ ଅଛନ୍ତି। ସିଗ୍‌ନାଲ ତ୍ରୁଟିଜନିତ କାରଣରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଥିବାବେଳେ ଏହାର ସତ୍ୟାସତ୍ୟ ସମ୍ପର୍କରେ ସିବିଆଇ ତଦନ୍ତ କରୁଛି । ତେବେ ସିବିଆଇ ଯାଞ୍ଚବେଳେ ବଡ଼ ତଥ୍ୟ ସାମ୍ନାକୁ ଆସିଛି।☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମଣିପୁର ବିପଦ**

# ହାର୍ଭାର୍ଡ ଛାତ୍ରରୁ ସିରିଏଲ୍ କିଲର

## ଜେଲ କୋଠରିରୁ ମିଳିଲା ୟୁନାବମ୍ବରଙ୍କ ମୃତଦେହ

**ୱାଶିଂଟନ୍,୧୧।୬**

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ କରିଥିବା କୁଖ୍ୟାତ୍ ଗଣିତଜ୍ଞ ଟେଡ୍ କଜିନ୍‌ସ୍କିଙ୍କ ଶନିବାର ୮୧ ବର୍ଷ ବୟସରେ ମୃତ୍ୟୁ ଘଟିଛି। ଆମେରିକାର ନର୍ଥ କାରୋଲିନା ଜେଲରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ୟୁନାବମ୍ବର ନାମରେ କୁଖ୍ୟାତ୍ ଏହି ସିରିଏଲ୍ କିଲର ୧୯୭୮ରୁ ୧୯୯୫ ମଧ୍ୟରେ ୧୬ ଥର ବିସ୍ଫୋରଣ ଘଟାଇଥିଲେ। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୩ ଆହତ ହୋଇଥିଲେ। ଦୁଇ ଦଶନ୍ଧି ଧରି ପୋଲିସ ଆଖିରେ ଧୂଳିଦେଇ ଚମ୍ପଟ ମାରିବା ପରେ ୧୯୯୬ ଏପ୍ରିଲରେ ୟୁନାବମ୍ବରଙ୍କୁ ମୋଣ୍ଟାନାସ୍ଥିତ ତାଙ୍କ ନିଃସଙ୍ଗ କ୍ୟାବିନରୁ ଗିରଫ କରାଯାଇଥିଲା। ତାଙ୍କୁ ବିନା ପାରୋଲରେ ୪ ଥର ଆଜୀବନ କାରାଦଣ୍ଡାଦେଶ ହୋଇଥିଲା।

୧୯୪୨ ମେ' ୨୨ରେ ଶିକାଗୋରେ କଜିନ୍‌ସ୍କିଙ୍କ ଜନ୍ମ। ୧୯୭୦ ଦଶକ ଶେଷାର୍ଦ୍ଧରୁ ୧୯୮୦ ଦଶକ ମଧ୍ୟରେ କଜିନ୍‌ସ୍କି ଦେଶବ୍ୟାପୀ ବିସ୍ଫୋରଣ ଅଭିଯାନ ଚଳାଇ ଆତଙ୍କବାଦୀ ସାଜିଥିଲେ। ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ତାଙ୍କୁ ୟୁନିଭର୍ସିଟି ଏବଂ ଏୟାରଲାଇନ୍ ବମ୍ବର ମିଶ୍ରଣରେ ୟୁନାବମ୍ବର ନାମ ଦେଇଥିଲା। ୧୯୯୫ରେ ୟୁନାବମ୍ବର ୱାଶିଂଟନ ପୋଷ୍ଟ ଓ ନ୍ୟୁୟର୍କ ଟାଇମ୍ସ ତାଙ୍କର ୩୫,୦୦୦ ଶବ୍ଦ ସମ୍ବଳିତ ମେନିଫେଷ୍ଟୋ ପ୍ରକାଶ କରୁ ବୋଲି ଦାବି କରିଥିଲେ। ସେମାନେ ମନା କଲେ ଏକ ଅଜ୍ଞାତ ସ୍ଥାନରେ ଏକ ବୋମା ବିସ୍ଫୋରଣ କରିବେ ବୋଲି ସେ ଧମକ ଦେଇଥିଲେ। ଫଳରେ ଆମେରିକାର ଆଟର୍ନି ଜେନେରାଲ ଏବଂ ଏଫ୍‌ବିଆଇ ଡାଇରେକ୍ଟର ମେନିଫେଷ୍ଟୋ ପ୍ରକାଶନ ପାଇଁ ସୁପାରିସ କରିଥିଲେ। ୱାଶିଂଟନ୍ ପୋଷ୍ଟରେ ନ୍ୟୁଜ୍ ସେକ୍ସନ ବ୍ୟତୀତ ୮ ପୃଷ୍ଠା ସମ୍ବଳିତ ଏହାର ଏକ ସପ୍ଲିମେଣ୍ଟ ପ୍ରକାଶ ପାଇଥିଲା। ନ୍ୟୁୟର୍କ ଟାଇମ୍ସ ମଧ୍ୟ ତାଙ୍କ 'ଇଣ୍ଡଷ୍ଟ୍ରିଆଲ ସୋସାଇଟି ଆଣ୍ଡ ଇଟ୍ସ ଫ୍ୟୁଚର' ଶୀର୍ଷକ ଇସ୍ତାହାର ପ୍ରକାଶ କରିଥିଲା। ଶିଳ୍ପ-ବୈଷୟିକ ବ୍ୟବସ୍ଥାକୁ ସେ ଏଥିରେ ଘୋର ବିରୋଧ କରିଥିଲେ। ବିଜ୍ଞାନ ଓ କାରିଗରି ପ୍ରତି ୟୁନାବମ୍ବରଙ୍କ ମନରେ ଥିବା ଘୃଣାଭାବ ଯୋଗୁ ସେ ୟୁନିଭର୍ସିଟି, ଏୟାରଲାଇନ୍ସ ଏବଂ ଟେକ୍ନୋଲୋଜି ସହ ଜଡ଼ିତ ଥିବା ବ୍ୟକ୍ତିମାନଙ୍କୁ ଟାର୍ଗେଟ କରୁଥିଲେ। ଜେଲର ହସ୍ପିଟାଲକୁ ସ୍ଥାନାନ୍ତରିତ ହେବା ପୂର୍ବରୁ ୧୯୯୮ ମେ'ରେ ୟୁନାବମ୍ବରଙ୍କୁ କଲୋରାଡୋସ୍ଥିତ ଫ୍ଲୋରେନ୍ସର ଏକ ଫେଡେରାଲ ସୁପରମାକ୍ସ ପ୍ରିଜନରେ ରଖାଯାଇଥିଲା। ସେ ୪ ଥର ଆଜୀବନ ଓ ଅତିରିକ୍ତ ୩୦ ବର୍ଷ ଜେଲଦଣ୍ଡ ଭୋଗୁଥିଲେ।



ଟେଡ୍ କଜିନ୍‌ସ୍କି

# ଜୋକୋଭିଚ୍‌ଙ୍କୁ ରେକର୍ଡ ଟାଇଟଲ

**ପ୍ୟାରିସ୍, ୧୧।୬**

କ୍ଲେ କୋର୍ଟ ଟେନିସ୍ ଫ୍ରେଞ୍ଚ୍ ଓପନ୍ ଜିତିବା ସହିତ କ୍ୟାରିୟରର ୨୩ ତମ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍। ରବିବାର ଅନୁଷ୍ଠିତ ଫାଇନାଲରେ ନରୱେରେ କାସ୍ପର ରୁଡ୍‌ଙ୍କୁ ୭-୬(୭-୧), ୬-୩ ଓ ୭-୫ ସେଟ୍‌ରେ ପରାସ୍ତ କରିବା ସହ ସେ ରାଫେଲ ନାଡାଲଙ୍କ ୨୨ତମ ଗ୍ରାଣ୍ଡସ୍ଲାମ ରେକର୍ଡକୁ ଭାଙ୍ଗିଛନ୍ତି। ଚଳିତ ଟୁର୍ନାମେଣ୍ଟରେ କ୍ଲେ କୋର୍ଟ କିଙ୍ଗ୍ ରାଫେଲ ନାଡାଲ ଅଂଶଗ୍ରହଣ କରୁ ନ ଥିବାବେଳେ ବିଶ୍ୱ ମାନ୍ୟତାର ୩ ନମ୍ବର ଖେଳାଳି ଜୋକୋଭିଚ୍ ଫେଭରିଟ୍ ଥିଲେ। କାରେନ୍ ଖାଚାନୋଭ ଓ କାର୍ଲୋସ୍ ଅଲକାରାଜଙ୍କ ବିପକ୍ଷ ମ୍ୟାଚ୍‌କୁ ବାଦ୍ ଦେଲେ ଅନ୍ୟ ମ୍ୟାଚ୍‌ରେ ସେ ଗୋଟିଏ ବି ସେଟ୍ ହାରି ନ ଥିଲେ। ଏହାସହିତ ନିଜ କ୍ୟାରିୟରର ତୃତୀୟ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରିଛନ୍ତି ଜୋକୋଭିଚ୍। ୨୩ତମ ଗ୍ରାଣ୍ଡସ୍ଲାମ ମଧ୍ୟରେ ଜୋକୋଭିଚ୍ ୩ଥର ଲେଖାଏ ୟୁଏସ୍ ଓପନ ଓ ଫ୍ରେଞ୍ଚ୍ ଓପନ ବିଜୟୀ ହୋଇଥିବା ବେଳେ ୭ଥର ୱିମ୍ବେଲଡନ୍ ଓ ୧୦ଥର ଅଷ୍ଟ୍ରେଲିଆନ୍ ଓପନ ଜିତିଛନ୍ତି। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ରୁଡ୍‌ଙ୍କ ବିପକ୍ଷରେ ସକାରାତ୍ମକ ଆରମ୍ଭ କରିଥିଲେ। ପ୍ରଥମରୁ ହିଁ ସେ ପ୍ରଭାବ ବିସ୍ତାର କରି ଖେଳି ୨-୦ରେ ଆଗୁଆ ରହିଥିଲେ। ତେବେ ରୁଡ୍ ପ୍ରତ୍ୟାବର୍ତ୍ତନ କରିବା ସହିତ ଏହି ସେଟ୍‌ଟି ଟାଇବ୍ରେକରରେ ଫଇସଲା ହୋଇଥିଲା। ଟାଇବ୍ରେକରରେ ଜୋକୋଭିଚ୍ ୭-୧ରେ ଜିତିଥିଲେ। ଦ୍ୱିତୀୟ ସେଟ୍‌ରେ ଜୋକୋଭିଚ୍‌ଙ୍କ ଟେକ୍‌ନିକ୍ ସମ୍ମୁଖରେ ଅସହାୟ ମନେ ହୋଇଥିଲେ ରୁଡ୍। ତୃତୀୟ ସେଟ୍‌ରେ ରୁଡ୍ ସାମାନ୍ୟ ସଂଘର୍ଷ କରିଥିଲେ ମଧ୍ୟ ଜୋକୋଭିଚ୍ ୭-୫ରେ ଏହାକୁ ଜିତିନେଇ ରୋଲାଣ୍ଡ ଗ୍ୟାରସ୍‌ରେ ରାଫେଲ ନାଡାଲଙ୍କୁ ପଛରେ ପକାଇଥିଲେ। ପୁରୁଷ ଖେଳାଳିଙ୍କ ମଧ୍ୟରେ ଜୋକୋଭିଚ୍ ଓ ମହିଳା ଖେଳାଳିଙ୍କ ମଧ୍ୟରେ ସେରେନା ୱିଲିୟମ୍ସ ୨୩ଟି ଲେଖାଏ ଗ୍ରାଣ୍ଡସ୍ଲାମ ହାସଲ ରେକର୍ଡ ନିଜ ନାମରେ ରଖିଛନ୍ତି।



ନୋଭାକ୍ ଜୋକୋଭିଚ୍

## ଗର୍ଭବତୀ ସୁନ୍ଦରାକାଣ୍ଡ ପଢ଼ନ୍ତୁ: ତେଲଙ୍ଗାନା ରାଜ୍ୟପାଳ

ଗର୍ଭବତୀ ମହିଳାମାନେ ମାନସିକ ତଥା ଶାରୀରିକ ସୁସ୍ଥ ପିଲା ଜନ୍ମ କରିବା ପାଇଁ ସୁନ୍ଦରାକାଣ୍ଡ ଓ ରାମାୟଣ ପଢ଼ିବା ଉଚିତ ବୋଲି ରବିବାର ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ ପରାମର୍ଶ ଦେଇଛନ୍ତି। ମହିଳା ରୋଗ ବିଶେଷଜ୍ଞ ସୌନ୍ଦରାରାଜନ ଆର୍‌ଏସ୍‌ଏସ୍‌ର ଏକ ମହିଳା ଶାଖା ସମ୍ବର୍ଦ୍ଧିନୀ ନ୍ୟାସ ପକ୍ଷରୁ ଆୟୋଜିତ 'ଗର୍ଭ ସଂସ୍କାର' କାର୍ଯ୍ୟକ୍ରମକୁ ଭର୍ଚୁଆଲି ଉଦ୍‌ଘାଟନ କରି ସେ ଏହି ମନ୍ତବ୍ୟ ଦେଇଛନ୍ତି।

### ସଂକ୍ଷେପରେ

## ସାନ୍‌ଫ୍ରାନ୍ସିସ୍କୋରେ ଗୁଳି: ୯ ଆହତ

**ସାନ୍‌ଫ୍ରାନ୍ସିସ୍କୋ, ୧୧।୬:** କାଲିଫର୍ନିଆ ସାନ୍‌ଫ୍ରାନ୍ସିସ୍କୋର ମିଶନ୍ ଡିଷ୍ଟ୍ରିକ୍ଟରେ ଶୁକ୍ରବାର ରାତି ଗୁଳିକାଣ୍ଡରେ ୯ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଥିବା ସ୍ଥାନୀୟ ପୋଲିସ କହିଛି। ଘଟଣାସ୍ଥଳରେ ଥିବା ଏକ କପଡ଼ା ଦୋକାନରେ ରାତି ୯ଟା ସମୟରେ ପାର୍ଟି ଚାଲିଥିବାବେଳେ ଦୁର୍ବୃତ୍ତ ଗୁଳିକାଣ୍ଡ ଘଟାଇଥିଲା। ଘଟଣାରେ କାହାରି ପ୍ରାଣହାନି ଘଟି ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ୧୨ ଘଣ୍ଟାରେ ୨ହଜାର ବିବାହ

**ଜୟପୁର, ୧୧।୬:** ରାଜସ୍ଥାନ ବାରାନରେ ଆୟୋଜିତ ଏକ ସାମୂହିକ ବିବାହରେ ୧୨ ଘଣ୍ଟାରେ ୨ ହଜାର ଜଣଙ୍କ ବାହାଘର କରାଯାଇଛି। ମେ' ୨୬ରେ ହୋଇଥିବା ଏହି ସାମୂହିକ ବିବାହ ଏବେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛି। ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଯୁବତୀ, ଯୁବକଙ୍କ ବିବାହ କରାଯାଇଛି। ଏହି ସାମୂହିକ ବିବାହରେ ମୋଟ ୨,୪୧୩ ଜଣ ସାମିଲ ହୋଇଥିବାବେଳେ ପ୍ରଥମେ କନ୍ୟା, ବର ପରସ୍ପରକୁ ବରଣମାଳା ପିନ୍ଧାଇଥିଲେ। ପରେ ବେଦିରେ ବ୍ରାହ୍ମଣ ମନ୍ତ୍ରପାଠ କରି ବିବାହ ସମ୍ପାଦନ କରିଥିଲେ। ନବ ଦମ୍ପତିଙ୍କୁ ଉପହାର ସାଙ୍ଗକୁ ସରକାରୀ ପ୍ରତିନିଧିଙ୍କ ଦ୍ୱାରା ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ପାକିସ୍ତାନରେ ବର୍ଷାବିପ୍ରାତ: ୩୪ ମୃତ

**ପେଶାୱର, ୧୧।୬:** ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ପ୍ରଦେଶରେ ଶନିବାର ମୂଷଳ ଧାରାରେ ବର୍ଷା ସାଙ୍ଗକୁ ପ୍ରବଳ ପବନ ଓ କାଳବୈଶାଖୀ ଯୋଗୁ ୩୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୧୦ରୁ ଅଧିକ ଆହତ ହୋଇଛନ୍ତି। ବନ୍ନୁ, ଦିଖାନ, ଲାକ୍କି ମାରୱାତ୍ ଏବଂ କାରାକ ଜିଲାରେ ବର୍ଷା ପବନରେ କାନ୍ଥ ଭୁଶୁଡ଼ିବା ଓ ଗଛ ଉପୁଡ଼ି ପଡ଼ିବା ଯୋଗୁ ଲୋକଙ୍କ ଜୀବନ ଯାଇଛି ଓ ୬୯ଟି ଘର ଭାଙ୍ଗିଛି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲୋକଙ୍କ ଥଇଥାନ ଓ ରିଲିଫ ସହାୟତା ଲାଗି ପ୍ରାଦେଶିକ ସରକାର ୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

## ମନ୍ଦିର ଆନ୍ଦୋଳନର ମୁଖ୍ୟ ଦେବକୀ ନାମ୍ବିସାନ୍‌ଙ୍କ ପରଲୋକ

**ଥ୍ରିଶୂର୍, ୧୧।୬:** ୧୯୫୬ରେ ମନ୍ଦିର ଆନ୍ଦୋଳନରେ ମୁଖ୍ୟ ଭୂମିକା ନେଇ ଦଳିତ ମହିଳାମାନଙ୍କ ଅଧିକାର ପାଇଁ ଲଢ଼ିଥିବା ଦେବକୀ ନାମ୍ବିସାନ୍‌ଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ଭେଲୁର ନିକଟ ମନିମଲାରକାଭୁ ମନ୍ଦିର ବାର୍ଷିକ ଉତ୍ସବରେ ନାୟାର



ମହିଳାମାନେ ସ୍ତନ ଘୋଡ଼ାଇବା ଉପରେ କଟକଣା ରହିଥିଲା। ଏହି ପ୍ରଥାକୁ ବିରୋଧ କରି ୧୯୫୬ରେ କରାଯାଇଥିବା ଆନ୍ଦୋଳନ ଭେଲୁର ମାରୁ ମରକ୍କାଲ ସମରମ୍ (ଭେଲୁର ସ୍ତନ ଆବରଣ ପ୍ରତିବାଦ) ଭାବରେ ଜଣାଶୁଣା। ଏହି ଉତ୍ସବରେ ନାୟାର ମହିଳା ବିନା ବ୍ଲାଉଜ୍‌ରେ ସାମିଲ ହେଉଥିବାବେଳେ ଦଳିତ ମହିଳାଙ୍କୁ ପ୍ରବେଶ ଅନୁମତି ମିଳୁ ନ ଥିଲା। ଦେବକୀ ଉକ୍ତ ଆନ୍ଦୋଳନର ନେତୃତ୍ୱ ନେଇ ପ୍ରଚଳିତ ପ୍ରଥା ବିରୋଧରେ ମହିଳାମାନଙ୍କୁ ବ୍ଲାଉଜ୍ ପିନ୍ଧି ମନ୍ଦିର ଯିବାକୁ ଏକାଠି କରାଇଥିଲେ। ଆନ୍ଦୋଳନ ସଫଳ ହୋଇଥିଲା ଓ ଦଳିତ ମହିଳା ବ୍ଲାଉଜ୍ ପିନ୍ଧି ମନ୍ଦିର ଯିବାକୁ ଅନୁମତି ମିଳିଥିଲା।

# ପାକିସ୍ତାନକୁ ପଶିଗଲା ଇଣ୍ଡିଗୋ ବିମାନ




ଖରାପ ପାଗ ଯୋଗୁ ଇଣ୍ଡିଗୋ ଏୟାରଲାଇନ୍ସର ଅମୃତସରରୁ ଅହମଦାବାଦ ଯାଉଥିବା ବିମାନ ପାକିସ୍ତାନର ଲାହୋର ପର୍ଯ୍ୟନ୍ତ ପଶିଯାଇଥିଲା। ଏହା ୩୦ ମିନିଟ ପରେ ଭାରତୀୟ ବାୟୁସୀମା ମଧ୍ୟକୁ ଫେରିଥିଲେ ମଧ୍ୟ କୌଣସି ଅଘଟଣ ଘଟିନାହିଁ। ଶନିବାର ରାତି ପ୍ରାୟ ୭ଟା ୩୦ ମିନିଟ୍ ସମୟରେ ଇଣ୍ଡିଗୋ ବିମାନ ଲାହୋର ଉତ୍ତର ଭାଗରେ ଥିବା ପାକିସ୍ତାନ ବାୟୁସୀମା ଭିତରକୁ ପ୍ରବେଶ କରିଥିଲା। ପାକିସ୍ତାନ ଆକାଶରେ ଏହା ୮ଟା ୧ ମିନିଟ୍ ପର୍ଯ୍ୟନ୍ତ ଘୁରିବୁଲିବା ପରେ ଗୁଜ୍ରନୱାଲାଠାରେ ଭାରତୀୟ ବାୟୁସୀମାକୁ ପ୍ରବେଶ କରିଥିଲା ବୋଲି ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏ)ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଖରାପ ପାଗ ଯୋଗୁ ଅନେକ ସମୟରେ ଏଭଳି ଘଟଣା ଘଟିଥାଏ।




ଇଜିପ୍ଟର ରେଡ୍ ସି ଉପକୂଳରେ ଏକ ବୋଟ୍‌ରେ ଶର୍ଟ ସର୍କିଟରୁ ନିଆଁ ଲାଗିବାରୁ ୩ ବ୍ରିଟିଶ୍ ପର୍ଯ୍ୟଟକ ନିଖୋଜ ହୋଇଯାଇଛନ୍ତି। ଅନ୍ୟ ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି।

# ୟୁପିରେ ମାତ୍ରାଧିକ ଦେଶଦ୍ରୋହ ମାମଲା

**ଲକ୍ଷ୍ନୌ, ୧୧।୬(ଆଇଏଏନ୍‌ଏସ୍)**

୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ଉତ୍ତର ପ୍ରଦେଶରେ ଦେଶଦ୍ରୋହ ମାମଲା ଅତ୍ୟଧିକ ମାତ୍ରାରେ ରୁଜୁ ହେଉଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୧୨୪ଏ ଅନୁସାରେ ଶବ୍ଦ, ସଙ୍କେତ କିମ୍ବା ଦୃଶ୍ୟମାନ ଉପସ୍ଥାପନ ସରକାରଙ୍କ ବିରୋଧରେ ଘୃଣା ବିସ୍ତାର କଲେ କିମ୍ବା ଅସନ୍ତୋଷକୁ ଉସୁକାଇଲେ ଅଭିଯୁକ୍ତଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ ସହ ଜରିମାନା ହୋଇପାରେ।

ୟୁପିରେ ସିଏଏ ବିକ୍ଷୋଭ ଏବଂ ୨୦୨୦ରେ ହାଥରସ୍‌ରେ ଜଣେ ଦଳିତ ଯୁବତୀଙ୍କୁ ବଳାତ୍କାର ଘଟଣା ପରେ ଦେଶଦ୍ରୋହ ମାମଲା ସଂଖ୍ୟା ବଢ଼ିଥିଲା। ୨୦୨୦ ସେପ୍ଟେମ୍ବରରେ ଦଳିତ ପୀଡ଼ିତାଙ୍କ ମୃତ୍ୟୁ ପରେ ୟୁପି ସରକାର ୧୮ ଅଜ୍ଞାତ ବ୍ୟକ୍ତି ଓ ଅନ୍ୟ ୫ ଜଣଙ୍କ ବିରୋଧରେ ୨୨ ମାମଲା ରୁଜୁ କରିଥିଲେ। ସେମାନଙ୍କ ମଧ୍ୟରେ ଜଣେ ଲେଖାଏ ଖବରଦାତା ଓ ରାଜନେତା ଥିଲେ। ପୀଡ଼ିତାଙ୍କ ପରିବାରର ବିନା ଅନୁମତିରେ ତାଙ୍କ ମୃତଦେହ ସଂସ୍କାର କରାଯିବା ପରେ ରାଜ୍ୟର ଯୋଗୀ ଆଦିତ୍ୟନାଥ ସରକାର ବିରୋଧରେ ବିକ୍ଷୋଭ ବଢ଼ିଥିଲା। ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ସିଏଏ ବିରୋଧୀ ଅଭିଯାନରେ ସାମିଲ ହେବା ପରେ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା। ସେହି ପୂର୍ବତନ ଅଫିସର କହିଛନ୍ତି, ଅନେକ ବ୍ୟକ୍ତି ଓ ସଙ୍ଗଠନ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଇଥିଲା, ଏହାର ଆଇନଗତ ଦିଗକୁ ନ ବୁଝି।

### ମୋଦି, ଯୋଗୀଙ୍କୁ ସମାଲୋଚନା କଲେ ଏଫ୍‌ଆଇଆର୍




ଅଧିକାରୀମାନେ ନିଜ ରାଜନୈତିକ ବସ୍‌ଙ୍କୁ ଖୁସି କରିବା ପାଇଁ ଏହାକୁ ଦଣ୍ଡବିଧାନର ଚୂଡ଼ାନ୍ତ ମାଧ୍ୟମ ବୋଲି ଧରିନେଇଥିଲେ। କୋର୍ଟରେ ସେଗୁଡ଼ିକ ବିଚାରଯୋଗ୍ୟ ହୋଇ ନ ଥିଲା।

ୟୁପିରେ ୨୦୧୦ ପରଠୁ ୧୧୫ ଦେଶଦ୍ରୋହ ମାମଲା ରୁଜୁ ହୋଇଥିବାବେଳେ ସେଥିରୁ ୭୭% କେବଳ ଗତ ୩ ବର୍ଷରେ ହୋଇଛି। ଏହି ମାମଲାଗୁଡ଼ିକ ମଧ୍ୟରୁ ଅର୍ଦ୍ଧାଧିକ ଜାତୀୟତାବାଦ ପ୍ରସଙ୍ଗରେ ରୁଜୁ ହୋଇଥିଲା। ଭାରତ ବିରୋଧୀ ମନ୍ତବ୍ୟ, ଆଲେଖ୍ୟ ଏବଂ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଉଥିବା ଅଭିଯୋଗ ଆଣି ଲୋକଙ୍କ ବିରୋଧରେ ଏପରି ମାମଲା ରୁଜୁ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଥିବା ୧୪୯ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବା ୧୪୪ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ତଥ୍ୟରୁ ଜଣାପଡ଼ିଛି ଯେ, ୨୦୧୪ ତୁଳନାରେ ୨୦୨୦ରେ ୨୮% ଅଧିକ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା।

କୌଣସି ମନ୍ତବ୍ୟ କିମ୍ବା ଆଲେଖ୍ୟ ହିଂସାତ୍ମକ ଉପାୟରେ ସାଧାରଣରେ ଶୃଙ୍ଖଳା ଭଙ୍ଗ କରୁ ନ ଥିଲେ ଦେଶଦ୍ରୋହ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କିନ୍ତୁ ୟୁପି ସରକାର ୨୮ ଜଣ ସିଏଏ ତଥା ହାଥରସ୍ ଗଣବଳାତ୍କାର ବିରୋଧୀ ବିକ୍ଷୋଭକାରୀ ଓ ସମାଲୋଚକଙ୍କୁ ଦଣ୍ଡିତ କରିବା ପାଇଁ ଦେଶଦ୍ରୋହ ଆଇନର ଦୁରୁପଯୋଗ କରିଛନ୍ତି। ମୋଦି ଓ ଯୋଗୀଙ୍କ ୧୪୯ ସମାଲୋଚକଙ୍କ ବିରୋଧରେ ଅନ୍ୟୂନ ୧୮ ମାମଲା ରୁଜୁ କରାଯାଇଛି। ସେହି ଅଭିଯୁକ୍ତମାନଙ୍କ ମଧ୍ୟରେ କଂଗ୍ରେସର ଡିଜିଟାଲ ଟିମ୍ ମୁଖ୍ୟ ଦିବ୍ୟା ସ୍ପନ୍ଦନା ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ରହିଛନ୍ତି। ମେମେ, ଟୁଇଟ୍, କାର୍ଟୁନ ଓ ଫଟୋ ଶେୟାର କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଦେଶଦ୍ରୋହ ଆଇନ ପରିସରକୁ ଅଣାଯାଉଛି।

## ସ୍କଟଲାଣ୍ଡର ପୂର୍ବତନ ଫାଷ୍ଟ ମିନିଷ୍ଟର ଗିରଫ



ନିକୋଲା ଷ୍ଟର୍ଜନ

**ଲଣ୍ଡନ, ୧୧।୬**

ସ୍କଟ୍‌ଲାଣ୍ଡର ପୂର୍ବତନ ଫାଷ୍ଟ ମିନିଷ୍ଟର ନିକୋଲା ଷ୍ଟର୍ଜନ ଦୁର୍ନୀତି ଅଭିଯୋଗରେ ରବିବାର ଗିରଫ ହୋଇଛନ୍ତି। ସ୍ୱାଧୀନତା ସପକ୍ଷବାଦୀ ସ୍କଟିଶ୍ ନ୍ୟାଶନାଲ ପାର୍ଟି (ଏସ୍‌ଏନ୍‌ପି)ର ପାଣ୍ଠି ଓ ଆର୍ଥିକ ହେରଫେର ମାମଲାରେ ତଦନ୍ତ ଚାଲିଥିବାବେଳେ ୫୨ ବର୍ଷୀୟା ନିକୋଲାଙ୍କୁ ପୋଲିସ ଗିରଫ କରି ହାଜତକୁ ନେଇଛି। ଏହି ମାମଲାରେ ତାଙ୍କୁ ଜଣେ ସନ୍ଦିଗ୍ଧ ଭାବେ ଜେରା କରାଯାଉଛି। ଏହା ପୂର୍ବରୁ ଗତ ଏପ୍ରିଲରେ ନିକୋଲାଙ୍କ ସ୍ୱାମୀ ତଥା ଏସ୍‌ଏନ୍‌ପିର ପୂର୍ବତନ ଚିଫ୍ ଏକ୍‌ଜିକ୍ୟୁଟିଭ୍ ପିଟର ମୁରେଲଙ୍କୁ ଗିରଫ ପରେ ଛାଡ଼ି ଦିଆଯାଇଥିଲା। ଗତ ମାର୍ଚ୍ଚରେ ଫାଷ୍ଟ ମିନିଷ୍ଟର ପଦରୁ ଇସ୍ତଫା ଦେବା ପରେ ଗିରଫ ହୋଇ ଜେରାର ସମ୍ମୁଖୀନ ହୋଇଥିଲେ। ସ୍ୱାଧୀନ ଆକ୍ଟିଭିଷ୍ଟମାନେ ତାଙ୍କ ଦଳକୁ ଦେଇଥିବା ୬୦୦,୦୦୦ ପାଉଣ୍ଡ(୭୪୫,୦୦୦ ଆମେରିକୀୟ ଡଲାର) ଆତ୍ମସାତ୍ ମାମଲାରେ ତଦନ୍ତକାରୀ ଅଧିକାରୀମାନେ ତନାଘନା ଚଳାଇଛନ୍ତି।

## ବିଳାସପୁରରେ ଟଳିଲା ବାଲେଶ୍ୱର ଭଳି ଟ୍ରେନ୍ ଦୁର୍ଘଟଣା



**ବିଳାସପୁର, ୧୧।୬**

ବାଲେଶ୍ୱରର ବାହାନଗା ବଜାର ରେଳଷ୍ଟେଶନ ନିକଟରେ ମର୍ମନ୍ତୁଦ ଟ୍ରିପଲ୍ ଟ୍ରେନ୍ ଧକ୍କା ପରେ ଦୁର୍ଘଟଣା ରେଲୱେର ପିଛା ଛାଡୁନାହିଁ। ଶନିବାର ସନ୍ଧ୍ୟାରେ ଛତିଶଗଡ଼ର ବିଳାସପୁର ଜିଲାରେ ଦୁଇଟି ଟ୍ରେନ୍ ସମ୍ଭାବ୍ୟ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମେମୁ ଟ୍ରେନ୍ ଏବଂ ମାଲ୍‌ବାହୀ ଟ୍ରେନ୍ ଗୋଟିଏ ଟ୍ରାକ୍‌ରେ ପରସ୍ପର ମୁହାଁମୁହିଁ ସ୍ଥିତିକୁ ଆସିଯାଇଥିଲେ। ଉଭୟ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଓ ତ୍ୱରିତ୍ ପଦକ୍ଷେପ ଯୋଗୁ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଛି ଓ ଶତାଧିକ ଜୀବନ ରକ୍ଷା ହୋଇଛି। ସମ୍ଭାବ୍ୟ ଧକ୍କାର କେଇ ଫୁଟ୍ ଦୂରରେ ଦୁଇ ଟ୍ରେନ୍ ଅଟକି ଯାଇଥିଲେ। ମେମୁ ଲୋକାଲ ଟ୍ରେନ୍‌ଟି କୋର୍ବା ଅଭିମୁଖେ ଯାଉଥିବାବେଳେ ବିଳାସପୁର ଜିଲାର ଜୟରାମନଗର ଏବଂ କୋଟମିସୋନାର ମଧ୍ୟବର୍ତ୍ତୀ ସ୍ଥାନରେ ଉକ୍ତ ରେଳଲାଇନରେ ବିପରୀତ ଦିଗରୁ ଏକ ମାଲ୍‌ବାହୀ ଟ୍ରେନ୍ ଆସୁଥିଲା। ଏହା ମାନବକୃତ ଓ ବୈଷୟିକ ତ୍ରୁଟିରୁ ହୋଇଥିଲା, ଯାହାକୁ ଠିକ୍ ସମୟରେ ସଂଶୋଧନ କରାଯିବାରୁ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଲା ବୋଲି କୁହାଯାଉଛି।

### ଗୋଟିଏ ଟ୍ରାକ୍‌ରେ ମୁହାଁମୁହିଁ ହୋଇଥିଲେ ମେମୁ, ମାଲ୍‌ଗାଡ଼ି

## ଯବାନଙ୍କ ସ୍ତ୍ରୀଙ୍କୁ ୪୦ ଜଣଙ୍କ ଆକ୍ରମଣ

**ଚେନ୍ନାଇ, ୧୧।୬**

ତାମିଲନାଡୁର ଥିରୁଭାନ୍ନମଲାଇ ଜିଲାରେ ଜଣେ ସେନା ଯବାନଙ୍କ ସ୍ତ୍ରୀଙ୍କୁ ପ୍ରାୟ ୪୦ ଜଣ ଲୋକ ଆକ୍ରମଣ କରିବା ସହ ଅର୍ଦ୍ଧଉଲଗ୍ନ କରିଦେଇଥିବା ଅଭିଯୋଗ ହୋଇଛି। ଆକ୍ରମଣକାରୀମାନେ ମହିଳାଙ୍କ ଛାତି ଓ ତଳିପେଟକୁ ଗୋଇଠା ମାରିବା ସହ ତାଙ୍କ ମଙ୍ଗଳସୂତ୍ର ଓ ଫୋନ୍ ଛିଡ଼ାଇ ନେଇଛନ୍ତି। ସେନା ହାବିଲଦାର ପ୍ରଭାକରନ୍‌ଙ୍କ ସ୍ତ୍ରୀ କୀର୍ଥି (୨୮) ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଶନିବାର ୪୦ ଜଣ ଲୋକ କୀର୍ଥିଙ୍କ ଦୋକାନରେ ପଶି ତାଙ୍କୁ ଜାଗା ଖାଲି କରିବା ପାଇଁ ତାଗିଦ କରିଥିଲେ। ସେମାନେ କୀର୍ଥିଙ୍କୁ ଦୋକାନ ବାହାରକୁ ଟାଣିନେଇ ମାଡ଼ ମାରିଥିଲେ। ପୋଲିସ କହିବା ଅନୁଯାୟୀ ପ୍ରଭାକରଙ୍କ ଶ୍ୱଶୁର ଉକ୍ତ ଦୋକାନକୁ ରାମୁ ନାମକ ବ୍ୟକ୍ତିଙ୍କ ବାପାଙ୍କଠାରୁ ଲିଜ୍‌ରେ ନେଇଥିଲେ। ଟଙ୍କା ଦେଇ ଦୋକାନକୁ ଫେରାଇ ନେବା ପାଇଁ ରାମୁ ଶନିବାର ଯାଇଥିବାବେଳେ କୀର୍ଥିଙ୍କ ଭାଇମାନେ ତାଙ୍କୁ ମାଡ଼ ମାରିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ରାମୁଙ୍କ ସମର୍ଥନରେ ଆସି ଦୋକାନରୁ ଜିନିଷ ବାହାରକୁ ଫିଙ୍ଗିବାରୁ ମାଡ଼ପିଟ୍ ହୋଇଥିଲା। ତେବେ କୀର୍ଥିଙ୍କ ଉପରେ ଆକ୍ରମଣକୁ ପୋଲିସ ଖଣ୍ଡନ କରିଛି।



## ନୀତୀନ ଅଗ୍ରୱାଲ ବିଏସ୍‌ଏଫ୍ ଡିଜି

**ନୂଆଦିଲ୍ଲୀ, ୧୧।୬:** କେରଳ କ୍ୟାଡର ୧୯୮୯ ବ୍ୟାଚ୍ ଭାରତୀୟ ପୋଲିସ ସେବା (ଆଇପିଏସ୍)



ଅଧିକାରୀ ନୀତୀନ ଅଗ୍ରୱାଲଙ୍କୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ମହାନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତ କରାଯାଇଛି। ବର୍ତ୍ତମାନ ସେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ମୁଖ୍ୟାଳୟରେ ଅପରେଶନ୍ସ ଅତିରିକ୍ତ ଡିଜି ଭାବେ ଅବସ୍ଥାପିତ ଅଛନ୍ତି। ତାଙ୍କ ନୂଆ ନିଯୁକ୍ତି ସମ୍ପର୍କରେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି (ଏସିସି) ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଏସ୍‌ଏଫ୍ ଡିଜି ଭାବେ ସେ ୩୧.୭.୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟ କରି ଅବସର ନେବେ। ୨୦୨୨ ଡିସେମ୍ବର ୩୧ରେ ବିଏସ୍‌ଏଫ୍ ଡିଜି ପଙ୍କଜ କୁମାର ସିଂ ଅବସର ନେବା ପରଠୁ ଏହି ପଦବୀ ଖାଲି ପଡ଼ିଥିଲା।

## ଆତଙ୍କବାଦୀ ନେଟ୍‌ୱର୍କରେ ମହିଳା, ନାବାଳିକାଙ୍କୁ ସାମିଲ କରିଛି ଆଇଏସ୍‌ଆଇ

**ଶ୍ରୀନଗର, ୧୧।୬(ପି.ଟି.)**

ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ଆତଙ୍କବାଦୀ ସଂଗଠନର ମୁଖ୍ୟମାନେ କଶ୍ମୀରରେ ଥିବା ଆତଙ୍କବାଦୀମାନଙ୍କ ପାଖକୁ ଅସ୍ତ୍ରଶସ୍ତ୍ର ତଥା ବାର୍ତ୍ତା ପ୍ରେରଣ ଲାଗି ମହିଳା, ନାବାଳିକା ଓ ନାବାଳକମାନଙ୍କୁ ସାମିଲ କରୁଥିବା ସାମ୍ନାକୁ ଆସିଛି। ଏହା ଆଇଏସ୍‌ଆଇର ବିପଜ୍ଜନକ ଚାଲ୍ ବୋଲି ଶ୍ରୀନଗର ୧୫ କର୍ପସ୍‌ର ଜେନେରାଲ ଅଫିସର କମାଣ୍ଡିଂ ଲ୍ୟୁଟେନାଣ୍ଟ ଜେନେରାଲ ଅମରଦୀପ୍ ସିଂ ଔଜଲା ପ୍ରକାଶ କରିଛନ୍ତି। ସେ କହିଛନ୍ତି କଶ୍ମୀରର ଶାନ୍ତିପୂର୍ଣ୍ଣ ବାତାବରଣରେ ବ୍ୟାଘାତ ସୃଷ୍ଟି ଲାଗି ନିୟନ୍ତ୍ରଣରେଖା ଆରପଟେ ଯୋଜନା ଚାଲିଛି। ଏଥିପାଇଁ ସେନାକୁ ସତର୍କ ରହିବାକୁ ହେବ। କଶ୍ମୀର ମଧ୍ୟକୁ ଅସ୍ତ୍ରଶସ୍ତ୍ର, ବିପଜ୍ଜନକ ନିଶାଦ୍ରବ୍ୟ ଓ ବାର୍ତ୍ତା ପ୍ରେରଣ କରିବାରେ ମହିଳା, ନାବାଳିକା ଓ ନାବାଳକମାନଙ୍କୁ ସାମିଲ କରାଯିବା ଏକ ଭୟାନକ ଧାରା। ଏଭଳି କେତୋଟି ଘଟଣା ସେନା ହାତରେ ଧରାପଡ଼ିଲାଣି। ସେନା ନଜରରୁ ବର୍ତ୍ତିବା ଲାଗି ମୋବାଇଲ୍ ପରିବର୍ତ୍ତେ ଓଭରଗ୍ରାଉଣ୍ଡ ୱର୍କର (ସହଯୋଗୀ)ଙ୍କ ଜରିଆରେ ଯୋଗାଯୋଗ ହେଉଛି। ଏଭଳି କେତେଜଣ ସହଯୋଗୀଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି।

## ନ୍ୟାଶନାଲ ଟ୍ରେନିଂ କନ୍‌କ୍ଲେଭ୍ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୧୧।୬**

ଦିଲ୍ଲୀ ପ୍ରଗତି ମଇଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶର ପ୍ରଥମ ନ୍ୟାଶନାଲ ଟ୍ରେନିଂ କନ୍‌କ୍ଲେଭ୍ ଉଦ୍‌ଘାଟନ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଜାତୀୟ, ରାଜ୍ୟ ଓ ଆଞ୍ଚଳିକ ସ୍ତରର ପ୍ରଶାସନିକ ସେବା ପ୍ରଶିକ୍ଷଣ ଅନୁଷ୍ଠାନର ୧୫୦୦ ପ୍ରତିନିଧି କନ୍‌କ୍ଲେଭରେ ଯୋଗ ଦେଇଥିଲେ। ଏହି ଅବସରରେ ମୋଦି କହିଛନ୍ତି, ଉତ୍ତମ ପ୍ରଶିକ୍ଷଣ ଜରିଆରେ ହିଁ କର୍ମଚାରୀଙ୍କୁ ଭଲ କାର୍ଯ୍ୟ କରିବା ଲାଗି ପ୍ରୋତ୍ସାହନ ମିଳିପରିବ। ଏଥିଲାଗି ପୁରୁଣା ନିୟମାବଳୀ ବଦଳିବାର ଆବଶ୍ୟକତା ରହିଛି। ପ୍ରଶାସନିକ ସେବା କ୍ଷେତ୍ରରେ ଉନ୍ନତି ଓ ଉତ୍ତମ ପ୍ରଶିକ୍ଷଣ ପାଇଁ କିପ୍ରକାର ପରିବର୍ତ୍ତନ ଅଣାଯିବା ଜରୁରୀ ସେ ନେଇ କନ୍‌କ୍ଲେଭରେ ୮ ପ୍ୟାନେଲ୍ ଡିସ୍‌କଶନ୍ କରାଯାଇଛି। ମିଶନ କର୍ମଯୋଗୀ ଅନ୍ତର୍ଗତ ନ୍ୟାଶନାଲ ପ୍ରୋଗ୍ରାମ ଫର୍ ସିଭିଲ୍ ସର୍ଭିସେସ୍ କାପାସିଟି ବିଲ୍ଡିଂ (ଏନ୍‌ପିସିଏସ୍‌ସିବି)ଅଧୀନରେ ଏହି କନ୍‌କ୍ଲେଭ୍‌ର ଆୟୋଜନ କରାଯାଇଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

## ଜଳବାୟୁ ପରିବର୍ତ୍ତନ ଯୋଗୁ ଅସୁରକ୍ଷିତ ଭାରତ

**କୋଏମ୍ବାଟୁର, ୧୧।୬**

ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତ ଅସୁରକ୍ଷିତ। ଏହା ପଛର ମୁଖ୍ୟ କାରଣ ଜନସଂଖ୍ୟା ବୃଦ୍ଧି ବୋଲି ଜାତିସଂଘ ଏନ୍‌ଭାଇରୋନମେଣ୍ଟାଲ ପ୍ରୋଗ୍ରାମ (ୟୁଏନ୍‌ଇପି) ଏକ୍‌ଜିକ୍ୟୁଟିଭ୍ ଡିରେକ୍ଟର ଏରିକ୍ ସୋଲହେମ କହିଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସାରା ବିଶ୍ୱରେ ପଡୁଥିବାବେଳେ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଆନୁଷ୍ଠାନିକ କନ୍‌ସଲଟେଶନ୍ ଫୋରମ୍ ୟୁଥ୍ ୨୦ (ୱାଇ୨୦) କାର୍ଯ୍ୟକ୍ରମରେ ସେ ପ୍ରକାଶ କରିଛନ୍ତି। ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହି କାର୍ଯ୍ୟକ୍ରମ ଜରିଆରେ ପରସ୍ପର ସହ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଆଲୋଚନା କରିପାରିବେ।

ଉତ୍ତର ଭାରତର ଦିଲ୍ଲୀ ସହର ଅଧିକ ପ୍ରଦୂଷିତ। ଜଳବାୟୁ ପରିବର୍ତ୍ତନ ଯୋଗୁ ଉଭୟ ଆମେରିକା ଓ ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଦେଖିବାକୁ ମିଳୁଛି। ବହୁଳମାତ୍ରାରେ ଜଙ୍ଗଲ କ୍ଷୟ ହେଉଥିବାରୁ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଉଛି। ବୈଶ୍ୱିକ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ କାରଣରୁ ଗତବର୍ଷ ପାକିସ୍ତାନରେ ଭୟାବହ ବନ୍ୟା ଅନେକଙ୍କ ପ୍ରାଣ ନେଇଥିବାବେଳେ ଆମେରିକା ଓ ୟୁରୋପରେ ଭୀଷଣ ବନାଗ୍ନି ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ପରିବେଶ ସୁରକ୍ଷା ପାଇଁ ଚାଇନା ବୈଦ୍ୟୁତିକ ପଦ୍ଧତିକୁ ଆପଣାଇଛି। ବର୍ତ୍ତମାନ ସମୟରେ ଭାରତର କିଛି ସହରରେ ଇଲେକ୍ଟ୍ରିକ୍ ବସ୍ ଚାଲିବା ଆରମ୍ଭ ହୋଇଥିବାବେଳେ ୨୭ଟି ସହରରେ ମେଟ୍ରୋ ସିଷ୍ଟମ ଦେଖିବାକୁ ମିଳିଛି। ପରିବେଶ ପ୍ରଦୂଷଣ ରୋକିବା କ୍ଷେତ୍ରରେ ବୈଦ୍ୟୁତିକଯାନ ସାହାଯ୍ୟ କରିବ।

# ପାଇଖାନା ପାଣି ପିଇବାକୁ ବାଧ କରାଯାଇଥିଲା

### ନାଇଜେରିଆରୁ ଫେରିଥିବା କେରଳ ନାବିକଙ୍କ କରୁଣ କାହାଣୀ

**କୋଚି, ୧୧।୬(ଆଇଏଏନ୍‌ଏସ୍)**

ନାଇଜେରିଆ ଜେଲରେ ୧୦ ମାସ ରହିବା ପରେ ଶନିବାର ଘରକୁ ଫେରିଥିବା କେରଳର ୩ ଜଣ ନାବିକ ଗଣମାଧ୍ୟମ ଆଗରେ ସେମାନଙ୍କ ଦୁଃଖ କାହାଣୀ ବର୍ଣ୍ଣନା କରିଛନ୍ତି। ବନ୍ଦୀ ଥିବାବେଳେ ସେମାନଙ୍କୁ ଶୌଚାଳୟ ପାଣି ପିଇବାକୁ ବାଧ କରାଯାଇଥିଲା। ମ୍ୟାଲେରିଆ ଯୋଗୁ ସେମାନଙ୍କୁ ଏକାଧିକ ଥର ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। ସେମାନେ ଘରକୁ ଫେରି ପରିବାର ସଦସ୍ୟଙ୍କୁ ଦେଖିବା ଆଶା ଛାଡ଼ିଦେଇଥିଲେ ବୋଲି କହିଛନ୍ତି।



ସାନୁ ଜୋସେଫ, ଭି. ବିଜିଥ୍ ଏବଂ ମିଲ୍‌ଟନ୍ ଡି'କାଉଥ।

ହିରୋଇକ୍ ଆଇଡନ୍ ଜାହାଜରେ ମୁଖ୍ୟ ଅଫିସର ଥିବା କୋଚିର ସାନୁ ଜୋସେଫ, ତୃତୀୟ ଅଫିସର କୋଲାମ୍‌ର ଭି. ବିଜିଥ୍ ଏବଂ ମୁଲାଭୁକାଡ୍‌ର ମିଲ୍‌ଟନ୍ ଡି'କାଉଥ୍ ଶନିବାର ସେମାନଙ୍କ ଘରେ ପହଞ୍ଚିଛନ୍ତି। ଇକୁଏଟୋରିଆଲ ଗିନିର ଜଳରାଶି ମଧ୍ୟରେ ଜାହାଜ ପ୍ରବେଶ କରିବା ଅଭିଯୋଗରେ ସେଠାର ସରକାର ନାବିକମାନଙ୍କୁ ଗିରଫ କରିଥିଲେ। ସେଠାକାର ଜେଲରେ ସେମାନେ ୩ ମାସ ରହିଥିଲେ। ଜାହାଜ କମ୍ପାନୀ ଇକୁଟୋରିଆଲ୍ ଗିନିକୁ ପର୍ଯ୍ୟାପ୍ତ ମୁକ୍ତି ଅର୍ଥ ଦେବା ପରେ ମଧ୍ୟ ନାବିକମାନଙ୍କୁ ଛଡ଼ାଯାଇ ନ ଥିଲା। ଇତିମଧ୍ୟରେ ନାଇଜେରିଆ ସରକାର ସେମାନଙ୍କ ବିରୋଧରେ ସାନି ଅଭିଯୋଗ ଆଣିଥିଲେ। ନାଇଜେରିଆ ତେଲ ଟ୍ୟାଙ୍କରରୁ ସେମାନେ ତେଲ ଚୋରାଚାଲାଣ କରିଥିବା ଅଭିଯୋଗ ଆଣି ନାଇଜେରିଆ ପୋଲିସ ଉକ୍ତ ଜାହାଜ ଓ ନାବିକମାନଙ୍କୁ ନିଜ ଜେଲ୍‌କୁ ନେଇଯାଇଥିଲା। ପରବର୍ତ୍ତୀ ୮ ମାସ ନାବିକମାନେ ନାଇଜେରିଆ ଜେଲରେ କାଟିଥିଲେ। ଭାରତ ସରକାରଙ୍କ ସମେତ ଅନ୍ୟ କେତେକ ସଂସ୍ଥା ମାମଲାରେ ହସ୍ତକ୍ଷେପ କରି ନାବିକମାନଙ୍କୁ ମୁକ୍ତ କରାଇଥିଲେ।

# ଅଧିକ ସମୟ କାମକୁ ଲୋକୋପାଇଲଟ୍‌ଙ୍କ ବିରୋଧ

## ଷ୍ଟେଶନରେ ପୋଷ୍ଟର ଲଗାଇ କଲେ ପ୍ରତିବାଦ

ସମ୍ବଲପୁର,୧୧।୬(ବ୍ୟୁରୋ)

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣା ପରେ ରେଳ ମନ୍ତ୍ରାଳୟ ତତ୍ପରତା ଦେଖାଇ ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣାର ବିଭିନ୍ନ କାରଣକୁ ନେଇ ଆଲୋଚନା ହେଉଥିବାବେଳେ ଏବେ ସିବିଆଇ ତଦନ୍ତ ଭାର ନେଇଛି। ଲୋକୋପାଇଲଟ ଓ ଅନ୍ୟ ରେଳ କର୍ମଚାରୀ ଧାର୍ଯ୍ୟ ସମୟଠାରୁ ଅଧିକ ସମୟ ଡ୍ୟୁଟି କରୁଥିବା ଯୋଗୁ ମାନସିକ ଓ ଶାରୀରିକ ଚାପଗ୍ରସ୍ତ ହେବା ଦୁର୍ଘଟଣାର ଏକ କାରଣ ବୋଲି ମଧ କୁହାଯାଉଛି। ଏହି ଦୁର୍ଘଟଣା ପରେ ଏବେ ଲୋକୋପାଇଲଟ ଓ ରେଳ ମନ୍ତ୍ରାଳ ଅନ୍ୟ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଅଧିକ ସମୟ କାମ କରିବାକୁ ନେଇ ବିରୋଧ କରି ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ଝାରସୁଗୁଡା ଓ ବ୍ରଜରାଜନଗର ରେଳ ଷ୍ଟେଶନରେ ପୋଷ୍ଟର ଲଗାଇ ଓଭର ଡ୍ୟୁଟିକୁ ପ୍ରତିବାଦ କରିଛନ୍ତି। ଏହି ପୋଷ୍ଟରରେ କାହାରି ନାମ ନାହିଁ । ପୋଷ୍ଟର ତଳେ ଇଂଲିଶରେ ଏଆଇଏଲ୍‌ଆର୍‌ଏସ୍‌ଏ/ବିଆର୍‌ଜେଏନ୍ ବୋଲି ଉଲ୍ଲେଖ ରହିଛି। ଏଥିରେ ହିନ୍ଦୀ ଭାଷାରେ ଲୋକୋପାଇଲଟ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପୋଷ୍ଟରକୁ ଦେଖି ଟ୍ରେନ ଯାତ୍ରୀ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି। ଷ୍ଟେଶନ ଭିତରେ କିଭଳି ଭାବେ ଏଭଳି ପୋଷ୍ଟର ଲଗାଯାଇଛି ତାହାକୁ ନେଇ ମଧ୍ୟ ଆଲୋଚନା ଜୋର ଧରିଛି। ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି ଯେ, ୧୨– ୧୪ ଘଣ୍ଟା କାମ କରାଇବା ନିୟମ ବିରୋଧୀ, ଅମାନବୀୟ ଓ ଅସୁରକ୍ଷିତ। ଏଚ୍‌ପିସି ନିୟମ ଅନୁସାରେ ୯ଘଣ୍ଟା କାମ ପାଇଁ ନିୟୋଜିତ କରନ୍ତୁ। ବୁକ୍ ଅଫ୍ ବାହାନାରେ ଅଧିକାରୀଙ୍କ ଦ୍ୱାରା ମାନସିକ ନିର୍ଯାତନା ଚଳିବ ନାହିଁ। ଅଧିକ ସମୟ କାମ ନ କଲେ କାର୍ଯ୍ୟାନୁଷ୍ଠାନ ନେବା ଧମକ ଦେବା ବନ୍ଦ କରାଯାଉ। ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ରୋକ ଲଗାଯାଉ। ଏଭଳି ବିରୋଧ କରି ପୋଷ୍ଟରଗୁଡିକ ଲଗାଯାଇଛି। ଜଣେ ଅଧିକାରୀଙ୍କ ପଦବୀକୁ ନେଇ ମଧ ଅସନ୍ତୋଷ ବ୍ୟକ୍ତ କରି ଲେଖାଯାଇଛି। ହେଲେ ଏହି ପୋଷ୍ଟରଗୁଡିକ ରେଳ କର୍ମଚାରୀ ଲଗାଇଛନ୍ତି ନା ବାହାର ଲୋକ ତାହା ମଧ ତଦନ୍ତ ସାପେକ୍ଷ। ଏନେଇ ବ୍ରଜରାଜନଗର ଷ୍ଟେଶନର ସିଏସ୍‌ଏମ୍ ଦେବେନ୍ଦ୍ର ପାଣିଗ୍ରାହୀ କହିଛନ୍ତି, ଏ ସମ୍ପର୍କରେ କିଛି କହିପାରିବି ନାହିଁ। କେଉଁ ସଙ୍ଗଠନ ହୁଏତ ଲଗାଇଥାଇପାରେ।



ଷ୍ଟେଶନରେ ଲାଗିଥିବା ପୋଷ୍ଟର।

# ବାହାନଗା ଟ୍ରେନ ଦୁର୍ଘଟଣା: ମୃତ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ମୁଣ୍ଡନ



ବାହାନଗା, ୧୧।୬(ଡି.ଏନ୍.ଏ.)

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବାହାନଗା, ସୋର ଅଞ୍ଚଳବାସୀ ଓ ବାଲେଶ୍ୱରର ସାମାଜିକ ସଙ୍ଗଠନ ପକ୍ଷରୁ ଦଶାହ ଓ ମୁଣ୍ଡନ ଅନୁଷ୍ଠିତ ହୋଇଛି। ଯେଉଁମାନେ ମୃତଦେହକୁ ଉଦ୍ଧାର କରିଥିଲେ ସେମାନେ ଦଶାହ ଘାଟରେ ମୁଣ୍ଡନ ହୋଇଥିଲେ। ଦଶାହ କାର୍ଯ୍ୟକ୍ରମର ଘାଟ ବାହାନଗା ଚନ୍ଦନ ପୋଖରୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୧୮ ଜଣ ମୁଣ୍ଡନ ହୋଇଥିଲେ। ପରେ ବିଧି ଅନୁଯାୟୀ ଦଶାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବାହାନଗା ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ କରାଯାଉଛି। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଅନୁଷ୍ଠିତ ହେବ। ସୋମବାର ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟପ୍ରହରୀ, ନାମସଙ୍କୀର୍ତ୍ତନ ହେବା ସହିତ ଅଖଣ୍ଡ ଗାୟତ୍ରୀମନ୍ତ୍ର ଜପ କରିବା ସହିତ ଦିନ ୧୦ଟାରେ ସର୍ବଧର୍ମ ପ୍ରାର୍ଥନା ସଭା, ଶ୍ରଦ୍ଧାଞ୍ଜଳି ସହିତ ସାମୂହିକ ବେଦପାଠ ସହ ଦୀପଦାନ କରାଯିବ। ସେହିପରି ବାର ଦିନ ଦିନ କଳସ ଶୋଭାଯାତ୍ରା, ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ସମେତ ଭିତମ୍ବରା ଆର୍ନ୍ତଜାତୀୟ ସଂସ୍ଥା ତରଫରୁ ୫ହଜାର ୮ ଦୀପ ଦାନ ଏବଂ ଅମୃତଧାରା ସତ୍‌ସଙ୍ଗ ସମାରୋହ ଅନୁଷ୍ଠିତ ହେଉଛି। ବାହାନଗା, ସୋର ଓ ବାଲେଶ୍ୱରର ଏକ ସାମାଜିକ ସଙ୍ଗଠନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୋର ଭ୍ରମରବର ନାୟକ, ବାହାନଗାର ଶରତ ଚନ୍ଦ୍ର ରାଜ, ଆଶ୍ୱନୀ ମହାପାତ୍ର, ନିଳାମ୍ବର ମହାଳିକ, ବିଜୟ ପାଣିଗ୍ରାହୀ, ବ୍ରଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଜଙ୍ଗଲ ରାସ୍ତାରେ ମହିଳାଙ୍କୁ ହତ୍ୟା



ଅପୂର୍ବ ଷାଣ୍ଡ

- ଘଟଣାସ୍ଥଳରୁ ପିନ୍ଧାଲୁଗା, ଚପଲ, ଟାଙ୍ଗିଆ ଜବତ କଲା ପୋଲିସ
- ସନ୍ଧାନୀ କୁକୁର ନେଇ ପୋଲିସର ଛାନଭିନ୍ ଆରମ୍ଭ

ବୌଦ୍ଧ,୧୧।୬(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖରଭୂଇଁ-ସରାଡିଖୋଲ ଜଙ୍ଗଲ ରାସ୍ତାର କନ୍ଧାବାରି ନିକଟରୁ ପୋଲିସ ରବିବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ଆମ୍ବ ଗୋଟେଇବାକୁ ଯାଇଥିବା ଏହି ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରୁ ପିନ୍ଧାଲୁଗା, ଚପଲ ଓ ଟାଙ୍ଗିଆ ଜବତ କରିଛି। ପ୍ରକାଶ ଯେ, ଗତ ଶନିବାର ସକାଳେ ଖରଭୂଇଁ ଗ୍ରାମର ଅପୂର୍ବ ଷାଣ୍ଡ (୪୮) ଘରପାଖରୁ ପ୍ରାୟ ୨ କିଲୋମିଟର ଦୂରରେ ଥିବା କନ୍ଧାବାରିକୁ ଆମ୍ବ ଗୋଟାଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। ରବିବାର ସକାଳେ କନ୍ଧାବାରିକୁ ଯାଇ ଖୋଜାଖୋଜି କରିବା ସମୟରେ ତାଙ୍କ ମୃତଦେହ ଖରଭୂଇଁ-ସରାଡିଖୋଲ ରାସ୍ତାର ଏକ କ୍ରଶର ନିକଟରେ ପଡିଥିବା ଦେଖିବାକୁ ପାଇଥିଲେ। ମୃତଦେହ ଉପରେ ଏକ ଓଜନିଆ ପଥର ଲଦି ଦିଆଯାଇଥିଲା। ଶରୀରର ବିଭିନ୍ନ ସ୍ଥାନରେ ଟାଙ୍ଗିଆରେ ହଣା ଯିବା ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ପାଖରେ ଚପଲ, ଟାଙ୍ଗିଆ ପଡିଥିଲା। ଏନେଇ ଅପୂର୍ବଙ୍କ ପୁତୁରା ପ୍ରଦିପ ଷାଣ୍ଡ ହରଭଙ୍ଗା ଥାନାରେ ତାଙ୍କ ଅପାକୁ କେହି ହତ୍ୟା କରିଥିବା ନେଇ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାସ୍ଥଳରେ ତଦନ୍ତ କରାଯାଇଥିଲା। ତେବେ ପୋଲିସ କୌଣସି ସୁରାକ ପାଇ ପାରିନାହିଁ। ଏନେଇ ପୋଲିସ ନମ୍ବର ୭୫/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣା ସମ୍ପର୍କରେ ହରଭଙ୍ଗା ଥାନା ଏସଆଇ ପୂର୍ଣ୍ଣଚନ୍ଦ୍ର କିଷାନଙ୍କୁ ପଚାରିବାରେ ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ଏ ନେଇ ତଦନ୍ତ ଚାଲିଥିବା ସେ ପ୍ରକାଶ କରିଥିଲେ।

# ଦଶାହ କର୍ମରେ ବାଧକ ସାଜିଲା ଡିଏନ୍‌ଏ ରିପୋର୍ଟ

ଭୁବନେଶ୍ୱର ୧୧।୬(ବ୍ୟୁରୋ)

ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାକୁ ରବିବାର ୧୦ଦିନ ବିତିଛି। ମୃତଦେହ ଉଦ୍ଧାର କରିଥିବା ବାହାନଗାବାସୀ ମୃତକଙ୍କ ପାଇଁ ସମୂହ ଦଶାହ କର୍ମ କରିବା ସହ ମୁଣ୍ଡନ ହୋଇଛନ୍ତି। ହେଲେ ମୃତଦେହ ପାଇବାକୁ ଚାହିଁ ରହିଥିବା ପରିବାର ଓ ସମ୍ପର୍କୀୟମାନେ ଦଶାହ କର୍ମ କରି ନ ପାରି ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ଏବେ ସୁଦ୍ଧା ଏମ୍‌ସରେ ୮୧ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ଏସବୁର ଡିଏନ୍‌ଏ ପରୀକ୍ଷା ପାଇଁ ଦିଲ୍ଲୀକୁ ନମୁନା ପଠାଇଯାଇଛି। ତେବେ ଡିଏନ୍‌ଏ ରିପୋର୍ଟ ଆସି ନ ଥିବାରୁ ଦଶାହ କର୍ମରେ ବାଧା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ଦୁର୍ଘଟଣାରେ ଅନେକ ଯାତ୍ରୀ ନିଖୋଜ ଥିବା ଅଭିଯୋଗ ହେଉଛି। ତେଣୁ ସେମାନଙ୍କ ପରିବାର ମଧ ନାନା ଆଶା ଓ ଆଶଙ୍କାରେ ରହି ଦଶାହ କରିପାରି ନ ଥିବା ଜଣାପଡିଛି।

ବାହାନଗା ରେଳ ଦୁର୍ଘଟଣାରେ ୨୮୮ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଚିହ୍ନଟ ଲାଗି ୧୬୨ ମୃତଦେହକୁ ଭୁବନେଶ୍ୱରସ୍ଥିତ ଏମ୍‌ସକୁ ଅଣାଯାଇଥିଲା। ଇତିମଧରେ ୮୧ ମୃତଦେହକୁ ଚିହ୍ନଟ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବାକି ୮୧ ମୃତଦେହ କଣ୍ଟେନର ମଧରେ ରଖାଯାଇଛି। ରାଜ୍ୟ ତଥା ବାହାରୁ ଆସିଥିବା ଅନେକ ଲୋକ ନିଜ ପରିବାର ସଦସ୍ୟ ବା ସମ୍ପର୍କୀୟଙ୍କ ମୃତଦେହ ନେବାଲାଗି ଅପେକ୍ଷା କରି ପଡ଼ି ରହିଥିବାବେଳେ ଏମ୍‌ସ ପକ୍ଷରୁ ଦିଲ୍ଲୀକୁ ପଠାଯାଇଥିବା ଡିଏନ୍‌ଏ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ଚିହ୍ନଟ ପ୍ରକ୍ରିୟା ଆଗେଇ ପାରିନାହିଁ। ଗତ ୫ ତାରିଖରେ ଏକ ଖବରଦାତା ସମ୍ମିଳନୀରେ ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଥିଲେ, ମୃତକଙ୍କ ଚିହ୍ନଟ ପ୍ରକ୍ରିୟାରେ ଅସୁବିଧା ଯୋଗୁ ଡିଏନ୍‌ଏ ଟେଷ୍ଟିଂକୁ ଶେଷ ବିକଳ୍ପ ଭାବେ ଗ୍ରହଣ କରିଛୁ। ୪ରୁ ୫ ଦିନ ମଧରେ ଡିଏନ୍‌ଏ ରିପୋର୍ଟ ପଠାଇବାକୁ ଦିଲ୍ଲୀସ୍ଥିତ ଏମ୍‌ସକୁ ଅନୁରୋଧ କରିଛୁ। ତେବେ ୮୧ଟି ମୃତଦେହ ମଧ୍ୟରୁ ରବିବାର ସନ୍ଧ୍ୟା ସୁଦ୍ଧା ୭୫ଟିର ଡିଏନ୍‌ଏ ନମୁନା ସଂଗ୍ରହ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୩୩ଟି ନମୁନା ଟେଷ୍ଟିଂ ନିମନ୍ତେ ଯାଇଥିଲା। ଇତିମଧରେ ନମୁନା ପଠାଯିବାର ୫ଦିନ ବିତିଯାଇଥିଲେ ମଧ ରିପୋର୍ଟ ଆସି ନ ଥିବା ସୂଚନା ମିଳିଛି।

ଅନ୍ୟପଟେ ଦାୟିତ୍ୱରେ ଥିବା ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ଏବେ ବି ୮୧ଟି ମୃତଦେହ ଚିହ୍ନଟ ହୋଇନାହିଁ। ପ୍ରଥମ ବ୍ୟାଚ୍‌ର ନମୁନା ଟେଷ୍ଟିଂ ନିମନ୍ତେ ପଠାଯାଇଛି। ଖୁବ୍‌ଶୀଘ୍ର ଦ୍ୱିତୀୟ ବ୍ୟାଚ୍‌ର ଡିଏନଏ ନମୁନା ପଠାଯିବାର ପ୍ରସ୍ତୁତି ଜାରି ରହିଛି। ରିପୋର୍ଟ ଆସିଲେ ପ୍ରକୃତ ମୃତଦେହ ଦାବିଦାରଙ୍କୁ ହସ୍ତାନ୍ତର କରାଯିବ। ସେଥି ଲାଗି ବିଏମ୍‌ସି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଟେଷ୍ଟିଂ ରିପୋର୍ଟ ଆସିଲେ ଦାୟିତ୍ୱରେ ଥିବା ବିଏମ୍‌ସି ଅଧିକାରୀମାନେ ମୃତକଙ୍କ ପରିବାରଙ୍କୁ ଅବଗତ କରାଇବା ସହ ଚିହ୍ନଟ ପରେ ମୃତଦେହକୁ ଠିକଣା ସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚାଯିବ।

# ହସ୍ପିଟାଲ ଶୌଚାଳୟରେ ନବଜାତକକୁ ଛାଡ଼ି ପଳାଇଲେ ମା’ବାପା

- ଅଭିଭାବକ, ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାଁରେ ମାମଲା
- ଏମ୍‌କେସିଜି ମେଡିକାଲ ଏସ୍‌ଏନ୍‌ସିୟୁରେ ଶିଶୁପୁତ୍ର



ଉଦ୍ଧାର ଶିଶୁ

ବ୍ରହ୍ମପୁର ଅଫିସ,୧୧।୬

ନବଜନ୍ମିତ ସନ୍ତାନ ବଞ୍ଚିବା ଆଶା ନ ଥିବା ସନ୍ଦେହ କରି ନିଷ୍ଠୁର ମା’ବାପା ତାହାକୁ ହସ୍ପିଟାଲ ପାଇଖାନାରେ ଛାଡି ପଳାଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ରବିବାର ବ୍ରହ୍ମପୁରରେ ଦେଖିବାକୁ ମିଳିଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ନିକଟସ୍ଥ ଏକ ଘରୋଇ କ୍ଲିନିକ ଶୌଚାଳୟରୁ ନବଜାତ ଶିଶୁପୁତ୍ରକୁ ଚାଇଲ୍ଡ ଲାଇନ୍ ଉଦ୍ଧାର କରିଛି। ଅବସ୍ଥା ଗୁରୁତର ଥିବାରୁ ତାହାକୁ ଏମ୍‌କେସିଜି ମେଡିକାଲ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ପୋଲିସ କାଗଜପତ୍ର ଯାଞ୍ଚ କରି ଶିଶୁଟିର ମା’ବାପା ଓ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାଁରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଚାଲିଛି।

ପ୍ରକାଶ ଯେ, ଗାଙ୍ଗପୁର ଥାନା ଅଞ୍ଚଳର ଜଣେ ଗର୍ଭବତୀ ପ୍ରସବ ପାଇଁ ଉକ୍ତ ଘରୋଇ ହସ୍ପିଟାଲକୁ ଆସିଥିଲେ। ସିଜରିଆନ୍ କରାଯିବାରେ ଶିଶୁପୁତ୍ର ଜନ୍ମ ନେଇଥିଲା। ଶିଶୁଟିର ଓଜନ ୨ କେଜି ୪୦୦ ଗ୍ରାମ ରହିଥିଲା। ଦୁଇ ଗୋଡରେ ବ୍ୟତିକ୍ରମ ଥିବା ଓ ଅନ୍ୟାନ୍ୟ ଅସୁବିଧା ଥିବାରୁ ତାହାର ଅଧିକ ଚିକିତ୍ସା ଆବଶ୍ୟକ ରହିଛି ବୋଲି ଡାକ୍ତର କହିଥିଲେ। ଏହା ଜାଣିବା ପରେ ପ୍ରସୂତି ଓ ତାଙ୍କ ସ୍ୱାମୀ ବ୍ୟତିବ୍ୟସ୍ତ ହୋଇ ପଡିଥିଲେ। ସେମାନଙ୍କ ପାଖେ ଟଙ୍କା ନ ଥିବାରୁ ଚିକିତ୍ସା କରାଇ ପାରିବେନି ଓ ପିଲା ବଞ୍ଚିବନି ବୋଲି ଭାବି ସେହି ହସ୍ପିଟାଲ ଶୌଚାଳୟରେ ଛାଡି ପଳାଇଥିଲେ। ପୋଲିସ ଏହି ଖବର ପାଇବା ପରେ ଚାଇଲ୍ଡ ଲାଇନକୁ ଜଣାଇଥିଲା। ଚାଇଲ୍ଡ ଲାଇନ ଟିମ୍ ଉକ୍ତ ଘରୋଇ କ୍ଲିନିକ୍‌କୁ ଯାଇ ଦ୍ୱିତୀୟ ମହଲାର ଶୌଚାଳୟରୁ ଶିଶୁପୁତ୍ରକୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ଆଣିଥିଲା। ଶିଶୁଟି ୪ ଦିନ ତଳେ ଜନ୍ମ ନେଇଥିବା ଚାଇଲ୍ଡ ଲାଇନ ପକ୍ଷରୁ କୁହାଯାଇଛି। ଏ ନେଇ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଯୋଗାଯୋଗ କରିବା ପରେ ଶିଶୁର ମା’ ବାପା ଅପରାହ୍ନରେ ବୈଦ୍ୟନାଥପୁର ଥାନାକୁ ଆସିଥିଲେ। ସେମାନେ ଛୁଆକୁ ହସ୍ପିଟାଲ ଶୌଚାଳୟରେ ଛାଡି ପଳାଇ ଆସିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମଧ ନୋଟିସ ଜାରି କରାଯାଇଥିଲେ ମଧ କେହି ଥାନାକୁ ଯାଇ ନ ଥିବା ଜଣାପଡିଛି। ଏନେଇ ବ୍ରହ୍ମପୁର ଏସପି ଡା. ଶ୍ରବଣ ବିବେକ ଏମ କହିଛନ୍ତି, ବୈଦ୍ୟନାଥପୁର ଥାନାରେ ଉକ୍ତ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଓ ଛୁଆର ମା’ ବାପାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଏ ନେଇ ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)କୁ ଜଣାଇ ଦିଆଯାଇଛି। ଛୁଆଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ମେଡିକାଲରୁ ଡିସଚାର୍ଜ ହେବା ପରେ କାହାକୁ ହସ୍ତାନ୍ତର କରାଯିବ ସେ ନେଇ ସିଡବ୍ଲୁସି ସ୍ଥିର କରିବେ ବୋଲି ଏସ୍‌ପି କହିଛନ୍ତି।

# ମାଟ୍ରିକ୍ ବ୍ୟାଚ୍ ଭୋଜି ବେଳେ ଅଘଟଣ

## ବୋଲେରୋ ମାଡ଼ିଯାଇ ୨ ଛାତ୍ର ମୃତ

ଭୁବନ, ୧୧।୬(ଡି.ଏନ୍.ଏ.)

ଭଲ ନମ୍ବର ରଖି ପାସ୍ କରିଥିଲେ ମାଟ୍ରିକ୍। ଏହାକୁ ସ୍ମରଣୀୟ କରିବା ପାଇଁ ସମସ୍ତେ ଏକଜୁଟ ହୋଇ ଆୟୋଜନ କରିଥିଲେ ଭୋଜି। ହେଲେ ସାମୂହିକ ଭୋଜନ ପୂର୍ବରୁ ଫିକା ପଡ଼ିଯାଇଛି ଯେତକ ଖୁସି। ଭୋଜିରେ ଯୋଗଦେବାକୁ ଯାଉଥିବାବେଳେ ଏକ ଦ୍ରୁତଗାମୀ ବୋଲେରୋ ଧକ୍କାରେ ଚାଲିଯାଇଛି ୨ ଛାତ୍ରଙ୍କ ଜୀବନ। ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡି ଅଧୀନ କାଲୁଣିଗୋଡ଼ା ପୀଠ ନିକଟରେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଘଟିଛି ଏଭଳି ଏକ ଦୁଃଖଦ ଦୁର୍ଘଟଣା। ମୃତକ ହେଲେ ବଟକୃଷ୍ଣ ସାହୁଙ୍କ ପୁଅ ପୃଥ୍ୱୀରାଜ (୧୫) ଏବଂ ବିନୋଦ କାଣ୍ଡିଙ୍କ ପୁଅ ସୌମ୍ୟରଞ୍ଜନ (୧୫)। ଦିଲୀପ ସାମଲଙ୍କ ପୁଅ ଚନ୍ଦନ (୧୫) ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ସୁରପ୍ରତାପପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଦ୍ୟ ମାଟ୍ରିକ୍ ପାସ୍ କରିଥିବା ୩୦ ଛାତ୍ର ଭୋଜିର ଆୟୋଜନ କରିଥିଲେ। ଯୁକ୍ତ ୨ରେ ନାମ ଲେଖାଇବା ପୂର୍ବରୁ ଏକାଠି ହୋଇଥିବାବେଳେ ଏହାକୁ ନେଇ ସମସ୍ତେ ଥିଲେ ବେଶ୍ ଉତ୍ସାହିତ। ରୋଷେଇ ନିମନ୍ତେ ସାମଗ୍ରୀ ଧରି ପୃଥ୍ୱୀରାଜ ଏବଂ ସୌମ୍ୟରଞ୍ଜନ ଆସୁଥିବାବେଳେ ରାସ୍ତାରେ ବାଇକ୍ (ନଂ. ଓଡି ୦୬ କେ ୬୬୪୮)ରେ ଆସୁଥିବା ଚନ୍ଦନଙ୍କ ସହ ସେମାନଙ୍କ ଭେଟ ହୋଇଥିଲା। ସମ୍ପୃକ୍ତ ୩ ଜଣ କୌଣସି ବିଷୟରେ ଆଲୋଚନା କରୁଥିବାବେଳେ ୫୩ନଂ. ଜାତୀୟ ରାଜପଥରୁ ସୁରପ୍ରତାପପୁରକୁ ସଂଯୋଗ କରୁଥିବା ରାସ୍ତାରେ ଏକ ଦ୍ରୁତଗାମୀ ବୋଲେରୋ ସେମାନଙ୍କ ଉପରେ ମାଡ଼ିଯାଇ ପଳାଇଥିଲା। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ପୃଥ୍ୱୀରାଜ, ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଚନ୍ଦନଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସଦଳବଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଧରିବା ଲାଗି ଉଦ୍ୟମ ଚଳାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁଇ ଛାତ୍ରଙ୍କ ଏଭଳି ଅକାଳ ବିୟୋଗ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ବେପରୁଆ ଗାଡ଼ି ଚଳାଇ ୨ ଜୀବନ ନେଇଥିବା ବୋଲେରୋ ଡ୍ରାଇଭରଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ପୃଥ୍ୱୀରାଜ



ସୌମ୍ୟରଞ୍ଜନ









**ଆଜିର ମନ୍ତବ୍ୟ**
"ଦିଲ୍ଲୀ ଜନସାଧାରଣଙ୍କ ଅଧିକାରକୁ ଛଡ଼ାଇ ନେବା ଲାଗି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଅଧାଦେଶ ଆଣି ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିଦେଇଛନ୍ତି। ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି। -**ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେଉଁଠାରେ ଖଡୁ ଗଡୁ
କେଉଁ ଠାରେ ମୁଦି
କେଉଁ ଠାରେ ବୋଲାଉଛ
କରୁଣା ବାରିଧି ।**

ପିତଳ ଧାତୁରେ ଖଡୁ ,ଗଡୁ ଛୋଟ ଲୋଟା ଓ ମୁଦି ଆଦି ଗଢ଼ାଯାଇଥାଏ। ଏ ସବୁକୁ କେହି ବେଶି ପ୍ରାଧାନ୍ୟ ଦେଇ ନ ଥାନ୍ତି। କିନ୍ତୁ ପିତଳରେ ଦେବ ଦେବୀଙ୍କ ମୂର୍ତ୍ତି ଗଢ଼ା ହେଲେ ତାଙ୍କୁ ଫୁଲ ଚନ୍ଦନ ଓ ନୈବେଦ୍ୟ ଦେଇ ପୂଜା କରିଥାନ୍ତି। ସ୍ଥାନ ଓ ଉଦ୍ଦେଶ୍ୟ ଅନୁସାରେ ବସ୍ତୁର ପ୍ରାଧାନ୍ୟରେ ଭିନ୍ନତା ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଖବାଳିଆ ଚାଟକୁ
କାଠଫାଳିଆ ପାହାର ।**

ପ୍ରତ୍ୟେକ କାର୍ଯ୍ୟ ପାଇଁ ଉଚିତ ସମୟ ରହିଥାଏ। ଉଚିତ ସମୟରେ କାର୍ଯାରମ୍ଭ ନ କଲେ ତାହା ଫସରଫାଟି ଯାଇଥାଏ। ସେହିପରି ଯଥା ସମୟରେ ବିଦ୍ୟାରମ୍ଭ ନ କଲେ ତା'ର ସୁଫଳ ମିଳିନଥାଏ। ବୟସ୍କ ଛାତ୍ରକୁ ଶାରୀରିକ ଦଣ୍ଡ ଦେଇ ପାଠପଢ଼ାରେ ମନୋନିବେଶ କରାଇବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସ୍ପେସ୍‌ଏକ୍ସରେ ୧୪ ବର୍ଷୀୟ ଇଞ୍ଜିନିୟର

**କାଲିଫର୍ନିଆ, ୧୧।୬**

ଏଲନ ମସ୍କଙ୍କ ସ୍ପେସ୍‌ଏକ୍ସରେ କାମ କରିବେ ଜଣେ ୧୪ ବର୍ଷୀୟ ବାଳକ। କାଇରାନ କ୍ୱାଜି ନାମକ ଏହି ବାଳକ ସ୍ପେସ୍‌ଏକ୍ସରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରିବେ। ଇଞ୍ଜିନିୟର ଚୟନ ଲାଗି କରାଯାଇଥିବା ଟେକ୍‌ନିକାଲି ଚ୍ୟାଲେଞ୍ଜିଙ୍ଗ୍ ଏବଂ ଫନ୍ ଇଣ୍ଟରଭ୍ୟୁରେ କ୍ୱାନ୍ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ପେସ୍‌ଏକ୍ସରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମଧ୍ୟରେ କ୍ୱାଜି ସର୍ବକନିଷ୍ଠ କର୍ମଚାରୀ ହୋଇଥିବା ଏଲ୍‌ଏ ଟାଇମ୍ସରେ ପ୍ରକାଶିତ ଖବରରେ କୁହାଯାଇଛି। ମାତ୍ର ୧୧ ବର୍ଷ ବୟସରୁ କ୍ୱାଜି କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ପଢ଼ା ଆରମ୍ଭ କରିଥିଲେ। ସାଣ୍ଟା କ୍ଲାରା ୟୁନିଭର୍ସିଟିରୁ ଚଳିତ ମାସରେ ସେ ଗ୍ରାଜୁଏଟ୍ ହୋଇଛନ୍ତି। ସ୍ପେସ୍‌ଏକ୍ସରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରିବା ଲାଗି କ୍ୱାଜି


କାଇରାନ କ୍ୱାଜି

ବେଶ୍ ଉତ୍ସାହିତ ଥିବାବେଳେ କମ୍ପାନୀକୁ ନିଜ ଟାର୍ଗେଟ୍ ହାସଲ କରାଇବାରେ ସାହାଯ୍ୟ କରିବେ ବୋଲି କ୍ୱାଜି କହିଛନ୍ତି। ଚାକିରି ଲାଗି ସେ ଏବେ ତାଙ୍କ ମା'ଙ୍କ ସହ କାଲିଫର୍ନିଆର ପିଜାଣ୍ଟୋନରୁ ରାଡମୋଣ୍ଡ ସ୍ଥାନାନ୍ତର ହେବାକୁ ଯୋଜନା କରୁଛନ୍ତି। ସ୍ପେସ୍‌ଏକ୍ସରେ ସଫ୍ଟୱେର ଇଞ୍ଜିନିୟର ପଦ ପାଇଁ ବଛାଯିବା ପରେ କମ୍ପାନୀ ପକ୍ଷରୁ ଦିଆଯାଇଥିବା ଅଫର୍ ଲେଟର ଫଟୋ କ୍ୱାଜି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସ୍କୁଲ ପାଠପଢ଼ା କ୍ୱାଜିଙ୍କୁ ପସନ୍ଦ ନ ଥିଲା। ତାଙ୍କୁ ଯେତେବେଳେ ୯ ବର୍ଷ ହୋଇଥିଲା ସେ ଏ କଥା ଘରେ ଜଣେଇଥିଲେ। ଏହାପରେ କ୍ୱାଜିଙ୍କ ମା' ଏକ କମ୍ୟୁନିଟି କଲେଜରେ ତାଙ୍କ ନାମ ଲେଖାଇ ଦେଇଥିଲେ। କଲେଜ ପାଠପଢ଼ା ତାଙ୍କୁ ଭଲ ଲାଗିଥିଲା। ଖାଲି ସମୟରେ ସାଇନ୍ସ ଫିକ୍ସନ ଷ୍ଟୋରି ବହି ପଢ଼ିବା ସାଙ୍ଗକୁ ଗେମ୍ ଖେଳିବା ତାଙ୍କୁ ଭଲଲାଗେ। ଏହାଛଡ଼ା ଖବର ଓ କରେଣ୍ଟ ଆଫେୟାର୍ସକୁ ନେଇ ପିଲାବେଳୁ କ୍ୱାଜିଙ୍କ ମନରେ ରୁଚି ଥିଲା।

# କୋଭିଡ୍‌ର ବିପଜ୍ଜନକ ଗବେଷଣାରେ ସାମିଲ ଥିଲେ ଉହାନ ବୈଜ୍ଞାନିକ

**ୱାଶିଂଟନ, ୧୧।୬**

୨୦୧୯ରେ କୋଭିଡ୍ ମହାମାରୀ ବ୍ୟାପିବା ପୂର୍ବରୁ ଚାଇନାର ଉହାନସ୍ଥିତ ଭାଇରୋଲୋଜି ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ ଏବଂ ଚାଇନା ସେନା ବିଶ୍ୱର ସବୁଠୁ ବିପଜ୍ଜନକ କରୋନା ଭୂତାଣୁଗୁଡ଼ିକର ମିଶ୍ରଣ କରି ନୂଆ ମ୍ୟୁଟାଣ୍ଟ ଭୂତାଣୁ ସୃଷ୍ଟି କରିବାକୁ ବିପଜ୍ଜନକ ପରୀକ୍ଷା ନିରୀକ୍ଷା ଚଳାଇଥିଲେ। ଆମେରିକା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। ଉକ୍ତ ବିପଜ୍ଜନକ ପ୍ରୟୋଗର ଗୁପ୍ତ ପ୍ରକଳ୍ପ ଉହାନ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଲିକ୍ ହେବା ଯୋଗୁ ମହାମାରୀ ବ୍ୟାପିଥିଲା ବୋଲି ସନ୍‌ଡେ ଟାଇମ୍ସ ରିପୋର୍ଟରେ କୁହାଯାଇଛି। ପୂର୍ବର କେତେକ ଗୋପନ ରିପୋର୍ଟ, ଆଭ୍ୟନ୍ତରୀଣ ମେମୋ, ବୈଜ୍ଞାନିକ ସନ୍ଦର୍ଭ ଏବଂ ଇମେଲ୍ ଯୋଗାଯୋଗ ଆଦି ଶତାଧିକ ଦସ୍ତାବିଜକୁ ଆଧାର କରି ଉକ୍ତ ରିପୋର୍ଟ ପ୍ରସ୍ତୁତ ହୋଇଛି। କୋଭିଡ୍-୧୯ ମହାମାରୀର ସୃଷ୍ଟି, ପ୍ରସାର ଓ ଏହାକୁ ଗୋପନ ରଖିବା କାର୍ଯ୍ୟରେ ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ସମ୍ପୃକ୍ତ ଥିବା ଅଧିକ ସ୍ପଷ୍ଟ ହୋଇଛି ବୋଲି ଜଣେ ଅନୁଧ୍ୟାନକାରୀ କହିଛନ୍ତି। ଚାଇନା ସେନା ସହ ମିଳିତ ଭାବେ ଏହି ପ୍ରୋଜେକ୍ଟ କାର୍ଯ୍ୟ ଚାଲିଥିବାରୁ ଏହାର କୌଣସି ଛାପା ତଥ୍ୟ ରଖାଯାଇ ନାହିଁ। ଜୈବ ଅସ୍ତ୍ର ନିର୍ମାଣ ଲାଗି ଚାଇନା ପରାମର୍ଶ ଦେଇଥିଲା ବୋଲି ଅନୁଧ୍ୟାନକାରୀମାନେ ବିଶ୍ୱାସ କରୁଛନ୍ତି।



# ଆଉ ୪ଦିନ ଅସମ୍ଭାଳ ତାତି

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

**୪୪ ଡିଗ୍ରୀ ଉପରେ ୪ ସହର**
- **ବଲାଙ୍ଗୀର ଓ ବରଗଡ଼ ସବୁଠୁ ଉତ୍ତପ୍ତ**
- **ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି**

ରାଜ୍ୟରେ ଗତ କିଛିଦିନ ଧରି ଗ୍ରୀଷ୍ମପ୍ରବାହ ଜାରି ରହିଛି। ଖରା ସାଙ୍ଗକୁ ହିଟ୍‌ୱେଭ୍ (ଗୁଳୁଗୁଳି) ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ରବିବାର ମଧ୍ୟ ସମାନ ସ୍ଥିତି ଲାଗି ରହିଥିଲା। ୪୪ ଡିଗ୍ରୀ ଉପରେ ୪ ସହର ରହିଥିଲାବେଳେ ସର୍ବାଧିକ ୪୪.୫ ଡିଗ୍ରୀ ସହ ବଲାଙ୍ଗୀର ଓ ବରଗଡ଼ ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଆସନ୍ତା ୪ଦିନ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ସ୍ୱାଭାବିକ ତାପମାତ୍ରାଠାରୁ ୪ରୁ ୬ ଡିଗ୍ରୀ ଅଧିକ ରହିବା ସହ ଗୁଳୁଗୁଳି ଅସହ୍ୟ ହେବ। ଫଳରେ ଗୁରୁବାରଯାଏ ରାଜ୍ୟବାସୀଙ୍କୁ ଆହୁରି କଲବଲ ହେବାକୁ ପଡିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେବା ସହ ହିଟ୍‌ୱେଭ୍ ନେଇ କେତେକ ଜିଲାକୁ ସତର୍କ କରିଛି।

ସୋମବାର ଝାରସୁଗୁଡ଼ା, ବରଗଡ଼, ସୋନପୁର, ବୌଦ୍ଧ, ସମ୍ବଲପୁର, ବଲାଙ୍ଗୀର, କନ୍ଧମାଳ ଓ କେନ୍ଦୁଝର ଜିଲାକୁ ଅରେଞ୍ଜ ୱାର୍ନିଂ ରହିଥିବାବେଳେ ସୁନ୍ଦରଗଡ଼, କନ୍ଧମାଳ, ନୂଆପଡ଼ା ଓ ମୟୂରଭଞ୍ଜ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ମଙ୍ଗଳବାର ଝାରସୁଗୁଡ଼ା, ବରଗଡ଼, ସୋନପୁର, ବୌଦ୍ଧ, ସମ୍ବଲପୁର ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାକୁ ୟେଲୋ ୱାର୍ନିଂ ରହିଛି। ସେହିପରି ୧୪ ଓ ୧୫ ତାରିଖ ପାଇଁ ଗ୍ରୀଷ୍ମପ୍ରବାହ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ରହିଛି। ଖରାବେଳେ ଶିଶୁ, ବୟସ୍କ ଓ ରୋଗୀଙ୍କ କ୍ଷେତ୍ରରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅତି ଜରୁରୀ କାମ ନ ଥିଲେ ଖରାରେ ବାହାରକୁ ଯିବାକୁ ବାରଣ କରାଯାଇଛି। କୃଷକମାନେ ମକା, ଡାଲି ଜାତୀୟ ଓ ପନିପରିବା ଫସଲରେ ଜଳସେଚନ ଜାରି ରଖିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶନିବାର ସବୁଠୁ ଉତ୍ତପ୍ତ ସହର ଥିବା ଝାରସୁଗୁଡ଼ା ରବିବାର ୪୪.୪ ଡିଗ୍ରୀ ସହ ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଥିବାବେଳେ ଏହା ତଳକୁ ସୋନପୁର ୪୪.୩ ଡିଗ୍ରୀ, ସମ୍ବଲପୁର ୪୩.୬ ଡିଗ୍ରୀ, ବୌଦ୍ଧ ୪୩.୫ ଡିଗ୍ରୀ ଓ ହୀରାକୁଦରେ ୪୩.୧ ଡିଗ୍ରୀ, ସୁନ୍ଦରଗଡ଼, ଭବାନୀପାଟଣା ଓ ଟିଟିଲାଗଡ଼ରେ ତାପମାତ୍ରା ୪୩.୦ ଡିଗ୍ରୀ ରହିଥିଲା। ତେବେ ଭୁବନେଶ୍ୱରର ତାପମାତ୍ରା ୪୨.୬ ଡିଗ୍ରୀ ଓ କଟକରେ ୪୧.୬ ଡିଗ୍ରୀ ରେକର୍ଡ କରାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**


ବାହାନଗା ଷ୍ଟେଶନରେ ସିବିଆଇ ଟିମ୍ ଯାଞ୍ଚ କରୁଛି।

## ଷ୍ଟେଶନମାଷ୍ଟରଙ୍କ ସମେତ ...

୨ ତାରିଖ ସକାଳେ ଆସିଷ୍ଟାଣ୍ଟ ଷ୍ଟେଶନମାଷ୍ଟରଙ୍କୁ ଏହି ତ୍ରୁଟି ବିଷୟରେ କର୍ମଚାରୀମାନେ ଅବଗତ କରାଇଥିଲେ। ଟେକ୍ନିସିଆନଙ୍କୁ ଡକାଯାଇଥିଲେ ମଧ୍ୟ ସେ ଆସିବାରେ ବିଳମ୍ୱ ହେବାରୁ ତାଙ୍କୁ ଷ୍ଟେଶନମାଷ୍ଟର ବାରମ୍ବାର ଫୋନ୍ କରିଥିଲେ। ଏପରିକି ଟ୍ରେନ୍ ଯିବ ବୋଲି ଅସ୍ଥାୟୀ ଭାବେ ଠିକ୍ କରିବାକୁ କହିଥିଲେ। ଟେକ୍ନିସିଆନ ପୂର୍ବାହ୍ନ ୧୧ଟାବେଳେ ସିଗ୍‌ନାଲ ସିଷ୍ଟମକୁ ଅସ୍ଥାୟୀ ଭାବେ ଠିକ୍ କରିଦେଇଥିଲେ। ତେବେ ଉକ୍ତ ସିଗ୍‌ନାଲ ଠିକ୍ ଭାବେ କାମ କରୁଛି କି ନାହିଁ ସେ ନେଇ ଷ୍ଟେଶନମାଷ୍ଟର ଯାଞ୍ଚ କରି ନ ଥିଲେ। ଫଳରେ ସନ୍ଧ୍ୟା ସମୟରେ ସେଥିରେ ପୁନର୍ବାର ଗଡବଡ ଦେଖାଦେଇଥିଲା, ଯେଉଁଥିପାଇଁ ଦୁର୍ଘଟଣା ଘଟିଲା ବୋଲି ସିବିଆଇ ଜାଣିବାକୁ ପାଇଥିବା ସୂଚନା ମିଳିଛି। ଏନେଇ ଦକ୍ଷିଣ-ପୂର୍ବ ରେଳପଥର ସିପିଆର୍‌ଓ ଆଦିତ୍ୟ ଚୌଧୁରୀ କହିଛନ୍ତି, ଲାଗାତାର ଭାବେ ସିବିଆଇର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଥ୍ୟ ସଂଗ୍ରହ କରୁଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀଙ୍କୁ ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ଦୁର୍ଘଟଣା ପଛରେ କାହାର ଷଡଯନ୍ତ୍ର ଥିଲା କି ଟେକ୍ନିକାଲ ସିଷ୍ଟମ୍‌ରେ ଭୁଲ୍ ଥିଲା ତାହାର ପ୍ରମାଣ ସିବିଆଇ ପାଇଯିବ।

## ରଥଯାତ୍ରାରେ ଡ୍ରୋନ...

ନିୟମ ଉଲ୍ଲଂଘନ କରି ଡ୍ରୋନ ଉଡ଼ାଇ ଆଇନଗତ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି। ତେଣୁ ରଥଯାତ୍ରାରେ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଡ୍ରୋନ ଉଡ଼ାଇବା ଉପରେ କଟକଣା ଲାଗୁ କରାଯାଇଛି। ଡ୍ରୋନ ନିୟମ ୨୦୨୧ର ନିୟମ ଅନୁଯାୟୀ ଶ୍ରୀମନ୍ଦିର ଚାରିପାଖକୁ ରେଡ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଣୁ ରୁଲ ୨୨ ଅନୁଯାୟୀ ମନ୍ଦିର ପରିସରରେ ଡ୍ରୋନ ଉଡ଼ାଣ ଅବୈଧ ଅଟେ। ତେଣୁ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ବେଆଇନ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ବୈଧ ପରିଚୟ ନମ୍ବର ବିନା କୌଣସି ଡ୍ରୋନ ଅପରେଟର ଡ୍ରୋନ ଉଡାଇବା ଠିକ୍ ନୁହେଁ। ଡ୍ରୋନ ଉଡାଇବା ସମୟରେ ଯଦି କୌଣସି ଧନ ଜୀବନ ବା ସମ୍ପତ୍ତି ନଷ୍ଟ ହୁଏ ସେଥିପାଇଁ ଡ୍ରୋନ ଅପରରେଟର ଦାୟୀ ରହିବେ। କୌଣସି ଡ୍ରୋନକୁ ଶ୍ରୀମନ୍ଦିର ତଥା ରଥ ନିକଟରେ ଉଡ଼ାଇବାକୁ ଦିଆଯିବ ନାହିଁ। ତେବେ ଡ୍ରୋନଗୁଡିକର ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ ଗୋଟିଏ ୱିଣ୍ଡୋ ସିଷ୍ଟମ ପୁରୀରେ କାର୍ଯ୍ୟ କରିବ। ଏ ନେଇ ପୋଲିସ ବିଭାଗ ପକ୍ଷରୁ ନମ୍ବର ପ୍ରଦାନ କରାଯାଇଛି। ଡ୍ରୋନ ଅପରେଟରମାନେ ପୋଲିସ କାର୍ଯ୍ୟାଳୟକୁ ଆସି ଯୋଗାଯୋଗ କରିପାରିବେ। ତେବେ ଟ୍ରାଫିକ, ଜନଗହଳି ଏବଂ ସମୁଦ୍ରକୂଳର ସୁରକ୍ଷାର ନଜର ରଖିବା ପାଇଁ ପୋଲିସ ପକ୍ଷରୁ ଉକ୍ତ ସମୟରେ ଡ୍ରୋନର ବ୍ୟବହାର କରାଯାଇପାରିବ। ଅଣ ଅନୁମୋଦିତ ଡ୍ରୋନ ବ୍ୟବହାରକାରୀଙ୍କ ଉପରେ ନଜର ରଖିବ। ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅପରପକ୍ଷେ ଡ୍ରୋନ ସମ୍ବନ୍ଧୀୟ କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ ପାଇଁ ପୋଲିସ ପକ୍ଷରୁ ହେଲ୍ପଲାଇନ ନମ୍ବର ୬୩୭୦୯୬୭୧୦୦ ସହିତ ଯୋଗଯୋଗ କରିବା ପାଇଁ ନମ୍ବର ଜାରି କରିଛି। ତେବେ ସମସ୍ତେ ଏ ନେଇ ପୋଲିସକୁ ସହଯୋଗ କରିବା ପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ଟଳି ପଡ଼ିଲା ହକି ...

ପ୍ଲାଟଫର୍ମ ସହ ଉପୁଡି ପଡିଥାନ୍ତା। ମାତ୍ର ତାହା ନ ହୋଇ ଷ୍ଟାଚ୍ୟୁ ପାଦତଳୁ ଭାଙ୍ଗିଛି। ଏଣୁ ମୂର୍ତ୍ତିରେ ଫାଟ, ପ୍ରାକୃତିକ ପ୍ରଭାବ ଓ ସମ୍ପୃକ୍ତ ସଂସ୍ଥାର କାର୍ଯ୍ୟକାରିତା ଉପରେ ତଦନ୍ତ କରାଯିବ। ପବନ କିମ୍ବା କାର୍ଯ୍ୟରେ ତ୍ରୁଟି ଯୋଗୁ ଏଭଳି ହୋଇଛି ତାର ତୃଣମୂଳ ସ୍ତରରେ ତଦନ୍ତ ଚାଲିଛି। ତଦନ୍ତ ପରେ କାରଣ ଜଣାପଡିବ ବୋଲି ମହାପାତ୍ର କହିଥିଲେ।

## ଓଡ଼ିଶାରୁ ବଢ଼ୁଛି ...

ସୌମ୍ୟଙ୍କ ସମେତ ନୟାଗଡ଼ ଜିଲା ଇଟାମାଟି ଥାନା ଅନ୍ତର୍ଗତ ବଡ଼ପଣ୍ଣୁସର ଗ୍ରାମର ଆଇଟିଆଇ ଶିକ୍ଷକ ପଠାଣି ସାମନ୍ତ ଲେଙ୍କା ଓ ଦଶପଲ୍ଲା ଥାନା ଅନ୍ତର୍ଗତ ପୋଇବାଡ଼ି ଗ୍ରାମର ସରୋଜ କୁମାର ନାୟକ (୨୬)ଙ୍କୁ ଗିରଫ କରିଥିଲା। ସେହିପରି ଗତ ୭ ତାରିଖରେ ୪ର୍ଥ ଅଭିଯୁକ୍ତ ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳର ପ୍ରଦ୍ୟୁମ୍ନ କୁମାର ସାହୁ (୩୨)ଙ୍କୁ ଗିରଫ କରିଥିଲା। ପ୍ରଦ୍ୟୁମ୍ନ ଜଣେ ଗ୍ରାଜୁଏଟ। ସେ ଆଇଡିଆ ଟେଲିକମ୍ କମ୍ପାନୀର ଟେରିଟୋରି ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଓ ଜିଓ ପଏଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ପରେ ସେ ବ୍ଲାକ ବକ୍ ଓ ଫାସ୍‌ଟାଗ୍ କମ୍ପାନୀରେ କାମ କରୁଛନ୍ତି। ଅଭିଯୁକ୍ତମାନେ କାଗଜପତ୍ର ଜାଲିଆତି କରି ଓଡ଼ିଶା ଲୋକଙ୍କ ନାଁରେ ସିମ୍ ଆଣିଥୁଲେ। ତାହାକୁ ବ୍ୟବହାର କରି ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାରିଂ କରୁଥିଲେ। ଏଥିରୁ ସେମାନେ ବିପୁଳ ଟଙ୍କା ପାଉଥିଲେ ବୋଲି ଜଣାପଡ଼ିଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ୫ମ ଅଭିଯୁକ୍ତ ପ୍ରୀତମ୍ ଆଇଏସ୍‌ଆଇ ଏଜେଣ୍ଟଙ୍କ ସହ ସିଧାସଳଖ ଲିଙ୍କ୍‌ରେ ଥିଲେ। ୨୦୧୭ରୁ ପ୍ରୀତମ୍ ଓ ତାଙ୍କ ସହଯୋଗୀମାନେ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଡିଜିଟାଲ ୱାଲେଟ୍, ସିମ୍ ଏବଂ ଓଟିପି ବିକ୍ରି କରୁଥିଲେ। ପ୍ରୀତମ୍ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ (ଅଲ୍ ସେଭିଂ ଏସି ଆଭେଲେବଲ୍)ର ଆଡମିନ୍ ମଧ୍ୟ ଅଛନ୍ତି। ଏଥିସହ 'ଅନଲାଇନ-ଅଫ୍‌ଲାଇନ ସେଲର୍', 'ଓଟିପି ଶପ୍-୬' ସମେତ ୧୦ଟି ଗ୍ରୁପ୍‌ର ମଧ୍ୟ ସେ ସଦସ୍ୟ ରହିଛନ୍ତି। ପ୍ରୀତମ୍ ପ୍ରତି ସିମ୍ ପିଛା ୧ ହଜାର ଏବଂ ମ୍ୟୁଲ୍ ଆକାଉଣ୍ଟ ଓ ଡିଜିଟାଲ ୱାଲେଟ୍‌କୁ ୩୦ ହଜାର ପର୍ଯ୍ୟନ୍ତ ଟଙ୍କାରେ ବିକ୍ରି କରୁଥିଲେ। ଏପରିକି ସେ ହ୍ୱାଟ୍‌ସଆପ୍ ଜରିଆରେ ଅନେକ ବିଦେଶୀଙ୍କ ସହ ଚାଟିଂ ଓ କଥା ହୋଇଥିବା ଜଣାପଡ଼ିଛି। କିଛିଦିନ ତଳେ ଜଣେ ଆଇଏସ୍‌ଆଇ ଏଜେଣ୍ଟଙ୍କଠୁ ପ୍ରୀତମ୍ ୧.୫ ଲକ୍ଷ ଟଙ୍କା ମଧ୍ୟ ଆଣିଥିଲେ। ଏସ୍‌ଟିଏଫ୍ ଯାଞ୍ଚ କରିବା ପରେ ପ୍ରୀତମ୍‌ଙ୍କ ବିଭିନ୍ନ ବ୍ୟାଙ୍କରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ଜଣାପଡ଼ିଛି। ତେଣୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିବାକୁ ଏସ୍‌ଟିଏଫ୍ ପ୍ରକ୍ରିୟା ଆରମ୍ଭ କରିଛି। ଏହି ମାମଲାରେ ଆହୁରି ଅନେକ ସମ୍ପୃକ୍ତ ଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ପ୍ରମାଣ ମିଳିଲେ ଦେଶଦ୍ରୋହ ଦଫା ମଧ୍ୟ ଲାଗିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ପାଣିଗ୍ରାହୀ କହିଛନ୍ତି।

# ୩ଦିନ ହେବ ପ୍ଲାନେଟୋରିୟମ୍ ବନ୍ଦ

**ଭୁବନେଶ୍ୱର, ୧୧।୬ (ବ୍ୟୁରୋ)**

**ସୂଚନା ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି ଦର୍ଶକ**

ପିଲାଙ୍କ ପାଇଁ ଉଭୟ ମନୋରଞ୍ଜନ ଓ ଶିକ୍ଷାର ଏକ ପ୍ରମୁଖ ମାଧ୍ୟମ ହେଉଛି ପ୍ଲାନେଟୋରିୟମ୍। ମହାକାଶ, ଗ୍ରହ, ନକ୍ଷତ୍ର ଆଦି ବିଭିନ୍ନ ମହାଜାଗତିକ ତଥ୍ୟ ଉପରେ ଜ୍ଞାନ ଲାଭ କରିବା ପାଇଁ ପ୍ରତିଦିନ ଶହ ଶହ ଛାତ୍ରୀଛାତ୍ର, ବୟସ୍କ ବ୍ୟକ୍ତି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌କୁ ଆସିଥାନ୍ତି। ମାତ୍ର ଗତ ୩ଦିନ ହେବ ପ୍ଲାନେଟୋରିୟମ୍‌ର ମେଶିନ ଖରାପ ଥିବାରୁ ଏହାକୁ ବନ୍ଦ ରଖାଯାଇଛି। ତେବେ ପ୍ଲାନେଟୋରିୟମ୍ ବନ୍ଦ ହେବା ନେଇ କୌଣସି ସୂଚନା ନ ଥିବାରୁ ଲୋକମାନେ ଏଠାକୁ ଆସି ଅସନ୍ତୋଷର ସହ ଫେରୁଥିବା ଦେଖିବାକୁ ମିଳୁଛି। ଖରାଛୁଟି ଚାଲିଥିବାରୁ ଏହି ସମୟରେ ପ୍ଲାନେଟୋରିୟମ୍‌ରେ ଭିଡ଼ ରହିଥାଏ। ବିଶେଷକରି ଛାତ୍ରୀଛାତ୍ରମାନେ ଏଠାକୁ ଅଧିକ ଆସନ୍ତି। ମାତ୍ର ଏବେ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଅପରପକ୍ଷେ ସମଗ୍ର ରାଜ୍ୟରେ ଏବେ ତାତି ଓ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଥିବାବେଳେ ବିଶେଷକରି ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରୁ ଏଠାକୁ ଛାତ୍ରୀଛାତ୍ରମାନେ ଶୋ' ଦେଖିବାକୁ ଆସୁଛନ୍ତି। ଦିନକ ପରେ ରଜ ପର୍ବ ଆରମ୍ଭ ହେଉଛି। ଗତବର୍ଷ ରଜ ସମୟରେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସର୍ବାଧିକ ଆୟ କରି ରେକର୍ଡ କରିଥିଲା। ମାତ୍ର ଏଥର ରେକର୍ଡ କରିବା ଦୂରର କଥା ରଜ ବେଳକୁ ପ୍ଲାନେଟୋରିୟମ୍ ଖୋଲି ପାରୁଛି କି ନାହିଁ ତାହା ସନ୍ଦେହ। ଏନେଇ ପ୍ଲାନେଟୋରିୟମ୍‌ର ଟେକ୍ନିସିଆନ୍ ସୁଶାନ୍ତ କୁମାର ବାନରା କହିଛନ୍ତି, ମେଶିନ୍‌ରେ କିଛି ସମସ୍ୟା ଥିବାରୁ ଏବେ ପ୍ଲାନେଟୋରିୟମ୍ ବନ୍ଦ ରହିଛି। ମୁମ୍ବାଇରୁ ଜଣେ ଟେକ୍ନିସିଆନ୍‌ଙ୍କୁ ଡକାଯାଇଛି। ସେ ବୁଧବାର ସକାଳେ ଭୁବନେଶ୍ୱରରେ ପହଞ୍ଚିବେ। ଯଦି ସେହିଦିନ ମେଶିନ ସଜଡା ସରିବ ତେବେ ଉପରବେଳା ଆମେ ଶୋ' ଆରମ୍ଭ କରିବୁ। ହଠାତ୍ ମେଶିନ ଖରାପ ହେବାରୁ ପ୍ରଥମଦିନ ବହୁତ ଲୋକ ଭିତରକୁ ଆସି ମଧ୍ୟ ଫେରିଯାଇଥିଲେ। ମାତ୍ର ଗେଟ୍ ପାଖରେ ଆମେ ନୋଟିସ୍ ଲଗାଇଛୁ। ଖୁବ୍‌ଶୀଘ୍ର ପୁଣିଥରେ ପ୍ଲାନେଟୋରିୟମ୍‌ରେ ଶୋ' ଆରମ୍ଭ ହେବ ବୋଲି ସୁଶାନ୍ତ କହିଛନ୍ତି।

# ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷାଙ୍କ ପରଲୋକ

**ଦିଗପହଣ୍ଡି,୧୧।୬(ଡି.ଏନ.ଏ.)**


ସୁନୀତା କୁମାରୀ ସେଠୀ

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନୀତା କୁମାରୀ ସେଠୀଙ୍କ ରବିବାର ଅପରାହ୍ଣରେ ୨୭ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ଥାଲାସେମିଆ (ରକ୍ତ ଶିକୁଳି) ରୋଗରେ ପୀଡିତ ଥିଲେ। ଶୁକ୍ରବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁରସ୍ଥିତ ଏକ ଘରୋଇ କ୍ଲିନିକରେ ଭର୍ତ୍ତି ହୋଇଥିଲେ। ସୁସ୍ଥତା ଅନୁଭବ କରିବାରୁ ଘରକୁ ଫେରି ଆସିଥିଲେ। ରବିବାର ଅପରାହ୍ଣରେ ପୁଣି ଗୁରୁତର ହେବାରୁ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାମୀ କୃଷ୍ଣଚନ୍ଦ୍ର ସେଠୀ ଭର୍ତ୍ତି କରାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ବିଡିଓ ଡ. ଚିତ୍ତରଞ୍ଜନ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ କେ. ହରିବନ୍ଧୁ ରେଡ୍ଡୀ, ପୂର୍ବତନ ବ୍ଲକ ବିଜେଡି ସଭାପତି ଉଦୟନାଥ ସ୍ୱାଇଁ, ପୂର୍ବତନ ନଗର ବିଜେଡି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାଉନସିଲର ଦୀପକ କୁମାର ମିଶ୍ର, ବିଧାୟକ ପ୍ରତିନିଧି ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ରାତି ପ୍ରାୟ ୮ଟାରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଦିଗପହଣ୍ଡି ବସଷ୍ଟାଣ୍ଡ ନିକଟ ଦଳୀୟ କାର୍ଯ୍ୟାଳୟ ଏବଂ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ବହୁ ସଂଖ୍ୟକ ଦଳୀୟ ନେତୃବୃନ୍ଦ, କର୍ମୀ, ସରକାରୀ ପଦାଧିକାରୀ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଗୋକର୍ଣ୍ଣପୁର ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ସକାଳୁ କାମର ଚାପ ଏତେଦୂର ବଢ଼ିଯିବ ଯେ କଳ୍ପନା କରିହେବନି। ଅଶ୍ୱିନୀ ନକ୍ଷତ୍ର କାହାକୁ ହେଲେ ବିରକ୍ତିଭରା କଥା କହିବା ଠିକ୍ ହେବ ନାହିଁ। ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଆବଶ୍ୟକ ଅର୍ଥ ଜଣେ ଦକ୍ଷିଣ ଦିଗସ୍ଥ ବନ୍ଧୁଙ୍କ ନିକଟରୁ ପ୍ରାପ୍ତି ହେବ। ପରିବାରରେ ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ବୃଷ** - ଆଜି ମୃଗଶିରା ନକ୍ଷତ୍ରର ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ କଟିବ। ଯାହାକୁ ଯାହା କହିବେ, ସେ ଆଖି ପିଛୁଳାକେ କରିବା ସକାଶେ ବାହାରି ପଡ଼ିବ। କିନ୍ତୁ ନିଜ କ୍ଷେତ୍ରରେ ପାରିବାରିକ ଜୀବନର ଅକୁହା କଥାକୁ ଲୁଚାଇ ରଖି ହସି ହସି କଥା କହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା ଓ ଏଜେନ୍‌ସିପ୍ରୁ ଖୁସି ରହିବେ।

**ମିଥୁନ** - କର୍ମକ୍ଷେତ୍ରରେ କିଛିନା କିଛି ସମସ୍ୟା ପରିଲକ୍ଷିତ ହେବ। ଆରଦ୍ରା ନକ୍ଷତ୍ର ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ସଫଳତା ପାଇବେ। ପିଲାମାନଙ୍କ କଳହକୁ କେନ୍ଦ୍ର କରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଋଣ ପରିଶୋଧ କରିବାରେ ବିଳମ୍ୱଜନିତ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କର୍କଟ** - ଅନେକ ଆଶା ଓ ବିଶ୍ୱାସକୁ ନେଇ ଦିନଭରି କାମରୁ ଫୁର୍‌ସତ୍ ପାଇବେ ନାହିଁ। କୌଣସି ପରିସ୍ଥିତିର କଳ୍ପନା କରି ସାମୟିକ ଭାବାନ୍ତର ସୃଷ୍ଟି ହୋଇପାରେ। ଅବଶ୍ୟ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପୁନର୍ବସୁ ନକ୍ଷତ୍ରର ସାହିତ୍ୟ, ଗବେଷଣା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** - ଉତ୍ତରା ଫାଲଗୁନୀ ନକ୍ଷତ୍ର ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେପରି କିଛି ହେବନି। କିନ୍ତୁ ପାରିବାରିକ କଳହକୁ ନେଇ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ମାନସିକ ଅଶାନ୍ତି ଥିବା ହେତୁ ଅଫିସ୍‌ରେ ମଧ୍ୟ କୌଣସି କାମକୁ ଠିକ୍ ଭାବେ କରିପାରିବେ ନାହିଁ। ଆଜିର ଆର୍ଥିକ ସ୍ଥିତି ଭଲ ରହିବ, ତଥାପି ପରିସ୍ଥିତିକୁ ଲକ୍ଷ୍ୟ ରଖି କାମ କରିବା ଭଲ ହେବ।

**କନ୍ୟା** - ଆଜି ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି। ଅନ୍ୟମାନେ ପୂର୍ଣ୍ଣ ଭରସା କରିଥିବା କାରଣରୁ ଆପଣଙ୍କ କାର୍ଯ୍ୟ ପରିସର ବୃଦ୍ଧି ପାଇବ। ଅବଶ୍ୟ ପ୍ରତ୍ୟେକ କାମରେ ଆତ୍ମୀୟସ୍ୱଜନମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଚିତ୍ରା ନକ୍ଷତ୍ର ଆଇନ ଅଦାଲତ ତଥା ବିବାଦୀୟ କ୍ଷେତ୍ରରୁ ସୁଫଳ ପାଇବେ।

**ତୁଳା** - ନିଜ ପରିସରର ବ୍ୟକ୍ତିବିଶେଷଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ବହୁତ ଭଲ ରହିବ। ସାମାଜିକ ସ୍ତରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସ୍ୱାତୀ ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା** - ଆଜି କିଛି କହିବା ପୂର୍ବରୁ ପରିସ୍ଥିତିକୁ ନଜରରେ ରଖନ୍ତୁ। ଅନ୍ୟଥା ଆପଣଙ୍କ ପ୍ରତି ଶତ୍ରୁ ମନୋଭାବ ପୋଷଣ କରୁଥିବା ବ୍ୟକ୍ତିମାନେ କର୍ମକ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ। ଅନୁରାଧା ନକ୍ଷତ୍ରର ଅତି ଭଲ ସମ୍ପର୍କ ଲୋକଟି ଦୂରେଇ ଯାଇ ଥିବାରୁ ମନରେ ସରସତା ରହି ନ ପାରେ। ଅବହେଳିତ କେତେକ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ।

**ଧନୁ** - ପୂର୍ବାଷାଢ଼ା ନକ୍ଷତ୍ର ଛୋଟ ଛୋଟ କଥାକୁ ମନ ଭିତରେ ରଖି ଅଶାନ୍ତ ରହିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ହଇରାଣ ହେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ଆବଶ୍ୟକତା ଅନୁଭବ କରି ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ।

**ମକର** - ଆଜି ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ଭିତ୍ତିରେ ସମାଧାନ ହୋଇପାରିବ। କିନ୍ତୁ ଉତ୍ତରାଷାଢ଼ା ନକ୍ଷତ୍ରର ପ୍ରକାଶନ, ଆଇନ ଓ ପ୍ରଶାସନିକ ସ୍ତରରେ ପ୍ରତିବନ୍ଧକ ଦେଖାଦେଇପାରେ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କାମ ଭଣ୍ଡୁର କରିପାରନ୍ତି। ସାମାଜିକ ସ୍ତରରେ ପତିଆରା ବୃଦ୍ଧି ପାଇଁ ଚେଷ୍ଟିତ ହେବେ।

**କୁମ୍ଭ** - ଆଜି ସକାଳୁ ସକାଳୁ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ପୂର୍ବଭାଦ୍ରବ ନକ୍ଷତ୍ରର ବ୍ୟବସାୟିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ। ଆର୍ଥିକ ଦିଗଟି ଭଲ ହେଲେ ମଧ୍ୟ ବ୍ୟବସାୟ କ୍ଷେତ୍ରରେ ଦୁଃଶ୍ଚିନ୍ତା ବଢ଼ିଯିବ।

**ମୀନ** - କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେଲେ ମଧ୍ୟ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ। ଅଫିସିଆଲି ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପରିବାରରେ ପିଲାମାନଙ୍କ ଶୃଙ୍ଖଳା ଓ ଶିକ୍ଷା ବିଷୟ ନେଇ ଚିନ୍ତାପ୍ରକଟ କରିବେ। ରେବତୀ ନକ୍ଷତ୍ର ଜାତ ବ୍ୟକ୍ତିମାନେ ପରିସ୍ଥିତିକୁ ଲକ୍ଷ୍ୟ ରଖି କାମ କରିବା ଭଲ।

ଆଜି ଆଷାଢ଼ କୃଷ୍ଣ ନବମୀ ଯୁକ୍ତ ଦଶମୀ ସୋମବାର, ଜୁନ୍ ୧୨ ତାରିଖ, ଅନ୍ତଃରାଷ୍ଟ୍ରୀୟ ଶିଶୁ ଶ୍ରମ ନିଷେଧ ଦିବସ, ରାଶି ନକ୍ଷତ୍ର-ଦିବା ୦୧।୫୦ ପର୍ଯ୍ୟନ୍ତ ଉତ୍ତରଭାଦ୍ରବ/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ ଓ ଗୃହ ପ୍ରବେଶ ପାଇଁ ଶୁଭଦିନ। ଦିବା ଘ.୦୮।୪୧ ଗତେ, ଘ.୧୦।୨୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୬।୪୯ ମି ଗତେ, ଘ.୦୮।୨୮ ମଧ୍ୟେ ରାହୁକାଳ ॥

# ସର୍ବୋତ୍କୃଷ୍ଟ ପ୍ରଣାଳୀରେ ହେବ ତାରିଣୀ ମନ୍ଦିର ରୂପାନ୍ତରଣ

**କେନ୍ଦୁଝର/ଭଦ୍ରକ ଅଫିସ, ୧୧।୬(ସ୍ୱ.ପ୍ର./ଡି.ଏନ୍.ଏ.)**



ଘଟଗାଁଠାରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଲୋକଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରୁଛନ୍ତି।

## କେନ୍ଦୁଝର, ଭଦ୍ରକରେ ୫-ଟି ସଚିବ

- ଗୁଣ୍ଡିଚାଘାଇ, ଗୁପ୍ତଗଙ୍ଗା ସ୍ଥଳ ବିକାଶ କରାଯିବ
- ଆଗାମୀ ୫୦୦ ବର୍ଷକୁ ଆଖିରେ ରଖି ଭିତ୍ତିଭୂମି ନିର୍ମାଣ
- ମହିଳାଙ୍କ ଉନ୍ନତି ହେଲେ ରାଜ୍ୟ ଆଗକୁ ବଢ଼ିବ

୫-ଟି ସଚିବ ଭି.କେ. ପାଣ୍ଡିଆନ କେନ୍ଦୁଝର ଗସ୍ତର ରବିବାର ଦ୍ୱିତୀୟ ଦିନରେ ଘଟଗାଁ, ହରିଚନ୍ଦନପୁର, ବାଂଶପାଳ, ହାଟଡିହି, କେନ୍ଦୁଝର ଓ ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଦେଖିବା ସହ ବହୁ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ବିଭିନ୍ନ ଆଧ୍ୟାତ୍ମିକସ୍ଥଳର ଉନ୍ନତୀକରଣ ବାବଦରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମିଶନ ଶକ୍ତି ଏସ୍ଏଚ୍‌ଜି ସଦସ୍ୟ, କୃଷକ, ବୁଦ୍ଧିଜୀବୀ ଓ ବିଭିନ୍ନ ସଂଗଠନର ସଦସ୍ୟଙ୍କ ସହ ଆଲୋଚନା ସହ ଦାବିପତ୍ର ଗ୍ରହଣ କରିଛନ୍ତି। କେନ୍ଦୁଝର ଗସ୍ତ ସାରି ଅପରାହ୍ନରେ ୫-ଟି ସଚିବ ଭଦ୍ରକ ଜିଲା ଅଭିମୁଖେ ଗସ୍ତ କରିଥିଲେ। ଦୁଇଦିନିଆ ଭଦ୍ରକ ଗସ୍ତର ପ୍ରଥମ ଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କେନ୍ଦୁଝର ପୌରପାଳିକା ଅନ୍ତର୍ଗତ ସିଦ୍ଧମଠ ପରିଦର୍ଶନ କରି ପାରିପାର୍ଶ୍ୱିକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଶଙ୍କରପୁରସ୍ଥିତ ଧରଣୀଧର କ୍ରୀଡ଼ା କମ୍ପ୍ଲେକ୍ସରେ ଫୁଟବଲ, ଆର୍ଚେରୀ, ଆଥଲେଟିକ ଗ୍ରାଉଣ୍ଡ, ଇନ୍‌ଡ଼ୋର ବ୍ୟାଡ୍‌ମିଣ୍ଟନ କୋର୍ଟ ଏବଂ ଇନ୍‌ଡ଼ୋର ଜିମ୍ ପରିଦର୍ଶନ କରି କ୍ରୀଡ଼ାବିତ୍‌ଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଘଟଗାଁ ଯାଇ ମା' ତାରିଣୀଙ୍କ ଦର୍ଶନ ପରେ ମନ୍ଦିର ବିକାଶ ନିମନ୍ତେ ପରିଚାଳନା କମିଟି ଓ ଦେହୁରୀ ସେବାୟତଙ୍କ ସହ ଆଲୋଚନା କରିଥିଲେ। ମା'ଙ୍କ ପୀଠ ସର୍ବୋତ୍କୃଷ୍ଟ ପ୍ରଣାଳୀରେ ରୂପାନ୍ତରଣ ହେବ, ଯାହା ଦ୍ୱାରା ୫୦୦ରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ଉନ୍ନତୀକରଣ ଦରକାର ପଡ଼ିବ ନାହିଁ। ୬ ମାସ ମଧ୍ୟରେ ଏହାକୁ ଶେଷ କରାଯିବ ବୋଲି କହିଥିଲେ। ବାଂଶପାଳ ବ୍ଲକ୍ ଗୋନାସିକାଠାରେ ଥିବା ଏସ୍‌ସି, ଏସ୍‌ଟି ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଶିକ୍ଷାନିକେତନ ଓ ଏହା ଅନ୍ତର୍ଗତ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ହରିଚନ୍ଦନପୁର କୃଷକ ବଜାର ବୁଲି ଦେଖି କୃଷି ଉତ୍ପାଦନ ବ୍ଲକ୍ କୁସୁମଯୋଡ଼ିରେ ଥିବା ମହିଳା କ୍ଲଷ୍ଟର(ଏପିସି) କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ଚାଷୀଙ୍କୁ ପଚାରି ବୁଝିଥିଲେ। ସେହିପରି ହାଟଡିହି ବ୍ଲକ୍‌ରେ ଜଳ ବିଶୋଧନାଗାର ଓ ଆନନ୍ଦପୁରଠାରେ ନିର୍ମାଣାଧୀନ ବ୍ୟାରେଜ ସାଇଟ୍ ପରିଦର୍ଶନ କରିଥିଲେ। ପରେ ଭଦ୍ରକ ଜିଲା ଗସ୍ତ କରି ନେହେରୁ ଷ୍ଟାଡିୟମରେ ଚାଲିଥିବା ଉନ୍ନତୀକରଣ କାର୍ଯ୍ୟ ଦେଖିବା ସହ ସେଠାରେ ଆୟୋଜିତ ସଭାରେ କ୍ରୀଡ଼ାବିତ୍‌ମାନଙ୍କ ସହ କଥା ହୋଇଥିଲେ। ଭଦ୍ରକରେ କ୍ରିକେଟ ଷ୍ଟାଡିୟମ ନିର୍ମାଣ କରାଯିବା ସହ ଟେନିକଏଟ୍, ବାସ୍କେଟବଲ୍ ଖେଳ ପ୍ରତି କ୍ରୀଡ଼ାବିତ୍‌ମାନଙ୍କ ଆଗ୍ରହ ବଢ଼ିବା ବିଷୟରେ ଆଲୋଚନା କରିଥିଲେ। ସେଠାରୁ ଚରମ୍ପା ଅଗ୍ରେସନ ଭବନଠାରେ ଆୟୋଜିତ ମିଶନ ଶକ୍ତି ମହିଳା ସମାବେଶରେ ଯୋଗଦେଇ ମହିଳାମାନଙ୍କର ଉନ୍ନତି ହେଲେ ରାଜ୍ୟ ଆଗକୁ ବଢ଼ିବ ବୋଲି କହିଥିଲେ। ପରେ ଗେଲପୁରରେ ନିର୍ମିତ ମହିଳା ଓ ଶିଶୁ ବିଭାଗର ନୂତନ ମେଡିକାଲ ପରିଦର୍ଶନ ପରେ ଭଦ୍ରକ କଲେଜର ଛାତ୍ରୀଛାତ୍ରଙ୍କ ସହ ଶିକ୍ଷା ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାର ସମସ୍ତ କଲେଜ ରୂପାନ୍ତରଣ କରାଯିବ ବୋଲି ସେ କହିଥିଲେ। ପରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀନଗର ଓ ଶେଷରେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀ ପୀଠକୁ ଯାଇଥିଲେ। ମା' ଭଦ୍ରକାଳୀଙ୍କୁ ଦର୍ଶନ କରିବା ସହ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରି ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର ହେବ ବୋଲି ଘୋଷଣା କରିଛନ୍ତି।

# ସୀମାନ୍ତରେ ମାଓବାଦୀଙ୍କ ଡ୍ରୋନ୍ ବ୍ୟବହାର



ଗିରଫ ମାଓବାଦୀ ଓ ଜବତ ଡ୍ରୋନ୍।

## ସୁରକ୍ଷା କର୍ମୀଙ୍କ ବଢୁଛି ଚିନ୍ତା

**ମାଲକାନଗିରି, ୧୧।୬(ଡି.ଏନ୍.ଏ.)**

ମାଓବାଦୀଙ୍କୁ ଦମନ କରିବା ପାଇଁ ଡ୍ରୋନ୍ ମାଧ୍ୟମରେ ସୁରକ୍ଷା ବଳ ମାଓବାଦୀଙ୍କ ଉପରେ ନଜର ରଖୁଥିଲେ। ବର୍ତ୍ତମାନ ମାଓବାଦୀମାନେ ମଧ୍ୟ ଏହି ଡ୍ରୋନ୍‌ର ବ୍ୟବହାରକରି ସୁରକ୍ଷା ବଳ ଉପରେ ନଜର ରଖିବା ସହ ସେମାନଙ୍କ ସର୍ଚ୍ଚ ଅପରେଶନ ଉପରେ ମଧ୍ୟ ନଜର ରଖିବ ବୋଲି ସୂଚନା ମିଳିଛି। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି, ଛତିଶଗଡ଼ ବସ୍ତରରେ କାର୍ଯ୍ୟ କରୁଥିବା ମାଓବାଦୀ ସଙ୍ଗଠନ ନିକଟରେ ୧୦ରୁ ଅଧିକ ଡ୍ରୋନ୍ ରହିଛି। ଯେଉଁଥିରେ ସେମାନେ ସୁରକ୍ଷା ବଳ ଉପରେ ନଜର ରଖି ସେମାନଙ୍କୁ ଟାର୍ଗେଟ କରୁଛନ୍ତି। କେବଳ ଏହି ସ୍ଥାନ ନୁହେଁ, ଛତିଶଗଡ଼ ଓ ତେଲଙ୍ଗାନାର ବିଭିନ୍ନ ମାଓବାଦୀ ସଙ୍ଗଠନ ପାଖରେ ଏହି ଡ୍ରୋନ୍ ଥିବା ସୂଚନା ମିଳିଛି। ତେବେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ମାଓବାଦୀମାନେ ବ୍ୟବହାର କରୁଥିବା ଡ୍ରୋନ୍ ଅନ୍‌ଲାଇନରେ ସହଜରେ ଉପଲବ୍ଧ ହେଉଥିବାରୁ ସେମାନେ ଏହାକୁ ସହଜରେ ଆଣି ବ୍ୟାବହର କରିପାରୁଛନ୍ତି। ଡ୍ରୋନ୍ କ୍ରୟ ଏବଂ ବିକ୍ରୟ ସମ୍ବନ୍ଧୀୟ ନୀତି ସ୍ଥିର ହୋଇ ନ ଥିବାରୁ ମାଓବାଦୀମାନେ ଏହାର ଫାଇଦା ନେଉଛନ୍ତି। ତେବେ ଛତିଶଗଡ଼ର ବରିଷ୍ଠ ପୋଲିସ ଅଧିକାରୀ ମଧ୍ୟ ଏ ବିଷୟରେ ଚିନ୍ତିତ ଥିବା ଦେଖିବାକୁ ମିଳିଛି। ବିଗତ କିଛିଦିନ ପୂର୍ବରୁ ଛତିଶଗଡ଼ର ସୁକ୍‌ମା, ବିଜାପୁର ଏବଂ ନାରାୟଣପୁରରେ ସୁରକ୍ଷା ବାହିନୀ କ୍ୟାମ୍ପ ନିକଟରେ ଅନେକ ଥର ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଯେତେବେଳେ ତେଲଙ୍ଗାନାର ଚେର୍ଲା ନିକଟରେ ମାଓବାଦୀ କ୍ୟୁରିଅର ନାଗେଶ୍ୱରା ରାଓ, ମଲ୍ଲିକାର୍ଜୁନା ରାଓ ଏବଂ ପଙ୍ଗୁଲୁ ଉମାଶଙ୍କରଙ୍କୁ ପୋଲିସ ଗିରଫ କଲା, ସେତେବେଳେ ସେମାନଙ୍କଠାରୁ ଏକ ଡ୍ରୋନ୍ ମଧ୍ୟ ଜବତ କରାଯାଇଥିଲା। ଏଥିରୁ ସ୍ପଷ୍ଟ ହୋଇଛି, ମାଓବାଦୀମାନେ ବର୍ତ୍ତମାନ ସୁରକ୍ଷା ବାହିନୀକୁ ଚ୍ୟାଲେଞ୍ଜ କରିବା ପାଇଁ ଡ୍ରୋନ୍ ବ୍ୟବହାର କରୁଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ତେଲଙ୍ଗାନା ପୋଲିସ ୩ଜଣ ମାଓବାଦୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଏକ ଡ୍ରୋନ୍ ଜବତ କରାଯାଇଥିଲା।

# ୨୬୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ



**ଜଳେଶ୍ୱର, ୧୧।୬(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ୨୬୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯିବା ସହ ୨ଜଣଙ୍କୁ ପୋଲିସ ଗିରଫ କରିଛି। ଶନିବାର ବିଳମ୍ବିତ ରାତିରେ ଜଳେଶ୍ୱର ଆଇଆଇସି ସହଯୋଗୀମାନଙ୍କୁ ନେଇ ଜଳେଶ୍ୱର-ରାଜଘାଟ ରାସ୍ତାର ରାଜପୁରଠାରେ ଛକି ରହିଥିଲେ। ଏହି ସମୟରେ ବାଇକ୍ (ନଂ. ଓଆର୍୦୧ୟୁ-୨୮୭୮) ଯୋଗ ଯାଉଥିବା ୩୧ରୁ ୩୨ ବର୍ଷୀୟ ୨ ଯୁବକଙ୍କୁ ଅଟକାଇଥିଲା। ସେମାନଙ୍କଠାରୁ ବ୍ରାଉନସୁଗାର ସହ ନଗଦ ୩୧, ୨୫୦ଟଙ୍କା ଓ ୨ଟି ମୋବାଇଲ ଜବତ୍ କରାଯାଇଥିବା ଏସ୍‌ପି ସାଗରିକା ନାଥ ଜଳେଶ୍ୱର ଥାନା ପରିସରରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଘର ରାଜପୁର ଗାଁରେ ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର ସହଦେବଖୁଣ୍ଟା ଥାନାର ଅଡରବଜାର ଅଞ୍ଚଳରେ। ଅଡରବଜାରର ଏହି ଯୁବକ ଆନ୍ତଃରାଜ୍ୟ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କ ପାଖରେ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ। ସେ ମଧ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଜଳେଶ୍ୱର ଅଞ୍ଚଳରେ ବିକ୍ରି କରି ଆସୁଥିଲେ। ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ, ଆଇଆଇସି ରୋଜାଲିନବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗିରଫ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

# କୃଷି ଆଧାରିତ ଶିଳ୍ପ ତ୍ୱରାନ୍ୱିତ ହେବ

## ଇଥାନଲ ପ୍ଲାଣ୍ଟ ଅଗ୍ରଗତି କାର୍ଯ୍ୟ ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

**ବରଗଡ଼ ଅଫିସ୍, ୧୧।୬**



କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିର୍ମାଣାଧୀନ ବରଗଡ଼ ଇଥାନଲ ପ୍ଲାଣ୍ଟ ପରିଦର୍ଶନ କରୁଛନ୍ତି।

ବରଗଡ଼ ଜିଲା ଭଟଲି ବ୍ଲକ ବାଉଲସିଂହାରେ ୭୦ଏକର ପରିମିତ ଜାଗାରେ ପ୍ରାୟ ୧୬୦୭ କୋଟି ଟଙ୍କା ବ୍ୟୟରେ ବିପିସିଏଲର ନିର୍ମାଣାଧୀନ ୧ଜି ଜୈବ ଇଥାନଲ ପ୍ଲାଣ୍ଟ ଏବଂ ୨ଜି ଇଥାନଲ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର କୃଷି ଆଧାରିତ ଶିଳ୍ପ ତ୍ୱରାନ୍ୱିତ ହେବ। ୱେଷ୍ଟ ଟୁ ୱେଲ୍‌ଥକୁ ପ୍ରୋତ୍ସାହନ ଦେବ ତଥା ଏହି ପ୍ଲାଣ୍ଟ ନଡ଼ା, ବଳକା ଓ ଖରାପ ହୋଇଯାଇଥିବା ଚାଉଳରୁ ଇଥାନଲ ପ୍ରସ୍ତୁତ କରିବ। ଏହି ପ୍ଲାଣ୍ଟରୁ ଦୈନିକ ୨୦୦ କିଲୋଲିଟର ଇଥାନଲ ଉତ୍ପାଦନ ହେବ। ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର ସମେତ ଆଖପାଖ ଅଞ୍ଚଳର ଚାଷୀଙ୍କ ଆୟକୁ ବୃଦ୍ଧି କରିବାରେ ଏହି ପ୍ଲାଣ୍ଟ ସହାୟକ ହେବ। ଏହାସହ ସ୍ଥାନୀୟ ଅଞ୍ଚଳରେ ରୋଜଗାର ଓ ସ୍ୱରୋଜଗାର ସୃଷ୍ଟି କରିବ ତଥା ସ୍ୱଦେଶୀ ଜ୍ଞାନ କୌଶଳରେ ପ୍ରସ୍ତୁତ ଏହି ପ୍ଲାଣ୍ଟ ସବୁଜ ଇନ୍ଧନକୁ ପ୍ରୋତ୍ସାହନ ଦେବ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ବର୍ଷର ସୁଶାସନ ଓ ସେବାର ପୂର୍ତ୍ତି ଅବସରରେ ବିକାଶ ତୀର୍ଥ ଯାତ୍ରାରେ ଉକ୍ତ ପ୍ଲାଣ୍ଟ ପରିଦର୍ଶନ ତଥା ନିର୍ମାଣ କାର୍ଯ୍ୟର ସମୀକ୍ଷା କରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ପାଳ ବା ନଡ଼ା ଓ ବଳକା ଚାଉଳରୁ ଇଥାନଲ ପ୍ରସ୍ତୁତ କରିବା ପାଇଁ ଦେଶର ପ୍ରଥମ ୨ଜି, ୧ଜି ଇଥାନଲ ପ୍ଲାଣ୍ଟ ବରଗଡ଼ରେ ହୋଇଛି। ଏହି ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତି ଅବସରରେ ସବୁଠୁ ବଡ଼ ଯୋଗଦାନ ଏହି ଅଞ୍ଚଳ ପାଇଁ ରହିଛି। ଖୁବ୍‌ଶୀଘ୍ର ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବାର ଆଶା କରାଯାଉଛି। କେବଳ ବରଗଡ଼ ନୁହେଁ, ପଶ୍ଚିମ ଓଡ଼ିଶାର ସୋନପୁର ସମେତ ପଡ଼ୋଶୀ ଛତିଶଗଡ଼ ଏବଂ ପଶ୍ଚିମବଙ୍ଗରେ ନୂଆ ଇଥାନଲ ପ୍ଲାଣ୍ଟ ସ୍ଥାପନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିପାଇଁ ଇଥାନଲ ଇଞ୍ଜିନିୟରିଂ, ଅର୍ଥନୀତି ଏବଂ ପ୍ରଯୁକ୍ତିବିଦ୍ୟାକୁ ଧ୍ୟାନରେ ରଖି ନୂତନ ଦକ୍ଷତା ଥିବା ମାନବ ସମ୍ବଳ ସୃଷ୍ଟି କରିବାକୁ ଜିଲା ପ୍ରଶାସନ ଏବଂ ପ୍ରକଳ୍ପ ଅଧିକାରୀଙ୍କୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଅଞ୍ଚଳର ଯୁବତୀ ଯୁବକଙ୍କୁ ନୂଆ ନିଯୁକ୍ତି ସୁଯୋଗ ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଏହି ପ୍ରକଳ୍ପ ପାଇଁ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବା ନିମନ୍ତେ ଆଞ୍ଚଳିକ ସରକାରୀ ଆଇଟିଆଇ ଅନୁଷ୍ଠାନରେ ଟେକ୍ନୋଲୋଜି ଆଧାରିତ ନୂଆ ଦକ୍ଷତା ପାଠ୍ୟକ୍ରମ, ମଡ୍ୟୁଲ ପ୍ରସ୍ତୁତ କରିବା ପାଇଁ ସେ ଜିଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

ବରଗଡ଼ ଜିଲା ଏକ କୃଷିଭିତ୍ତିକ ଅଞ୍ଚଳ ଏବଂ ଧାନ, ଚାଉଳ ଜିଲା ଅର୍ଥନୀତିର ମୂଳ ଆଧାର ହୋଇଥିବାବେଳେ ଏହାକୁ ଧ୍ୟାନରେ ରଖି ମୋଦି ସରକାର ଏଠାରେ ଉକ୍ତ ପ୍ଲାଣ୍ଟ ସ୍ଥାପନ ପାଇଁ ଏକ ଐତିହାସିକ ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ବଳକା ଓ ଖରାପ ଚାଉଳରୁ ଇଥାନଲ ପ୍ରସ୍ତୁତ ହୋଇ ପେଟ୍ରୋଲ, ଡିଜେଲରେ ମିଶାଇଲେ ପ୍ରଦୂଷଣ କମିବ ଏବଂ ଚାଷୀଙ୍କ ପାଇଁ ଅର୍ଥନୈତିକ ସବଳ ହେବ। ଏଥିପାଇଁ ଗତ ୯ବର୍ଷରେ ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ଆଖୁଛେଦାରୁ ଇଥାନଲ ବାହାର କରି ପେଟ୍ରୋଲିୟମ ଉତ୍ପାଦର ୧୦ପ୍ରତିଶତ ଲକ୍ଷ୍ୟ ବହୁ ପୂର୍ବରୁ ପୂରଣ ହୋଇସାରିଛି। ଏବେ ଏହାକୁ ୨୦ ପ୍ରତିଶତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଏହି ପ୍ଲାଣ୍ଟ ପଶ୍ଚିମ ଓଡ଼ିଶାର ନୂଆ ଅଧ୍ୟାୟ ସହିତ ଯୋଡ଼ି ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଉଲ୍ଲେଖନୀୟ, ୨୦୧୮ ଅକ୍ଟୋବର ୧୦ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ଥିବା ସମୟରେ ଉକ୍ତ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ଚଳନ୍ତା ଗାଡ଼ିରେ ନିଆଁ

**ବାହାନଗା, ୧୧।୬(ଡି.ଏନ.ଏ.)**



ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ୧୬ ନମ୍ବର ଜାତୀୟ ରାଜପଥ ଉପରେ ରବିବାର ମଧ୍ୟାହ୍ନ ସମୟରେ ଏକ ଚଳନ୍ତା ଗାଡିରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଗାଡି ଭିତରେ ଥିବା ଡ୍ରାଇଭରଙ୍କ ସମେତ ୩ଜଣ ଡୋର କାଚ ଭାଙ୍ଗି ବାହାରି ଆସିବାରୁ ରକ୍ଷା ପାଇଯାଇଛନ୍ତି। ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏହି ସ୍କର୍ପିଓରେ ହଠାତ୍ ସର୍ଟସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ନିଆଁ ମାଡିଯାଇ କିଛିକ୍ଷଣ ମଧ୍ୟରେ ହୁତୁ ହୁତୁ ହୋଇ ଜଳିଉଠିଥିଲା। ଖବରପାଇ ଷଠୀ ଅଗ୍ନିଶମ ଓ ନୀଳଗିରି ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ସ୍କର୍ପିଓ ପୋଡି ପାଉଁଶ ହୋଇଯାଇଥିଲା। ଖନ୍ତାପଡା ଥାନା ପୋଲିସ୍ ପହଞ୍ଚି ରାସ୍ତା ମଝିରୁ ପୋଡା ଗାଡିକୁ ହଟାଇ ଥାନାକୁ ନେଇଥିଲା।

**JEWELS INTERNATIONAL**
**CHETANA COLLEGE OF SPECIAL EDUCATION**
(Recognized by SSEPD Department, Govt. of Odisha,
Approved by Rehabilitation Council of India)
Affiliated to Utkal University
A/3, Institutional Area, Near Hotel Swosti Premium
PO - R.R.L. Campus, Bhubaneswar-751013
Contact : 9437126187, 9437265920, 7008282918
E-mail : chetanacollege@yahoo.co.in
Website: http://www.chetana-jewelsinternational.org
Applications are invited for admission in to D.Ed.,B.Ed. & M.Ed. Special Education (IDD, ID) and M.A in Applied Psychology for the Academic Session 2023-2025. Last date for receiving application is 26.06.2023. Last date may change as per notification received from concerned Recognized body. The Prospectus and Application form is available at the College office and above mentioned website.
**Principal**

# କୋଇଲା ବୋଝେଇ ଟ୍ରେନ୍ ୱାଗନ୍‌ରେ ନିଆଁ




କୋଇଲା ବୋଝେଇ ଟ୍ରେନ୍ ୱାଗନ୍‌ରେ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

**ଖୁଣ୍ଟୁଣୀ, ୧୧।୬(ଡି.ଏନ୍.ଏ.)**

କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକିଶୋରପୁର ରେଳ ଷ୍ଟେଶନରେ ଏକ କୋଇଲା ବୋଝେଇ ଟ୍ରେନ୍‌ର ଗୋଟିଏ ୱାଗନରେ ନିଆଁ ଲାଗିଯାଇଥିଲା। ଖବରପାଇ ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଏମ୍‌ଡିବି କେଏଲ-୩ ନମ୍ବର ବିଶିଷ୍ଟ ଏକ କୋଇଲା ବୋଝେଇ ଟ୍ରେନ୍ ତାଳଚେରରୁ କୋଇଲା ନେଇ ଶନିବାର ରାତି ୮ଟାରେ ରାଧାକିଶୋରପୁର ଷ୍ଟେଶନରେ ଅଟକି ରହିଥିଲା। ରାତି ପ୍ରାୟ ୩ଟାରେ ଉକ୍ତ ଟ୍ରେନ୍‌ର ୩୦୪୪୨ ନଂ. ୱାଗନରେ ଧୂଆଁ ବାହାରୁଥିବା କାର୍ଯ୍ୟରତ ଆରପିଏଫ୍ ଦେଖି ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଷ୍ଟେଶନ ମ୍ୟାନେଜର ଏସ୍.କେ. ନସ୍କର ଏ ସମ୍ପର୍କରେ ଆଠଗଡ଼ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ରବିବାର ସକାଳେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ମଧ୍ୟାହ୍ନରେ ଏହି ଟ୍ରେନ୍ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଏଥିରେ ବିଶେଷ କ୍ଷତି ଘଟି ନ ଥିବା ଷ୍ଟେଶନ ମ୍ୟାନେଜର କହିଛନ୍ତି।

यूनियन बैंक ऑफ इंडिया Union Bank of India
आन्ध्र Andhra | कार्पोरेशन Corporation

**ଆସେଟ୍ ରିକଭରି ଶାଖା, କଟକ**
ସା: ବିଏମ୍‌ସି ଭବାନୀ ଏନ୍‌କ୍ଲେଭ, ବ୍ଲକ-୪, ଉଇଙ୍ଗ-୩, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍: ୯୫୨୨୨୨୧୧୧୨

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-IV-A [(ରୁଲ୍ ୮(୬) ପ୍ରଦତ୍ତ ନିୟମ ଦ୍ରଷ୍ଟବ୍ୟ)] ସ୍ଥାବର ସମ୍ପତ୍ତି ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆସେଟ୍ ରିକଭରି ଶାଖା,** କଟକ (ପୂର୍ବରୁ ଥିବା କର୍ପୋରେସନ୍ ବ୍ୟାଙ୍କ ଏବଂ ଆନ୍ଧ୍ର ବ୍ୟାଙ୍କ ମିଶ୍ରଣ ସହ) ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି" ଭିତ୍ତିରେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆସେଟ୍ ରିକଭରି ଶାଖା,** କଟକ **ତା.୨୭.୦୬.୨୦୨୩ରିଖ**ରେ (ବିକ୍ରୟ ତାରିଖ) **ଇ-ନିଲାମ** ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ବକେୟା ଦେୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ରାଶି |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: (୧)ଶ୍ରୀ ସୁରେଶ ଚନ୍ଦ୍ର ସାହୁ,** ମେସର୍ସ ନର୍ଥୱେ ଇନ୍‌ଫ୍ରାଟେକ୍ ପ୍ରାଇଭେଟ୍ ଲିଃ ର ସତ୍ତ୍ୱାଧିକାରୀ, ପ୍ଲଟ ନଂ.:୫୦୩, ରସୁଲଗଡ, ଜିଜିପି କଲୋନୀ, ଭୁବନେଶ୍ୱର-୭୫୧୦୧୦, **(୨) ଶ୍ରୀମତୀ ସଙ୍ଗୀତା ନାୟକ,** ମେସର୍ସ ନର୍ଥୱେ ଇନ୍‌ଫ୍ରାଟେକ୍ ପ୍ରାଇଭେଟ୍ ଲିଃ ର ସତ୍ତ୍ୱାଧିକାରୀ, ସା/ପୋ: ଜହ୍ନା, କୋରେଇ, ଜିଲ୍ଲା: ଯାଜପୁର-୭୫୫୦୨୨, **ଜାମିନ୍‌ଦାରମାନେ: (୧)ଶ୍ରୀ ବିଶ୍ୱଜିତ୍ ନାୟକ,** ଘର ନଂ.:୩୨୪, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩, **(୨)ଶ୍ରୀମତୀ ବାସନ୍ତୀ ନାୟକ,** ୰ଲକ୍ଷ୍ମୀଧର ନାୟକଙ୍କର ଆଇନଗତ ଉତରାଧିକାରୀ, ସା/ପୋ: ଜହ୍ନା, ପାଣିକୋଇଲି, ଯାଜପୁର ରୋଡ-୭୫୫୦୨୨ **(୩)ବନଜା ନାୟକ,** ୰ଲକ୍ଷ୍ମୀଧର ନାୟକଙ୍କର ଆଇନଗତ ଉତରାଧିକାରୀ, ସା/ପୋ: ଜହ୍ନା, ପାଣିକୋଇଲି, ଯାଜପୁର ରୋଡ-୭୫୫୦୨୨ **(୪)ଶ୍ରୀ ଲଲାଟେନ୍ଦୁ ନାୟକ,** ୰ଲକ୍ଷ୍ମୀଧର ନାୟକଙ୍କର ଆଇନଗତ ଉତରାଧିକାରୀ, ସା/ପୋ: ଜହ୍ନା, ପାଣିକୋଇଲି, ଯାଜପୁର ରୋଡ-୭୫୫୦୨୨ । | **(୧)** ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.: ୭୬୮, ଖାତା ନଂ.: ୧୬୭, ଏରିଆ: ଏକର ୨.୦୮୩ ଡିସିମିଲି, ମୌଜା: ସାନପାଟୋଳି, ତହସିଲି: ବ୍ୟାସନଗର, ଯାଜପୁର ରୋଡ, ଏସ୍ଆରଓ: ଡୋଲିପୁର, ଜିଲ୍ଲା: ଯାଜପୁର **(୨)** ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.: ୭୭୮, ଖାତା ନଂ.: ୧୯୭/୯୯, ଏରିଆ: ଏକର ୦.୮୫ ଡିସିମିଲି, ମୌଜା: ସାନପାଟୋଳି, ତହସିଲି: ବ୍ୟାସନଗର, ଯାଜପୁର ରୋଡ, ଏସ୍ଆରଓ: ଡୋଲିପୁର, ଜିଲ୍ଲା: ଯାଜପୁର **(୩)** ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.: ୭୭୫, ଖାତା ନଂ.: ୧୬୬, ଏରିଆ: ଏକର ୦.୩୩୪ ଡିସିମିଲି, ମୌଜା: ସାନପାଟୋଳି, ତହସିଲି: ବ୍ୟାସନଗର, ଯାଜପୁର ରୋଡ, ଏସ୍ଆରଓ: ଡୋଲିପୁର, ଜିଲ୍ଲା: ଯାଜପୁର । | ୩୧.୦୩.୨୦୨୨ ସୁଦ୍ଧା **ଟ.୯,୭୧,୩୭,୧୫୫.୨୪** + ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଦେୟ | ଟ.୭,୯୫,୦୦,୦୦୦/- / ଟ.୭୯,୫୦,୦୦୦/- / ଟ.୧୦,୦୦୦/- |
| | ଡିମାଣ୍ଡ ନୋଟିସ୍ ତାରିଖ: ୧୪.୦୯.୨୦୨୦, ଦଖଲ ନୋଟିସ୍ ତାରିଖ: ୦୬.୦୩.୨୦୨୧, ଦଖଲ ର ପ୍ରକାର: ଭୌତିକ | | | |

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୦୬.୨୦୨୩ରିଖ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୫ ଘଟିକା**
(ସ୍ୱୟଂକ୍ରିୟ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ)

**ଅମାନତ ରାଶି ଦାଖଲ ସହିତ ବିଡ୍ ନିମନ୍ତେ ଅନ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: ଇ-ନିଲାମ ପୂର୍ବରୁ**

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ: ତା.୨୬.୦୬.୨୦୨୩**

**ସମ୍ପତ୍ତି ଉପରେ ଏନକମ୍ବ୍ରାନ୍‌ସେସ୍ ଯଦି ଥାଏ : ନାହିଁ**

ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ବ୍ୟାଙ୍କ ପ୍ରଦତ୍ତ ୱେବସାଇଟ: **www.unionbankofindia.co.in** ଏବଂ ୱେବସାଇଟ୍: **https://www.mstcecommerce.com** E-mail ID of Auction Agency ସେବା ପ୍ରଦାନକାରୀଙ୍କ ୱେବସାଇଟ୍: **ibapiop@mstcecommerce.com** ମାଧ୍ୟମରେ ଦେଖିପାରିବେ ।

ଏହି ବିକ୍ରୟ ନୋଟିସ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍୮(୬)/୯(୧)ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ୮(୬)/ରୁଲ୍୯(୧)ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଏହା ଏକ ନୋଟିସ୍ କି ଉପର ଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୦୬.୨୦୨୩** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। **-ଶ୍ରୀମା**

# ମଣିପୁର ବିପଦ

ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଜାତିଆଣ ହିଂସା ପୁଣି ଉଗ୍ର ହେବାରେ ଲାଗିଲାଣି। ମେ ୨୦୨୩ ପ୍ରାରମ୍ଭରୁ ଏହା ବ୍ୟାପକ ରୂପ ଧାରଣ କରିବା ପରେ କିଛି ସମୟ ଥମି ଯାଇଥିଲା। ଜୁନ୍ ପ୍ରଥମ ସପ୍ତାହରେ ସଦ୍ୟ ହିଂସାକାଣ୍ଡ ନିଆଁରେ ଘିଅ ଢାଳିବାରେ ଲାଗିଛି। ପ୍ରଥମେ କୁହାଯାଉଥିଲା ହିନ୍ଦୁ ମେଇତି ସମ୍ପ୍ରଦାୟକୁ ହାଇକୋର୍ଟ ଆଦିବାସୀ ମାନ୍ୟତା ସୁପାରିସ ସଂକ୍ରାନ୍ତ ଆଦେଶ ଦେବା ପରେ ଏହାକୁ ବିରୋଧ କରି ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ନାଗା ଓ କୁକି ସମ୍ପ୍ରଦାୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନଙ୍କ ଅଧିକାରକୁ ସଂଖ୍ୟାଗରିଷ୍ଠମାନେ ଛଡ଼ାଇ ନେଉଥିବା ଆଦିବାସୀମାନେ ଅଭିଯୋଗ କରିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଘୋର ହିଂସା ଉପୁଜିଥିଲା। ଏବେ ଜଣାପଡୁଛି ଚାକିରିରୁ ବଞ୍ଚିତ ହେବା ମେଇତିମାନଙ୍କ ପାଇଁ କେବଳ ଏକ ପ୍ରସଙ୍ଗ ନୁହେଁ, ଜମି ବିବାଦ ଅଧିକ ଗୁରୁତ୍ୱ ରଖିଲାଣି। ମଣିପୁରର ଜନସଂଖ୍ୟା ଦେଖିଲେ ମେଇତିମାନଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୨ ପ୍ରତିଶତ। ଅନ୍ୟପକ୍ଷରେ ବାକି ଜନସଂଖ୍ୟାରେ କୁକି ଓ ନାଗାଙ୍କ ଭଳି ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି। ମେଇତିମାନେ ମୁଖ୍ୟତଃ ଇମ୍ଫାଲ ଉପତ୍ୟକା(ଭ୍ୟାଲି)ରେ ରହୁଥିବା ବେଳେ ଏହି ଆଦିବାସୀମାନେ ପାହାଡ଼ିଆ ଅଞ୍ଚଳରେ ବସବାସ କରିଥାଆନ୍ତି। ମଣିପୁରରେ ୩୫ରୁ ଊର୍ଦ୍ଧ୍ୱ ସମ୍ପ୍ରଦାୟ ଉପତ୍ୟକା ଓ ପାହାଡ଼ିଆ ଅଞ୍ଚଳରେ ରହୁଛନ୍ତି। ମେଇତିମାନଙ୍କ ସଂଖ୍ୟା ଅଧିକ ହୋଇଥିଲେ ମଧ୍ୟ ସେମାନେ ରାଜ୍ୟର ୧୦ ପ୍ରତିଶତ ଭୌଗୋଳିକ ଅଞ୍ଚଳ ବିଶେଷକରି ଇମ୍ଫାଲ ଉପତ୍ୟକାରେ ରହୁଛନ୍ତି। ଅନ୍ୟପକ୍ଷରେ କୁକି ଓ ନାଗାମାନେ ସଂରକ୍ଷିତ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ଆଦିମ ଯୁଗରୁ ଅଛନ୍ତି। ତେଣୁ ସେମାନଙ୍କୁ ସଂରକ୍ଷିତ ଜଙ୍ଗଲରୁ ହଟାଇବା ପାଇଁ ସେଠାକାର ଭାଜପା ପରିଚାଳିତ ସରକାର ଉଦ୍ୟମ କରିଛି। ଏମିତି ଦେଖିଲେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ମେଇତି ସମ୍ପ୍ରଦାୟର। ତେଣୁ ସଂଖ୍ୟାଗରିଷ୍ଠଙ୍କ ପ୍ରତି ସେ ଢଳୁଛନ୍ତି ବୋଲି ଆଦିବାସୀମାନେ ଅଭିଯୋଗ କରୁଛନ୍ତି। ମେଇତିମାନେ ଥରେ ଆଦିବାସୀ ତାଲିକାରେ ସାମିଲ ହୋଇଗଲେ ସେମାନେ ଅନେକ ସରକାରୀ ସୁବିଧା ସହ ପାହାଡ଼ିଆ ଅଞ୍ଚଳରେ ଜମି ହାତେଇବା ଅଧିକାର ମଧ୍ୟ ପାଇଯିବେ।

**ମଣିପୁର ଘଟଣାରେ ଏହି ସମୟରେ କେନ୍ଦ୍ର ସମ୍ପୂର୍ଣ୍ଣ ଭାବେ ହସ୍ତକ୍ଷେପ କରି ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ବିଶ୍ୱାସର ସଙ୍କଟକୁ ଦୂର କରିବା ଦରକାର। କାହା ପ୍ରତି ଢଳି ଅବାସ୍ତବ ନିଷ୍ପତ୍ତି ନିଆଗଲେ ଆଗାମୀ ଦିନରେ ମଣିପୁରରେ ବିଚ୍ଛିନ୍ନତାବାଦୀଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ସୃଷ୍ଟି ହେବା ସହିତ ଏକ ଦୁର୍ବଳ ଅଞ୍ଚଳକୁ ବିପଦ ଡାକିଆଣିବ।**

ମଣିପୁର ହିଂସାରେ ଅଦ୍ୟାବଧି ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଉଥିଲେ ମଧ୍ୟ ବେସରକାରୀ ହିସାବ ବହୁ ଅଧିକ ରହୁଛି। ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଣିପୁର ଗସ୍ତ କରି ଫେରିଛନ୍ତି। କିନ୍ତୁ ଯେତେବେଳେ ମଣିପୁର ଜଳୁଥିଲା ସେତେବେଳେ ସ୍ୱରାଷ୍ଟ୍ରଠାରୁ ଆରମ୍ଭକରି ଅନ୍ୟ କେନ୍ଦ୍ରୀୟ ମନ୍ତ୍ରୀମାନେ କର୍ଣାଟକ ବିଧାନସଭା ନିର୍ବାଚନ ପ୍ରଚାରରେ ମାତିଥିଲେ। ସମ୍ଭବତଃ ଏହି ଅଶାନ୍ତର ଆରମ୍ଭରେ କେନ୍ଦ୍ର ସ୍ତରରୁ କଠୋର ପଦକ୍ଷେପ ନିଆଯାଇଥିଲେ ହିଂସା ଏତେ ବ୍ୟାପି ନ ଥାଆନ୍ତା। ସମସ୍ତେ ଜାଣନ୍ତି ଯେ, ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ବାସ କରୁଥିବା ଲୋକମାନେ ଭାରତ ଭିତରେ ଥିଲେ ମଧ୍ୟ ସେମାନେ ନିଜକୁ ଅଲଗା ଭୂଖଣ୍ଡରେ ରହିବା ଭଳି ମନେକରନ୍ତି। କାରଣ ବର୍ଷବର୍ଷ ଧରି ଅନ୍ତର୍ଘାତୀମୂଳକ କାର୍ଯ୍ୟ ଓ ହିଂସା ଦ୍ୱାରା ଏହି ଅଞ୍ଚଳ ପେଷି ହୋଇରହିଛି। ଏଥିସହିତ ଏଠାରେ ସଶସ୍ତ୍ର ସେନା ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍ଏସ୍‌ପିଏ) ଦୀର୍ଘ ସମୟ ଧରି ବଳବତ୍ତର ରହୁଥିବାରୁ ଭାରତୀୟ ସୈନିକମାନେ ଅନେକ ଅତ୍ୟାଚାର କରନ୍ତି ବୋଲି ଇରୋମ ଚାନୁ ଶର୍ମିଳାଙ୍କ ୧୬ ବର୍ଷର ଅନଶନରୁ ଦେଶବାସୀ ଜାଣିଲେ। ଏବେ ସେହି ସ୍ଥିତିରେ କୌଣସି ସୁଧାର ଆସି ନାହିଁ ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି।

କୁହାଯାଇଥାଏ, ଆଦିବାସୀ ପ୍ରକୃତି କୋଳରେ ବାସ କରିବାକୁ ଭଲ ପାଇଥାଆନ୍ତି। କିନ୍ତୁ ଧୀରେ ଧୀରେ ରାଜନୈତିକ ଓ ପ୍ରଶାସନିକ ହସ୍ତକ୍ଷେପ ସେମାନଙ୍କ ଜୀବନ ଧାରଣରେ ବାଧା ସୃଷ୍ଟି କରିଚାଲିଛି। ମଣିପୁର କଥା ଦେଖିଲେ ୬୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୧୦ ଜଣ ବିଧାୟକ କୁକି ସମ୍ପ୍ରଦାୟରୁ ଅଛନ୍ତି। ଏମାନେ ଏନ୍. ବୀରେନ୍ ସିଂଙ୍କ ମିଳିତ ସରକାରକୁ ସମର୍ଥନ କରୁଥିବା ସତ୍ତ୍ୱେ ଏବେକା ସ୍ଥିତିରେ ସରକାରଙ୍କୁ ବିରୋଧ କଲେଣି। ଏଥିରୁ ବୁଝିବାକୁ ହେବ ଯେ, ଉଚ୍ଚ ଜାତିର ମେଇତିମାନେ କେବଳ ସେମାନଙ୍କ ସ୍ୱାର୍ଥ ସାଧନ କରିବା ଲାଗି କଳ ବଳ କୌଶଳ ଲଗାଇ ଦେଇଛନ୍ତି। ଏଭଳି ସମୟରେ କେନ୍ଦ୍ର ସମ୍ପୂର୍ଣ୍ଣ ଭାବେ ହସ୍ତକ୍ଷେପ କରି ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ବିଶ୍ୱାସର ସଙ୍କଟକୁ ଦୂର କରିବା ଦରକାର। କାହା ପ୍ରତି ଢଳି ଅବାସ୍ତବ ନିଷ୍ପତ୍ତି ନିଆଗଲେ ଆଗାମୀ ଦିନରେ ମଣିପୁରରେ ବିଚ୍ଛିନ୍ନତାବାଦୀଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ସୃଷ୍ଟି ହେବା ସହିତ ଏକ ଦୁର୍ବଳ ଅଞ୍ଚଳକୁ ବିପଦ ଡାକିଆଣିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | 2 | | 1 | |
| | | 9 | 6 | | | | | |
| 8 | | | | | 7 | | | 6 |
| | | | 4 | 5 | | 2 | | |
| | | | | 8 | | | | 1 |
| | | | | | 3 | | 5 | 9 |
| | 5 | 7 | | 4 | | 1 | | |
| | 3 | | 2 | | | | 4 | |
| | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 2 | 6 | 1 | 8 | 7 | 9 | 5 |
| 6 | 1 | 9 | 5 | 7 | 3 | 2 | 8 | 4 |
| 8 | 5 | 7 | 2 | 4 | 9 | 3 | 1 | 6 |
| 9 | 8 | 3 | 4 | 5 | 2 | 6 | 7 | 1 |
| 2 | 7 | 5 | 8 | 6 | 1 | 4 | 3 | 9 |
| 1 | 4 | 6 | 3 | 9 | 7 | 8 | 5 | 2 |
| 7 | 9 | 4 | 1 | 3 | 6 | 5 | 2 | 8 |
| 3 | 6 | 8 | 9 | 2 | 5 | 1 | 4 | 7 |
| 5 | 2 | 1 | 7 | 8 | 4 | 9 | 6 | 3 |

ଗତକାଲିର ଉତ୍ତର

# ଦୋମୁହାଁ ନୀତି ଦେବାଳିଆ ମତି



ଅକ୍ଷୟ କୁମାର ମିଶ୍ର

ଅନିଚ୍ଛାକୃତ ଭୁଲ୍ ସଂଶୋଧନ ହେବାର ସମ୍ଭାବନା ଥାଏ। ଇଚ୍ଛାକୃତ ଭୁଲ୍ ତ ଯୋଜନାବଦ୍ଧ ଭାବେ ହୋଇଥାଏ। ସେଠାରେ ସୁଧାରିବା କଥା ଉଠୁଛି କେଉଁଠି ? ସୈତାନର ବେଦପାଠ ଯେମିତି ଛଳନାପୂର୍ଣ୍ଣ ଜାଣି ଜାଣି ଭୁଲ୍ କରିବା ସେମିତି ଅଭିସନ୍ଧିମୂଳକ। ସମ୍ପ୍ରତି ଆମ ଦେଶର ରାଜନୀତି ସେହି ରାସ୍ତାରେ। କଥାରେ କଥାରେ ନୀତି ଆଦର୍ଶ। ଭାଷଣରେ ଗାନ୍ଧୀ, ଗୋପବନ୍ଧୁ। କିନ୍ତୁ କାମରେ ସମ୍ପୂର୍ଣ୍ଣ ବିପରୀତ। ଧର୍ମ କଥା ଉଠିଲେ ସଭିଏଁ କହୁଛନ୍ତି ଧର୍ମକୁ ନେଇ ରାଜନୀତି ଆଦୌ ସ୍ପୃହଣୀୟ ନୁହେଁ। ଏହା ସାମ୍ପ୍ରଦାୟିକ ସଦ୍‌ଭାବନା, ସହନଶୀଳତାକୁ ଧ୍ୱଂସ କରିବ, ଭିନ୍ନତା ମଧ୍ୟରେ ଏକତାର ମନ୍ତ୍ରରେ ଥିବା ମହତ୍ତ୍ୱ ଲୋପ ପାଇବ। ହିଂସା ବୃଦ୍ଧି ପାଇବ। ଦଙ୍ଗା ହେବ। ଏହାକୁ ବାରଣ କରିବ ବା କିଏ ? କିନ୍ତୁ କାର୍ଯ୍ୟତଃ ଏହା ପ୍ରତୀୟମାନ ହୁଏନାହିଁ। ଏହା ଦେଖି ଦେଖି ସମସ୍ତଙ୍କର ଦେହସୁହା ହୋଇଗଲାଣି। ଶେଷରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଧର୍ମକୁ ନେଇ ରାଜନୀତି କରାଯାଇ ପାରିବନାହିଁ ବୋଲି କହିଲେ। ଅର୍ଥାତ୍ ଧର୍ମକୁ ନେଇ ରାଜନୀତି ହେଉଛି ବୋଲି ସୁପ୍ରିମ୍‌କୋର୍ଟ ହୃଦୟଙ୍ଗମ କରିଛନ୍ତି। କିଛି ତଥ୍ୟ ପ୍ରମାଣ ମଧ୍ୟ ପାଇଛନ୍ତି ନିଶ୍ଚୟ। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କହିଲେ ନାହିଁ କିଏ ଅବା କେଉଁ ରାଜନୈତିକ ଦଳ ଧର୍ମକୁ ନେଇ ରାଜନୀତି କରୁଛି ବୋଲି। ତେବେ କ'ଣ ବୁଝିନେବାକୁ ହେବ ସବୁ ରାଜନୈତିକ ଦଳ ଧର୍ମକୁ ନେଇ ରାଜନୀତି କରୁଛନ୍ତି ? ହଁ, ଏ କଥା କୁହାଯିବନି ବା କାହିଁକି ? କିଏ ସଂଖ୍ୟାଗରିଷ୍ଠଙ୍କ ଧର୍ମୀୟ ଭାବାବେଗ ଓ ଭାବନାକୁ ନେଇ ରାଜନୀତି କରୁଛନ୍ତି ନିଜ ଭୋଟ୍ ବ୍ୟାଙ୍କର ବୃଦ୍ଧି ସକାଶେ। କିଏ ପୁଣି ସଂଖ୍ୟାଲଘୁଙ୍କ ସୁରକ୍ଷା ନାମରେ ଅଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରୁଛନ୍ତି।

ଏପର୍ଯ୍ୟନ୍ତ ଦେଶରେ କିମ୍ବା ବିଶ୍ୱରେ ଯେତେ ରକ୍ତପାତ ହୋଇଛି ଅର୍ଦ୍ଧାଧିକ ହେଉଛି ଧର୍ମଜନିତ। ପୁଣି ଧର୍ମଜନିତ ସମସ୍ତ ରକ୍ତକ୍ଷୟୀ ଦୁର୍ଘଟଣାରେ ରାଜନୈତିକ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ସମ୍ପୃକ୍ତି ଅଛି ବୋଲି ଅଭିଯୋଗ ହେଉଛି। ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଯେତେ ଦଙ୍ଗା ହୋଇଛି ସବୁଥିରେ କେଉଁମାନଙ୍କର ହାତ ଥିଲା ବା ବର୍ତ୍ତମାନ ଯାହା ଘଟୁଛି ସେଥିରେ କାହାର ହାତ ଅଛି କାହାକୁ ଅଛପା ନାହିଁ। ଐତିହ୍ୟ ରକ୍ଷା ନାମରେ ସରକାର ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ପାଇଁ ଆଖିବୁଜା ଅର୍ଥବ୍ୟୟ କରୁଛନ୍ତି। ଅବଶ୍ୟ ଅତୀତର କୀର୍ତ୍ତିରାଜିକୁ ସାଇତିରଖିବା ସର୍ବାଦୌ ଗ୍ରହଣୀୟ। କିନ୍ତୁ ନୂତନ ଧର୍ମାନୁଷ୍ଠାନ ନିର୍ମାଣ ପାଇଁ ଏତେ ବ୍ୟଗ୍ର କାହିଁକି? କାହିଁକି ଲୋକପ୍ରତିନିଧିମାନେ ଏ ବେଳକୁ ଅଣ୍ଟାଭିଡ଼ି ଲାଗିପଡୁଛନ୍ତି ? ଏ କଥା ଉଠିଲେ ଉତ୍ତର ଆସିବ ଏହା ମୋର ବ୍ୟକ୍ତିଗତ ସ୍ୱାଧୀନତା। ମୋର ନିଜସ୍ୱ ରୁଚି। ରାଜନୀତି କଲି ବୋଲି କ'ଣ ନିଜ ଧର୍ମକୁ ଭୁଲିଯିବି? ଦେଶସେବା କଲି ବୋଲି କ'ଣ ନିଜ ଧର୍ମ ଛାଡ଼ିଦେବି? ନିଜ କୁଳ ଦେବତାଙ୍କୁ ଅପମାନ ଦେବି? ଖାଲି କ'ଣ ଏତିକି? ଦେଶରେ ଯେତେ ସରକାରୀ ଅଫିସ, ଥାନା, ଡାକ୍ତରଖାନା ଅଛି ସବୁଠି ଏକ ନିର୍ଦ୍ଦିଷ୍ଟ ଧର୍ମର ଦେବଦେବୀଙ୍କ ମୂର୍ତ୍ତି ପୂଜା ପାଉଥିବା ଦେଖିବାକୁ ପାଇବା। ଯଦିଓ ସେଠାରେ ସବୁ ଧର୍ମାବଲମ୍ବୀ ଲୋକ କାମ କରନ୍ତି ଏବଂ କାମ ପାଇଁ ଯାତାୟାତ କରନ୍ତି। ଦେଶରେ ଯେତେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଅଛି ସେଠାରେ ମଧ୍ୟ ସମାନ ଦୃଶ୍ୟ। ଆଉ କିଛି ଶିକ୍ଷାନୁଷ୍ଠାନ ଧର୍ମ ଆଧାରରେ ସୃଷ୍ଟି। ପୁଣି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପିଲା ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ସେମାନଙ୍କର ପାଠ୍ୟଖସଡ଼ା ମଧ୍ୟ ଅଲଗା। ଏ ସବୁ ବିଚିତ୍ର ନୀତିନିୟମ ଦେଖିଲେ ମନରେ ପ୍ରଶ୍ନ ଉଠେ, ଆମ ଦେଶକୁ ଏକ ଧର୍ମନିରପେକ୍ଷ ଦେଶ କହିବାରେ ଯଥାର୍ଥ କେଉଁଠି ?



ଏବେ ବାକ୍‌ସଂଯମତା ରକ୍ଷା କରିବା ନିମନ୍ତେ ସମସ୍ତେ ଆହ୍ୱାନ ଦେଉଥିବା ଶୁଣାଯାଉଛି। ଅରୁଚିକର ମନ୍ତବ୍ୟ, ଅସାମ୍ବିଧାନିକ ଶବ୍ଦର ବ୍ୟବହାର, ଉସୁକାନି ତଥା ଉତ୍ତେଜନା ସୃଷ୍ଟି ଭାଷଣ, କାହାକୁ ବାଧିଲାଭଳି କଥା ଓ ଆକ୍ଷେପ, ବ୍ୟକ୍ତିର ଚରିତ୍ର ସଂହାର ଇତ୍ୟାଦିରୁ କ୍ଷାନ୍ତ ରହିବା ପାଇଁ ପରାମର୍ଶ ଦେବାରେ ଲାଗିପଡ଼ିଛନ୍ତି। ମନରେ ସ୍ୱତଃ ପ୍ରଶ୍ନ ଉଠେ, ଯଦି ସମସ୍ତେ ବାକ୍‌ସଂଯମତା ଉପରେ ଗୁରୁତ୍ୱ ଦେଉଛନ୍ତି ତେବେ ସଂଯମତା ରହୁନାହିଁ କାହିଁକି? କିଏ କାହାକୁ ମାଙ୍କଡ଼ମୁହାଁ ବୋଲି ଆକ୍ଷେପ କଲାଣି ତ କିଏ କାହାକୁ ପାଗଳ ବୋଲି କହି ସମାଲୋଚନା କଲାଣି। କିଏ ବୁଲ୍‌ଡୋଜର ଚଢ଼ାଇ ଜୀବନଜୀବିକା, ଘରଦ୍ୱାର ଭାଙ୍ଗି ମାଟିରେ ମିଶାଇଦେବାର ଧମକ ଦେଲାଣି ତ କିଏ ସତକୁସତ ଗାଡ଼ି ଚକାତଳେ ନିରୀହ ଜନତାଙ୍କ ଜୀବନ ନେଇ ଆତଙ୍କର ବାତାବରଣ ସୃଷ୍ଟି କଲାଣି। କିଏ କାହାର ଜନ୍ମକୁ ନେଇ କଟୁ ମନ୍ତବ୍ୟ ଦେଲାଣି ତ କିଏ କାହାର ଜାତିଗୋତ୍ର ଉପରେ ପ୍ରଶ୍ନ କଲାଣି। ଏସବୁ ପରେ ସେମାନଙ୍କ ମୁହଁରେ ମିଠାକଥାର ଆହ୍ୱାନ ଯାଦୁଆ ବିକୁଛି ଯାଦୁର ମଲମ ପରି ନୁହେଁ କି?

ଚତୁର୍ଦ୍ଦିଗରୁ ଚିତ୍କାର ଶୁଭୁଛି ଦୁର୍ନୀତି ହଟାଅ। ହେଲେ ଏହା କରୁଛି କିଏ ? ସାଧାରଣ ଜନତା କ'ଣ ଏଥିପାଇଁ ଦାୟୀ ? ହଁ, କିଛି ଲୋକଙ୍କର ଯୁକ୍ତି ସାଧାରଣ ଲୋକେ ଲାଞ୍ଚ ଦେଇ ଲାଞ୍ଚୁଆ କରିଦେଉଛନ୍ତି। ଲୋକେ ଲାଞ୍ଚ ଦେଉଛନ୍ତି ନା ଦେବାକୁ ବାଧ୍ୟ ହେଉଛନ୍ତି, ଇଏ ଏକ ଜଟିଳ ପ୍ରଶ୍ନ। ଏବେ କୁହାଗଲାଣି ଲାଞ୍ଚ ନେଉଛି ଯିଏ ଯେତିକି ଦୋଷୀ, ଦେଉଛି ଯିଏ ସେତିକି ଦୋଷୀ। ଆଚ୍ଛା ହେଲା, ଲୋକେ ଲାଞ୍ଚ ଦେଇ ଲାଞ୍ଚୁଆ କରିଦେଲେ। କୋଇଲା, ବୋଫର୍ସ, ଗୋଖାଦ୍ୟ, ଟୁ-ଜି ସ୍କେଲ୍ମ୍ ଇତ୍ୟାଦି ବଡ଼ ବଡ଼ ଦୁର୍ନୀତିପାଇଁ କ'ଣ ସାଧାରଣ ଲୋକେ ଦାୟୀ। ଯେଉଁମାନେ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଋଣ ନେଇ ବିଦେଶ ପଳାଇଛନ୍ତି ସେମାନଙ୍କ ପଛରେ କ'ଣ ସାଧାରଣ ଲୋକଙ୍କ ହାତ ଅଛି ନା ରାଜନୈତିକ ପୃଷ୍ଠପୋଷକତାରେ ଏହିସବୁ କାଣ୍ଡକାରନାମା ହେଉଛି ? ସବୁ ଗୁମର ଫିଟିଯାଆନ୍ତା ଯଦି ଏହି ବଡ଼ବଡ଼ିଆଙ୍କ ଆୟବୃଦ୍ଧିର ନିରପେକ୍ଷ ତଦନ୍ତ ହୁଅନ୍ତା। ଏମିତି କେଉଁ ଯାଦୁମନ୍ତ୍ରର କମାଲ ଯେ ପାଞ୍ଚବର୍ଷ ଭିତରେ ଦୁଇ କି ଚାରିଗୁଣା ନୁହଁ, ହଜାରେ ଗୁଣା ସମ୍ପତ୍ତି ବଢ଼ିଯାଉଛି ? ଯଦି ଏମିତି କିଛି ମନ୍ତ୍ର ଅଛି ସମସ୍ତ ଭାରତବାସୀଙ୍କୁ ଘୋଷାଇଦେଲେ ରାତିପାହିଲା ବେଳକୁ ସମସ୍ତେ କୋଟିପତି ହୋଇଯାଆନ୍ତେ। ଦାରିଦ୍ର୍ୟର ବାଉଁଶ ଥିବ ନା ମାଗଣା ଯୋଜନାର ବଇଁଶୀ ବାଜିବ! ଏହା କେବେ ହେଇଚି ନା ହେବ।

ଦଳ ବଦଳ ସମ୍ପର୍କରେ ଅଧିକାଂଶ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଆଭିମୁଖ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ଏ ଦଳରୁ ସେ ଦଳକୁ ଡେଇଁଲାବେଳେ ନିଜ ସପକ୍ଷରେ ଯୁକ୍ତି ଓ ଦଳ ବିରୋଧରେ ବିଷୋଦ୍‌ଗାର। ଦଳରେ ଥିଲେ ବହୁତ ଭଲ। ଦଳ ପରିତ୍ୟାଗ କଲେ ସେ ବହୁତ ଖରାପ। ଦଳରେ ଥିବା ଯାଏ ସଚ୍ଚୋଟ, ଦଳ ଛାଡ଼ିଦେବା ପରେ ସେ ସବୁଠାରୁ ଦୁର୍ନୀତିଗ୍ରସ୍ତ। ଯେତେ ଦୋଷଦୁର୍ବଳତା ଥିଲେ ମଧ୍ୟ ପ୍ରଶଂସାରେ ପୋତି ପକାଉଥିବା ଲୋକଟିକୁ ରାତିପାହିଲା ବେଳକୁ ଅଜସ୍ର ନିନ୍ଦା, ଅପବାଦ ଦେବା ସହିତ ତା' ବିରୋଧରେ ତଦନ୍ତକାରୀ ସଂସ୍ଥାକୁ ଲଗାଇଦେବା, ପୁଣି ଦୁର୍ନୀତି ଅଭିଯୁକ୍ତ ଲୋକଟି ଦଳକୁ ଆସିଲେ ଫୁଲମାଳ ଦେବା ଏବଂ ତା' ବିରୋଧରେ ଚାଲୁଥିବା ସବୁ ତଦନ୍ତକୁ ଚପାଇଦେବା ରାଜନୈତିକ ସଂସ୍କୃତିରେ ପରିଣତ ହେବାକୁ ବସିଲାଣି। ବିରାଡ଼ି ଆଖିବୁଜି କ୍ଷୀର ପିଇବା ବେଳେ ସେ ଭାବେ ତାକୁ କେହି ଦେଖି ପାରୁନାହାନ୍ତି।

ହେଲେ ସମ୍ପ୍ରତି ଦେଶରେ ଯେତେ ପ୍ରସଙ୍ଗ ଆସୁଛି ସବୁକ୍ଷେତ୍ରରେ ରାଜନୈତିକ ଆଭିମୁଖ୍ୟ ଏମିତି ବିଚିତ୍ର, ଛଳନାପୂର୍ଣ୍ଣ। ସର୍ବଦା ଅନ୍ୟ ଉପରକୁ ଅଙ୍ଗୁଳି ଦେଖାଇବାରେ ଏମାନେ ବେଶ୍ ପାରଙ୍ଗମ। ଅନ୍ୟକୁ ଉପଦେଶ ଦେବା, ନ୍ୟାୟ ନୈତିକତାର କଥା କହିବା, ଆବଶ୍ୟକ ସ୍ଥଳେ ଅନ୍ୟ ମୁଣ୍ଡରେ ଅଠା ବୋଳିଦେଇ ନିଜ ଭାବମୂର୍ତ୍ତିକୁ ଅକ୍ଷୁଣ୍ଣ ରଖିବାର ସମସ୍ତ କଳାକୌଶଳ ଏମାନଙ୍କୁ ମାଲୁମ୍। ଏମାନେ ସର୍ବସାଧାରଣରେ ଅହିଂସାର ମନ୍ତ୍ର ଜପୁଛନ୍ତି। କିନ୍ତୁ ଲୋକଙ୍କ ଆଢୁଆଳରେ ରହି ହିଂସାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏ ପ୍ରକାର ଦୋମୁହାଁ ନୀତି ତଥା ଦେବାଳିଆ ମତିଗତିକୁ ଦେଖି ଲୋକେ ଜର୍ଜ ବର୍ନାଡ୍ ସ'ଙ୍କ ଟିପ୍ପଣୀକୁ ସମର୍ଥନ କରି କହିବା ଆରମ୍ଭ କଲେଣି- ରାଜନୀତି ହେଉଛି ଦୁର୍ବୃତ୍ତ ଲୋକଙ୍କର ନିରାପଦ ଆଶ୍ରୟସ୍ଥଳୀ।

**ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓସ୍ଟା**
**ମୋ: ୭୦୦୮୦୭୩୫୯୯**

# ରାଜନୀତିରେ ଅବସର ବୟସ



ଷ୍ଟାଲିନ୍ ମିଶ୍ର

ଆମ ସମାଜରେ ଆପଣ ଯେକୌଣସି ସରକାରୀ ଅବା ବେସରକାରୀ ସଂସ୍ଥାରେ ଚାକିରି କରୁଥିଲେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଉପନୀତ ହେଲେ ଆପଣଙ୍କୁ ସେବାନିବୃତ୍ତି ନେବାକୁ ପଡିଥାଏ। କିନ୍ତୁ ରାଜନୀତି ଏକମାତ୍ର ବ୍ୟତିକ୍ରମ, ଯେଉଁଠି ମୃତ୍ୟୁ ଯାଏ ଜଣେ ଚାହିଁଲେ କ୍ଷମତା ଓ ସୁବିଧାସୁଯୋଗ ଉପଭୋଗ କରିପାରିବ। କିଛି ବିଜ୍ଞ ଲୋକଙ୍କ ମତରେ, ରାଜନୀତି ଏକ ଚାକିରି ବା ବୃତ୍ତି ନୁହେଁ ବରଂ ଏହା ଏକ ସେବା, ତେଣୁ ଅବସର ବୟସସୀମାର ଆବଶ୍ୟକତା ନାହିଁ। ସେମାନେ ଭୁଲ କି ଠିକ୍ ମୁଁ ତାହା କହିବାକୁ ଅସମର୍ଥ। କିନ୍ତୁ ମୋ ମତରେ ରାଜନୀତିରେ ଅବସର ବୟସ ସୀମା ନିହାତି ଜରୁରୀ। ଆସନ୍ତୁ ଆଜିର ଏହି ଆଲେଖ୍ୟ ମୋର ଏହି ଭିନ୍ନ ମତ ଉପରେ ବିସ୍ତାରରେ ଚର୍ଚ୍ଚା କରିବା।

ଜଣେ ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ଦେଶର ସମ୍ବିଧାନ ତଥା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିଥାନ୍ତି। ସେମାନଙ୍କ ନିଜସ୍ୱ ନିର୍ଣ୍ଣୟ ନେବା କ୍ଷମତା ବହୁତ କ୍ଷୀଣ। ମୋଟାମୋଟି କହିବାକୁ ଗଲେ, ଜଣେ ଅଧିକାରୀ ଯେତେ ଜ୍ଞାନୀ ଗୁଣି ତଥା ଅଭିଜ୍ଞତାସମ୍ପନ୍ନ ହୋଇଥିଲେ ମଧ୍ୟ କେବଳ ଦେଶର ଆଇନକାନୁନକୁ କାର୍ଯ୍ୟକାରୀ କରିବା ଛଡା ତାଙ୍କ ପାଖରେ ଆଉ କିଛି ବିକଳ୍ପ ନ ଥାଏ। ଭୁଲ କ'ଣ ଠିକ୍ କ'ଣ ଜାଣି ମଧ୍ୟ ସ୍ଥାନ ବିଶେଷରେ କେବଳ ସରକାରଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେବାକୁ ଯାଇ ସେମାନେ ଅନ୍ୟାୟ କରିବାକୁ ବାଧ୍ୟ ହୋଇଥାନ୍ତି। କାରଣ ଜଣେ ଅଧିକାରୀ, ଅମଲା, ନ୍ୟାୟମୂର୍ତ୍ତି କିମ୍ବା ଜଣେ ସାଧାରଣ କର୍ମଚାରୀ ଆଇନର ପ୍ରଣେତା ନୁହନ୍ତି, ସେମାନେ କେବଳ ଜଣେ ଜଣେ ଆଇନର ପ୍ରୟୋଗକର୍ତ୍ତା। ଆଇନ ତିଆରି କରିବା ଲୋକ ହେଉଛନ୍ତି ଆମ ବିଧାୟକ ଓ ସାଂସଦମାନେ। ଯେଉଁମାନେ କେବଳ ଆଇନ ପାଳନ କରନ୍ତି ତାଙ୍କ ପାଇଁ ଅବସର ବୟସସୀମା, କିନ୍ତୁ ଯେଉଁମାନେ ଆଇନ ତିଆରି କରନ୍ତି ତାଙ୍କ ପାଇଁ କୌଣସି ଅବସର ବୟସସୀମା ନାହିଁ ଏହା ଅସଙ୍ଗତ ମନେହୁଏ। କାରଣ ଆଇନ ତିଆରି କରୁଥିବା ଲୋକର ମାନସିକ ତଥା ଶାରୀରିକ ସାମର୍ଥ୍ୟ ଆଇନ ପାଳନ କରୁଥିବା ଲୋକଙ୍କଠାରୁ ନିଶ୍ଚିତ ଭାବେ ଅଧିକ ହେବା ଜରୁରୀ। ଦେଶ ଚଳାଇବାକୁ, ନିୟମ ପ୍ରଣୟନ କରିବାକୁ, ଉଚିତ ନିର୍ଣ୍ଣୟ ନେବାକୁ ଜଣେ ବ୍ୟକ୍ତି ମାନସିକ ତଥା ଶାରୀରିକ ସ୍ତରରେ ସୁସ୍ଥ ହେବା ନିହାତି ଆବଶ୍ୟକ ଏବଂ ଜଣେ ବ୍ୟକ୍ତିର ବୟସ ତା'ର ମେଧାଶକ୍ତି, ମାନସିକ ସ୍ଥିତି ଓ ଶାରୀରିକ ସାମର୍ଥ୍ୟକୁ ନିୟନ୍ତ୍ରିତ କରିଥାଏ। ତେଣୁ ଆଇନ ପ୍ରଣେତାଙ୍କ ପାଇଁ ଅବସର ବୟସସୀମା ଜରୁରୀ ନୁହେଁ କି? ଆପଣମାନେ ଯଦି ଲକ୍ଷ କରିବେ ଜାଣିବାକୁ ପାଇବେ ଯେ ଆମ ଦେଶରେ ଅନେକ ରାଜନେତା ଶାରୀରିକ ତଥା ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଅଯୋଗ୍ୟ ହୋଇ ମଧ୍ୟ ମନ୍ତ୍ରୀ, ବିଧାୟକ, ସାଂସଦ ପରି ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଆସୀନ ଥାନ୍ତି। ନା ସେମାନେ ଉଚିତ ନିର୍ଣ୍ଣୟ ନେବାକୁ ମାନସିକ ରୂପେ ସମର୍ଥ ଥାନ୍ତି ନା ଜନସାଧାରଣଙ୍କୁ ସେବା ଦେବା ପାଇଁ ତାଙ୍କ ଶରୀର ତାଙ୍କୁ ଅନୁମତି ଦେଇଥାଏ। ଏପରି ସ୍ଥିତିରେ ଗଭୀର କୁପ୍ରଭାବ ଆମ ସମାଜରେ ପଡିଥାଏ।



କେନ୍ଦ୍ରଠାରୁ ଆରମ୍ଭ କରି ଆମ ରାଜ୍ୟରେ ଏପରି ବୟୋବୃଦ୍ଧ ରାଜନୀତିଜ୍ଞମାନଙ୍କର ଧାଡି ବହୁତ ଲମ୍ବା। ରାଜମାତା ବିଜୟା ରାଜେ ସିନ୍ଧିଆ, ଡ. ମନମୋହନ ସିଂ, ପ୍ରମିଳା ବିଷୋୟୀ, ସାବିତ୍ରୀ ଅଗ୍ରୱାଲ, ଶରଦ ପାୱାର, ପ୍ରକାଶ ସିଂ ବାଦଲ, କରୁଣାନିଧି, ଭାଗବତ ବେହେରା ଏପରି ଅନେକ ଉଦାହରଣ ମିଳିବ ଯେଉଁମାନେ ବାର୍ଦ୍ଧକ୍ୟଜନିତ ଅସମର୍ଥତା ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଛନ୍ତି କିମ୍ବା ରହିଥିଲେ। ଭାରତୀୟ ରାଜନୀତି ବୟୋବୃଦ୍ଧମାନଙ୍କର କ୍ରୀଡ଼ାଭୂମି କହିଲେ ଅତ୍ୟୁକ୍ତି ହେବନାହିଁ। ଆଜି ମଧ୍ୟ କୁଶଳୀ, କର୍ମଠ ତଥା ପରାକ୍ରମୀ ଯୁବକମାନଙ୍କ ଅପେକ୍ଷା ମାନସିକ ଓ ଶାରୀରିକ ସ୍ତରରେ ଅସୁସ୍ଥ ବୟୋବୃଦ୍ଧମାନେ ହିଁ ଦେଶର ସରକାର ଏବଂ ଦଳୀୟ ପଦପଦବୀ ମାଡ଼ିବସିଛନ୍ତି। ଏହାଫଳରେ ଖାଲି କୁଶଳୀ ଯୁବସମାଜ ଉପେକ୍ଷିତ ହେଉନାହାନ୍ତି ବରଂ ଦେଶର ପ୍ରଗତି ମଧ୍ୟ ବାଧାପ୍ରାପ୍ତ ହେଉଛି। କିଛି ଲୋକ ଆଜୀବନ କ୍ଷମତା ଓ ସୁବିଧା ସୁଯୋଗ ଉପଭୋଗ କରୁଥିବା ବେଳେ ଅନ୍ୟ ଯୋଗ୍ୟମାନଙ୍କୁ ସୁଯୋଗ ମିଳୁନାହିଁ। ସୁପ୍ରିମକୋର୍ଟ ପ୍ରଧାନ ନ୍ୟାୟାଧୀଶଙ୍କ ଅବସର ବୟସସୀମା ୬୫ ବର୍ଷ, ହାଇକୋର୍ଟ ନ୍ୟାୟାଧୀଶଙ୍କ ଅବସର ବୟସସୀମା ୬୨ ବର୍ଷ, ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କ ଅବସର ବୟସସୀମା ୬୦ରୁ ୬୫ ବର୍ଷ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ କର୍ମଚାରୀମାନଙ୍କ ଅବସର ବୟସସୀମା ୬୦ ବର୍ଷ। ଏପରି କି ଘରୋଇ କ୍ଷେତ୍ରରେ ମଧ୍ୟ ୬୦ ବର୍ଷରେ କର୍ମଚାରୀମାନେ ଅବସର ନେବା ପ୍ରଥା ଅଛି। କିନ୍ତୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀମାନଙ୍କର ଅବସର ବୟସସୀମା ନାହିଁ। ସାଂସଦ, ବିଧାୟକ, ମନ୍ତ୍ରୀମାନଙ୍କ ପାଇଁ ଅବସର ବୟସସୀମା ନାହିଁ। ଏହା ଅସଙ୍ଗତ ନ ଲାଗିବା ଦୁର୍ଭାଗ୍ୟପୂର୍ଣ୍ଣ।

ଏବେ ଆସନ୍ତୁ କିଛି ଲୋକଙ୍କ ଯୁକ୍ତି ଉପରେ ଚର୍ଚ୍ଚା କରିବା। ସେମାନଙ୍କ ହିସାବରେ ରାଜନୀତି କୌଣସି ବୃତ୍ତି ବା ଚାକିରି ନୁହେଁ, ତେଣୁ ଅବସର ବୟସସୀମା ଅନାବଶ୍ୟକ। ଯଦି ଏହା ଏକ ବୃତ୍ତି କି ଚାକିରି ନୁହେଁ ତଥା ଏହା ଜନତାଙ୍କ ପାଇଁ ଗୋଟେ ସେବା ତା'ହେଲେ ଦରମା, ଭତ୍ତା, ପେନ୍‌ସନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ କାହିଁକି? ରାଜନୀତି କୌଣସି ବୃତ୍ତି ବା ଚାକିରିଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥା ଦାୟିତ୍ୱବାନ କାର୍ଯ୍ୟ ଏବଂ ଏଥିପାଇଁ ସୁସ୍ଥ ମାନସିକ ସ୍ଥିତି ଓ ଶାରୀରିକ ଶକ୍ତିର ଆବଶ୍ୟକତା ରହିଛି। ଏଣୁ ଅବସର ବୟସ ସୀମା ଜରୁରୀ।

ଆମ ଦେଶ ଏକ ଯୁବକ ବହୁଳ ଦେଶ। ଏବେ ସମୟ ଉପନୀତ, ଆମକୁ କୁଶଳୀ ଯୁବକମାନଙ୍କୁ ଦେଶ ନିର୍ମାଣ ତଥା ଦେଶ ଚଳାଇବା ପାଇଁ ଅଗ୍ରାଧିକାର ଦେବା ଉଚିତ। ଆମକୁ ଉନ୍ନତ ଦେଶମାନଙ୍କୁ ଅନୁକରଣ କରିବାକୁ ପଡିବ। ରାଜନୀତିରେ ଅବସର ବୟସସୀମା ଲାଗୁ କରି ବୟୋବୃଦ୍ଧମାନଙ୍କୁ ରାଜନୀତିରୁ ବିମୁଖ କରି ସମାଜସେବା, ଶିକ୍ଷାଦାନ, ଧର୍ମକାର୍ଯ୍ୟ, ପ୍ରଥା ଓ ସଂସ୍କୃତିର ପ୍ରଚାର ପ୍ରସାର, ପାରିବାରିକ ସଦ୍ଭାବନା ବୃଦ୍ଧି ତଥା ନୂତନ ପିଢ଼ି ପାଇଁ ପ୍ରେରଣାଦାୟୀ ହେବାକୁ ପ୍ରେରିତ କରିବା ଉଚିତ। ଏପରି କଲେ ଆମ ସମାଜରେ ଏକ ସକାରାତ୍ମକ ବାତାବରଣ ସୃଷ୍ଟି ହୋଇପାରିବ। ବିକାଶ ତ୍ୱରାନ୍ୱିତ ହେବା ସହିତ କାର୍ଯ୍ୟ-ଜୀବନ ସନ୍ତୁଳନ ଠିକ୍ ରହିପାରିବ।

**ସୂଚନା ପ୍ରଯୁକ୍ତିବିତ୍,**
**ମୋ: ୯୩୪୩୯୩୫୩୪୧**

## ଏଇ ଭାରତରେ

ଜୈବିକ କୃଷିର ଆବଶ୍ୟକତାକୁ ଉପଲବ୍ଧି କରିଛନ୍ତି ପୁଣେର ଦୁଇ ଭାଇ ଅଜିଙ୍କ୍ୟ ଓ ସତ୍ୟଜିତ। ସେମାନେ କର୍ପୋରେଟ ଚାକିରି ଛାଡ଼ି ଜୈବିକ କୃଷିରୁ ଅନେକ କୋଟି ଟଙ୍କା ଆୟ କରୁଛନ୍ତି। ଦୁଇ ଭାଇ ପୁଣେ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଡିଗ୍ରୀ ହାସଲ କରି ଏମ୍‌ଏନ୍‌ସିଏସ୍‌ରେ ଏକ ଦଶନ୍ଧି ଧରି ଚାକିରି କରିବା ପରେ ଏହି କୃଷି କ୍ଷେତ୍ରକୁ ଓହ୍ଲାଇଥିଲେ। ପ୍ରଥମେ ସେମାନେ ଏଥିପାଇଁ ସମାଲୋଚନାର ସାମ୍ନା କରିଥିଲେ। ହେଲେ ନିଷ୍ଠା ବଳରେ ସଫଳତା ପାଇ ୨/୩ ଏକରରୁ ଏବେ ୨୦ ଏକର ଜମିରେ ଜୈବିକ କୃଷି କରିବାକୁ ସକ୍ଷମ ହୋଇଛନ୍ତି। ଏଥିରୁ ସେମାନେ ବର୍ଷକୁ ୩ କୋଟି ଟଙ୍କା ଆୟ କରୁଛନ୍ତି। ଏହି କୃଷି ପାରମ୍ପରିକ ପଦ୍ଧତିରେ ଏବଂ କେବଳ ଗୋବର ଖତରେ ଏବଂ ଜୈବିକ କୀଟନାଶକରେ କରୁଛନ୍ତି। କୃଷି ସହ ଗୋପାଳନ ମଧ୍ୟ କରୁଛନ୍ତି। ଉଭୟେ ଧାନେ, ଡାଲି ଓ ଅନ୍ୟ ଶସ୍ୟ ଉତ୍ପାଦନ କରିବା ସହ ଦୁଗ୍ଧଜାତ ଦ୍ରବ୍ୟରୁ ଭଲ ଲାଭ ପାଉଛନ୍ତି। ସେମାନଙ୍କ ଜୈବିକ ପଦ୍ଧତି କୃଷିକୁ ଏବେ ସୁଦ୍ଧା ୧୪ଟି ଦେଶରୁ ଲୋକେ ଦେଖିବାକୁ ଆସି ସାରିଲେଣି। ମୁଖ୍ୟତଃ ଆମେରିକା, ଜର୍ମାନୀ, ଫ୍ରାନ୍ସ ଏବଂ ଅଷ୍ଟ୍ରେଲିଆରୁ କୃଷକ, ମିଡିଆ ଏକ୍ସପର୍ଟ ଓ ବ୍ୟାଙ୍କରମାନେ ବୁଲିବାକୁ ଆସୁଛନ୍ତି। ଅଜିଙ୍କ୍ୟ ଓ ସତ୍ୟଜିତ ଏବେ ସୁଦ୍ଧା ୧୬,୦୦୦ କୃଷକଙ୍କୁ ଜୈବିକ କୃଷି ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜୁନ୍ ୧୯୯୮

- ଆଣବିକ ପରୀକ୍ଷା ବନ୍ଦ ରଖିବା ନେଇ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା।
- ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏମ୍.ପି. ଲାଞ୍ଚ ମାମଲାରେ ଜେ.ଏମ୍.ଏମ୍. ନେତା ଶିବୁ ସୋରେନଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ।
- ରାଜ୍ୟ ସରକାର ଜଳଯୋଗାଣ କର୍ମଚାରୀଙ୍କ ଧର୍ମଘଟକୁ ବେଆଇନ ଘୋଷଣା କରିବା ସହ 'ଏସ୍‌ମା' ଲାଗୁ କରିଛନ୍ତି ଏବଂ ଧର୍ମଘଟକାରୀଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଫେରିବାଲାଙ୍କ ପ୍ରକୃତ ତଥ୍ୟ ରଖାଯାଉ

ମହାଶୟ,

ଭାରତର ବିଭିନ୍ନ ରାଜ୍ୟର କି ସହର କି ଗ୍ରାମାଞ୍ଚଳରେ ଭଳିକି ଭଳି ଫେରିବାଲା ଦେଖିବାକୁ ମିଳୁଛନ୍ତି। ହରେକ୍ କିସମର ବେପାର ବାଣିଜ୍ୟ କରୁଛନ୍ତି। ଏମାନଙ୍କ ନୀତିଗତି ସମ୍ପୂର୍ଣ୍ଣ ସନ୍ଦେହଜନକ ରହୁଛି। ପୁରୁଣା ଉଭାନ ହୋଇଯାଉଥିବା ବେଳେ ନୂଆ ନୂଆ ଫେରିବାଲାଙ୍କୁ ଏ ଆଖି ଦେଖୁଛି। ବିଶେଷକରି ଏମାନେ ଅଣଓଡ଼ିଆ ଓ ଦଳବଦ୍ଧ ଭାବେ ଗୋଟିଏ ଗୋଟିଏ ଅଞ୍ଚଳରେ ଫେରି କରୁଥିବାରୁ ଏମାନଙ୍କ ହାବଭାବ ସନ୍ଦେହ ସୃଷ୍ଟି କରୁଛି। କୁହାଯାଉଛି ଏମାନେ ଦିନରେ ଫେରି ଓ ରାତିରେ ଚୋରି ଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। କ୍ଷୋଭର ବିଷୟରେ ଏତେସଂଖ୍ୟାକ ଫେରିବାଲା ଦେଶ ତଥା ରାଜ୍ୟରେ ପ୍ରବେଶ କରୁଥିବାବେଳେ ଏମାନଙ୍କ ପରିଚୟ ସମ୍ପର୍କରେ କୌଣସି କଡ଼ାକଡ଼ି ଯାଞ୍ଚ ହେଉନାହିଁ। ପ୍ରଶାସନ ଓ ଗୋଇନ୍ଦା ବିଭାଗର ଏମାନଙ୍କ ପ୍ରତି କୋହଳ ଖସଡ଼ା ନୀତି ଉପଯୁକ୍ତ ନୁହେଁ। ଏମାନଙ୍କର ପ୍ରକୃତ ତଥ୍ୟ ସହିତ, ଏମାନଙ୍କ ଉପରେ ତିକ୍ଷ୍ଣ ନଜର ରଖିବା ନିତ୍ୟାନ୍ତ ଆବଶ୍ୟକ।

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସମୟର ସୀମା ବାନ୍ଧି,
ଶତକୋଟି ଗ୍ରହ, ଉପଗ୍ରହ
ଖେଳାଉଛ କୋଟି ବିଶ୍ୱ
ଲୋମକୂପେ ଯେହ୍ନୁ ଅହରହ
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଛୋଟ ବେପାରୀଙ୍କୁ ଧରି ବାଃ ବାଃ କମିଶନରେଟ ପୋଲିସ

**ସତ୍ୟଜିତ୍ ରାଉତ**
**ଭୁବନେଶ୍ୱର, ୧୧ା୬(ବ୍ୟୁରୋ)**

## ରାଜଧାନୀରେ ବ୍ରାଉନସୁଗାର କାରବାର



■ବଡ଼ ଡିଲରଙ୍କ ପାଖରେ ପହଞ୍ଚିପାରୁନି
■ ରାଜ୍ୟ ବାହାରକୁ ଯିବାକୁ ମନବଳାଉନି, ଅଧାରେ ସରୁଛି ତଦନ୍ତ

ରାଜଧାନୀ ଭୁବନେଶ୍ୱରରେ ବ୍ରାଉନସୁଗାର କାରବାର ଚରମ ସୀମାରେ। ବାଂଲାଦେଶ ଓ ପଶ୍ଚିମବଙ୍ଗରୁ ଭାୟା ବାଲେଶ୍ୱର ଦେଇ ରାଜ୍ୟର ବିଭିନ୍ନ ସ୍ଥାନକୁ ଏହା ଚାଲାଣ ହେଉଛି। ବିଶେଷକରି ଭୁବନେଶ୍ୱରକୁ ନିଶା ବେପାରୀମାନେ ଆଡ୍ଡାସ୍ଥଳ କରିଛନ୍ତି। ସହର ଉପକଣ୍ଠରେ ଆଡ୍ଡା ଜମାଇ ସେମାନଙ୍କ କାରବାରକୁ ବଢ଼ାଇ ଚାଲିଛନ୍ତି। ବିଶେଷକରି ର୍ୟାକେଟରେ ଯୁବକ ଓ ମହିଳାଙ୍କୁ ସାମିଲ କରି ଛୋଟ ଛୋଟ ବେପାରୀ ଓ ଏଜେଣ୍ଟଙ୍କ ଜରିଆରେ ଏହି ଧଳାଜହରକୁ ଗ୍ରାହକଙ୍କ ନିକଟରେ ପହଞ୍ଚାଯାଉଛି। ଏହି ବେଆଇନ କାରବାର ରୋକିବାକୁ ୨୦୨୧ ଅଗଷ୍ଟରୁ 'ହ୍ୱାଇଟ୍ ସ୍ୱାଇଡର' ଅଭିଯାନ ଆରମ୍ଭ କରି କମିଶନରେଟ ପୋଲିସ କେବଳ ଛୋଟ ବେପାରୀଙ୍କୁ ଧରି ବାଃ ବାଃ ନେଉଛି। ଏପରିକି ଧରାପଡୁଥିବା ଅଭିଯୁକ୍ତଙ୍କ ମଧ୍ୟରୁ ଅନେକ ହେଉଛନ୍ତି ଗ୍ରାହକ। ହେଲେ ବଡ଼ ଡିଲର ଓ ର୍ୟାକେଟ ମୁଖ୍ୟଙ୍କ ପାଖରେ ପୋଲିସ ପହଞ୍ଚିବାରେ ବିଫଳ ହେଉଛି। କମିଶନରେଟ ପୋଲିସର ଗତ ୩ ବର୍ଷର ତଥ୍ୟରୁ ଏହା ଜଣାପଡ଼ିଛି। ବିପୁଳ ପରିମାଣରେ ବ୍ରାଉନସୁଗାର ଭୁବନେଶ୍ୱରକୁ ଆସୁଛି। ହେଲେ ଅଧିକାଂଶ ମାମଲାରେ ଅଭିଯୁକ୍ତଙ୍କଠାରୁ ମାତ୍ର ୧୦ଗ୍ରାମ, ୨୦ ଗ୍ରାମ, ୫୦ଗ୍ରାମ୍ର ବ୍ରାଉନସୁଗାର ଜବତ କରି ଅଭିଯାନ ସଫଳ ହେଉଥିବା ପୋଲିସ ଦର୍ଶାଉଛି। 'ହ୍ୱାଇଟ୍ ସ୍ୱାଇଡର' ଅଭିଯାନ ଆରମ୍ଭ ହେବା ପୂର୍ବରୁ ପୋଲିସ ୨୦୨୧ ଜୁଲାଇରେ କେଶୁରାରେ ଚଢ଼ାଉ କରି ୫୫୦ ଗ୍ରାମ ବ୍ରାଉନସୁଗାର ଜବତ କରି ୨ଜଣଙ୍କୁ ଗିରଫ କରିଥିଲା। ହେଲେ ଏହି ଅପରେଶନ୍ ଆରମ୍ଭ ହେବା ପରେ ପୋଲିସ ସେଭଳି ସଫଳତା ପାଇନାହିଁ।

ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚର ସ୍ୱେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଭୁବନେଶ୍ୱରରୁ ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରି ବଡ଼ ଡିଲରଙ୍କୁ ଗିରଫ କରୁଥିବାବେଳେ କମିଶନରେଟ ପୋଲିସ ଛୋଟମୋଟଙ୍କୁ ଧରି ଖୁସି ହେବା ହାସ୍ୟାସ୍ପଦ ବୋଲି ଆଲୋଚନା ହେଉଛି। ଗତ ମେ ତୃତୀୟ ସପ୍ତାହରେ ଏସ୍‌ଟିଏଫ୍ ଭୁବନେଶ୍ୱର ୟୁନିଟ-୮ସ୍ଥିତ ଏକ ସରକାରୀ କ୍ୱାର୍ଟରରେ ଚଢ଼ାଉ କରି ୧ କେଜି ୧୦୭ ଗ୍ରାମ ବ୍ରାଉନସୁଗାର ଜବତ କରି ସେଠାରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ସେହିପରି ୨୦୨୨ ନଭେମ୍ବରରେ ଏସ୍‌ଟିଏଫ୍ ଏୟାରଫିଲ୍ଡ ଥାନା ଅଞ୍ଚଳରୁ ୧ କେଜି ୫ ଗ୍ରାମର ବ୍ରାଉନସୁଗାର ଜବତ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ହେଲେ ଦକ୍ଷ ପୋଲିସ ଅଧିକାରୀଙ୍କୁ ନେଇ କାର୍ଯ୍ୟ କରୁଥିବା କମିଶନରେଟ ପୋଲିସ ବଡ଼ ଡିଲରଙ୍କୁ ଧରି ନ ପାରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସର ତଥ୍ୟ ଅନୁଯାୟୀ, ଭୁବନେଶ୍ୱରରୁ କମିଶନରେଟ ପୋଲିସ ୨୦୨୧ରେ ୯୮ଜଣଙ୍କୁ ଗିରଫ କରି ୭ କେଜି ୨୨ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ୨୦୨୨ରେ ୯୪ଟି ମାମଲାରେ ୧୭୨ଜଣଙ୍କୁ ଗିରଫ କରିବା ସହ ୨ କେଜି ୫୫୮ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ସେହିଭଳି ଚଳିତବର୍ଷ ଜାନୁୟାରୀରୁ ମେ' ପର୍ଯ୍ୟନ୍ତ ୩୧ ମାମଲାରେ ୫୯ଜଣ ଗିରଫ ହୋଇଥିବାବେଳେ ମୋଟ ୩୬୫.୭୫ ଗ୍ରାମ ବ୍ରାଉନସୁଗାର ଅର୍ଥାତ୍ ଜାନୁୟାରୀରେ ୧୨ଜଣଙ୍କଠାରୁ ୯୪ ଗ୍ରାମ, ଫେବୃୟାରୀରେ ୧୪ ଜଣଙ୍କଠାରୁ ୮୫.୬୬ ଗ୍ରାମ, ମାର୍ଚ୍ଚରେ ୧୦ଜଣଙ୍କଠାରୁ ୫୮.୧୨ ଗ୍ରାମ, ଏପ୍ରିଲରେ ୧୦ଜଣଙ୍କଠାରୁ ୩୭.୨୫ ଗ୍ରାମ ଓ ମେ'ରେ ୧୨ଜଣଙ୍କଠାରୁ ୭୮.୨୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ତେବେ ଏସବୁ ମାମଲାରେ ପୋଲିସ ବଡ଼ ଡିଲରଙ୍କୁ ଧରିବାକୁ ମନ ବଳଉ ନାହିଁ। ପ୍ରାୟତଃ ଅଧିକାଂଶ ମାମଲାରେ ଅଭିଯୁକ୍ତଙ୍କ ବାଲେଶ୍ୱର ଓ ପଶ୍ଚିମବଙ୍ଗ ଲିଙ୍କ୍ ରହୁଛି। ସେମାନେ କେଉଁ ବଡ଼ ଡିଲରଙ୍କଠାରୁ ବ୍ରାଉନସୁଗାର ଆଣିଥିଲେ, ଏହି ନେଟ୍‌ୱର୍କ କେମିତି ଚାଲୁଛି - ଏସବୁ ଦିଗ ପ୍ରତି ପୋଲିସ ତଦନ୍ତ କରୁନାହିଁ। ଏପରିକି ଏହି ମାମଲାରେ ବଡ଼ ବେପାରୀଙ୍କୁ ଧରିବାକୁ ପୋଲିସ ରାଜ୍ୟ ବାହାରକୁ ମଧ୍ୟ ଯାଉନାହିଁ। ଛୋଟ ଗ୍ରାହକ ତଥା ବେପାରିଙ୍କ ନାଁରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରି ପୋଲିସ ନିଜ କାମ ସାରି ଦେଇ ଚୁପ ବସୁଥିବା ଦେଖିବାକୁ ମିଳୁଛି।

### ବଡ଼ ଡିଲରଙ୍କୁ ଧରିବା କାମ ଏସ୍‌ଟିଏଫ୍ କରୁଛି



ଭୁବନେଶ୍ୱରକୁ ଆସୁଥିବା ବ୍ରାଉନସୁଗାରର ସବୁ ରୁଟ୍ ବାଲେଶ୍ୱର। ଭୁବନେଶ୍ୱରରେ କେବଳ ଛୋଟ ବେପାରୀ ଓ ଗ୍ରାହକ ମିଳନ୍ତି। ଆମ ଅଞ୍ଚଳ ଭିତରେ ରହି ଆମେ କାମ କରୁଛୁ। ଏହି ବ୍ରାଉନସୁଗାର ଚାଲାଣକୁ ଆମେ ଅଟକାଉଛୁ। ଏପରିକି 'ହ୍ୱାଇଟ୍ ସ୍ୱାଇଡର' ଅଭିଯାନରେ ବହୁତ ଅଭିଯୁକ୍ତଙ୍କୁ ଆମେ ଗିରଫ କଲୁଣି। ହେଲେ ବାଲେଶ୍ୱରରେ ଶହ ଶହ ବେପାରୀ ଅଛନ୍ତି। ସେଠାରେ ଥିବା ବଡ଼ ଡିଲରଙ୍କୁ ଧରିବା କାମ ଏସ୍‌ଟିଏଫ୍ କରୁଛି।

**-ସୌମେନ୍ଦ୍ର ପ୍ରିୟଦର୍ଶୀ, ପୋଲିସ କମିଶନର**

### କମିଶନରେଟ ପୋଲିସର ଆନ୍ତରିକତାର ଅଭାବ



କମିଶନରେଟ ପୋଲିସ ମାମଲାର ମୂଳକୁ ଯାଉନାହିଁ କି ମୂଳ ଉପାଡିବାକୁ ଚାହୁଁ ନାହିଁ। କେବଳ ଚା ଗଛର ପତି କାଢ଼ିଲା ଭଳିଆ, ଏମାନେ ସେଭଳି କାର୍ଯ୍ୟ କରୁଛନ୍ତି। ଏସ୍‌ଟିଏଫ୍ କ'ଣ କେବଳ ଗୋଟିଏ ଏଜେନ୍ସି ଯିଏ ବଡ଼ ଡିଲରଙ୍କୁ ଧରିବ? କମିଶନରେଟ ପୋଲିସ କ'ଣ ଏହି କାମ କରିପାରିବ ନାହିଁ? ଏକ୍ଷେତ୍ରରେ ଆନ୍ତରିକତାର ଅଭାବ ରହୁଛି। ଲୋକଙ୍କୁ ଦିନରେ ଚନ୍ଦ୍ର ଦେଖାଇବା ଭଳି ପୋଲିସ କମିଶନର ମନ୍ତବ୍ୟ ଦେଉଛନ୍ତି। ଏମାନେ ଦୋଷମୁକ୍ତ ହେବା ପାଇଁ ଛୋଟ ମାଛକୁ ଧରୁଛନ୍ତି। ହେଲେ ବଡ଼ ମାଛଙ୍କୁ ଧରିବା ଏମାନଙ୍କର ସାହସ ନାହିଁ।

**-ଚିତ୍ତରଞ୍ଜନ ଦାସ, ବରିଷ୍ଠ ଆଇନଜୀବୀ**

## ପ୍ରବଳ ଖରାରେ ମୋ ବସ୍ ଯାତ୍ରୀଙ୍କୁ ଡାଉସାଧୁଛି ଆଗୁଆ ଟିକେଟ୍

**ଭୁବନେଶ୍ୱର, ୧୧ା୬ (ବ୍ୟୁରୋ):** ମୋ ବସ୍‌ରେ ଚଢ଼ିବା ପୂର୍ବରୁ ଟିକେଟ କରିବାକୁ ବାଧ୍ୟତାମୂଳକ କରାଯାଇଛି। ମୋ ବସ୍‌ର ଗାଇଡ୍‌ଙ୍କ ଠାରୁ ଟିକେଟ୍ ଧରିବା ପରେ ଯାତ୍ରୀମାନେ ବସ୍‌କୁ ଯିବା ନେଇ କ୍ୟାପିଟାଲ ରିଜନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ନିଷ୍ପତ୍ତି ନେଇଛି। ତେବେ ରାଜ୍ୟରେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ମୋ ବସ୍‌ଷ୍ଟପଗୁଡିକରେ ଯାତ୍ରୀଙ୍କୁ ଟିକେଟ କାଟିବା ପାଇଁ ଅପେକ୍ଷା କରିବାକୁ ପଡୁଛି। ବିଶେଷକରି ବୟସ୍କ ବ୍ୟକ୍ତିମାନେ ଖରାରେ ଠିଆ ହୋଇ ଟିକେଟ କାଟୁଥିବାବେଳେ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଟୋରେ ଯାତାୟାତ କରିବା ଅପେକ୍ଷା ମୋ' ବସ୍‌ରେ ଯାତ୍ରା କରିବାକୁ ଲୋକମାନେ ଅଧିକ ପସନ୍ଦ କରୁଛନ୍ତି। ମାତ୍ର



ଯାତ୍ରୀଙ୍କୁ ଆରାମଦାୟକ ଯାତ୍ରା ଯୋଗାଇ ଦେବା ପରିବର୍ତ୍ତେ କ୍ରୁଟ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଶୁକ୍ରବାର ଏନେଇ କ୍ରୁଟ୍ ଟୁଇଟ୍ କରି ଅବଗତ କରାଇବା ସହ ଟିକେଟ୍ ବ୍ୟବସ୍ଥାରେ ଉପଯୁକ୍ତ ଶୃଙ୍ଖଳା ସୁନିଶ୍ଚିତ କରିବା ପାଇଁ ଏଭଳି କରାଯାଇଥିବା କୁହାଯାଇଛି। ଯାତ୍ରୀମାନେ ନିର୍ଦ୍ଦିଷ୍ଟ ଖୁଚୁରା ଦେଇ କର୍ମଚାରୀଙ୍କୁ ଶତପ୍ରତିଶତ ଟିକେଟ ସୁନିଶ୍ଚିତ କରିବାରେ ସହଯୋଗ କରିବା ପାଇଁ ଅପିଲ୍ କରାଯାଇଛି। ସେହିପରି ବିନା ଟିକେଟରେ ଯାତ୍ରା ନ କରିବା ପାଇଁ ପରାମର୍ଶ ଦିଆଯାଇଛି।

## ବାଉଁଶରେ ସୁରକ୍ଷା...



କଟକ ଯୋବ୍ରା ଆନିକଟ ମହାନଦୀ ବ୍ୟାରେଜର ସିମେଣ୍ଟ ବାଡ ଭାଙ୍ଗି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହାକୁ ମରାମତି କରାଯିବା ପରିବର୍ତ୍ତେ ବାଉଁଶ ବନ୍ଧା ଯାଇଛି।

## ବସ୍ ଧକ୍କାରେ ବୃଦ୍ଧ ମୃତ

**ବେଗୁନିଆ, ୧୧ା୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଘମାରୀ-କଣ୍ଟିଲୋ ରାସ୍ତାର ସିମୋର୍‌ଠାରେ ରବିବାର ଏକ ଘରୋଇ ବସ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଘମାରୀ ଥାନା ତଥା ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ଗ୍ରାମର ଯୁଗଳ କିଶୋର ବେହେରା (୭୯)। ପୂର୍ବାହ୍ନ ୧୧ଟା ୪୦ରେ ଯୁଗଳ ବଜାରରୁ ଘରକୁ ଫେରୁଥିବାବେଳେ କୁଞ୍ଜବିହାରୀ ହାଇସ୍କୁଲ ସମ୍ମୁଖରେ କଣ୍ଟିଲୋ ପଟୁ ଆସୁଥିବା ବସ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମାମଲା (ନଂ.୭୯/୨୩) ରୁଜୁ କରି ତଦନ୍ତ ଚଳାଇଛି।

# ସାମୂହିକ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

**ଭୁବନେଶ୍ୱର, ୧୧ା୬(ବ୍ୟୁରୋ)**

ରାଜ୍ୟର ପ୍ରାଥମିକ ଶିକ୍ଷକ ୨ ଦଫା ଦାବି ନେଇ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇବା ସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ କରିନାହାନ୍ତି। ତେଣୁ ଶିକ୍ଷକମାନେ ସାମୂହିକ ଛୁଟିନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟ ଖୋଲିବା ମାତ୍ରେ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ। ଏଥିପାଇଁ ୧୭ ତାରିଖରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଏନ୍‌ପିଏସ୍ ବର୍ଗର ସିଆର୍‌ସିସିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଆବଶ୍ୟକ ସ୍ଥଳେ ବ୍ଲକ ଓ ଜିଲା ସ୍ତରରେ ଆନ୍ଦୋଳନକୁ ତୀବ୍ରତର କରାଯାଇ ଶିକ୍ଷକମାନେ ସାମୂହିକ ଛୁଟିରେ ରହି ଆନ୍ଦୋଳନ ଜାରି ରଖିବେ ବୋଲି ମଞ୍ଚର ଆବାହକ ମଳୟ କୁମାର ଜେନା ସୂଚନା ଦେଇଛନ୍ତି।




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା ଶିକ୍ଷକମାନେ।

### ୨ ଦଫା ଦାବି ପୂରଣ ହେଲାନି

ଦରମାରେ ୨୮୦୦ ଗ୍ରେଡ୍ ପେ' ପ୍ରଦାନ ସହ ଠିକା ଅବଧିର ୬ ବର୍ଷକୁ ମୂଳ ଚାକିରିରେ ଗଣନା ଓ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବି ନେଇ ମଞ୍ଚ ପକ୍ଷରୁ ୧୯ଦିନ ଧରି ସ୍ଥାନୀୟ ଲୋୟର ପିଏମଜିରେ ଧାରଣା ଦିଆଯାଉଛି। ଏନେଇ ଗଣଶିକ୍ଷା ମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ସମେତ ଅନ୍ୟ ପଦାଧିକାରୀଙ୍କୁ ମଞ୍ଚ ପକ୍ଷରୁ ଦାବିପତ୍ର ଦିଆଯିବା ସହିତ ଆଲୋଚନା ମଧ୍ୟ କରାଯାଇଛି। ମାତ୍ର ଦାବି ପୂରଣ ହୋଇନଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ଞାନେନ୍ଦ୍ର



@ ସମୀର



@ ପ୍ରକାଶ



@ ଅମୀୟ



@ ଭବାନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ସ୍ମୃତିରେ ଭୁବନେଶ୍ୱର ସୂଚନା ଭବନରେ ରବିବାର ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସୁମାନୀ ଝୋଡ଼ିଆଙ୍କୁ 'ପଦ୍ମଶ୍ରୀ ରାଧାମୋହନ ସ୍ମୃତି ସମ୍ମାନ' ପ୍ରଦାନ ଅବସରରେ ଅତିଥିମାନେ।





ପାଖେଇ ଆସୁଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପୁରୀରେ ଦରଜୀ ସେବକମାନେ ରଥର ବସ୍ତ୍ର ତିଆରି କରୁଥିବାବେଳେ ଚିତ୍ରକର ସେବକମାନେ ରଥରେ ଲାଗିବାକୁ ଥିବା ଓଲଟ ଶୁଆରେ ରଙ୍ଗ ଦେଉଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୧୧ତମ ରଜ ପ୍ରତିଭା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଗୀତାଞ୍ଜଳୀ ପ୍ରତିଭା ସମ୍ମାନ, ଗୀତଗୋବିନ୍ଦ ସଦନ, ମଧାହ୍ନ ୧୨ଟା।

**ବାଲିଅନ୍ତା**

- ଶ୍ରୀ ଆଶୁତୋଷ ମହାଦେବ ଓ ମାତା ବୈଷ୍ଣବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ନଗର ପରିକ୍ରମା, ମନ୍ଦିର ପ୍ରବେଶ, ଯଜ୍ଞର ପୂର୍ଣ୍ଣାହୂତି ଓ ଭଜନ ସମାରୋହ, ବାଲିଅନ୍ତା ବଂଶୀବିହାର ସାଇ ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଚୋରଙ୍କଠାରୁ ଜିନିଷ ଆଣି କବାଡିଆ ଗିରଫ

ଭୁବନେଶ୍ୱର,୧୧।୬ (ବ୍ୟୁରୋ): ଚୋରାଙ୍କଠାରୁ ଚୋରି ସାମଗ୍ରୀ ସଂଗ୍ରହ କରି ନିଜ ଟ୍ରଲି ରିକ୍ସାରେ ନେଉଥିବା ବେଳେ ଏୟାରଫିଲ୍ଡ ଥାନା ପୋଲିସ ଜଣେ କବାଡିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗର ବିଲଟୁ ଲାୟା। ତାଙ୍କଠାରୁ ଟ୍ରଲି ରିକ୍ସା ସହ ପୁରୁଣା ଫ୍ୟାନ,ତମ୍ବା ତାର ଜବତ କରାଯାଇଛି। ସୂଚନାନୁସାରେ, ସ୍ଥାନୀୟ ବୈଷ୍ଣୋମାତା ବିହାର ଅଞ୍ଚଳରେ ଅଭିଯୁକ୍ତ ସନ୍ଦିଗ୍ଧ ଅବସ୍ଥାରେ ଏକ ଟ୍ରଲି ରିକ୍ସାରେ ଗୋଟିଏ ପ୍ଲାଷ୍ଟିକ ଜରି ବ୍ୟାଗରେ କିଛି ସାମଗ୍ରୀ ନେଇ ଯାଉଥିବା ବେଳେ ପାଟ୍ରୋଲିଂ ଟିମ୍ ତାଙ୍କୁ ଅଟକାଇ ପଚାରିଥିଲେ। ଅଭିଯୁକ୍ତ ଉକ୍ତ ସାମଗ୍ରୀକୁ ନିୟମିତ ଭାବେ କିଛି ସ୍ଥାନୀୟ ଚୋରଙ୍କଠାରୁ ସଂଗ୍ରହ କରି ନିଜ କବାଡିଆ ଦୋକାନରେ ବିକ୍ରୟ କରୁଥିବା କହିଥିଲେ।

### ଭାଜପାର ଜନସମ୍ପର୍କ ଅଭିଯାନ

ବାରଙ୍ଗ,୧୧।୬(ଡି.ଏନ୍.ଏ.) : ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ କଲ୍ୟାଣପୁର ପଞ୍ଚାୟତର ଗଣ୍ଡରପୁର ବ୍ରାହ୍ମଣୀ ସାହିସ୍ଥିତ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ରବିବାର ଜନସମ୍ପର୍କ ଅଭିଯାନ ଉପଲକ୍ଷେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ମହିଳା ଶିଶୁ ଉନ୍ନତୀକରଣ ମନ୍ତ୍ରୀ ମହେନ୍ଦ୍ର ମୁଞ୍ଜପରା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଶାସନକାଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସହ ଅଞ୍ଚଳର ବିକାଶ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀ, ଭାଜପା ନେତା ଯୁଗାଂଶୁ ଶେଖର ପଣ୍ଡା, ବସନ୍ତ ରାଉତ, ମହିଳା ମୋର୍ଚ୍ଚା ସଭାପତି ସଂଯୁକ୍ତା ପଡିଆରୀ, ଯୁବମୋର୍ଚ୍ଚା ସଭାପତି ସନତ ସାହୁ, ଭାଗ୍ୟଶ୍ରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମନ୍ତ୍ରୀ ଓ ଏମ୍ପି ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ ତୁରନ୍ତ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମା' ମଙ୍ଗଳା ମନ୍ଦିର ଉନ୍ନତୀକରଣ ପାଇଁ ୩ ଲକ୍ଷ ଟଙ୍କା ସହ ୫ ପଞ୍ଚାୟତର ବିଭିନ୍ନ ଶୈବପୀଠରେ ସ୍ୱଚ୍ଛ ପାନୀୟ ଜଳ ପାଇଁ ଆକ୍ୱାଗାର୍ଡ ତୁରନ୍ତ ଲଗାଇବାକୁ ଅତିଥିମାନେ କହିଥିଲେ।

# ପୋଲିସକୁ ଗୁଳି ଚଳାଇ ଖସିବା ଉଦ୍ୟମ: ୨ ଗିରଫ

- ବିଭିନ୍ନ ଜିଲାରେ ଆପରାଧିକ ମାମଲା ରହିଛି
- ମାଉଜର, ଅଫୁଟା ଗୁଳି, ମାରଣାସ୍ତ୍ର ଜବତ

ମାହାଙ୍ଗା,୧୧।୬(ସ୍ୱ.ପ୍ର.)

ଆନ୍ତଃ ଜିଲା ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ କଟକ ଜିଲା ଭଦ୍ରେଶ୍ୱର ଥାନା ପୋଲିସ ଶନିବାର ରାତିରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ଏକ ମାଉଜର, ଅଫୁଟା ଗୁଳି ଓ ଅନ୍ୟାନ୍ୟ ମାରଣାସ୍ତ୍ର ସହ ଗୋଟିଏ ବାଇକ୍ ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ଝାଡେଶ୍ୱରପୁର ସଂଖ୍ୟାଲଘୁ ବସ୍ତିର ଏସ୍.କେ ବସ୍‌ର ଅଲ୍ଲି ଓ କେନ୍ଦ୍ରାପଡା ଜିଲାର ସୁଜନ ଖାନ୍। ଏନେଇ





ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍, ମାରଣାସ୍ତ୍ର।

ଥାନାରେ ମାମଲା (ନଂ. ୬୪/୨୩) ରୁଜୁ କରାଯାଇ ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଏସ୍‌ଡିପିଓ ବିମଲ ବାରିକ ଖବରଦାତା ସମ୍ମିଳନୀରେ ଦେଇଥିବା ସୂଚନା ମୁତାବକ, ଭଦ୍ରେଶ୍ୱର ଥାନା ପକ୍ଷରୁ ପ୍ରତିଦିନ ପରି ଶନିବାର ରାତିରେ ପାଟ୍ରୋଲିଂ ଚାଲିଥିଲା। ଆପିଲୋ- ଝାଡେଶ୍ୱରପୁର ରାସ୍ତା ମଧ୍ୟରେ ଅଲ୍ଲି ଓ ଖାନ୍‌ଙ୍କୁ ଦେଖି ପୋଲିସ ସେମାନଙ୍କ ପିଛା କରିଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ପାଟ୍ରୋଲିଂ ଟିମ୍ ଉପରକୁ ଗୁଳିଚାଳନା କରିଥିଲେ। ଏହାସତ୍ତ୍ୱେ ପୋଲିସ ସେମାନଙ୍କୁ ବହୁ କଷ୍ଟରେ କାବୁ କରିବାକୁ ସକ୍ଷମ ହୋଇଥିଲା। ଉଭୟ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଜିଲାରେ ଚୋରି, ଡକାୟତି, ହତ୍ୟାକାଣ୍ଡ ଭଳି ଏକାଧିକ ମାମଲା ରହିଛି ବୋଲି ଏସ୍‌ଡିପିଓ ବାରିକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଭାରପ୍ରାପ୍ତ ଥାନା ଅଧିକାରୀ ତପନ କୁମାର ନାୟକ,ଏଏସଆଇ ଆଲୋକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୪ ବର୍ଷର ଝିଅକୁ ଅମାନୁଷିକ ମାଡ଼

ବାରଙ୍ଗ,୧୧।୬(ଡି.ଏନ୍.ଏ.)

**ମା' ନାଁରେ ଥାନାରେ ଅଭିଯୋଗ**

ଜଣେ ୪ ବର୍ଷୀୟ ଝିଅକୁ ତାଙ୍କ ମା' ଅମାନୁଷିକ ଭାବେ ମାଡ଼ ମାରୁଥିବା ଦେଖିବାକୁ ମିଳିଛି। ଏନେଇ ଏକ ଭିଡିଓ ଉତ୍ତୋଳନ କରି ଅନ୍ତର୍ଜାତୀୟ ମାନବାଧିକାର କମିଶନର ଓଡ଼ିଶା ଶାଖାର ସଦସ୍ୟ ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ନୃଶଂସ ମା'ଠାରୁ ଶିଶୁଟିକୁ ଉଦ୍ଧାର କରିବାକୁ ନିବେଦନ କରିଥିଲେ।

ସୂଚନା ମୁତାବକ, ବାରଙ୍ଗ ଥାନାଠାରୁ ଅଳ୍ପଦୂର ମୁଖ୍ୟରାସ୍ତା କଡ଼ରେ ଜଣେ ମହିଳା ତା' ଛୋଟ ପିଲାକୁ ଶୁଆଇ ଅନ୍ୟ ୪ ବର୍ଷୀୟାଙ୍କୁ କୌଣସି କାରଣରୁ ମାଡ଼ ମାରୁଥିଲେ। ଶିଶୁଟି ମାଡ଼ ସହି ନ ପାରି ତାଙ୍କଠାରୁ ଦୂରକୁ ଦୌଡୁଥିବାବେଳେ ପୁଣି ତାଙ୍କ ମା' ତାଙ୍କୁ ଅମାନୁଷିକ ଭାବେ ଧରି ମାଡ଼ ମାରିଥିଲେ। ସେହି ବାଟ ଦେଇ ଯାଉଥିବା ଜଣେ ମହିଳା ଏହା ଦେଖି ବାରଣ କରିଥିଲେ। ହେଲେ 'ଇଏ ମୋ ଝିଅ, ମୁଁ ତାକୁ ମାରିବି, ସେଥିରେ ତୁମର କ'ଣ ଅଛି' ବୋଲି ସେ ମା' ଜଣକ ମହିଳାଙ୍କୁ ଉତ୍ତର ଦେଇଥିଲେ। ଏହାପରେ ମହିଳା ସେ ସମୟର ଭିଡିଓ ଉତ୍ତୋଳନ କରି ଅନ୍ତର୍ଜାତୀୟ ମାନବାଧିକାର କମିଶନର ଓଡ଼ିଶା ଶାଖାକୁ ପଠାଇଥିଲେ। ଓଡ଼ିଶା ଶାଖା ମୁଖ୍ୟ ଡ. ଶିବସୁନ୍ଦର ସ୍ୱାଇଁ, ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଶଶାଙ୍କ ଶେଖର ପଣ୍ଡା ଓ ଜିଲା ମୁଖ୍ୟ ନାରାୟଣ ସାହୁଙ୍କୁ ନେଇ ଗଠିତ ୩ ଜଣିଆ ଟିମ ଭିଡିଓ କ୍ଲିପ ନେଇ ବାରଙ୍ଗ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ପିଲାଟି ସୁରକ୍ଷିତ ନ ଥିବାରୁ ତୁରନ୍ତ ସତ୍ୟାସତ୍ୟ ଜାଣିବା ସହ ପିଲାଟିକୁ ମା'ଠାରୁ ଅଲଗା କରିବାକୁ ଥାନା ଅଧିକାରୀ ଆକାଶଚନ୍ଦ୍ର ରଣାଙ୍କୁ ନିବେଦନ କରିଥିଲେ।

# ବାର୍‌ରେ ଗ୍ରାହକଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍, ୨ ଗିରଫ

ଭୁବନେଶ୍ୱର,୧୧।୬ (ବ୍ୟୁରୋ)

**ବାଉନ୍‌ସର ଫେରାର**

ସାମାନ୍ୟ କଥାକୁ ନେଇ ଜଣେ ଗ୍ରାହକଙ୍କୁ ଏକ ବାର୍‌ରେ ବାଉନ୍‌ସରଙ୍କ ସହ ମିଶି ମରଣାନ୍ତକ ଆକ୍ରମଣ କରି ଲୁଟ୍ ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲାର ସୌଭାଗ୍ୟ ରାଉତ ଓରଫ କାଲୁ ଓ ଜଗତ୍‌ସିଂହପୁରର ସଞ୍ଜୟ ଦଳେଇ। ସେମାନଙ୍କଠାରୁ ଗୋଟିଏ କାର୍ ଓ ଆକ୍ରମଣରେ ବ୍ୟବହୃତ ୨ଟି ଲୁହା ପାଇପ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ମାନସ ନାମକ ଜଣେ ବ୍ୟକ୍ତି ଗତ ୫ ତାରିଖରେ ଅଶୋକ ନଗରସ୍ଥିତ ରଙ୍ଗିଲା ବାର୍‌କୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ମାନସଙ୍କୁ ଅଭିଯୁକ୍ତ ଓ ସହଯୋଗୀ ବାଉନ୍‌ସରମାନେ ଗାଳି ଗୁଲଜ କରିବା ସହିତ ଲୁହା ପାଇପ ଓ ହକି ଷ୍ଟିକରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ଅଭିଯୁକ୍ତମାନେ ମାନସଙ୍କ କାର କାଚ ଭାଙ୍ଗି ଦେବା ସହ ତାଙ୍କର କିଛି ସୁନା ଗହଣା ଓ ମୋବାଇଲ ଫୋନ ଲୁଟ କରି ପଳାଇଥିଲେ। ଏଥିରେ ମାନସ ଗୁରୁତର ଆହତ ହୋଇଥିଲେ। ମାନସ ଘରକୁ ଫେରିବାରେ ବିଳମ୍ବ ହେବାରୁ ସ୍ତ୍ରୀ ଓ ଭାଇ ଖୋଜିଖୋଜି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ନେଇଥିଲେ। ଘଟଣା ବିଷୟରେ ସ୍ୱାମୀଙ୍କଠାରୁ ତଥ୍ୟ ପାଇବା ପରେ ଏନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରୁଥିବାବେଳେ ଭୁବନେଶ୍ୱରରୁ ଫେରାର ହେବାକୁ ଚେଷ୍ଟା କରୁଥିବାବେଳେ ଗୋଟିଏ କାର ସହିତ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ସହଯୋଗୀ ବାଉନ୍‌ସର ଓ ଅନ୍ୟମାନଙ୍କୁ ଗିରଫ ପାଇଁ ପୋଲିସ ଉଦ୍ୟମ ଚଳାଇଥିବା ଜଣାପଡିଛି।





ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ପଠାଣି ସାମନ୍ତଙ୍କ ୧୧୯ତମ ଜୟନ୍ତୀ ପାଳନ ଅବସରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

## ନିଶା ସେବନ ପାଇଁ ଲୁଟ୍

ଭୁବନେଶ୍ୱର,୧୧।୬ (ବ୍ୟୁରୋ)

ରାସ୍ତାରେ ଅଟକାଇ ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ଛଡାଇ ଫେରାର ହେଉଥିବାବେଳେ ସ୍ଥାନୀୟ ଲୋକେ ଲୁଟେରାଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିର ଦୀପକ ନାୟକ। ତାଙ୍କଠାରୁ ଅପରାଧରେ ବ୍ୟବହୃତ ଗୋଟିଏ ସ୍କୁଟି ଓ ମୋବାଇଲ ଜବତ କରିଛି ପୋଲିସ। ତେବେ ନିଶା ସେବନ ପାଇଁ ଟଙ୍କା ଆବଶ୍ୟକ ପଡିବାରୁ ଅଭିଯୁକ୍ତ ଏମିତି ଅପରାଧ କରିଥିବା ପୋଲିସ ଆଗରେ କହିଛନ୍ତି। ସୂଚନାନୁସାରେ, ଶନିବାର ଜାଗେଶ୍ୱର ଖୋସଲା ୟୁନିଟ-୪ ଏମ୍ଏଲ୍ଏ କଲୋନୀ ଦେଇ ନିଜ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଓ ସହଯୋଗୀ ଗୋଟିଏ ସ୍କୁଟିରେ ଆସି ତାଙ୍କୁ ଧମକ ଦେଇ ପକେଟରୁ ୩୬୦୦ ଟଙ୍କା ଛଡାଇ ନେଇ ପଳାଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଅଭିଯୁକ୍ତ ଦୀପକକୁ କାବୁ କରିଥିବା ବେଳେ ସହଯୋଗୀ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତ ଦୀପକ ପୂର୍ବରୁ କ୍ୟାପିଟାଲ ଥାନାରେ ୮ଟି ଚୋରି ମାମଲାରେ କୋର୍ଟ ଚାଲାଣ ହୋଇଥିବା ପୋଲିସ ଜାଣିବାକୁ ପାଇଛି।

# ପେଟାନାଳ ରାଜନୀତି, ଶ୍ରେୟ ନେବାକୁ ଟଣାଓଟରା

କଟକ ଅଫିସ,୧୧।୬

ସିଡିଏ ପେଟାନାଳ ପୁନରୁଦ୍ଧାର କାର୍ଯ୍ୟକୁ ନେଇ ବିଜେଡି-କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ଏହି କାର୍ଯ୍ୟ ପାଇଁ ୩୮କୋଟି ଟଙ୍କା ଅନୁମୋଦନ କରାଯାଇଛି। ତେବେ ଏହି କାର୍ଯ୍ୟର କିଏ ଶ୍ରେୟ ନେବ ତାହାକୁ ନେଇ ରାଜନୀତି ଜୋର୍ ଧରିଛି। ଗତ ଶନିବାର କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ପେଟାନାଳ ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହାକୁ ନେଇ ପ୍ରଥମେ ମେୟର ଓ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ମଧ୍ୟରେ ମତଭେଦ ଦେଖିବାକୁ ମିଳିଥିଲା। ପରେ ଉଭୟଙ୍କୁ କଡ଼ା ସମାଲୋଚନା କରିଛନ୍ତି କଂଗ୍ରେସ ବିଧାୟକ ଇଂ. ମହମ୍ମଦ ମୋକିମ। ପେଟାନାଳ ପୁନରୁଦ୍ଧାର ପାଇଁ ମୋକିମ ବିଭିନ୍ନ ସମୟରେ ବିଧାନସଭାରେ ଦାବି ଉପସ୍ଥାପନ କରିଥିଲେ। ଏପରି କି ପେଟାନାଳ ଭିତରେ ପଶି ପ୍ରତିବାଦ କରିଥିଲେ। ହେଲେ ଏହି ଶୁଭାରମ୍ଭ କାର୍ଯ୍ୟରେ ବିଧାୟକଙ୍କୁ କାହିଁକି ଡକାଗଲାନି ବୋଲି କଂଗ୍ରେସ କର୍ମୀମାନେ ପ୍ରଶ୍ନ ଉଠାଇଛନ୍ତି।

ଏ ସମ୍ପର୍କରେ ମୋକିମ୍ କହିଛନ୍ତି, ସିଡିଏ ପେଟାନାଳ ଯଦି ଦେବାଶିଷଙ୍କ ଡ୍ରିମ୍ ପ୍ରୋଜେକ୍ଟ ଥିଲା, ତାହାହେଲେ ସେ ୧୦ ବର୍ଷ ବିଧାୟକ ଥିବାବେଳେ କେମିତି କିଛି କାମ କଲେନି। ସେହିପରି ମେୟରଙ୍କୁ ମୋକିମ୍ କହିଛନ୍ତି, ମେୟରଙ୍କ ଏହା ହୀନ ରାଜନୀତି। ମେୟର ହେବା ଆଗରୁ ହିଁ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ ହୋଇଥିଲା। ମୁଁ ବିଧାନସଭାରେ ଏନେଇ ବାରମ୍ବାର ଦାବି ଉପସ୍ଥାପନ କରିଆସିଛି। ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରିଥିବାରୁ ସରକାର ଏ କାମ କରିବାକୁ ବାଧ୍ୟ ହୋଇଛନ୍ତି। ଆଉ ମିଛ ଶ୍ରେୟ ନେବାକୁ ମେୟର ଓ କମିଶନର ମିଳିତ ଭାବେ କାମର ଶୁଭ ଦେଇଛନ୍ତି ବୋଲି ମୋକିମ କହିଛନ୍ତି। ଅପରପକ୍ଷରେ ପେଟାନାଳ କାମର ଶ୍ରେୟ ଦେବାଶିଷ ନେବା ସହ ମେୟରଙ୍କୁ ସେ କଟାକ୍ଷ କରିଛନ୍ତି। ଦେବାଶିଷ କହିଛନ୍ତି, ୨୦୨୧ରେ ପେଟାନାଳର ପୁନରୁଦ୍ଧାର ପାଇଁ ତତ୍କାଳୀନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ କହି ଡିପିଆର ପ୍ରସ୍ତୁତ କରିଥିଲି। ହେଲେ ପରବର୍ତ୍ତୀ ସମୟରେ ସ୍ୱେରେଜ ବିଭାଗ ଡ୍ରେନେଜ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରିଥିଲା। ଏବେ ଡ୍ରେନେଜ ବିଭାଗ ପୁନର୍ବାର ଡିପିଆର ପ୍ରସ୍ତୁତ କରି କାମ ଆରମ୍ଭ କରିଛି। ପେଟାନାଳ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୋକିମଙ୍କୁ ମେୟର ନ ଡାକିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପେଟାନାଳ ପୁନରୁଦ୍ଧାର ଶୁଭାରମ୍ଭ ସରକାରୀ ନା ବେସରକାରୀ ଥିଲା ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ମେୟରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବିଜେଡି କର୍ମୀ ସମ୍ମିଳନୀ

ବାରଙ୍ଗ,୧୧।୬(ଡି.ଏନ୍.ଏ.)

ବିଜେଡି କର୍ମୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବଟାନିକାଲ ଗାର୍ଡେନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁର, ଦାଢା, କଲ୍ୟାଣପୁର, ବରିମୁଣ୍ଡ ଓ ଇଞ୍ଚଣା ଆଦି ୫ ପଞ୍ଚାୟତ ପକ୍ଷରୁ ଏହି ସମ୍ମିଳନୀ ଆୟୋଜିତ ହୋଇଥିବାବେଳେ ପଞ୍ଚାୟତର ବହୁ କର୍ମୀ ଓ ମୁରବି ଏଥିରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇଥିଲେ। ଯେଉଁଭଳି ଭାବେ ଦଳୀୟ କର୍ମୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ସହଯୋଗ ମିଳିଛି, ସେଭଳି ସହଯୋଗ ରହିଲେ ଆଗାମୀ ଦିନରେ ୫ ପଞ୍ଚାୟତ ବିକାଶ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିବ ବୋଲି ବିଧାୟକ ରାଉତ କହିଥିଲେ। ୩୦ନଂ. ଜିଲା ପରିଷଦ ସଭ୍ୟ ବବିତା ରାଉତ ଏହାକୁ ପରିଚାଳନା କରିଥିଲେ।

# ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



ପୁରୁଣା ଭୁବନେଶ୍ୱର,୧୧।୬(ଡି.ଏନ୍.ଏ.)

ଓଡ଼ିଶାର ଗଣପର୍ବ ରଜରେ ଜନସମାଗମକୁ ଦୃଷ୍ଟିରେ ରଖି ଧଉଳି ପାହାଡ଼ ପାଦଦେଶରେ ଅବସ୍ଥିତ ବହିରଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣ ଓ ଚତୁଃପାର୍ଶ୍ୱରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସୁସ୍ଥ ପରିବେଶ, ସୁସ୍ଥ ଜୀବନର ବାର୍ତ୍ତାନେଇ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଆଗକୁ ଆହୁରି ଜୋରଦାର କରାଯିବ ବୋଲି ସମ୍ପାଦକ ଅରୁଣ ପୁରୋହିତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ଉପସଭାପତି ଅକ୍ଷୟ ସ୍ୱାଇଁ, ସାମାଜିକ କର୍ମୀ ଆଲୋକ ସାହୁ, ସଭ୍ୟ ପ୍ରଶାନ୍ତ ମିଶ୍ର, ବୈଶାଳିନୀ ପଟ୍ଟନାୟକ, ବିଧୁ ଶେଖର ସୁବୁଦ୍ଧି, ଧଉଳି ବ୍ୟବସାୟ ସଙ୍ଘ କର୍ମକର୍ତ୍ତା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଜୁ ସେତୁ ପାଇଁ ବିଧାୟକଙ୍କ ଦ୍ୱାରା ଭୂମିପୂଜନ

ବାରଙ୍ଗ,୧୧।୬(ଡି.ଏନ୍.ଏ.)

ବାରଙ୍ଗ ବ୍ଲକ ଅଧୀନ ବେଲଗଛିଆ ପଞ୍ଚାୟତର ନୟାପାଟଣା ଓ ଆମ୍ବବରେଇରୁ ଦାଢ଼ାପାଟଣା ପଞ୍ଚାୟତର ମଧୁସୂଦନପୁରକୁ ସଂଯୋଗ ନିମନ୍ତେ ପୁରୀ ମୁଖ୍ୟ କେନାଲ ଉପରେ ବିଜୁ ସେତୁ ନିର୍ମାଣ ପାଇଁ ରବିବାର ଭୂମିପୂଜନ ହୋଇଯାଇଛି। ଏଥିରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଏହାର ଶିଳାନ୍ୟାସ କରିଥିଲେ। ପୂର୍ବର ଲୁହା ସେତୁଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଫଳରେ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି ହେଉଥିଲା। ଉଭୟ ଗ୍ରାମ ଓ ଚାଷ ଜମି ପୁରୀ ମୁଖ୍ୟ କେନାଲ ଅପର ପାର୍ଶ୍ୱରେ ରହିଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ଜୟପୁର, ବେଲଗଛିଆ, ମଧୁସୂଦନପୁର ଆଦି ଗ୍ରାମକୁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଥିଲା। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପୁରୀ ମୁଖ୍ୟ କେନାଲ ଉପରେ ୫ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ନୂତନ ବିଜୁ ସେତୁକୁ ୧୫ ମାସ ମଧ୍ୟରେ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

# ଦ୍ୱୈତନଗରୀରୁ ଆସୁଥିବା ବସ୍ ତାଳବଣିଆରେ ରହିବ

ପୁରୀ ଅଫିସ ୧୧।୬





ପୁରୀଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

ରଥଯାତ୍ରାକୁ ନେଇ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି। ମହାପ୍ରଭୁଙ୍କ ନୀତିକାନ୍ତିଠାରୁ ଆରମ୍ଭ କରି ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବରେ ସମ୍ପାଦନ କରିବା ନେଇ ସେବାୟତମାନେ ପ୍ରସ୍ତୁତ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଟ୍ରାଫିକ ପୋଲିସ ଏବଂ ପୁରୀ ବସ୍ ଆସୋସିଏଶନ୍, କଟକ ଓ ଭୁବନେଶ୍ୱର ବସ୍ ଆସୋସିଏଶନ୍ ଏବଂ ରାଜ୍ୟ ବସ୍ ଆସୋସିଏଶନ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଟ୍ରାଫିକ ଡିଏସ୍‌ପି ନିରଞ୍ଜନ ସବର, ଟ୍ରାଫିକ ଥାନା ଅଧିକାରୀ ସଙ୍ଗୀତା ଦାସ ଏବଂ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ବସ୍ ଭକ୍ତ ଏବଂ ଯାତ୍ରୀମାନଙ୍କୁ କିପରି ସେବା ଯୋଗାଇଦେବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ତାଳବଣିଆ ଏବଂ ମାଳତିପାଟପୁରଠାରେ ଦୁଇଟି ସ୍ଥାନରେ ଘୋଷଯାତ୍ରା ସମୟରେ ବସ୍ ରହିବ। ମାଳତିପାଟପୁରରେ ଯାତ୍ରୀବାସୀ ବସ୍‌ଗୁଡିକ ରହିବ। ସେହିପରି ଲୋକାଲ ଯାତ୍ରୀବାହୀ ଗାଡିଗୁଡିକ ତାଳବଣିଆସ୍ଥିତ ଅସ୍ଥାୟୀ ବସଷ୍ଟାଣ୍ଡରେ ରହିବ। ଭୁବନେଶ୍ୱର ଓ କଟକରୁ ଆସୁଥିବା ବସ୍‌ଗୁଡିକ ମାଳତିପାଟପୁର ଓଭରବ୍ରିଜ ଦେଇ ତାଳବଣିଆକୁ ଆସିବେ। ଏହି ନିୟମ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ଦିନ ଲାଗୁ ହେବ। ତେବେ ଅନ୍ୟଦିନରେ ଚାଳକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଲାଗୁ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଅପରପକ୍ଷେ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ଦିନରେ ଅଟୋଗୁଡିକୁ ଟାଉନ୍ ପ୍ରବେଶ ପାଇଁ ବାରଣ କରାଯାଇଛି। ସେହିପରି କୌଣସି ଚାଳକ ନିଶା ସେବନ କରି ଗାଡି ଚଳାଇବେ ନାହିଁ। ଭକ୍ତମାନଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଟଙ୍କା ନେବେ ନାହିଁ। ଓଭର ଲୋଡିଂ କରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବସ୍‌ରେ ରେଟ ଚାର୍ଟ ଲାଗାଯିବ, ଗାଡି ଚଳାଇବାବେଳେ ମୋବାଇଲ ବ୍ୟବହାର କରିବେ ନାହିଁ। ଗାଡି ଲିମିଟ୍ ବେଗରେ ଚଳାଇବେ। ଚେକିଂ କରିବା ପାଇଁ ଅଫିସରମାନେ ଦାୟିତ୍ୱରେ ରହିବେ। ବସ୍ କେଉଁ କ୍ୟାଟୋଗୋରିର ତାହା ଉଲ୍ଲେଖ ରହିବ। ଆଇନ ଉଲ୍ଲଘଂନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ପାର୍କିଂ ଫି' ଶୋଷଣ: ଇ-ଯାନ ପାଇଁ ମିଳୁନି ରିହାତି

- ଏଜେଣ୍ଟ-ଗାଡ଼ି ମାଲିକ ମୁହାଁମୁହିଁ
- ଅଧିକାରୀ ଜାଣୁ ନାହାନ୍ତି ନିୟମ

ଭୁବନେଶ୍ୱର, ୧୧।୬ (ବ୍ୟୁରୋ)

ରାଜଧାନୀରେ ପାର୍କିଂ ଫି' ଲୋକଙ୍କ ଚିନ୍ତା ବଢ଼ାଇଛି। ଗାଡ଼ି ରଖିବା ମାତ୍ରେ କେହି ନା କେହି ଆସି ପାର୍କିଂ ଫି' ଦେବାକୁ ଜୁଲମ କରୁଛନ୍ତି। ରସିଦ ମାଗିଲେ, ନାଲି ଆଖି ଦେଖାଇବା ସହ ଗାଳିଗୁଲଜ ଓ ଦୁର୍ବ୍ୟବହାର କରୁଥିବା ନେଇ ଅନେକ ସମୟରେ ଅଭିଯୋଗ ଉଠିଛି। ଏବେ ପାର୍କିଂସ୍ଥଳରେ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ଦେବାପାଇଁ ଦାବି କରିବା ଏବଂ ଏହାକୁ ନେଇ ଗାଡି ରଖୁଥିବା ବ୍ୟକ୍ତି ଓ ପାର୍କିଂ ଏଜେଣ୍ଟଙ୍କ ମଧ୍ୟରେ କଥା କଟାକଟି ପୁଣିଥରେ ଦେଖିବାକୁ ମିଳିଛି। ଘଟଣାନୁଯାୟୀ, ଭୁବନେଶ୍ୱରର ସ୍ମାର୍ଟ ଜନପଥ ଅଞ୍ଚଳରେ ପ୍ରସନ୍ନଜିତ ପତି ନାମକ ଜଣେ ବ୍ୟକ୍ତି ତାଙ୍କର ଇଲେକ୍ଟ୍ରିକ୍ କାର ପାର୍କ କରିଥିଲେ। ଏଥିପାଇଁ ସେଠାରେ ନିୟୋଜିତ ଟିଜି ସ୍ୱୀକୃତି ଏସ୍‌ଏଟ୍‌ଜିର ପାର୍କିଂ ଏଜେଣ୍ଟ ତାଙ୍କୁ ୨୦ଟଙ୍କା ଦେବା ପାଇଁ କହିଥିଲେ। ମାତ୍ର ଇ-ଗାଡ଼ି ପାର୍କିଂ ଫି'ରେ ସରକାର ୪୦% ରିହାତି ରଖିଥିବାରୁ ୧୨ଟଙ୍କା



ଦେବାକୁ ପ୍ରସନ୍ନଜିତ୍ ଯୁକ୍ତି କରିଥିଲେ। କିନ୍ତୁ ସମ୍ପୃକ୍ତ ଏଜେଣ୍ଟ ଏହାକୁ ନଶୁଣି ୨୦ଟଙ୍କା ଫି' ଦେବାକୁ ଦାବି କରିଥିଲେ। ଏଜେଣ୍ଟ ଧରିଥିବା ପିଓଏସ୍ ମେଶିନ୍‌ରେ ରହିଥିବା ୪ଚକିଆ ଯାନର ଚିହ୍ନକୁ ଛୁଇଁବା ପରେ ସେଥିରେ ପାର୍କିଂ ଦର ୧୨ଟଙ୍କା ରହିଥିବା ପ୍ରସନ୍ନଜିତ ସମ୍ପୃକ୍ତ ଏଜେଣ୍ଟଙ୍କୁ ଦେଖାଇଥିଲେ। ମାତ୍ର ଏହାସତ୍ତ୍ୱେ ସେ ୨୦ଟଙ୍କାରୁ କମ୍ ଫି' ନେବାକୁ ରାଜି ହୋଇ ନ ଥିଲେ, ଯାହାକୁ ନେଇ କିଛି ସମୟ ଧରି ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ପ୍ରସନ୍ନଜିତ୍ ଘଟଣା ସମ୍ପର୍କରେ ଟୁଇଟ୍ କରି ବିଏମ୍‌ସିକୁ ଅଭିଯୋଗ କରିଛନ୍ତି। ଏଜେଣ୍ଟ ଧରିଥିବା ପିଓଏସ୍ ମେଶିନ୍‌ର ବ୍ୟବହାର ସମ୍ପର୍କରେ ନିଜେ ଅବଗତ ନ ଥିବା କିମ୍ବା ସେମାନଙ୍କୁ ଠିକ୍ ଭାବେ ଟ୍ରେନିଂ ଦିଆଯାଇ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି। କେବଳ ସେତିକି ନୁହେଁ, ଟିଜି ଗ୍ରୁପ୍‌କୁ ପାର୍କିଂ ଦାୟିତ୍ୱ ଦେଇଥିବା ବିଏମ୍‌ସିର ଅଧିକାରୀ ମଧ୍ୟ ଏନେଇ ଠିକ୍ ଭାବେ ଅବଗତ ନ ଥିବା ଜଣାପଡିଛି। ଏନେଇ ବିଏମ୍‌ସି ଡେପୁଟି କମିଶନର (ରେଭିନ୍ୟୁ) ସପନ ନନ୍ଦଙ୍କୁ ପଚାରିବାରୁ ସେ କହିଛନ୍ତି, ବିଏମ୍‌ସିର ନିର୍ଦ୍ଧାରିତ ପାର୍କିଂ ଫି' ଅନୁଯାୟୀ, ଦୁଇ ଚକିଆ ଯାନ (ପ୍ରଥମ ଦୁଇଘଣ୍ଟା) ପାଇଁ ୫ଟଙ୍କା ଦେୟ ଧାର୍ଯ୍ୟ ହୋଇଥିବାବେଳେ ୪ଚକିଆ ଯାନ (ପ୍ରଥମ ଦୁଇଘଣ୍ଟା) ପାଇଁ ୨୦ଟଙ୍କା ଫି' ରହିଛି। ତେବେ ଇଲେକ୍ଟ୍ରିକ ଗାଡ଼ି ପାଇଁ ସେଭଳି କିଛି ରିହାତି ଥିବା ନେଇ ସେ ଅବଗତ ନ ଥିବା କହିଛନ୍ତି। ସେହିପରି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ଜେନେରାଲ ମ୍ୟାନେଜର ସୁବ୍ରତ ବେହେରା ମଧ୍ୟ ଏନେଇ କିଛି ଜାଣି ନ ଥିବା କହିଛନ୍ତି। ତେବେ ବାରମ୍ବାର ପାର୍କିଂ ଫି' ଆଦାୟକୁ ନେଇ ନିୟୋଜିତ ଏଜେଣ୍ଟ, ଟେଣ୍ଡର ନେଇଥିବା ସଂସ୍ଥା ପକ୍ଷରୁ ଲୋକଙ୍କୁ ଶୋଷଣ କରା ଯାଉଥିବାବେଳେ ବିଏମ୍‌ସି ଏ ସବୁ ଦେଖି ନ ଦେଖିବା ଭଳି ଅଭିନୟ କରୁଛି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଗୋପ,୧୧।୬(ଡି.ଏନ୍.ଏ.):** ଗୋପ ଥାନା ଅନ୍ତର୍ଗତ ବେଗୁନିଆ ଗାଁରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଚିଣ୍ଟୁ ପରିଡା (୧୯)। ପ୍ରକାଶ ଯେ ଚିଣ୍ଟୁ ସ୍ଥାନୀୟ ଏକ ଦୋକାନରେ କାମ କରୁଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ. ୧୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ରବିବାର ଅପରାହ୍ଣରେ ନିଜ ଘରକୁ ଚିଣ୍ଟୁ ଆସି ହଠାତ୍ ଏକ ଘରେ ରହି କବାଟ ବନ୍ଦ କରିଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରକୁ ନ ଆସିବାରୁ ପରିବାର ଲୋକ ସନ୍ଦେହରେ କବାଟ ଖୋଲିବା ବେଳେ ଚିଣ୍ଟୁ ଏକ ଦଉଡି ବେକରେ ବାନ୍ଧି ଝୁଲୁଥିଲେ। ତୁରନ୍ତ ତାଙ୍କୁ ଓହ୍ଲାଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଡାକ୍ତର ପରୀକ୍ଷା କରିବା ପରେ ଚିଣ୍ଟୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରେମ ଜନିତ ଘଟଣାକୁ ନେଇ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ବୋଲି ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ଡ.ସୁନ୍ଦର ନାରାୟଣ ପାତ୍ରଙ୍କୁ ପ୍ରଥମ ବାଙ୍କ ବିହାରୀ ପରିବେଶ ସମ୍ମାନ

ଭୁବନେଶ୍ୱର,୧୧।୬(ବ୍ୟୁରୋ): ଅନୁଷ୍ଠାନ ସମ୍ଭାବନା ପକ୍ଷରୁ ଆସନ୍ତା ୧୪ ତାରିଖ ତଥା ପହିଲି ରଜ ସନ୍ଧ୍ୟାରେ ସୂଚନା ଭବନରେ ଆୟୋଜିତ ହେବ 'ରଜ ମଉଜ' କାର୍ଯ୍ୟକ୍ରମ। ଓଡ଼ିଆଙ୍କର ଏହି ପ୍ରମୁଖ ପର୍ବ ହେଉଛି ପରିବେଶ ଓ ପରମ୍ପରାର ପର୍ବ। ବନସ୍ତେ ଡାକିଲା ଗଜଠାରୁ ରଜଦୋଳି ଓ ସଂଜର ବିଲୁଆ ହୁକେ ହୋ କରିବା ପୂର୍ବରୁ ରାତ୍ର ଭୋଜନ ହେଉ, ସବୁକିଛି ପରିବେଶ ଓ ପ୍ରକୃତିକୁ ନେଇ। ମାତ୍ର ସଂପ୍ରତି ଧ୍ୱଂସ ହୋଇଚାଲିଥିବା ପରିବେଶ ଓ ପ୍ରକୃତିର ବିପର୍ଯ୍ୟୟ ସଂପର୍କରେ ଚେତନା ସୃଷ୍ଟି ପାଇଁ ସମ୍ଭାବନା ବିଶ୍ୱ ପରିବେଶ ଦିବସରୁ ଆଲୋଚନାଚକ୍ର ଜରିଆରେ ଆରମ୍ଭ କରିଛି ଅଭିଯାନ। ଏହି ପରିପ୍ରେକ୍ଷୀରେ ପ୍ରଥମ ଥର ପାଇଁ ଓଡ଼ିଶାର ପ୍ରାକ୍ତନ ମନ୍ତ୍ରୀ, ରାଜନେତା ଓ ପରିବେଶ କର୍ମୀ ବାଙ୍କ ବିହାରୀ ଦାସଙ୍କ ନାମରେ ନାମିତ ପ୍ରଥମ ପରିବେଶ ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ପ୍ରଥମ ବାଙ୍କ ବିହାରୀ ପରିବେଶ ସମ୍ମାନ ପାଇବେ ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ତଥା ପରିବେଶ କର୍ମୀ ଡ.ସୁନ୍ଦର ନାରାୟଣ ପାତ୍ର। ଏ ନେଇ ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ପରିଜା ସୂଚନା ଦେଇଛନ୍ତି।

### ନବନିଯୁକ୍ତ କଂଗ୍ରେସ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା

**ପୁରୀ ଅଫିସ, ୧୧।୬:** ନବ ନିର୍ବାଚିତ ପୁରୀ ଜିଲା କଂଗ୍ରେସ କମିଟି ସଭାପତିଙ୍କୁ ରବିବାର ଜିଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭିଆଇପି ରୋଡ୍‌ସ୍ଥିତ ଇନ୍ଦିରା ଭବନ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ନବନିଯୁକ୍ତ କଂଗ୍ରେସ କମିଟି ସଭାପତି ଜୟନାରାୟଣ ପଟ୍ଟନାୟକଙ୍କୁ ଜିଲା ଯୁବ କଂଗ୍ରେସ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅମରେନ୍ଦ୍ର ପାଇକରାୟ ସଭାପତିତ୍ୱ କରିଥିଲେ। ଯୁବ କଂଗ୍ରେସ ସଭାପତି ପ୍ରେମଜିତ ମହାନ୍ତି, ଏଆଇସିସି ସଭ୍ୟ ସୁଜିତ ମହାପାତ୍ର, ଛାତ୍ର ନେତା ବିଶ୍ୱରଞ୍ଜନ ମହାପାତ୍ର, ପିସିସି ସମ୍ପାଦକ ବିଶ୍ୱନାଥ ଦାଶ, ରାଜା ମହାନ୍ତି, ପୂର୍ବତନ ପୌର ସଦସ୍ୟ ସୀତାକାନ୍ତ ମହାନ୍ତି, ନିରଞ୍ଜନ ରଥ, ଚେତନ ମିଶ୍ର, ମନୋଜ କୁମାର ବେହେରା, ସେକ୍ ଅଇନୁଲ ହକ, ଅନିମେଶ ପଟ୍ଟନାୟକ, ମନୋଜ ମହାପାତ୍ର ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆଗାମୀ ଦିନରେ ବୁଥସ୍ତରୀୟ କାର୍ଯ୍ୟକ୍ରମ ହାତକୁ ନିଆଯିବ ଏବଂ କଂଗ୍ରେସକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରାଯିବା ପାଇଁ ସମୂହ ଶପଥ ଗ୍ରହଣ କରାଯାଇଥିଲା।

### ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ଶୋକ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୬(ଡି.ଏନ୍.ଏ.):** ନାଚୁଣୀ କଲେଜର ଅବସରପ୍ରାପ୍ତ କର୍ମଚାରୀ ଶରତ ନାୟକ(୬୧)ଙ୍କ ପରଲୋକ ହୋଇଯାଇଛି। ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ, ସଚ୍ଚୋଟ ଓ ବିଶ୍ୱସ୍ତ କର୍ମଚାରୀ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ମୃତଦେହ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ବିଭୁ ପ୍ରସାଦ ମୁଖାଗ୍ନି ଦେଇଥିଲେ। ନାଚୁଣୀ କଲେଜର ପ୍ରତିଷ୍ଠାତା ତଥା ଚିଲିକାର ପୂର୍ବତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, କଲେଜ ଅଧକ୍ଷ ନାରାୟଣ ବଳିଆରସିଂହ, ମୁଖ୍ୟ କିରାଣି ପ୍ରମୋଦ କୁମାର ସୁବୁଦ୍ଧି, ସାମ୍ବାଦିକ ଦିଲୀପ କୁମାର ଶତପଥୀ ଏବଂ କଲେଜର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀମାନେ ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ସହରରେ ବଢୁଛି ଚୋରା ବନ୍ଧୁକ କାରବାର

■ ବିହାରରୁ ଲମ୍ବିଛି ଚେର, ଶସ୍ତାରେ ମିଳୁଛି
■ ଅପରାଧ ମୁକ୍ତ ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବ: ଏସ୍‌ପି

**ଖୋର୍ଦ୍ଧା ଅଫିସ,୧୧।୬**

ଖୋର୍ଦ୍ଧା ନିଶା କାରବାରର ହବ୍ ପାଲଟିଥିବା ବେଳେ ଚୋରା ବନ୍ଧୁକ କାରବାର ମଧ୍ୟ ବଢ଼ିଚାଲିଛି। ଏକାଧିକ ଅସାମାଜିକ ଯୁବକଙ୍କ ପାଖରେ ବନ୍ଧୁକ ରହିଛି। ମାରଣାସ୍ତ୍ର, ବୋମା ପରିବର୍ତ୍ତେ ଏବେ କଥା କଥାକେ ଗୁଳି ଫୁଟୁଛି। ସହରରେ ଅପରାଧ ବଢ଼ିଚାଲିଥିବା ବେଳେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ। ବିହାର, ଝାଡ଼ଖଣ୍ଡ ଆଦି ପଡ଼ୋଶୀ ରାଜ୍ୟରୁ ଅପରାଧୀମାନେ ୧୦ରୁ ୧୫ ହଜାର ଟଙ୍କାରେ ଚୋରା ବନ୍ଧୁକ ପାଇଯାଉଛନ୍ତି। ତେବେ ବନ୍ଧୁକ କାରବାର ପଛରେ ଏକ ରାକେଟ୍ କାମ କରୁଛି। ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାରେ ପହଞ୍ଚୁଛି। ପୋଲିସ ଏହାକୁ ରୋକିବାରେ ବିଫଳ ହୋଇଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ କୌଣସି ଅଭିଯୁକ୍ତ ବନ୍ଧୁକ ସହ ଗିରଫ ହେଲେ ବନ୍ଧୁକ କେଉଁଠୁ ଆଣିଛନ୍ତି, କିଏ ଏମାନଙ୍କୁ ଯୋଗାଇ ଦେଉଛି, ଏମାନଙ୍କ ସାଥିରେ ଅନ୍ୟ କେଉଁମାନେ ଅଛନ୍ତି, ସେ ସବୁଦିଗ ଉପରେ ପୋଲିସ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ସହରରେ ବେଆଇନଭାବେ ବନ୍ଧୁକ କାରବାର ବଢ଼ିଚାଲିଛି।

ପ୍ରକାଶ ଯେ, ଗତ ୭ ତାରିଖ ଆଦର୍ଶ ଥାନା ଅନ୍ତର୍ଗତ ଠେଙ୍ଗାହାଟ ଛକରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଡ୍ରଗ୍ସ ବେପାରୀ ସୋମନାଥ ଭୁଜବଳ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ମୃତ୍ୟୁବରଣ କରିଥିଲେ। ସେହିପରି ଗତ ୧୫ ତାରିଖରେ ପାନବରଜ ଗୁଳିକାଣ୍ଡ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୨ଟି ବନ୍ଧୁକ ଓ ୩ ଗୁଳି ଜବତ କରିଛି। ୨୦୨୨ ମସିହାରେ ଖୋର୍ଦ୍ଧା ପୋଲିସ ୨୦୨୦ ଦଧିମାଛଗାଡିଆ ଲାଲା ପ୍ରଧାନ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ମହେଶ୍ୱର ସାହୁଙ୍କୁ ଜଟଣୀ ବାଇପାସ୍‌ଠାରୁ ଧରିଥିବା ବେଳେ ତାଙ୍କଠାରୁ ୩ କେଜି ୬୦୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଦେଶୀ ବନ୍ଧୁକ, ଗୁଳି ଜବତ କରିଥିଲା। ୨୦୨୨ ଏପ୍ରିଲ ୨୭ରେ ଖୋର୍ଦ୍ଧା ପୋଲିସ ଜଙ୍କିଆ ଥାନା ଡମଣଭୂଇଁ ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ ଘରେ ବନ୍ଧୁକ ତିଆରି କାରଖାନା ଚାଲିଥିବା ଖବରପାଇ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଥିଲା। ସେଠାରୁ ୩ଟି ଦେଶୀ ବନ୍ଧୁକ, ୬ଟି ଗୁଳି, ୨ଶହ ଗ୍ରାମ୍ ଗନ୍ ପାଉଡର, ଖାଲି କାଟ୍ରିଜ ଏବଂ ବନ୍ଧୁକ ତିଆରି ସାମଗ୍ରୀ ମଧ୍ୟ ଜବତ ହୋଇଥିବା ସେ ସମୟରେ ତତ୍କାଳୀନ ଏସ୍‌ପି ଅଲେଖ ଚନ୍ଦ୍ର ପହି ସୂଚନା ଦେଇଥିଲେ।

୨୦୨୧ ମାର୍ଚ୍ଚର ଦୁଇ ସପ୍ତାହ ମଧ୍ୟରେ ପୋଲିସ ବିଭିନ୍ନ ମାମଲାରେ ୧୨ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୬ଟି ବନ୍ଧୁକ, ଗୁଳି, ମାରଣାସ୍ତ୍ର, ଖଣ୍ଡାକାତି, ବୋମା, ବାଇକ୍, କାର ଜବତ କରିଛି। ଖୋର୍ଦ୍ଧା ଟାଉନ ପୋଲିସ ୨୦୨୧ ଫେବୃୟାରୀ ୧୨ରେ ଗୁରୁଜଙ୍ଗ ଶ୍ୱଶୁର ଘରେ ଜ୍ୱାଇଁଙ୍କ ଗୁଳିକାଣ୍ଡ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨ଟି ବନ୍ଧୁକ, ୩ଟି ଗୁଳି, ୭ଟି ମୋବାଇଲ ଏବଂ କାର ଜବତ ହୋଇଥିଲା। ସେହିପରି ୧୧ତାରିଖ ବିଳମ୍ବିତ ରାତିରେ ଚଣ୍ଡିତୁଆ ଛକରେ ଡକାୟତି ଯୋଜନା ବେଳେ ପୋଲିସ ୨ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କଠାରୁ ଏକ ବନ୍ଧୁକ ଜବତ ହୋଇଥିଲା। ଡିସେମ୍ବର ୮ରେ ଗୁରୁଜଙ୍ଗ ଗୁଳିକାଣ୍ଡ ଘଟଣାରେ ଟାଉନ ପୋଲିସ ଫେବୃୟାରୀ ୨୭ରେ ମୁଖ୍ୟ ଅଭିଯୁକ୍ତ ଦିପୁ ଓରଫ ଦୀପକ କୁମାର ପ୍ରଧାନ(୨୬)ଙ୍କୁ ଗିରଫ କରିଥିଲା। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ପିସ୍ତଲ ଓ ୨ଟି ଗୁଳି ଜବତ କରିଥିଲା। ସେହିପରି ଜାତୀୟ ରାଜପଥରେ ଡକାୟତି ଉଦ୍ୟମ ବେଳେ ୨ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୨ଟି ବନ୍ଧୁକ ଓ ୩ଟି ଗୁଳି ଜବତ ହୋଇଛି। ଏ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି, ସହରକୁ ବନ୍ଧୁକ କିପରି ଆସୁଛି, ତାହାର ତଦନ୍ତ ଚାଲିଛି। ଏଥିସହ ପୂର୍ବ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଖୋର୍ଦ୍ଧାକୁ ଅପରାଧମୁକ୍ତ ଲାଗି ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବ ବୋଲି ସେ କହିଛନ୍ତି।

## ୩ରଥର ଘୋଡ଼ାଇଶ ନିର୍ମାଣ ଶେଷ ପର୍ଯ୍ୟାୟରେ



### ରଥଖଳାରୁ ...

**ପୁରୀ ଅଫିସ,୧୧।୬ :** ଘୋଷ ଯାତ୍ରାକୁ ଆଉ ଅଳ୍ପ ଦିନ ବାକି ଥିବାବେଳେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ତିନିରଥର ପାରାଭାଡ଼ି ସମେତ ୧୩ ତମ ପରସ୍ତ 'ଖପୁରି ପାରେଣି' ପଡ଼ିବା ସହ ତିନିରଥ ଚାରିପାର୍ଶ୍ୱରେ ତାଗ ବାଡ଼ିଆ ଶେଷ ହେବାପରେ ତିନିରଥର ଦୁଇଟି ଲେଖାଏ ଆଗଆଣି ଏବଂ ପଛଆଣି 'କତରା' ନିର୍ମାଣ ଶେଷ ପରେ ତିନି ରଥରେ ଫିଟିଂ କରାଯାଇଛି। ମାପ ପ୍ରକାରେ କତରାରେ କାପ କରାଯାଇ ଗୁଜ ଏବଂ ଗୟଳ ଟାଣ ଉପରେ କଣ୍ଟା ବାଡ଼ିଆ ଯାଇ ଫିଟିଂ କରାଯାଇଛି। ରଥର ବିଭିର୍ଣ୍ଣ ଅଂଶକୁ ବାନ୍ଧି ରଖିବା ପାଇଁ କତରା ବାଡ଼ିଆ ହୋଇଥାଏ, ସେବାକାରୀମାନେ ରଥ ଉପରକୁ ଉଠିବାରେ ଏହା ସହାୟକ ହୋଇଥାଏ। ତିନିରଥ ଚାରି ପାର୍ଶ୍ୱରେ ତାଗ ବା ବଟନ ବାଡ଼ିଆ ପରେ ତାଗ ଉପରେ ପଟା ବାଡ଼ିଆ କାର୍ଯ୍ୟ ଜାରି ରହିଛି। ମହାରଣା ସେବକମାନେ ତିନି ବାଡର 'ପ୍ରଭା' ଏବଂ ଶ୍ରୀବିଗ୍ରହମାନଙ୍କ 'ଚକା ବଇଠି' ନିର୍ମାଣ ଶେଷ କରିଛନ୍ତି। ଏଥିସହ ରବିବାର ତିନିରଥର ଦୁଇଟି ଲେଖାଏ 'ଘୋଡାଇଶ' ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଘୋଡାଇଶ ଚାର ପରିଚ୍ଛା, ନିରାଡ଼ି ମଧ୍ୟରେ ଥିବା ଫାଙ୍କରେ ଭର୍ତ୍ତି କରାଯାଇ ସଂଯୋଗ କରାଯିବ। ତିନିରଥର ଦୁଇଟି ଲେଖାଏ ୨୦ ଫୁଟର ସାଙ୍ଗି ନିର୍ମାଣ ଶେଷ ହୋଇଛି। ଏହାଦ୍ୱାରା ଭୋଇ ସେବକମାନେ ରଥ ସାରଥୀ, ରଥ ଦଉଡ଼ି ଅନ୍ୟାନ୍ୟ ଜିନିସାତ ବୋହି ନେବାରେ ବ୍ୟବହୃତ ହେବ। ରୂପକାର ସେବକମାନେ ତିନିରଥର ବାକି ନାତଗୋଡ଼ଗୁଡିକରେ କନ୍ଦର୍ପ ରୂପ ଖଦେଇ ଶେଷ କରିଛନ୍ତି, ସୋମବାର ଅନୁକୂଳ ପୂଜା ପରେ 'ପ୍ରଭା'ଗୁଡିକରେ ରୂପ ଖୋଦେଇ ଆରମ୍ଭ କରିବେ। ଚିତ୍ରକାର ସେବକମାନେ ତିନିରଥର ଚାରୋଟି ଲେଖାଏ ଦୁଆର ବେଢାରେ ରୂପ ଚିତ୍ର ସହ, ରଥ ପାର୍ଶ୍ୱ ଦେବଦେବୀ, କଳସ, ଓଲଟ ଶୁଆ, ହଂସ ପଟା, ରଥ ବାହ୍ୟ ଅଂଶରେ ଚିତ୍ର କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି କମାରଶାଳରେ ଓଝା ସେବକମାନେ ଜଗତ ପୃଷ୍ଠ ଶେଣି କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦରଜି ସେବକମାନେ ତିନିରଥର ବଡା କନାର ବିକାଶ ପଟିରେ ଲେସ କାମ ଜାରି ରଖିଛନ୍ତି।



ପୁରୀ ନୀଳାଚଳ ଅର୍ବାନ ହାଟ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳାରେ ଅତିଥିମାନେ ବିଭିନ୍ନ ଷ୍ଟଲ୍ ବୁଲି ଦେଖୁଛନ୍ତି।

# ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

**ପୁରୀ ଅଫିସ,୧୧।୬**

ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ନିଗମ ପକ୍ଷରୁ ପୁରୀ ନୀଳାଚଳ ଅର୍ବାନ ହାଟ ପରିସରରେ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ରଜ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବୟନିକାର ପରିଚାଳନା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଏହାକୁ ଉଦ୍‌ଘାଟନ କରିବା ସହ ଓଡ଼ିଶାର ଏକ ପ୍ରମୁଖ ଉତ୍ସବ ରଜ ପର୍ବ ଅବସରରେ ଏହି ମେଳା ଅନୁଷ୍ଠିତ ହେଉଥିବାରୁ ଏହା ଉଭୟ ବୁଣାକାର ଓ ଗ୍ରାହକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ। ଏଥିରେ ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ଏହି ମେଳା ମାଧ୍ୟମରେ ଆମ ପାରମ୍ପରିକ କଳା, ବୁଣାକାରମାନଙ୍କ ଉତ୍ପାଦିତ ସାମଗ୍ରୀ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାର ପ୍ରୟାସ କରାଯାଉଛି ବୋଲି କହିଥିଲେ। ମେଳାରେ ୩୮ଟି ପ୍ରାଥମିକ ସମବାୟ ସମିତି ଯୋଗଦେଉଥିବା ବେଳେ ସେଥିମଧ୍ୟରୁ ୩୩ଟି ଓଡ଼ିଶାର ବିଭିନ୍ନ ହସ୍ତତନ୍ତ ସଂସ୍ଥା ଓ ସମିତି ପାଇଁ ଉଦ୍ଦିଷ୍ଟ। ଅନ୍ୟ ୫ଟି ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଜମ୍ମୁକଶ୍ମୀର ଓ ହରିୟାଣା ରାଜ୍ୟର ସମିତିମାନେ ଅଂଶଗ୍ରହଣ କରୁଛନ୍ତି। ଏଥିରେ ଓଡ଼ିଶାର ବାନ୍ଧ ବସ୍ତ୍ର, ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଜମ୍ମୁକଶ୍ମୀରର ପଶ୍ମିନା ସାଲ୍, ଦିଲ୍ଲୀ ଓ ହରିୟାଣା ଲଫର୍ନସିଙ୍ଗ ବସ୍ତ୍ର ଶାଢି ଆଦି ଉପଲବ୍ଧ ରହିଛି ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଏହି ମେଳା ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଦିବା ୧୧ଘଟିକାରୁ ରାତ୍ରି ୯ଘଟିକା ପର୍ଯ୍ୟନ୍ତ ଖୋଲା ରହିବ ଓ ପ୍ରତ୍ୟେକ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ରହିଛି ବୋଲି ସୂଚନା ଦିଆଯାଇଛି। ଜିଏମ ମିଲି ସାମନ୍ତରାୟ, ଉପ ନିର୍ଦ୍ଦେଶକ ଉମାପତି ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପୁରୀ ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ୧୩ରେ ରଥଯାତ୍ରାର ଶେଷ ସମନ୍ୱୟ ବୈଠକ

**ପୁରୀ ଅଫିସ,୧୧।୬**

ଘୋଷଯାତ୍ରାକୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଘୋଷଯାତ୍ରା କାର୍ଯ୍ୟକୁ ନେଇ ଜିଲାପାଳ ରବିବାର ସମୀକ୍ଷା କରିଛନ୍ତି। କେଉଁଠି କି କାର୍ଯ୍ୟ ଚାଲିଛି, କେତେଦୂର ଆଗେଇଛି, ପ୍ରକଳ୍ପ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ ଜିଲାପାଳ ସମର୍ଥ ବର୍ମା। ଏ ନେଇ ଜିଲାପାଳ କହିଥିଲେ, ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସେବାୟତଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଇଛି। ସେବାୟତଙ୍କ ସହଯୋଗରେ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ ଭାବେ ଚାଲିଛି। ଅପରପକ୍ଷେ ସମସ୍ତ ବିଭାଗ ମଧ୍ୟ ତାଙ୍କର କାର୍ଯ୍ୟ ଜାରି ରଖିଛନ୍ତି। ସବୁ କାର୍ଯ୍ୟ ମଧ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ସେହିପରି ସମସ୍ତ ନିଯୋଗ ସହ ଆଲୋଚନା କରାଯାଇଛି। ରଥ ଖଳାରେ ମଧ୍ୟ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସମସ୍ତଙ୍କ ସମନ୍ୱୟରେ ଶ୍ରୀଗୁଣ୍ଡିଚା ଯାତ୍ରା ଯେପରି ସମ୍ପନ୍ନ ହେବ ତାହା ନଜରରେ ରଖାଯାଇଛି। ଆଉ ୩ ଚାରିଦିନ ଭିତରେ ପରିକ୍ରମା ମାର୍ଗର ଆଉଡର କାର୍ଯ୍ୟ ଭକ୍ତଙ୍କ ପାଇଁ ଖୋଲାଯିବ। ଗୁଣ୍ଡିଚା ମନ୍ଦିର ପରିସରରେ ଚାଲିଥିବା କାର୍ଯ୍ୟ ଅଧିକାଂଶ ସରିଛି। ମହାପ୍ରଭୁଙ୍କ ପହଣ୍ଡି ରାସ୍ତାରେ ଖଣ୍ଡଲାଇଟ ପଥର ପକାଯାଇଛି। ଅପରପକ୍ଷେ ୧୩ ତାରିଖରେ ରଥଯାତ୍ରାର ଶେଷ ସମନ୍ୱୟ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ତେବେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ବୈଠକରେ ଯୋଗଦେବେ। ବୈଠକରେ ସମସ୍ତ ବିଭାଗର ଅଧିକାରୀ, ସେବାୟତ, ମନ୍ତ୍ରୀ ଯୋଗଦେବେ। ବିଦ୍ୟୁତ କାଟ ଉପରେ ନଜର ରଖି ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଉଛି ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି। ଅପରପକ୍ଷେ ସୋମବାର ଗଜପତିଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ସ୍ୱାମୀ ବିବେକାନନ୍ଦ ଯୁବ ସମାଜର ଆଦର୍ଶ




**ପୁରୀ ଅଫିସ,୧୧।୬**

ରାମକୃଷ୍ଣ ମିଶନ ପୁରୀ ଆଶ୍ରମ ପରିସରରେ ରାମକୃଷ୍ଣ ମିଶନ ପ୍ରତିଷ୍ଠାର ୧୨୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏକ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶକୁ ରାମକୃଷ୍ଣ ମଠ ଓ ମିଶନ ଭୁବନେଶ୍ୱର ସନ୍ନ୍ୟାସୀ ସ୍ୱାମୀ ଆର୍ଯ୍ୟା ନନ୍ଦଜୀ ଉଦ୍‌ଘାଟିତ କରିଥିଲେ। ସ୍ୱାମୀ ବିବେକାନନ୍ଦ ଯୁବ ସମାଜର ଆଦର୍ଶ। ସ୍ୱାମୀ ବିବେକାନ୍ଦଙ୍କ ବାଣୀ ଓ ରଚନା କିପରି ଯୁବଗୋଷ୍ଠୀ ମଧ୍ୟରେ ପ୍ରଭାବ ବିସ୍ତାର କରିଛି ତାହା ସ୍ୱାମୀଜୀ ଉପସ୍ଥାପନା କରିଥିଲେ। ରାମକୃଷ୍ଣ ମିଶନ ପୁରୀର ବରେଣ୍ୟ ସନ୍ନ୍ୟାସୀ ତଥା ସମ୍ପାଦକ ଆପତେ ସ୍ୱରାନନ୍ଦ ଜୀ ମହାରାଜ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ରାମକୃଷ୍ଣ ମିଶନର ଅନ୍ୟତମ ସନ୍ନ୍ୟାସୀ ସ୍ୱାମୀ ଜୀବନାନନ୍ଦଜୀ ମହାରାଜ ଆଜିର ଯୁବସମାଜ ପାଇଁ ଏକାନ୍ତରବସ୍ୟକ ଧ୍ୟାନ ଓ ପ୍ରାଣାୟାମ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଏହାର ପ୍ରକ୍ରିୟା ମଧ୍ୟ ଦର୍ଶାଇଥିଲେ। କ୍ରୋଧକୁ କିପରି ଆୟତ୍ତାଧିନ କରାଯାଇପାରିବ ଉଦାହରଣ ଦ୍ୱାରା ଶିକ୍ଷା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ସ୍ୱାମୀଜୀଙ୍କ ସଙ୍ଗୀତ ଓ ବାଣୀ ମାଧ୍ୟମରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଦେଶାତ୍ମବୋଧକ ଭାବ ଉଦ୍ରେକ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଚରିତ୍ର ଗଠନ କରି ଆଗେଇଯିବାକୁ ଯୁବସମାଜକୁ ଆହ୍ୱାନ ଦେଇଥିଲେ। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ରୀ ଅନ୍ନପୂର୍ଣ୍ଣା ରଥ ଓ ସୁଶ୍ରୀ ସଙ୍ଗୀତା ବେହେରାଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ସମାବେଶରେ ଯୋଗଦେଇଥିଲେ। ମିଶନର ପୂର୍ବତନ ଛାତ୍ର ଧନଞ୍ଜୟ ଦାସ କାର୍ଯକୁ ସଂଯୋଜନା କରିଥିଲେ। ସହସମ୍ପାଦକ ସ୍ୱାମୀ ଯୋଗ ପୂର୍ଣ୍ଣାନନ୍ଦ, କୃଷରୁପାନନ୍ଦ, ଗୋପାଳଆତ୍ମାନ ଏହି ଶିବିରକୁ ପରିଚାଳନା କରିଥିଲେ। ଅଧ୍ୟାପକ ସୁଶାନ୍ତ ନାୟକ, ଦୀପକ ମହାରଣା ଓ ଅଶୋକ ମିଶ୍ର ସହଯୋଗ କରିଥିଲେ। ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଭାଜପା ବରିଷ୍ଠ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**କାକଟପୁର,୧୧।୬(ଡି.ଏନ୍.ଏ.):** ମୋଦି ସରକାରଙ୍କ ୯ମ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ବରିଷ୍ଠ କାର୍ଯ୍ୟକର୍ତ୍ତା ସମ୍ମିଳନୀ କାକଟପୁର ମୋତି କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାକଟପୁର ନିର୍ବାଚନମଣ୍ଡଳୀ ଯୁବ ସଂଯୋଜକ ସୁଦର୍ଶନ ସ୍ୱାଇଁ ସମ୍ମିଳନୀ ପରିଚାଳନା କରିଥିଲେ। ସମ୍ମିଳନୀରେ ପୂର୍ବତନ ଝାଡଖଣ୍ଡ ରାଜ୍ୟ ସଭାପତି ଦିନେଶ ଆନନ୍ଦ ଗୋସ୍ୱାମୀ, ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ଏସ୍‌ସି ମୋର୍ଚ୍ଚା ସଭାପତି ବିଭୁପ୍ରସାଦ ତରାଇ, ଲୋକ ସଭା ପ୍ରଭାରୀ ପବିତ୍ର ମୋହନ ଦାଶ, ବିଧାନସଭା ପ୍ରଭାରୀ ପୂର୍ଣ୍ଣଚନ୍ଦ୍ର ଓଝା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ତ୍ରିନାଥ ବରାଳ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ରାଜଲକ୍ଷ୍ମୀ ଦାଶ, ଜିଲା ଉପସଭାପତି ରତିକାନ୍ତ ବେହେରା, ପ୍ରସନ୍ନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଦଳୀୟ ଶୃଙ୍ଖଳା, ବୁଥସ୍ତରୀୟ ସଂଗଠନର ବିସ୍ତାର ନେଇ ଆଲୋଚନା କରିଥିଲେ।

# ଇ ବାଇକ୍ ଶୋ'ରୁମ୍, ମେଶିନାରି ଦୋକାନ ଜଳିଗଲା

**ଭୁବନେଶ୍ୱର,୧୧।୬ (ବ୍ୟୁରୋ)**

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ଥିବା ପିୟୋର୍ କେକେ ଟ୍ରେଡିଂ ସର୍ଭିସ୍ ନାମକ ଇଲେକଟ୍ରିକ ବାଇକ୍ ଶୋ'ରୁମ୍‌ରେ ରବିବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିସହ ଶୋ'ରୁମ୍ ସିଲିଂରୁ ସୁପ୍ରିମ ମେଶିନାରି ଆଣ୍ଡ ଟୁଲ୍ସ ଦୋକାନକୁ ମଧ୍ୟ ନିଆଁ ବ୍ୟାପିଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗର ଦୁଇଟି ଗାଡ଼ି ସହ ୨୦ଜଣ କର୍ମଚାରୀ ପହଞ୍ଚି ୩ ଘଣ୍ଟାର ଅପରେଶନ ପରେ ନିଆଁକୁ ଆୟତ୍ତ କରିଥିଲେ। ଏଥିସହ ଦୁଇ ବ୍ୟବସାୟ ପ୍ରତିଷ୍ଠାନରୁ ବାଇକ୍ ଓ ବିଭିନ୍ନ ସାମଗ୍ରୀକୁ ବାହାରକୁ କାଢ଼ି ଦିଆଯାଇଥିଲା। ତେବେ ନିଆଁରେ ୨ଟି ଦୋକାନର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଶର୍ଟ ସର୍କିଟ କିମ୍ବା ବ୍ୟାଟେରି ଓଭର ଚାର୍ଜିଂରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

ସୂଚନାନୁସାରେ, ରବିବାର ପାଇଁ କଟକ ରୋଡ୍‌ରେ ଥିବା ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନ ଅଧାଦିନ ଖୋଲା ରହିଥିଲା। ପରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ଅପରାହ୍ଣ ପ୍ରାୟ ସାଢେ ୨ଟାରେ ଇ-ବାଇକ୍ ଶୋ'ରୁମ୍‌ଟି ବନ୍ଦ ରହିଥିବାବେଳେ ଭିତରୁ ଧୂଆଁ ବାହାରୁଥିବା ଦେଖି ଅନ୍ୟ ଦୋକାନୀମାନେ ତୁରନ୍ତ ମାଲିକ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମାଲିକ ତୁରନ୍ତ ସେଠାରେ ପହଞ୍ଚି ଦୋକାନ ଖୋଲିବା ପରେ ଶୋ'ରୁମ ସାରା ଧୂଆଁମୟ ହୋଇଯାଇଥିବାବେଳେ କେତେକ ସ୍ଥାନରେ ନିଆଁ ଜଳୁଥିବାରୁ ଭିତରେ ପଶିବା ସମ୍ଭବ ହୋଇ ନ ଥିଲା। ଏଥିସହ ଏହି ଶୋ'ରୁମ୍ ସିଲିଂ ସହ ନିକଟରେ ଥିବା ସୁପ୍ରିମ୍ ମେଶିନାରି ଆଣ୍ଡ ଟୁଲ୍ସର ସିଲିଂ ଲାଗି ରହିଥିବାରୁ ନିଆଁ ସହଜରେ ଉକ୍ତ ଦୋକାନକୁ ବ୍ୟାପିଯାଇଥିଲା। ଫଳରେ ଉକ୍ତ ଦୋକାନରୁ ମଧ୍ୟ ଧୂଆଁ ବାହାରିଥିଲା। ଏହାଦେଖି ପାଖରେ ଥିବା ଅନ୍ୟ ଦୋକାନୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିବୁଜ ଘର ହୋଇଥିବାରୁ ଧୂଆଁ ଅଧିକରୁ ଅଧିକ ବାହାରିଥିଲା। ପ୍ରବଳ ଧୂଆଁ ବାହାରୁ ଥିବାରୁ କର୍ମଚାରୀମାନେ ନାକେଦମ ହୋଇପଡିଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ଫାୟାର ପ୍ରକ୍ସିମିଟି ସୁଟ୍ ପିନ୍ଧି ବିଏ ସେଟ୍ ସହ ପାଣି ପକାଇ ପକାଇ ଭିତରକୁ ପଶିଥିଲେ। ଏହି ସମୟରେ ଶୋ'ରୁମ ପଛ ପଟେ ଥିବା ବ୍ୟାଟେରି ରୁମ୍‌ରୁ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ଏହାପରେ ସେଠାରେ ପାଣି ପକାଇ ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ଅପରପକ୍ଷେ ପୂର୍ବରୁ ମଧ୍ୟ ଉକ୍ତ ଶୋ'ରୁମ୍‌ରେ ନିଆଁ ଲାଗିଥିଲା। ତେଣୁ ବାରମ୍ବାର ଏଭଳି ସମାନ ସମସ୍ୟା ଉପୁଜୁଥିବାରୁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ଉକ୍ତ ଦୋକାନକୁ ସ୍ଥାନାନ୍ତର କିମ୍ବା ବନ୍ଦ କରିବାକୁ ଦାବି କରିଛନ୍ତି।



### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

■ ବ୍ୟାଟେରି ଓଭର ଚାର୍ଜିଂରୁ ନିଆଁ ଲାଗିଥିବା ଅନୁମାନ
■ ୩ ଘଣ୍ଟା ପରେ ନିଆଁକୁ ଆୟତ୍ତ କଲା ଅଗ୍ନିଶମ



ଜଳିଯାଇଥିବା ସାମଗ୍ରୀ।

**ଚୋରା ବାଇକ୍ ଜବତ, ଜଣେ ଗିରଫ**

କାକଟପୁର,(ଡି.ଏନ୍.ଏ.)- କାକଟପୁର ଥାନା ଅଧୀନ ପଥରପକା ଗ୍ରାମର ଏକ ବାଇକ୍ ଚୋରି ଅଭିଯୋଗରେ ପୋଲିସ ଜଣେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର କେଦାର ସେଠୀ। ଏଥିସହ ପୋଲିସ ତାଙ୍କଠାରୁ ଚୋରା ବାଇକ୍‌କୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୯୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପଥରପକା ଗ୍ରାମର ନରେଶ ବିଶ୍ୱାଳଙ୍କ ଏକ ବାଇକ୍ କାକଟପୁର ବଜାରରୁ ଗତ ୬ ତାରିଖ ଦିନ ଚୋରି ହୋଇଯାଇଥିଲା। ବହୁ ଖୋଜାଖୋଜି କରି ନ ମିଳିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ରବିବାର ଉକ୍ତ ବାଇକ୍‌ଟି ଗୋପ ଥାନା ବାଉଁଶ ପୋଖରୀ ଗ୍ରାମରେ ଥିବା ବିଶେଷ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ପୋଲିସ ସେଠାରେ ଚଢ଼ାଉ କରି ବାଇକ୍ ଜବତ କରିବା ସହ ବାଇକ୍ ଚୋରି କରିଥିବା କେଦାରଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ବାଲିଡ଼ିଆ ନଗର ରାସ୍ତା ଉନ୍ନତୀକରଣର ଭିତ୍ତିପ୍ରସ୍ତର

ଅସ୍ତରଙ୍ଗ,୧୧।୬(ଡି.ଏନ୍.ଏ.)- ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଗର ଓ ନଇଗୁଆଁ ପଞ୍ଚାୟତରେ ରବିବାର କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଦ୍ୱାରା ଦୁଇଟି କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ ହୋଇଯାଇଛି। ନଗର ବାଲିଡ଼ିଆ ଦୀର୍ଘ ୯ କିମି ରାସ୍ତାର ଉନ୍ନତୀକରଣ ପାଇଁ ୫ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମାଣ ହେବାକୁ ଥିବା କାର୍ଯ୍ୟର ଉଦ୍‌ଘାଟନ କରାଯାଇ ଥିବାବେଳେ ନଇଗୁଆଁ ପଞ୍ଚାୟତ ଡେରୁଣିଆ ଗ୍ରାମରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଦୀର୍ଘଦିନ ଧରି ନଗର ବାଲିଡ଼ିଆ ରାସ୍ତାର ଉନ୍ନତୀକରଣ ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ। ନଗର ବାଲିଡ଼ିଆ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ନିଜ ଗ୍ରାମ ହୋଇଥିବାରୁ ଉକ୍ତ ରାସ୍ତାର ଉନ୍ନତୀକରଣ ନିହାତି ଆବଶ୍ୟକ ଥିଲା। ଏହି ଦାବି ପ୍ରତି ମନ୍ତ୍ରୀ ବେହେରା ଦୃଷ୍ଟି ଦେଇ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କୁ ଜଣାଇଥିଲେ। ଫଳରେ ଉକ୍ତ ଗ୍ରାମ ରାସ୍ତା ଉନ୍ନତିକରଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ମନ୍ତ୍ରୀଙ୍କ ପ୍ରଚେଷ୍ଟା ଯୋଗୁ ଆଜି ଗ୍ରାମବାସୀଙ୍କ ଗମନାଗମନ ସୁଗମ ହୋଇପାରିବ ବୋଲି ବିଜେଡି ବ୍ଲକ ସଭାପତି କେଦାର ନାଥ ବିଶାଳ ସୂଚନା ଦେଇଥିଲେ। ଏଥିସହିତ ଖୁବ୍‌ଶୀଘ୍ର ଅସ୍ତରଙ୍ଗ ଆଳସାହି ରାସ୍ତାର ନୂତନ ଭଉଁରିଆ ସେତୁ ପାଇଁ ଭିତ୍ତିପ୍ରସ୍ତର କରାଯିବ ବୋଲି ମନ୍ତ୍ରୀ ବେହେରା ସୂଚନା ଦେଇଥିଲେ। ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ସବୁ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯିବ। ୬ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟରେ ଅସ୍ତରଙ୍ଗ ଜାହାନିଆ ୬ କିମି ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଏବେ ଦ୍ରୁତ ଗତିରେ ତ୍ୱରାନ୍ୱିତ ହେଉଛି। ଅନ୍ୟମାନଙ୍କ ମଧ୍ୟରେ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟଜିତ ଦଳାଇ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଶତପଥୀ, କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡ, ଜିଲା ପରିଷଦ ସଭ୍ୟା ବନିତା ବେହେରା, ସରପଞ୍ଚ ଶ୍ରୀୟା ବରାଳ, ସମିତି ସଭ୍ୟା ଟିଙ୍କିନା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ‘ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେଲେ ଦ୍ରୁତ ବିକାଶ ହେବ’

ନିମାପଡ଼ା,୧୧।୬(ଡି.ଏନ୍.ଏ.)- ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେଲେ ରାଜ୍ୟର ଦ୍ରୁତ ବିକାଶ ହେବ। ଭୟ, ଭ୍ରାନ୍ତି, ଭ୍ରଷ୍ଟାଚାରରୁ ମୁକ୍ତି ପାଇଁ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରର ନିହାତି ଆବଶ୍ୟକ। ନିମାପଡ଼ା ଭାଜପା ଧନୁଆଁ ମଣ୍ଡଳ ପକ୍ଷରୁ ବ୍ଲକ ଅଧୀନ ଖେଲାରଠାରେ ଆୟୋଜିତ ଏକ ମଣ୍ଡଳସ୍ତରୀୟ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଭାଜପା ନେତା ଝାଡ଼ଖଣ୍ଡର ପୂର୍ବତନ ସଭାପତି ଦିନେଶ ଗୋସ୍ୱାମୀ ଯୋଗଦେଇ ଏହା କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ, ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ବରିଷ୍ଠ ଯୁବନେତା ଦିଲ୍ଲୀପ ନାୟକ, ଜଗତ୍‌ସିଂହପୁର ଲୋକ ସଭା ପ୍ରଭାରୀ ପବିତ୍ରମୋହନ ଦାସ, ପ୍ରଦୀପ ନାୟକ, ସୁଶାନ୍ତ ସ୍ୱାଇଁ, ସନ୍ତୋଷ ପରିଡ଼ା ପ୍ରମୁଖ ଯୋଗଦେଇ ରାଜ୍ୟରେ ଦୁର୍ନୀତିଗ୍ରସ୍ତ ଭ୍ରଷ୍ଟାଚାରୀ କଳଙ୍କିତ ବିଜେଡିର ଏକଛତ୍ରବାଦ, କୁଶାସନକୁ ତୀବ୍ର ସମାଲୋଚନା କରିଥିଲେ। ସମାରୋହରେ ଧନୁଆଁ ମଣ୍ଡଳ ସଭାପତି ଯତିନ୍ଦ୍ର ସ୍ୱାଇଁ ଅଧକ୍ଷତା କରିଥିଲେ। ଏଥିରେ ପ୍ରାୟ ୧ ହଜାର ଲୋକ ଯୋଗଦେଇଥିଲେ। ଭାଜପା ମହାସମ୍ପର୍କ ଅଭିଯାନ ପରିପ୍ରେକ୍ଷୀରେ ଏହି ସମାବେଶ ଆୟୋଜିତ ହୋଇଥିଲା।

# କାଗଜପତ୍ରରେ ସୀମିତ କାମ୍ପା ଯୋଜନା କାର୍ଯ୍ୟ

ଗୋପ,୧୧।୬(ଡି.ଏନ୍.ଏ.)






ଗୋପ ବନ ବିଭାଗ ଅଧୀନରେ ଚାଲିଥିବା କାମ୍ପା ଯୋଜନାରେ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ଦେଖିବାକୁ ମିଳିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଲଗାଯାଇଥିବା ଚାରା ଏବେ ଉଭେଇଯାଇଛି। ଏହି ଯୋଜନା କେବଳ କାଗଜପତ୍ରରେ ଦର୍ଶାଇ ସରକାରୀ ଅର୍ଥ ତୋସରପାତ କରାଯାଉଥିବା ନେଇ ଅଭିଯୋଗ ହେଉଥିବା ବେଳେ ଅନ୍ୟପଟେ ରେଞ୍ଜର କହୁଛନ୍ତି ରକ୍ଷଣାବେକ୍ଷଣ ଅଭାବରୁ ଚାରା ମରିଯାଇଛି। ପ୍ରକାଶ ଯେ, ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପୁରୀ ଜିଲା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଗୋପ ବନ ବିଭାଗ ଅନ୍ତର୍ଗତ ଦିଘାଲୋସ୍ଥିତ କୁଶଭଦ୍ରା ପଠାରେ ୧୦ ହେକ୍ଟର ଅର୍ଥାତ ୨୫ ଏକର ବିଶିଷ୍ଟ ଜମିରେ କାମ୍ପା ଯୋଜନାରେ ୧୬ହଜାର ଚାରା ରୋପଣ କରାଯାଇଥିଲା। ଏହି ଯୋଜନାରେ ପ୍ରାୟ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା। ମାତ୍ର ଏବେ ଏହି ଜମିରେ ଲଗା ଯାଇଥିବା ଚାରା କୁଆଡ଼େ ଗଲା ତାହା ଚର୍ଚ୍ଚା ହୋଇଛି। ଗୋପ- ନିମାପଡ଼ା ରାସ୍ତାର ଦିଘାଲୋସ୍ଥିତ ଏହି ଯୋଜନାରେ ହଜାର ଚାରାକୁ କିଏ ନେଲା ନା ରକ୍ଷଣାବେକ୍ଷଣ ଅଭାବରୁ ମରିଗଲା ନା ଏହା କେବଳ କାଗଜପତ୍ରରେ ହୋଇଛି ତାହା ଏବେ ତଦନ୍ତସାପେକ୍ଷ ହୋଇପଡ଼ିଛି। ଗୋପ ବନଖଣ୍ଡ ଅଧିକାରୀ ରମେଶ ଚନ୍ଦ୍ର ଜାନି ଓ ମହିଳା ଫରେଷ୍ଟର ବିଜୟଲକ୍ଷ୍ମୀ ବଳ ଏହି ଯୋଜନାର ଦାୟିତ୍ୱ ନେଇଥିବା ବେଳେ ଏହି କାମ୍ପା ଯୋଜନାରେ ଜାମୁ, ଲିମ୍ବ, ଅର୍ଜୁନ, ପାଟେଳି ଆଦି ଚାରା ରୋପଣ କରାଯାଇଥିବା ବେଳେ ତାହା ଏବେ କୁଆଡ଼େ ଗଲା, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାର ଏହି ଯୋଜନାରେ ୩ବର୍ଷ ଲାଗି ଲକ୍ଷାଧିକ ଟଙ୍କା ବ୍ୟୟ କରିବାର ଥିବାବେଳେ ପୁଣି ୨୦୨୪-୨୫ ଆର୍ଥିକ ବର୍ଷରେ ଅର୍ଥ ଆସିବା ଯୋଜନା ପ୍ରସ୍ତୁତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହେଲେ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଜଣାପଡ଼ିଛି। ତେଣୁ ଏହି ଅଭିଯୋଗର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ନେଇ ଗୋପ ରେଞ୍ଜର ରମେଶ ଚନ୍ଦ୍ର ଜାନିଙ୍କୁ ପଚାରିବାରେ ଅଳ୍ପ କିଛି ଚାରା ଥିବା କହୁଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଚାରା ମରିଯାଇଛି ବୋଲି କହୁଛନ୍ତି। ମହିଳା ଫରେଷ୍ଟର ବିଜୟଲକ୍ଷ୍ମୀ ବଳଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ତେଣୁ ଏହି ଅଭିଯୋଗରେ ଜିଲା ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେଇ ତଦନ୍ତ କରି ଚାରା ରୋପଣ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି କରାଯାଇଛି।

# ବେଳାଭୂମି ଉଠା ଦୋକାନୀଙ୍କ ସ୍ୱଚ୍ଛ ରଥଯାତ୍ରା ସଂକଳ୍ପ

ପୁରୀ ଅଫିସ,୧୧।୬

ରଥଯାତ୍ରାକୁ ଆଉ ୯ଦିନ ବାକି ଥିବାବେଳେ ସମସ୍ତ ପ୍ରସ୍ତୁତି ଜୋରସୋରରେ ଚାଲିଛି। ତେବେ ରଥଯାତ୍ରା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ପୁରୀ ଆସିବାକୁ ଥିବାବେଳେ ଭିଡ଼କୁ ଦୃଷ୍ଟିରେ ରଖି ବେଳାଭୂମିକୁ ସ୍ୱଚ୍ଛ ସୁନ୍ଦର କରିବାକୁ ଅଣ୍ଟା ଭିଡ଼ିଛନ୍ତି କ୍ଷୁଦ୍ର ବ୍ୟବସାୟୀ ସଂଘ। ଭିଡ଼ ସତ୍ତ୍ୱେ ବେଳାଭୂମି କିଭଳି ସ୍ୱଚ୍ଛ ରହିବ ସେନେଇ ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ତରଫରୁ ଏ ନେଇ ଦିଗବାରେଣୀ ଛକଠାରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ଶତାଧିକ କ୍ଷୁଦ୍ର ବ୍ୟବସାୟୀ ତଥା ଉଠା ଦୋକାନୀ ଏଥିରେ ସାମିଲ ହୋଇଥିଲେ। ଅଳିଆ ଆବର୍ଜନା ଡଷ୍ଟବିନରେ ପକାଇବା, କନା ବ୍ୟାଗ ବ୍ୟବହାର କରିବା, ଶ୍ରୀକ୍ଷେତ୍ରକୁ ସ୍ୱଚ୍ଛ ରଖିବା ଦିଗରେ ଆଗଧାଡ଼ିରେ ରହିବା ନେଇ ବ୍ୟବସାୟୀମାନେ ସଂକଳ୍ପ ନେଇଥିଲେ। ଏହି ଅବସରରେ ଦିଗବାରେଣୀ ଛକଠାରୁ ଚୈତନ୍ୟ ଛକ ପର୍ଯ୍ୟନ୍ତ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ଅଧୀନରେ ଥିବା ୩୫ଟି ସଂଘର ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମହାସଂଘ ସଭାପତି ଅନନ୍ତ ରାଓ, ସମ୍ପାଦକ ମାନସ ରଥ, ରାଜ୍ୟ ସଭାପତି ମହେଶ୍ୱର ବଳ ପ୍ରମୁଖ ବୈଠକରେ ନେତୃତ୍ୱ ନେଇଥିଲେ। ଉପଦେଷ୍ଟା ମଣ୍ଡଳୀର ଜିତେନ୍ଦ୍ର ନାରାୟଣ ମିଶ୍ର, ସର୍ବେଶ୍ୱର ପ୍ରଧାନ, ରବି ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ମଲିକ, କୁମାର ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଅଜୟ କୁମାର ବେହେରା, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଏଭଳି ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ମହାସଂଘର ସମ୍ପାଦକ ମାନସ ରଥ ସୂଚନା ଦେଇଛନ୍ତି।

# ବିଜୁଳି କାଟ୍ ନେଇ ବଢୁଛି ଜନଅସନ୍ତୋଷ

କାକଟପୁର,୧୧।୬(ଡି.ଏନ୍.ଏ.)

**ବ୍ୟାପକ ୩୩ କେଭି ବିଦ୍ୟୁତ୍ ତାର ସଂଯୋଗ ପାଇଁ ଦାବି**

ବାହାରେ ଖରା, ଅସହ୍ୟ ଗୁଳୁଗୁଳି ସହ ଘରେ ବିଜୁଳିର ଲୁଚକାଳି ଖେଳ। ଖରା କଷ୍ଟକୁ ବଳିଯାଉଛି ଘନ ଘନ ବିଜୁଳି କାଟ। ଫଳରେ ବୃଦ୍ଧାବୃଦ୍ଧ, ଛାତ୍ରୀଛାତ୍ର ଏବଂ ମେଡିକାଲରେ ରୋଗୀ କଲବଲ ହେଉଛନ୍ତି। ଦିନରେ ଖରାରେ କାମ ସାରି ରାତିରେ ଶୋଇବା ବେଳକୁ ବିଜୁଳି କଟିଯାଉଛି। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଘଣ୍ଟା ଘଣ୍ଟା ଧରି ଲାଇନ ରହୁ ନ ଥିବା ଅଭିଯୋଗ ହୋଇଛି। ଏଥିନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ବାଙ୍ଗୁରୀଗାଁରୁ କାକଟପୁରକୁ ବ୍ୟାପକ ୩୩ କେଭି ବିଦ୍ୟୁତ୍ ତାର ସଂଯୋଗ ପାଇଁ ଦାବି ହୋଇଛି।

ରାଜ୍ୟରେ ଟାଟା ପାୱାର ଏବେ ବିଜୁଳି ବିତରଣ ଦାୟିତ୍ୱ ନେଇଛି। ଘନଘନ ବିଜୁଳି କାଟ ଘରୋଇ କମ୍ପାନୀର ରକ୍ଷଣାବେକ୍ଷଣ ଅଭାବରୁ ହେଉଛି କି ବୋଲି ଏଠାରେ ପ୍ରଶ୍ନ ଉଠୁଛି। ତେବେ ଶକ୍ତିମନ୍ତ୍ରୀ କହିଛନ୍ତି, ରାଜ୍ୟରେ ପାୱାର ସଟେଜ ନାହିଁ। ଭିତ୍ତିଭୂମି ଅସୁବିଧା ପାଇଁ ସମସ୍ୟା ହେଉଛି। ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ଲୋ ଭୋଲ୍ଟେଜର ସ୍ଥାୟୀ ପ୍ରତିକାର ଏବଂ ଉପଯୁକ୍ତ ଭିତ୍ତିଭୂମିର ସମସ୍ୟା ନେଇ ରବିବାର ସ୍ଥାନୀୟ ଦେଉଳି ମଠ ପରିସରରେ ମା’ ମଙ୍ଗଳା ବିଦ୍ୟୁତ୍ ମହାସଂଘ ଗଠିତ ହେବା ପରେ ଏହାର କର୍ମକର୍ତ୍ତା ବଛା ଯାଇଥିଲା। କମିଟିରେ ଶୋଭାକାର ବେହେରା ଆବାହକ ଥିବାବେଳେ ସଭାପତି ଭାବେ ଆଦିତ୍ୟ ରାଉତ, ଉପସଭାପତି ଅମୀୟ ନାୟକ, ପ୍ରଭାସ ପୃଷ୍ଟି, ସୁଶାନ୍ତ ସାହୁ, ଚିନ୍ମୟ ପୋଲେଇ, ରଞ୍ଜନ ନାୟକ, ସାଧାରଣ ସମ୍ପାଦକ ମାନସ ସାମଲ, ଯୁଗ୍ମ ସମ୍ପାଦକ ମହମ୍ମଦ ଜୁଲଫୁକାର ଅଲ୍ଲୀ, ନୃସିଂହ ପୋଲେଇ, ସହ ସମ୍ପାଦକ ରାଜେନ୍ଦ୍ର ମହାନ୍ତି, ଦେବଦତ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ମିଶ୍ର ଏବଂ ଉପଦେଷ୍ଟା ଭାବେ ପ୍ରଭାକର ଖୁଣ୍ଟିଆଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଆସନ୍ତା ସୋମବାର ଉପରୋକ୍ତ କମିଟି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଏକ ଦାବିପତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ, ୫-ଟି ସଚିବ, ବିଭାଗୀୟ ସଚିବ, ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ଉପସଭାପତି ପୋଲେଇ ପ୍ରକାଶ କରିଛନ୍ତି।



ଭାଟବନ୍ଧ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନ ଉତ୍ସବରେ ନୟାସବେରା ୟୁଥ୍ ଟ୍ରଷ୍ଟ ପରିବାରକୁ ଅତିଥିମାନେ ସମ୍ବର୍ଦ୍ଧନା ପ୍ରଦାନ କରୁଛନ୍ତି।

## ଡା. ସୂର୍ଯ୍ୟନାରାୟଣଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପିପିଲି,୧୧।୬(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚଳିତ ମାସ ୪ ତାରିଖରେ ୧୧୯୬ଜଣ ଡାକ୍ତରଙ୍କୁ ନବ ନିଯୁକ୍ତି ମିଳିଛି। ପୁରୀ ଜିଲା ପିପିଲି ବ୍ଲକ ପୋଡଙ୍ଗ ଗ୍ରାମର ସୂର୍ଯ୍ୟନାରାୟଣ ପରିଡ଼ା ନବ ନିଯୁକ୍ତି ପାଇଛନ୍ତି। ଏନେଇ ତାଙ୍କୁ ରବିବାର ତାଙ୍କ ବାସଭବନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପିପିଲି ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦେବାଶିଷ ନନ୍ଦ ଓ ଜିଲା ପରିଷଦ ଧରଣୀଧର ସାହୁଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ତାଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଓ ମିଠା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଡାକ୍ତର ସୂର୍ଯ୍ୟନାରାୟଣ ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ର ଥିବାବେଳେ ରୋଗୀସେବା ପାଇଁ ଲକ୍ଷ୍ୟ ରଖିଥିଲେ। ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କ ମା’ବାପାଙ୍କୁ ଶ୍ରେୟ ଦେଇଛନ୍ତି।

# ‘ଛାତ୍ରୀଛାତ୍ର ରାଷ୍ଟ୍ର ନିର୍ମାଣ, ସମାଜ ଗଠନରେ ବ୍ରତୀ ହୁଅନ୍ତୁ’

ନିମାପଡ଼ା,୧୧।୬(ଡି.ଏନ୍.ଏ.)

**ଭାଟବନ୍ଧ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ**

ଆଜିର ଛାତ୍ରୀଛାତ୍ର ରାଷ୍ଟ୍ର ନିର୍ମାଣ ଓ ସମାଜ ଗଠନରେ ବ୍ରତୀ, ରାଷ୍ଟ୍ର ଓ ସମାଜ ନିର୍ମାଣରେ ନିୟୋଜିତ ହେବା ଅତ୍ୟନ୍ତ ଜରୁରୀ। ଭାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା, ଯୁବ ବ୍ୟାପାର, ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଉତ୍ସବରେ ଯୋଗଦେଇ ଏହା କହିଛନ୍ତି। ଶିକ୍ଷାର ବିକାଶ ହେଲେ ଦେଶ, ରାଜ୍ୟର ବିକାଶ ହେବ। ଓଡ଼ିଶା ଭାରତ ବର୍ଷରେ ଶିକ୍ଷାର ଏକ ହବ୍ ହେବାକୁ ଯାଉଛି। ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ଦ୍ରୁତ ବିକାଶ ହେବାରେ ଲାଗିଛି। ଆଜିର ଛାତ୍ରୀଛାତ୍ର ଦେଶ ଓ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେବେ ବୋଲି ମୁଖ୍ୟବକ୍ତା ଭାବେ ବିଧାୟକ ସମୀର ରଞ୍ଜନ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି, ସାହିତ୍ୟିକ ମନମୋହନ ଆଚାର୍ଯ୍ୟ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ସମରଥ, ସରପଞ୍ଚ ତପନ ମଲ୍ଲିକ, ସମିତି ସଭ୍ୟା ଶକୁନ୍ତଳା ନାୟକ, ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜକିଶୋର ସାହୁ, ପୁରାତନ ଛାତ୍ର ସଂଗଠନ ସଭାପତି ଶିକ୍ଷାବିତ୍ ଅନନ୍ତରାମ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନର ଉନ୍ନତି କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ଓ ସମ୍ପାଦକ ସ୍ୱର୍ଗତ ବାମନ ଚରଣ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମହାନ୍ତିଙ୍କୁ ତାଙ୍କ ତ୍ୟାଗ ପାଇଁ ବିଦ୍ୟାଳୟ ପକ୍ଷରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ମାନକୁ ତାଙ୍କ ଝିଅ ଖବରଦାତା ରୋଜାଲିନ୍ ମହାନ୍ତି ଓ ପୁଅ ଉମାକାନ୍ତ ମହାନ୍ତି ଗ୍ରହଣ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଶିବିର, ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ଏକ ଆଲୋଚନା ଚକ୍ର, ବନ୍ଧୁମିଳନ, ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପୁରାତନ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ, ସ୍କୁଲର ପ୍ରତିଷ୍ଠାତା ସଦସ୍ୟ ମଣ୍ଡଳୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ବିଭିନ୍ନ ବ୍ୟାଚ୍‌ର କୃତୀ ଛାତ୍ରୀଛାତ୍ର ଓ ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ମଞ୍ଚାସୀନ ଅତିଥିଙ୍କୁ ଓ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ଓ ପ୍ରକୃତି ମିତ୍ର ସମ୍ମାନ ପାଇଥିବା ନିମାପଡ଼ା ନୟାସବେରା ୟୁଥ୍ ଟ୍ରଷ୍ଟ କର୍ମକର୍ତ୍ତା ଓ ପରିବାରକୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

# ସାହିତ୍ୟ ଆସର, ପୁସ୍ତକ ଲୋକାର୍ପିତ

ପୁରୀ ଅଫିସ,୧୧।୬


ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ପୁରୀ ଓ ତ୍ରିଧାରା ସାହିତ୍ୟ ସଂସଦ ବଇଣ୍ଡା ଆନୁକୂଲ୍ୟରେ ରବିବାର ଭକ୍ତ ସମାବେଶ ପୀଠ ପରିସରରେ ସାହିତ୍ୟ ଆସର, ପୁସ୍ତକ ଲୋକାର୍ପଣ ଓ କବିତା ପାଠ ପରିଷଦର ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ସାରଙ୍ଗଧର ରାୟଗୁରୁ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ବିଜୟ ଲକ୍ଷ୍ମୀ ଦାଶ ଯୋଗଦେଇଥିଲେ। ସୁଲେଖାର ୪୩ବର୍ଷ ଲେଖିକା ବିଶେଷାଙ୍କ, ରମେଶ ଚନ୍ଦ୍ର ମିଶ୍ରଙ୍କ ସାମାଜିକ ନାଟକ ବାପା ପିଠିରେ ଢୋଲ ଓ ଘନଶ୍ୟାମ ସାହୁଙ୍କ ଦାର୍ଢ୍ୟତା ଭକ୍ତି କଥାମୃତକୁ ଲୋକାର୍ପିତ କରି ସାହିତ୍ୟ ସମାଜରେ ସଂହତି ସଂପ୍ରତି ରକ୍ଷାକର, ଓଡ଼ିଆ ସାହିତ୍ୟର ବିଭବ ଭାରତୀୟ ସାହିତ୍ୟରେ ଅନନ୍ୟ ଓ ସ୍ୱତନ୍ତ୍ର ବୋଲି ମତ ଦେଇଥିଲେ। ଏହି ଅବସରରେ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ତରଫରୁ ପ୍ରମୋଦା ଦେବୀ, ବଦ୍ରି ମିଶ୍ର, ଅଧ୍ୟାପକ ସୁନୀଲ ରଥ, ଅଧ୍ୟାପକ ପ୍ରମୋଦ ଆଚାର୍ଯ୍ୟ, ଗୋପୀନାଥ ପୂଜାପଣ୍ଡା ଏବଂ ଉପେନ୍ଦ୍ର ସାହୁଙ୍କୁ ମାନପତ୍ର ପ୍ରଦାନ କରଯାଇ ସମ୍ମାନିତ କରାଯାଇଥିଲା। ସେହିପରି ତ୍ରିଧାରା ସାହିତ୍ୟ ସଂଦନ ତରଫରୁ ରାଜକିଶୋର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ରବୀନ୍ଦ୍ର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ରଥ, ରମେଶ ଚନ୍ଦ୍ର ମିଶ୍ର ଏବଂ ଘନଶ୍ୟାମ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଉପେନ୍ଦ୍ର ସାହୁ, ବନୀତା ପ୍ରଧାନ, ପ୍ରବୀଣ କୁମାର ସୁବୁଦ୍ଧି, ମଞ୍ଜୁଶ୍ରୀ ମିଶ୍ର, ସୁରେଶ ପଟ୍ଟନାୟକ, ପୌର୍ଣ୍ଣମାସୀ ଦେବୀ, ପ୍ରବାସିନୀ ମିଶ୍ର, ମିନତି ମିଶ୍ର, ବିଜୟ ଲକ୍ଷ୍ମୀ ସାହୁ, ଅଶୋକ କୁମାର ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ତ୍ରିଧାରା ସାହିତ୍ୟ ସଂସଦର ସମ୍ପାଦକ ରମେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୭ ଦିନିଆ ପ୍ରଶିକ୍ଷଣ ଶିବିର

ନିମାପଡ଼ା,୧୧।୬(ଡି.ଏନ୍.ଏ.)

ପୁରୀ ଜିଲାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ପ୍ରାଥମିକ ବର୍ଗର ଏକ ୭ ଦିନିଆ ପ୍ରଶିକ୍ଷଣ ଶିବିର ନିମାପଡ଼ା ବ୍ଲକ ଅଧୀନ ଖେଲାର ସରସ୍ୱତୀ ଶିଶୁ ମନ୍ଦିରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସଂଘର ମୁଖ୍ୟ ପରିଚାଳକ ପ୍ରେମାନନ୍ଦ ପାତ୍ର, ସଂଘ ଚାଳକ ଡ. ଅମୂଲ୍ୟ ଦାଶ, ଜିଲା ପ୍ରଚାରକ ରଞ୍ଜନ ନାୟକ, ତହସିଲ ପ୍ରଚାରକ ସରୋଜ ସାହୁ, ଜିଲା କାର୍ଯ୍ୟବାହ ବାମଦେବ ନାୟକ, ସହକାର୍ଯ୍ୟବାହ ସର୍ବେଶ୍ୱର ବିଶୋଇ, କ୍ଷେତ୍ରୀୟ ସମ୍ପର୍କ ପ୍ରମୁଖ ବିଦ୍ୟୁତ୍ ମୁଖାର୍ଜୀ, ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦେବ ମିଶ୍ର ପ୍ରମୁଖ ଯୋଗଦେଇ ଶିବିରର ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଆଜିର ଯୁବପିଢିଙ୍କୁ ରାଷ୍ଟ୍ରଭକ୍ତ ଦିଗରେ ଆକୃଷ୍ଟ, ଉଜ୍ଜୀବିତ କରିବା, ବ୍ୟକ୍ତିତ୍ୱ ନିର୍ମାଣ, ଯୁବପିଢ଼ିମାନେ ରାଷ୍ଟ୍ରୀୟସେବାରେ ବ୍ରତୀ ହେବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଶିବିରରେ ପୁରୀ ଜିଲା ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ, ପିପିଲି, ଡେଲାଙ୍ଗ, କଣାସ, ସତ୍ୟବାଦୀ ଓ ଖୋର୍ଦ୍ଧା ଜିଲାର ବାଲିପାଟଣା, ବାଲିଅନ୍ତା ଆଦି ବ୍ଲକର ୧୧୫ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇ ତାଲିମ୍ ଗ୍ରହଣ କରିଥିଲେ। ସାଧାରଣତଃ ପ୍ରଶିକ୍ଷାର୍ଥୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ, ଆଧାତ୍ମିକତା ଦୃଷ୍ଟିରୁ ପୂର୍ଣ୍ଣ ବିକାଶ ପାଇଁ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତାମାନେ ମତପ୍ରକାଶ କରିଥିଲେ। ଶିବିରରେ ମୋଟ ୨୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।


ନିମାପଡାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ପ୍ରଶିକ୍ଷାର୍ଥୀ।

# ଅଣସର ଲୀଳାରେ ମହାପ୍ରଭୁଙ୍କ ୧୩ ନିୟମ

ପୁରୀ ଅଫିସ,୧୧।୬

ମହାପ୍ରଭୁ ସ୍ନାନପୂର୍ଣ୍ଣିମାରେ ସୁବାସିତ ଜଳରେ ୧୦୮ ଗରା ଜଳରେ ସ୍ନାନ କରିବା ପରେ ଏବେ ଜ୍ୱରରେ ପୀଡ଼ିତ ଅଛନ୍ତି। ଅସୁସ୍ଥ ଥିବା ଶ୍ରୀବିଗ୍ରହମାନଙ୍କୁ ଅଣସର ପିଣ୍ଡିରେ ଦଇତାପତି ସେବକମାନେ ଗୁପ୍ତ ସେବା କରୁଛନ୍ତି। ସ୍ନାନପୂର୍ଣ୍ଣିମା ପରଠାରୁ ନେତ୍ରଉତ୍ସବ ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନେ ଅଣସର ପିଣ୍ଡିରେ ଅବସ୍ଥାନ କରିଥାନ୍ତି। ଏହି ଅଣସର ସମୟରେ ମହାପ୍ରଭୁଙ୍କ ଅଣସର ଲୀଳାର ୧୩ଟି ନିୟମ ରହିଛି। ଏହି ସମୟରେ ମହାପ୍ରଭୁଙ୍କ ଅଣସର ଲୀଳାରେ ୧୩ଟି ନିୟମ ପାଳନ ହୋଇଥାଏ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି। ଏ ନେଇ ଐତିହ୍ୟ ବିଶାରଦ ମିଶ୍ର ସୂଚନା ଦେଇ କହିଛନ୍ତି, ଆଷାଢ଼ କୃଷ୍ଣ ପଞ୍ଚମୀ ତିଥିରେ ଓଡ଼ିଆମଠ ପକ୍ଷରୁ ଯୋଗାଇ ଦିଆଯାଇଥିବା ‘ଫୁଲୁରୀ ତେଲ’ ଲାଗି ହୋଇଥାଏ। ଏହି ଫୁଲୁରୀ ତେଲ ସ୍ୱତନ୍ତ୍ର ପଦ୍ଧତିରେ ପ୍ରସ୍ତୁତ ହୋଇଥାଏ। ଏହାକୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ମଠ ଅର୍ଥାତ୍ ବଡ଼ଓଡ଼ିଆ ମଠ ପକ୍ଷରୁ ପ୍ରସ୍ତୁତ କରାଯାଇଥାଏ। ଘଣାପେଡ଼ା ଛ’ସେର ରାଶି ତେଲରେ ୭ପ୍ରକାର ଫୁଲ କିଆ, ମାଳତୀ, ଯୁଇ, ଚମ୍ପା, ଗରୁଡ଼, କେତକୀ ଓ ମଲ୍ଲୀ ଫୁଲ ମିଶାଯାଇଥାଏ। ଏଥିରେ ଚନ୍ଦନକାଠ ଗୁଣ୍ଡ ଓ ବେଣାଚେର ଗୁଣ୍ଡ ମଧ୍ୟ ମିଶାଯାଏ। ଫୁଲ ଓ ଗୁଣ୍ଡ ମିଶ୍ରିତ ତେଲକୁ ଦୁଇଟି ମାଟି ଘଡ଼ିରେ ଏକ ବର୍ଷ ପୂର୍ବରୁ ବନମାଟିତଳେ ପୋତାଯାଇଥାଏ। ପରବର୍ଷ ଆଷାଢ଼ କୃଷ୍ଣପକ୍ଷ ଚତୁର୍ଥୀ ଦିନ ଏହି ତେଲଘଡ଼ି ମାଟି ତଳୁ କଢ଼ାଯାଇଥାଏ। ଆଷାଢ଼ କୃଷ୍ଣ ଷଷ୍ଠୀ ତିଥିଠାରୁ ନବମୀ ତିଥି ପର୍ଯ୍ୟନ୍ତ ‘ଓଷୁଅ’ ଲାଗି କରାଯାଏ। ଏହି ଓଷୁଅକୁ ଶୁଦ୍ଧସୁଆରମାନେ ବାଡ଼ ଅନୁଯାୟୀ ଯୋଗାଇଥାନ୍ତି। ଏମାନେ ମଧ୍ୟ ଶ୍ରୀଅଙ୍ଗଲାଗି ସେବକ ଅଟନ୍ତି। ଅଷ୍ଟମ ଦିବସରେ ମହାପ୍ରଭୁଙ୍କୁ ଶ୍ରୀକାପଡ଼ାରେ ବନ୍ଧାଯାଏ। ଦଶମୀ ଦିନ ଦଇତା ସେବକମାନେ ଧୁକୁଡ଼ିଦ୍ୱାର ନିକଟରେ ଅଥବା ଅଣସର ପିଣ୍ଡିକୁ ନେଇ ଚକା ଉପରେ ଠାକୁରମାନଙ୍କୁ ବିଜେ କରାଇଥାନ୍ତି। ଏହିଦିନ ଶୁଦ୍ଧ ସୁଆରମାନେ ଖଳି ଚୂଆ, ଚନ୍ଦନକୁ ଅନଟି ପାତ୍ରରେ ରଖି ଯୋଗାଇଥାନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଏହା ମଧ୍ୟ ଶୁଦ୍ଧସୁଆରମାନେ ଯୋଗାଇଥାନ୍ତି। ଏହିଦିନ ଶ୍ରୀବିଗ୍ରହମାନଙ୍କୁ ଚନ୍ଦନ ଲାଗି ହୋଇଥାଏ। ଆୟୁର୍ବେଦର ଦଶମୂଳ ମୋଦକ ଲାଗି କରାଯାଏ।



ଆୟୁର୍ବେଦର ଦଶମୂଳ ରାଜବୈଦ୍ୟମାନେ ଯୋଗାଇଥାନ୍ତି। ଏହି ମୋଦକ ଶାଳପର୍ଣ୍ଣ, ଗମ୍ଭାରୀ, ଲବାଙ୍ଗକୂଳି, ଫଣଫଣା ଓ ପୁର୍ଣ୍ଣପଶି ବା କର୍ଣ୍ଣାପଶି ଇତ୍ୟାଦିର ମିଶ୍ରଣରେ ପ୍ରସ୍ତୁତ ହୋଇଥାଏ।

ଏକାଦଶୀ ଦିନ ହେଉଥିବା ଚନ୍ଦନ ଲାଗିରେ ଚନ୍ଦନ ସହିତ କର୍ପୂର, କସ୍ତୁରୀ, କେଶର, କୁଙ୍କୁମ, ଚୂଆ ମିଶ୍ରଣ କରାଯାଇ ଶ୍ରୀବିଗ୍ରହଙ୍କୁ ଲାଗି କରାଯାଏ। ଦ୍ୱାଦଶୀ ଦିନ ମହାପ୍ରଭୁଙ୍କ ଶ୍ରୀବିଗ୍ରହରେ କର୍ପୂରଲେପ ଦିଆଯାଏ। ଏହି ଦିନ ରାଜପ୍ରସାଦ ବିଜେ କରାଯାଏ। ଅଣସର ଗୁପ୍ତସେବା କାଳରେ ଶ୍ରୀଅଙ୍ଗର ପୁରୁଣା ଚନ୍ଦନ, କରାଳ ଚନ୍ଦନ ଓ ପାଟ ଡୋର ଇତ୍ୟାଦିକୁ ରାଜପ୍ରସାଦ କୁହାଯାଏ। ଏହାକୁ ଦଇତା ସେବକମାନଙ୍କ ସହିତ ପତିମହାପାତ୍ର ରୁପା ଥାଳିରେ ରାଜାଙ୍କ ପ୍ରାସାଦ ଶ୍ରୀନଅରକୁ ଏକ ଶୋଭାଯାତ୍ରାରେ ବିଜେ କରାଇଥାନ୍ତି। ତ୍ରୟୋଦଶୀ ତିଥିରେ ପାଟରା ସେବକ ଯୋଗାଇଥିବା ୨୫ ହାତ ଲମ୍ବାର ପ୍ରସ୍ତୁତ ପାଟ ଡୋରୀ ଶ୍ରୀବିଗ୍ରହଙ୍କୁ ଲାଗି ହୋଇଥାଏ। ଏହାକୁ ଘଣାଲାଗି କୁହାଯାଏ। ପରେ ଶରୀପୟର ପୂଜା ହୋଇଥାଏ। ଘଣାଲାଗି ପରେ ପୁନଃ ଖଳି ଲାଗି ହୁଏ। ତା’ପରେ ଖଡ଼ି ଲାଗି ହୁଏ। ଖଳିପ୍ରସାଦ ଓ ଖଡ଼ି ପ୍ରସାଦ ଦତ୍ତମହାପାତ୍ର ସେବକଙ୍କ ଗୃହରୁ ବିଜେ କରାଯାଇଥାଏ। ଶଙ୍ଖ ଭସ୍ମରେ ସୁଦ୍ଧ ଭାବରେ ପ୍ରସ୍ତୁତ କରାଯାଇଥିବା ଦ୍ରବ୍ୟ ଖଡି ପ୍ରସାଦ ଭାବରେ ପରିଚିତ। ଚତୁର୍ଦ୍ଦଶୀ ଦିନ ତାଟି ଦିଅଁଙ୍କୁ ବଡ଼ସିଂହାର ଭୋଗ ପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହି ଦିନ ଦତ୍ତ ମହାପାତ୍ର ଅଣସର ଭୋଗ ପରେ ବନକ ଲାଗି ନୀତି କରିଥାନ୍ତି। ଏହି ବନକ ଲାଗି ନୀତିରେ ଗାଢ ହେଙ୍ଗୁଳ, ଶୁଦ୍ଧ ଶଙ୍ଖ, ଅଳଁ, ତମ୍ବା, କଜଳ କୁଙ୍କୁମ, ହରିତାଳ ଓ ଫୁଲ ଖଡି ବୃନ୍ତ ମିଶି ଶ୍ରୀବିଗ୍ରହରେ ଲେପନ କରାଯାଏ। ବନକଲାଗି ପରେ ଚକା-ଅସରପ ଲୀଳା ହୁଏ। ନୂଆ କନା ଓ ତୂଳାରେ ଦରଜୀମାନଙ୍କ ଦ୍ୱାରା ଗୋଲ ତକିଆକୁ ଅସରପ କୁହାଯାଏ। ଚକା-ଅସରପ ଅଣସର ଲୀଳାରେ ଶେଷ ଲୀଳା।

ସୂଚନାଯୋଗ୍ୟ, ଚକା ଅସରପ ଏକ ତାନ୍ତ୍ରିକ ମହାପୂଜାକାଳୀନ ଶବ୍ଦ। ଅସରପ ହେଉଛି ଓଡ଼ିଆ ଜନପଦୀୟ ତନ୍ତ୍ରର ଏକ ଯନ୍ତ୍ରବିଶେଷ। ଗଜପତିଙ୍କ ପରମ୍ପରାରେ ଏହାକୁ ତୂଳୀତଳ୍ପ କୁହାଯାଏ। ଜନଶ୍ରୁତି ଅଛି ଶାବରତନ୍ତ୍ରରେ ନିତେଇ ଧୋବଣୀ ମଧ୍ୟ ଅସରପ ଯନ୍ତ୍ର ଉପରେ ପୂଜା କରୁଥିଲେ। ବୃଙ୍ଗ ପୋଖରୀର ଅଣତୁଠରେ ଦକ୍ଷିଣ ଦିଗକୁ ମୁହଁ କରି ନିତେଇ ଧୋବଣୀ ନୀଳଚକ୍ରକୁ ଏକ ଲୟରେ ଚାହିଁ ଅସରପ ଉପରକୁ ମହାପ୍ରଭୁଙ୍କୁ ଫୁଲ ମାଧ୍ୟମରେ ବାଳଗୋପାଳ (ଗୋପୀଜନ) ରୂପରେ ଆବାହନ କରୁଥିଲେ। ନବଜାତକଙ୍କୁ ତୂଳୀତଳ୍ପ ଉପରେ ବସାଇବାର ପରମ୍ପରା ହେଉଛି ଅଣସରର ଅସରପ ପରମ୍ପରା ସ୍ୱଲିପି ଲେଖାହେବା ପରେ ଅସରପ ଶବ୍ଦଟି ‘ଅପସର’ ଭାବେ ବ୍ୟବହାର ହୋଇଆସୁଛି। ଦଇତାପତି ସେବକମାନେ ତାନ୍ତ୍ରିକ ପରମ୍ପରାର ସେବାରେ ଶ୍ରୀଅଙ୍ଗକୁ ମହାପ୍ରଭୁଙ୍କ ଉପରେ ବିଜେ କରାଇଥାନ୍ତି। ଏହି ୧୩ଟି ନିୟମ ପାଳିତ ହେବା ପରେ ମହାପ୍ରଭୁଙ୍କ ଅଣସର ନୀତି ପ୍ରାୟ ସମାପ୍ତ ହୋଇଥାଏ। କେବଳ ରହିଯାଏ ନେତ୍ରୋତ୍ସବ ବିଧାନ। ନେତ୍ରୋତ୍ସବ ପରେ ମହାପ୍ରଭୁ ନବ ନବଯୌବନ ବେଶରେ ଦର୍ଶନ ଦେଇ ଆଡ଼ପ ମଣ୍ଡପକୁ ଯାତ୍ରା କରନ୍ତି।

## ସଂକ୍ଷେପରେ

### ବଳକା ଟଙ୍କିକିଆ ଗହମ ଫେରସ୍ତ ପାଇଁ ନିର୍ଦ୍ଦେଶ

**କଟକ ସଦର,୧୧।୬(ଡି.ଏନ୍.ଏ.):** ୨୦୨୨ ଡିସେମ୍ବର ସୁଦ୍ଧା ରିଟେଲର ପାଖରେ ଥିବା ଟଙ୍କିକିଆ ଗହମକୁ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଶୀଘ୍ର ଫେରସ୍ତ ପାଇଁ କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହି ବଳକା ଗହମକୁ ମହିଳା ଓ ଶିଶୁ ବିକାଶ ବିଭାଗକୁ ଛତୁଆ ପ୍ରସ୍ତୁତ ପାଇଁ ଦିଆଯିବ। କାରଣ ଗତ ଜାନୁଆରୀଠାରୁ ଜାତୀୟ ଓ ରାଜ୍ୟ ଖାଦ୍ୟ ନିରାପତ୍ତା କାର୍ଡଧାରୀଙ୍କୁ ମାଗଣାରେ କେବଳ ଚାଉଳ ଦିଆଯାଉଛି। କଟକ ସଦର ବ୍ଲକ ଅଞ୍ଚଳର ରିଟେଲରମାନଙ୍କ ପାଖରେ ୧୦୩ କୁଇଣ୍ଟାଲ ଗହମ ରହିଛି। ସେହିପରି କଟକ ମହାନଗର ନିଗମ ପାଖରେ ସର୍ବାଧିକ ୬୩୦ କୁଇଣ୍ଟାଲ, ସାଲେପୁର ବ୍ଲକ ଅଞ୍ଚଳରେ ୧୭୯, ଡମପଡାରେ ୧୨୯, ନିଆଳିରେ ୧୦୮, ଟାଙ୍ଗୀ-ଚୌଦ୍ୱାରରେ ୧୩୯, କଣ୍ଟାପଡ଼ାରେ ୫୪, ମାହାଙ୍ଗାରେ ୫୯, ବାଙ୍କୀରେ ୭୩ ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ରିଟେଲରମାନେ ୯୮ କୁଇଣ୍ଟାଲ ଟଙ୍କିକିଆ ଗହମ ରଖିଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମହାପାତ୍ର କହିଛନ୍ତି।

### ନିଗମାନନ୍ଦ ବିଦ୍ୟାପୀଠରେ ପିଏସି ଉଦ୍‌ଘାଟିତ

**ମଙ୍ଗୁଳି-ଜଗତପୁର,୧୧।୬(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗୋଡ଼ିପାଟଣାସ୍ଥିତ ନିଗମାନନ୍ଦ ବିଦ୍ୟାପୀଠରେ ମୋ ସ୍କୁଲ ଅଭିଯାନର ପବ୍ଲିକ ଆଡ୍ରେସିଂ ସିଷ୍ଟମ(ପିଏସି) ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଉମେଶ ଚନ୍ଦ୍ର ପରିଡା ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସବିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଛାତ୍ରୀଛାତ୍ର ଅର୍ଜୁନ ସାହୁ, ଲକ୍ଷ୍ମୀଧର ଦାସ, ଚୈତନ୍ୟ ବେହେରା, ସୁରେନ୍ଦ୍ର ବେହେରା, ଆକୁଳନନ୍ଦ ସ୍ୱାଇଁ, ରମେଶ ପଟ୍ଟନାୟକ, ମମତା ଦାଶ, ଅଶୋକ ବେହେରା, ରାମଚନ୍ଦ୍ର ସ୍ୱାଇଁ ଓ ରଞ୍ଜନ ସ୍ୱାଇଁଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଯଯାତି କେଶରୀ ନାଟ୍ୟକଳା ପରିଷଦର ବାର୍ଷିକ ଉତ୍ସବ

**ଚୌଦ୍ୱାର,୧୧।୬(ଡି.ଏନ୍.ଏ.):** ଯଯାତି କେଶରୀ ନାଟ୍ୟକଳା ପରିଷଦର ୪୪ତମ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପରିଷଦର ସଭାପତି ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଲେବରଟେନାମେଣ୍ଟସ୍ଥିତ ଯଯାତି କେଶରୀ କ୍ଲବ ନିକଟରେ ୨ଦିନ ଧରି ନାଟକ ପରିବେଷିତ ହୋଇଥିଲା। ଏହାକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅକ୍ଷୟ କୁମାର ରଥଙ୍କ ନିର୍ଦ୍ଦେଶିତ ଓ ବିପିନ କୁମାର ଜେଠୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନାଟକ 'କିଏ ପୋଛିଦେବ ଆଖିର ଲୁହ' ଏବଂ 'ଆଖି ଅବୁଝାକୁ ଲୁହ ଅବୁଝା'କୁ ଦର୍ଶକମାନେ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ ବେହେରା, ପୌରନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଆଇଆଇସି ବିରଞ୍ଚି ନାରାୟଣ ପତି, ପ୍ରେମଚାନ୍ଦ ନାୟକ, ବିଷ୍ଣୁଚରଣ ପରିଡା, ସୁବ୍ରତ ସାମଲ, ବିଜୟ କୁମାର ମଲ୍ଲିକ, ପ୍ରଶାନ୍ତ ବରାଳ, ଲୋକନାଥ ସାହୁ, ନୀଳମଣି କର ପ୍ରମୁଖ ଯୋଗଦେଇଥିଲେ। ପରିଷଦର ଉପଦେଷ୍ଟା ସ୍ୱାଧୀନ ଦାସ, ଶ୍ରୀନିବାସ ସାହୁ, ଭବାନୀ ଶଙ୍କର ମହାରଣା, ରଞ୍ଜନ ବାରିକ, ରଞ୍ଜନ ସାହୁ, ଦେବରାଜ ଭୂୟାଁ, ପର୍ଶୁରାମ ବେହେରା, ତାପସ ଜେନା, ବିରଜା ପ୍ରସାଦ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ବିକାଶ କାର୍ଯ୍ୟର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଅ'

**କଟକ ଅଫିସ,୧୧।୬**


ବିଜେଡି କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

**ଜିଲା ବିଜେଡି କାର୍ଯ୍ୟକାରିଣୀ ବୈଠକ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ରାଜ୍ୟର ଜନସାଧାରଣଙ୍କ ନିମନ୍ତେ ବହୁ ବିକାଶମୂଳକ କାର୍ଯ୍ୟ ଜାରି ରଖିଛନ୍ତି। ବିଜେଡି ଶାସନ ପଞ୍ଚମ ପାଳିର ଚତୁର୍ଥ ବର୍ଷରେ ବିକାଶମୂଳକ କାର୍ଯ୍ୟଗୁଡ଼ିକ ଲୋକଙ୍କ ନିକଟରେ ପହଞ୍ଚାଇବାର ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ କଟକ ଜିଲା ବିଜେଡିର କାର୍ଯ୍ୟକାରିଣୀ ବୈଠକରେ ମତପ୍ରକାଶ ପାଇଛି।

କଟକ ସଦର ଥାନା ଅନ୍ତର୍ଗତ ଜରିପଡ଼ା ନିକଟ ଡିଭାଇନ ପ୍ୟାଲେସଠାରେ ଅନୁଷ୍ଠିତ ବୈଠକରେ ଦଳର ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଅଧ୍ୟକ୍ଷତା କରି ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଅ ବୋଲି କହିଥିଲେ। ୫-ଟି ଆଧାରରେ ସରକାରୀ କାର୍ଯ୍ୟରେ ବ୍ୟାପକ ସୁଧାର ଆସିଛି। ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱଚ୍ଛଳ, ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବାରେ ସହାୟ ହୋଇଛି। ମୋ ଘର, ମୋ ପରିବାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଜାଗା ମିଶନ, ମୋ ସ୍କୁଲ, ଜୀବନ ବିନ୍ଦୁ, ନିରାମୟ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କିତ ଅନେକ ଯୋଜନାର ସଫଳ କାର୍ଯ୍ୟଧାରାକୁ ବ୍ୟାପକ ଭାବେ ଲୋକାଭିମୁଖୀ ନିମନ୍ତେ ସାଧାରଣ ଲୋକଙ୍କ ନିକଟତର ହେବା ପାଇଁ ବିଜେଡିର ନେତୃମଣ୍ଡଳୀମାନେ କହିଥିଲେ। କଟକ ଜିଲାରେ ଦଳର କାର୍ଯ୍ୟଧାରାକୁ ନୂତନ ରୂପରେଖ ଦେବା ପାଇଁ ଆଲୋଚନା କରାଯିବା ସହ ସକ୍ରିୟ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନରେ କଟକ ଜିଲା ବିଜେଡିକୁ ପୂର୍ଣ୍ଣ ସଫଳତା ମିଳିବା ବାବଦରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦଳର ଜିଲା ପର୍ଯ୍ୟବେକ୍ଷକ ତଥା ଇସ୍ପାତ୍ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବୀପ୍ରସାଦ ମିଶ୍ର, ପ୍ରତାପ ଜେନା, ପ୍ରମୋଦ ମଲ୍ଲିକ, ପ୍ରଶାନ୍ତ ବେହେରା, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଏମ୍‌ସି ମେୟର ସୁବାସ ସିଂ, ଅର୍ବାନ ବ୍ୟାଙ୍କ୍ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ ବୈଠକର ଆଭିମୁଖ୍ୟ ଓ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ବିଜେଡିରେ ଯୋଗଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଉପାଧ୍ୟକ୍ଷ ସୁଭଦ୍ରା ଦାସ, ଡେପୁଟି ମେୟର ଦମୟନ୍ତୀ ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ ଅରିନ୍ଦମ ରାୟ, ବିଶ୍ୱଜିତ୍ ମହାନ୍ତି, ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ମୋ' ସ୍କୁଲ ଉପଦେଷ୍ଟା ଶିଶିର ପରିଜା, ଜାଗା ମିଶନ ଉପଦେଷ୍ଟା ହରିଶଙ୍କର ରାଉତ, ରାଜ୍ୟ ସମ୍ପାଦକ ମହମ୍ମଦ ସକିଲ୍, ରାଜ୍ୟ ଯୁଗ୍ମ ସମ୍ପାଦକ ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ଜିଲା ଯୁବ ସଭାପତି ସ୍ମୃତିରଞ୍ଜନ ନାୟକ, ଆସିଫ ଅମିନ୍, ଜିଲା ଲିଗାଲ ସେଲ୍ ସଭାପତି ଶଶିଭୂଷଣ ଦାସ ପ୍ରମୁଖ ସରକାରଙ୍କ ସଫଳତାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ବକ୍ତବ୍ୟ ରଖିଥିଲେ। ବିଜେଡି କଟକ ନଗର ସଭାପତି ମଧୁସୂଦନ ସାହୁ ଧନ୍ୟବାଦ ଦେଇଥିଲେ।

# ମନମୋହନ ଥିଲେ କ୍ରାନ୍ତିକାରୀ ବିପ୍ଳବୀ

**କଟକ ଅଫିସ,୧୧।୬**

ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତା ମନମୋହନ ଚୌଧୁରୀ ଜଣେ କ୍ରାନ୍ତିକାରୀ ବିପ୍ଳବୀ ଥିଲେ। ୧୮ଟିରୁ ଅଧିକ ଭାଷାରେ ତାଙ୍କର ପାଣ୍ଡିତ୍ୟ ଥିବା ସହ ପଦାର୍ଥ ବିଜ୍ଞାନ, ଅର୍ଥନୀତି, ସାହିତ୍ୟ, ଦର୍ଶନ ଆଦି ଅନେକ କ୍ଷେତ୍ରରେ ଦଖଲ ଥିଲା। ବାଖରାବାଦସ୍ଥିତ ନିଜ ଘର ଛାତ ଉପରେ ଲାଗିଥିବା ତାଙ୍କ ହାତ ତିଆରି ଦୂରବୀକ୍ଷଣ ଯନ୍ତ୍ର ପାଣ୍ଡିତ୍ୟର ପରିଚୟ ଦିଏ। ସ୍ୱାଧୀନତା ପରେ ରାଷ୍ଟ୍ର ନିର୍ମାଣ ପାଇଁ ସେ ବିନୋବା ଭାବେଙ୍କ ଘନିଷ୍ଠ ସହଯୋଗୀ ଭାବେ ଭୂଦାନ-ଗ୍ରାମଦାନ ଆନ୍ଦୋଳନର ନେତୃତ୍ୱ ନେଇ ସର୍ବସେବା ସଂଘର ସଭାପତି ରୂପେ କାର୍ଯ୍ୟ କରିଥିଲେ। ଭାରତରେ ନବ୍ୟ ସାମ୍ରାଜ୍ୟବାଦ ଲଢେଇରେ ବି ମନମୋହନ ଥିଲେ ଆଗରେ। ମନମୋହନ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ବାଖରାବାଦସ୍ଥିତ ତାଙ୍କ ବାସଭବନରେ ରବିବାର ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ବକ୍ତାମାନେ ତାଙ୍କ ସ୍ମୃତିଚାରଣ କରି ଏହା କହିଥିଲେ। ମନମୋହନ ଚୌଧୁରୀ ସ୍ମାରକ ଟ୍ରଷ୍ଟର ସଭାପତି ମନୋରଞ୍ଜନ ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ଚିତ୍ତରଞ୍ଜନ ମହାନ୍ତି, କାଶୀନାଥ ସ୍ୱାଇଁ, କାଙ୍ଗାଳୀ ଚରଣ ପରିଡ଼ା, ଡ. ବିଶ୍ୱଜିତ୍ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ମନମୋହନ ଚୌଧୁରୀଙ୍କର ଶ୍ରାଦ୍ଧବାର୍ଷିକ ଥୋରିଆସାହିସ୍ଥିତ ଗୁଣନିଧି ଭବନଠାରେ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ସାଉଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ପତି, ଲକ୍ଷ୍ମୀପ୍ରିୟା ମହାନ୍ତି, ରାକେଶ ନାୟକ, ରେଣୁକା ସାହୁ, ବିଜୟଲକ୍ଷ୍ମୀ ମହାନ୍ତି, ଗିରିଜା ପ୍ରସାଦ ନାୟକ, ଗଜେନ୍ଦ୍ର ପାଣି, ପ୍ରଭାସ ସେଠୀ, ଦେବେନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ମନମୋହନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ଲୁଗା ଦୋକାନରେ ଅଗ୍ନିକାଣ୍ଡ


ଲୁଗା ଦୋକାନରେ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

**କଟକ ଅଫିସ,୧୧।୬**

ଚୌଧୁରୀ ବଜାରସ୍ଥିତ ଏକ ଲୁଗା ଦୋକାନରେ ରବିବାର ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ବକ୍ସିବଜାର ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ କର୍ମଚାରୀ ଅନୁମାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନରେ ବ୍ୟବସାୟୀ ଆକାଶ ସନ୍ତୁକାଙ୍କ ଲୁଗା ଦୋକାନରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ପ୍ରବଳ ଧୂଆଁ ବାହାରିବା ଦେଖି ଲୋକମାନେ ରୁଣ୍ଡ ହୋଇଯାଇଥିଲେ। ଛାତ ଓ ସିଲିଂ ଭିତରେ ନିଆଁ ରହିଯାଇଥିବା ଆଶଙ୍କା କରି ସେଗୁଡ଼ିକୁ ଭଙ୍ଗା ଯାଇଥିଲା। ରଜ ପାଇଁ ଅଧିକ ପରିମାଣର ଲୁଗା ଓ ଅନ୍ୟ ସାମଗ୍ରୀ ଦୋକାନରେ ଗଚ୍ଛିତ ରଖାଯାଇଥିଲା। ନିଆଁ ବ୍ୟାପିବା ଆଶଙ୍କାରେ ତୁରନ୍ତ ଯଥାସମ୍ଭବ କିଛି ଲୁଗା ବାହାରକୁ ବାହାର କରିଦିଆଯାଇଥିଲା। ଫଳରେ ବିଶେଷ କ୍ଷତି ଘଟି ନ ଥିଲା।

# ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ଏକାଡେମିକ୍ ଷ୍ଟାର ଅଫ ଦ' ଇୟର


ଟାଉନ୍ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**କଟକ ଅଫିସ,୧୧।୬**

ମୋକିମ ଫାଉଣ୍ଡେଶନ ପକ୍ଷରୁ ଏକାଡେମିକ୍ ଷ୍ଟାର ଅଫ ଦ' ଇୟର କାର୍ଯ୍ୟକ୍ରମ କଟକ ଟାଉନ୍ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଯେଉଁ ଦିଗରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଛନ୍ତି ମାତାପିତା ସେମାନଙ୍କୁ ସେହି ରାସ୍ତାରେ ଯିବାକୁ ଦିଅନ୍ତୁ। ପିଲାମାନଙ୍କ ଉପରେ କୌଣସି ଚାପ ନ ପକାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ଡ. ସ୍ଥିତପ୍ରଜ୍ଞା, ମେଟ୍ରୋ ଗ୍ରୁପ୍ ନିର୍ଦ୍ଦେଶିକା ସୋଫିୟା ଫିର୍‌ଦୋଷ, ନାରୀନେତ୍ରୀ ଗିରିବାଳା ବେହେରା ଏବଂ ମାଇଁ ସ୍ପେସ ରିଆଲିଟି ପରିଚାଳନା ନିର୍ଦ୍ଦେଶକ ମେହେରାଜୁଲ୍ଲ ହକ ଯୋଗଦେଇଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କଟକ ସହରରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୋକିମ ଫାଉଣ୍ଡେଶନର ପ୍ରତିଷ୍ଠାତା ବିଧାୟକ ମହମ୍ମଦ ମୋକିମ ଛାତ୍ରୀଛାତ୍ରମାନଙ୍କୁ ସଫଳତା ପାଇଁ ସାଧୁବାଦ ଜଣାଇଥିଲେ। ଛାତ୍ରୀଛାତ୍ରମାନେ ଆଗକୁ ଯାଇ ଦେଶର ନାଁ ରଖନ୍ତୁ ବୋଲି ସେ କହିଥିଲେ। ଫାଉଣ୍ଡେଶନର ଟ୍ରଷ୍ଟି ମହମ୍ମଦ ଅଲିମ ଧନ୍ୟବାଦ ଦେଇଥିଲେ। ଫାଉଣ୍ଡେଶନର କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ପଣ୍ଡା, ରୌପ୍ୟ ରଞ୍ଜନ ମହାପାତ୍ର, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସୁନୀଲ ପଣ୍ଡା, ବିକ୍ରମ ବିଶ୍ୱାଳ, ଭାଗ୍ୟଲକ୍ଷ୍ମୀ ବେହେରା, ବିକ୍ରମ ସାମଲ, ସୁରଜିତ ସାହୁ, ସେକ୍ ସିଦ୍ଦିକ, ସତ୍ୟଶ୍ରୀ ବେହେରା ଓ ସୟଦ ରମ୍‌ଜାନି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରତୀୟ ଇଂଲିଶ ସାହିତ୍ୟରେ ଗାନ୍ଧିଜୀଙ୍କର ବହୁ ପ୍ରଭାବ ଥିଲା

**ଦି ରିସର୍ଚ୍ଚର୍ସ ଆସୋସିଏଶନ୍‌ର ଜାତୀୟ ଆଲୋଚନାଚକ୍ର**

**କଟକ ଅଫିସ,୧୧।୬**

ଦି ରିସର୍ଚ୍ଚର୍ସ ଆସୋସିଏଶନ୍ ପକ୍ଷରୁ ଏକ ଦୋଳମୁଣ୍ଡାଇସ୍ଥିତ ହୋଟେଲରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରବିବାର ଉଦ୍‌ଯାପନୀ ଦିବସରେ ଭାରତୀୟ ଇଂଲିଶ ସାହିତ୍ୟରେ ଗାନ୍ଧୀ ଓ ଚର୍ଚ୍ଚିଲ, ନେହେରୁ, ରାଜାଜୀ, ପଟେଲ ଏବଂ ଆଜାଦଙ୍କ ସହିତ ପତ୍ରାଳାପ ଶୀର୍ଷକରେ ବକ୍ତାମାନେ ମତ ଉପସ୍ଥାପନ କରିଥିଲେ। ଆସୋସିଏଶନ୍ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ଦାସ ଭାରତୀୟ ଇଂଲିଶ ସାହିତ୍ୟରେ ଗାନ୍ଧିଜୀଙ୍କ ପ୍ରଭାବ ବହୁ ଭାବେ ପରିଲକ୍ଷିତ ହୋଇଥିଲା ବୋଲି କହିଥିଲେ। ପ୍ରଫେସର ନାଗରାଜୁ, ପ୍ରଫେସର ସି.ଏନ୍. ଶ୍ରୀନାଥ ଇଂଲିଶ ସାହିତ୍ୟରେ ଗାନ୍ଧିଜୀଙ୍କ ଚରିତ୍ରକୁ ବହୁ ଭାବେ ଚିତ୍ରଣ କରାଯାଇଛି ବୋଲି କହିଥିଲେ। ଆସୋସିଏଶନ୍ ସମ୍ପାଦକ ପ୍ରଫେସର ଅଶୋକ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ପଣ୍ଡା, ଡ. ପ୍ରଭାତ କୁମାର ମିଶ୍ର, ସୋନାଲି ଦାସ, ପ୍ରଫେସର ଡ. ଜ୍ଞାନରଞ୍ଜନ ପାଢ଼ୀ ବିଭିନ୍ନ ପର୍ଯ୍ୟାୟରେ ପୌରୋହିତ୍ୟ କରିଥିଲେ। ଡ. ଦୋଲନ ରାଏ, ମଧୁବନ୍ତି ଭୂଇଁ, ପ୍ରେମଲତା ରାଉତ, ମନମୋହନ ମିଶ୍ର, ସୁସ୍ମିତା ମହାନ୍ତି, ନଟବର ଜେନା, ଡ. ଦୟାନିଧି ପ୍ରଧାନ ପ୍ରମୁଖ ଗାନ୍ଧିଜୀଙ୍କ ଉପରେ ନିବନ୍ଧ ପାଠ କରିଥିଲେ। ଡ. ବିଲକେସ୍ ପରବିନ୍ ଧନ୍ୟବାଦ ଦେଇଥିଲେ।

# ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତଦାନ ଶିବିରରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**କଟକ ଅଫିସ,୧୧।୬**

ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦ ପକ୍ଷରୁ ବାରବାଟୀ ଷ୍ଟାଡିୟମ ହର୍ସ ଗେଟ୍ ସମ୍ମିଳନୀ କକ୍ଷରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଅନୁଷ୍ଠାନର ସଭାପତି ତଥା କଣ୍ଠଶିଳ୍ପୀ ସୁବାସ ଚନ୍ଦ୍ର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଶିବିରକୁ ଉପସଭାପତି ବିକାଶ ଦାଶ, ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି ଓ ପଣ୍ଡିତ ନୀରଦ ଆର୍ଯ୍ୟ ପରିଚାଳନା କରିଥିଲେ। ଜୀବନ ବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

# ଗରିବ କଲ୍ୟାଣ ଯୋଜନାରେ ଲୋକଙ୍କ ଉନ୍ନତି ହୋଇଛି

**ଫୁଲନଖରା,୧୧।୬(ଡି.ଏନ୍.ଏ.)**

**ଭାଜପାର ମହାଜନସମ୍ପର୍କ ଅଭିଯାନ**

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ପାଳନ ଅବସରରେ ଦେଶରେ ମହାଜନସମ୍ପର୍କ ଅଭିଯାନ ଚାଲିଛି। ଏହି ଅବସରରେ କଟକ ସଦର ଥାନା ଅନ୍ତର୍ଗତ ଧାକୁଲେଇ ପୀଠରେ ଭାଜପାର କଟକ ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ଶନିବାର ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପାର ଜିଲା ଉପସଭାପତି ଆଲୋକ ଚନ୍ଦ୍ର ମହାନ୍ତି କହିଥିଲେ, କେନ୍ଦ୍ର ସରକାର ବିଭିନ୍ନ ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ ଲୋକଙ୍କ ଉନ୍ନତି ସାଧନ କରିଛନ୍ତି। ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ସହ ଉକ୍ତ ଅଭିଯାନକୁ ସଫଳ କରିବା ପାଇଁ କର୍ମକର୍ତ୍ତାମାନେ ଏକାଠି ହୋଇ କାମ କରିବାକୁ ସେ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ମୁଖ୍ୟ ବକ୍ତା ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ଉପସଭାପତି ସ୍ୱାଧୀନଚେତା ମହାନ୍ତି, ସମ୍ପାଦିକା ସୋନିଆ ଶର୍ମା, ସଦର ନିର୍ବାଚନ ମଣ୍ଡଳୀ ସଂଯୋଜକ ହୃଷୀକେଶ ଜେନା, କର୍ପୋରେଟର ମମତା ମହାନ୍ତି, ଲିପ୍ସା ନାୟକ, ପ୍ରଦୀପ ବେହେରାଙ୍କ ସମେତ ମଣ୍ଡଳ ସଭାପତି ଓ କର୍ମୀମାନେ ଯୋଗଦେଇଥିଲେ। ପ୍ରମୋଦ ଓଝା ଧନ୍ୟବାଦ ଦେଇଥିଲେ।

# ନୂଆପାଟଣା ଗ୍ରାମ୍ୟ ସମିତିର ନୂତନ କର୍ମକର୍ତ୍ତା ଚୟନ



**କଟକ ଅଫିସ,୧୧।୬**

ନୂଆପାଟଣାସ୍ଥିତ ରାଧାମୋହନ ମନ୍ଦିର ଓ ଗ୍ରାମ୍ୟ ସମିତିର ନୂତନ କର୍ମକର୍ତ୍ତା ଚୟନ ଓ ଶପଥପାଠ କାର୍ଯ୍ୟକ୍ରମ ସ୍ଥାନୀୟ ରାଧାମୋହନ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଆୟୋଜିତ ସଭାରେ ସଭାପତି ଭାବେ ରମାକାନ୍ତ ଦାସ, ସମ୍ପାଦକ ମନୋରଞ୍ଜନ ସାହୁ ଓ କୋଷାଧ୍ୟକ୍ଷ ଭାବେ ଅମ୍ରିତ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ଏଥିସହିତ ଉପଦେଷ୍ଟା କମିଟି, ପଞ୍ଚାୟତ କମିଟି, ଉପସଭାପତି କମିଟି, ଯୁଗ୍ମ ସମ୍ପାଦକ କମିଟି, କାର୍ଯ୍ୟକାରୀ କମିଟି ଓ ମନ୍ଦିର ପରିଚାଳନା କମିଟି ଗଠନ କରାଯାଇ ସମସ୍ତ ସଭ୍ୟବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ନୂଆପାଟଣା ରାଧାମୋହନ ମନ୍ଦିର ଓ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଶପଥପାଠ କାର୍ଯ୍ୟକ୍ରମରେ ନୂଆପାଟଣା ଅଞ୍ଚଳର ବୟୋଜ୍ୟେଷ୍ଠ ମୁରବି ଓ ଯୁବକମାନଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ। ଏହି ଶପଥପାଠ କାର୍ଯ୍ୟକ୍ରମକୁ ଅଜୟ କୁମାର ବେହେରା ପରିଚାଳନା କରିଥିବାବେଳେ ସଭାପତି ରମାକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ପେଟାନାଳ ରାଜନୀତି, ଶ୍ରେୟ ନେବାକୁ ଟଣାଓଟରା

**କଟକ ଅଫିସ,୧୧।୬**

ସିଡିଏ ପେଟାନାଳ ପୁନରୁଦ୍ଧାର କାର୍ଯ୍ୟକୁ ନେଇ ବିଜେଡି-କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ଏହି କାର୍ଯ୍ୟ ପାଇଁ ୩୮ କୋଟି ଟଙ୍କା ଅନୁମୋଦନ କରାଯାଇଛି। ତେବେ ଏହି କାର୍ଯ୍ୟର କିଏ ଶ୍ରେୟ ନେବ ତାହାକୁ ନେଇ ରାଜନୀତି ଜୋର୍ ଧରିଛି। ଗତ ଶନିବାର କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ପେଟାନାଳ ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହାକୁ ନେଇ ପ୍ରଥମେ ମେୟର ଓ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ମଧ୍ୟରେ ମତଭେଦ ଦେଖିବାକୁ ମିଳିଥିଲା। ପରେ ଉଭୟଙ୍କୁ କଡ଼ା ସମାଲୋଚନା କରିଛନ୍ତି କଂଗ୍ରେସ ବିଧାୟକ ଇଂ. ମହମ୍ମଦ ମୋକିମ। ପେଟାନାଳ ପୁନରୁଦ୍ଧାର ପାଇଁ ମୋକିମ ବିଭିନ୍ନ ସମୟରେ ବିଧାନସଭାରେ ଦାବି ଉପସ୍ଥାପନ କରିଥିଲେ। ଏପରି କି ପେଟାନାଳ ଭିତରେ ପଶି ପ୍ରତିବାଦ କରିଥିଲେ। ହେଲେ ଏହି ଶୁଭାରମ୍ଭ କାର୍ଯ୍ୟରେ ବିଧାୟକଙ୍କୁ କାହିଁକି ଡକାଗଲାନି ବୋଲି କଂଗ୍ରେସ କର୍ମୀମାନେ ପ୍ରଶ୍ନ ଉଠାଇଛନ୍ତି।

ଏ ସମ୍ପର୍କରେ ମୋକିମ୍ କହିଛନ୍ତି, ସିଡିଏ ପେଟାନାଳ ଯଦି ଦେବାଶିଷଙ୍କ ଡ୍ରିମ୍ ପ୍ରୋଜେକ୍ଟ ଥିଲା, ତାହାହେଲେ ସେ ୧୦ ବର୍ଷ ବିଧାୟକ ଥିବାବେଳେ କେମିତି କିଛି କାମ କଲେନି। ସେହିପରି ମେୟରଙ୍କୁ ମୋକିମ୍ କହିଛନ୍ତି, ମେୟରଙ୍କ ଏହା ହୀନ ରାଜନୀତି। ମେୟର ହେବା ଆଗରୁ ହିଁ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ ହୋଇଥିଲା। ମୁଁ ବିଧାନସଭାରେ ଏନେଇ ବାରମ୍ବାର ଦାବି ଉପସ୍ଥାପନ କରିଆସିଛି। ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରିଥିବାରୁ ସରକାର ଏ କାମ କରିବାକୁ ବାଧ୍ୟ ହୋଇଛନ୍ତି। ଆଉ ମିଛ ଶ୍ରେୟ ନେବାକୁ ମେୟର ଓ କମିଶନର ମିଳିତ ଭାବେ କାମର ଶୁଭ ଦେଇଛନ୍ତି ବୋଲି ମୋକିମ କହିଛନ୍ତି। ଅପରପକ୍ଷରେ ପେଟାନାଳ କାମର ଶ୍ରେୟ ଦେବାଶିଷ ନେବା ସହ ମେୟରଙ୍କୁ ସେ କଟାକ୍ଷ କରିଛନ୍ତି। ଦେବାଶିଷ କହିଛନ୍ତି, ୨୦୨୧ରେ ପେଟାନାଳର ପୁନରୁଦ୍ଧାର ପାଇଁ ତତ୍କାଳୀନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ କହି ଡିପିଆର ପ୍ରସ୍ତୁତ କରିଥିଲି। ହେଲେ ପରବର୍ତ୍ତୀ ସମୟରେ ସ୍ୱେରେଜ ବିଭାଗ ଡ୍ରେନେଜ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରିଥିଲା। ଏବେ ଡ୍ରେନେଜ ବିଭାଗ ପୁନର୍ବାର ଡିପିଆର ପ୍ରସ୍ତୁତ କରି କାମ ଆରମ୍ଭ କରିଛି। ପେଟାନାଳ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୋକିମଙ୍କୁ ମେୟର ନ ଡାକିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପେଟାନାଳ ପୁନରୁଦ୍ଧାର ଶୁଭାରମ୍ଭ ସରକାରୀ ନା ବେସରକାରୀ ଥିଲା ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ମେୟରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ୧୪ରେ ଓଡ଼ିଶା ଆସିବେ ଛତିଶଗଡ଼ ରାଜ୍ୟପାଳ

ଭୁବନେଶ୍ୱର,୧୧।୬(ବ୍ୟୁରୋ)- ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ୧୪ ତାରିଖରେ ଓଡ଼ିଶା ଆସିବେ । ୧୭ତାରିଖ ପର୍ଯ୍ୟନ୍ତ ୪ ଦିନଧରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ହରିଚନ୍ଦନ ଛତିଶଗଡ଼ର ରାଜ୍ୟପାଳ ଭାବେ ନିଯୁକ୍ତି ପାଇବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ରାଜ୍ୟପାଳ ୧୪ ତାରିଖ ପୂର୍ବାହ୍ନରେ ରାୟପୁର ବିମାନବନ୍ଦରୁ ବାହାରି ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦରରେ ଅବତରଣ କରିବେ। ସେଠାରୁ ନିଜ ବାସଭବନକୁ ଯିବେ ଓ ସନ୍ଧ୍ୟାରେ କଟକ ଏସସିବି ମେଡିକାଲରେ ବାଲେଶ୍ୱର ରେଳ ଦୁର୍ଘଟଣାରେ ଚିକିତ୍ସିତ ହେଉଥିବା ଆହତଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ୧୫ ତାରିଖ ପୂର୍ବାହ୍ନରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ କରିବେ। ସନ୍ଧ୍ୟାରେ ବିଶ୍ୱମାନବିକ ଅଧିକାର ସୁରକ୍ଷା ସଂସ୍ଥା ପକ୍ଷରୁ ଆୟୋଜିତ 'ମାଟି, ମା' ଓ ମଣିଷର ସୁରକ୍ଷା ପାଇଁ ମାନବିକ ଅଧିକାର' କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ୧୬ ତାରିଖ ପୂର୍ବାହ୍ନରେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଆଲୋଚନା କରିବେ ଏବଂ ଅପରାହ୍ନରେ ଓଡ଼ିଶାର ଦିଗ୍‌ବିଜୟୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଉପରେ ଡାକ୍ତର ସୋମନାଥ ପ୍ରସାଦ ଜେନାଙ୍କ ଦ୍ୱାରା ଲିଖିତ ଉପନ୍ୟାସ 'ଦିଗ୍‌ବିଜୟୀ ଗଜପତି'କୁ ଉନ୍ମୋଚନ କରିବେ। ୧୭ ତାରିଖ ଅପରାହ୍ନରେ ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା' ହୀରାବେନ୍ ମୋଦିଙ୍କ ୧୦୦ତମ ଜନ୍ମୋତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୮ ତାରିଖରେ ଆଇଆଇସିଠାରେ ସେଣ୍ଟର ଫର ନରେନ୍ଦ୍ର ମୋଦୀ ଷ୍ଟଡି ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଏକକର୍ମଶାଳାରେ ଯୋଗଦେବେ। ଏକ ମା'ର ପ୍ରଭାବ: ମୋଦିଙ୍କ ମା' କିପରି ମୋଦିଙ୍କ ନେତୃତ୍ୱ ଓ ଦୃଷ୍ଟିକୋଣକୁ ତିଆରି କରିଥିଲେ ଶୀର୍ଷକ କର୍ମଶାଳାରେ ଯୋଗ ଦେଇ ପୁସ୍ତକ 'ମା' ଓ 'ସ୍ମରଣୀକା' ଉନ୍ମୋଚନ କରିବେ।

### ବିଶ୍ୱବିଦ୍ୟାଳୟ ଉନ୍ନତିରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୧।୬(ବ୍ୟୁରୋ)- ଉତ୍କଳ ବିଶ୍ୱବିଦ୍ୟାଳୟର ୨୦୦୭-୦୯ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଣୀବିହାର ପରିସରସ୍ଥିତ ମା' ତାଳପଦେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଉନ୍ନତିରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହ ଦର୍ଶନ ବିଭାଗର ସ୍ୱର୍ଗତ ଲିଜାରାଣୀ ସେଠୀ, ଇତିହାସ ବିଭାଗର ସ୍ୱର୍ଗତ ଅଶ୍ୱିନୀ କୁମାର ସିଠ ଏବଂ ଓ ବିଭାଗର ସ୍ୱର୍ଗତ ମଳୟ ପ୍ରଧାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଅନେକ ପୁରାତନ ଛାତ୍ରୀଛାତ୍ର ଜୀବନାଦର୍ଶନ ଓ ମାନବିକ ମୂଲ୍ୟବୋଧ ଉପରେ ମଧ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅବିନାଶ ଦାସ, ତ୍ରିଲୋଚନ ବେହେରା, ଉତ୍ତମ କୁମାର ମହାନ୍ତି, ଅମିତ ଉପାଧ୍ୟାୟ, ସରୋଜ ସାହୁଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଇ-ବାଇକ୍ ଶୋ'ରୁମ୍, ମେଶିନାରି ଦୋକାନ ଜଳିଗଲା

ଭୁବନେଶ୍ୱର,୧୧।୬ (ବ୍ୟୁରୋ)





ପୋଡ଼ିଯାଇଥିବା ସୁପ୍ରିମ ମେଶିନାରି ଆଣ୍ଡ୍ ଟୁଲ୍ସ ଦୋକାନ।

**ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ**

- ବ୍ୟାଟେରି ଓଭର ଚାର୍ଜିଂରୁ ନିଆଁ ଲାଗିଥିବା ଅନୁମାନ
- ୩ ଘଣ୍ଟା ପରେ ନିଆଁକୁ ଆୟତ୍ତ କଲା ଅଗ୍ନିଶମ

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ଥିବା ପିୟୋର୍ କେକେ ଟ୍ରେଡିଂ ସର୍ଭିସ୍ ନାମକ ଇଲେକଟ୍ରିକ ବାଇକ୍ ଶୋ'ରୁମ୍‌ରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା । ଏଥିସହ ଶୋ'ରୁମ୍ ସିଲିଂରୁ ସୁପ୍ରିମ ମେଶିନାରି ଆଣ୍ଡ୍ ଟୁଲ୍ସ ଦୋକାନକୁ ମଧ ନିଆଁ ବ୍ୟାପିଯାଇଥିଲା । ଖବରପାଇ ଅଗ୍ନିଶମ ବିଭାଗର ଦୁଇଟି ଗାଡ଼ି ସହ ୨୦ଜଣ କର୍ମଚାରୀ ପହଞ୍ଚି ୩ ଘଣ୍ଟାର ଅପରେଶନ ପରେ ନିଆଁକୁ ଆୟତ୍ତ କରିଥିଲେ। ଏଥିସହ ଦୁଇ ବ୍ୟବସାୟ ପ୍ରତିଷ୍ଠାନରୁ ବାଇକ୍ ଓ ବିଭିନ୍ନ ସାମଗ୍ରୀକୁ ବାହାରକୁ କାଢ଼ି ଦିଆଯାଇଥିଲା । ତେବେ ନିଆଁରେ ୨ଟି ଦୋକାନର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଶର୍ଟ ସର୍କିଟ କିମ୍ବା ବ୍ୟାଟେରି ଓଭର ଚାର୍ଜିଂରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସୂଚନାନୁସାରେ, ରବିବାର ପାଇଁ କଟକ ରୋଡ୍‌ରେ ଥିବା ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନ ଅଧାଦିନ ଖୋଲା ରହିଥିଲା। ପରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ଅପରାହ୍ନ ପ୍ରାୟ ସାଢେ ୨ଟାରେ ଇ-ବାଇକ୍ ଶୋ'ରୁମ୍‌ଟି ବନ୍ଦ ରହିଥିବାବେଳେ ଭିତରୁ ଧୂଆଁ ବାହାରୁଥିବା ଦେଖି ଅନ୍ୟ ଦୋକାନୀମାନେ ତୁରନ୍ତ ମାଲିକ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମାଲିକ ତୁରନ୍ତ ସେଠାରେ ପହଞ୍ଚି ଦୋକାନ ଖୋଲିବା ପରେ ଶୋ'ରୁମ ସାରା ଧୂଆଁମୟ ହୋଇଯାଇଥିବାବେଳେ କେତେକ ସ୍ଥାନରେ ନିଆଁ ଜଳୁଥିବାରୁ ଭିତରେ ପଶିବା ସମ୍ଭବ ହୋଇ ନ ଥିଲା। ଏଥିସହ ଏହି ଶୋ'ରୁମ୍ ସିଲିଂ ସହ ନିକଟରେ ଥିବା ସୁପ୍ରିମ୍ ମେଶିନାରି ଆଣ୍ଡ୍ ଟୁଲ୍ସର ସିଲିଂ ଲାଗି ରହିଥିବାରୁ ନିଆଁ ସହଜରେ ଉକ୍ତ ଦୋକାନକୁ ବ୍ୟାପିଯାଇଥିଲା। ଫଳରେ ଉକ୍ତ ଦୋକାନରୁ ମଧ ଧୂଆଁ ବାହାରିଥିଲା। ଏହାଦେଖି ପାଖରେ ଥିବା ଅନ୍ୟ ଦୋକାନୀଙ୍କ ମଧରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ନିବୁଜ ଘର ହୋଇଥିବାରୁ ଧୂଆଁ ଅଧିକରୁ ଅଧିକ ବାହାରିଥିଲା। ପ୍ରବଳ ଧୂଆଁ ବାହାରୁ ଥିବାରୁ କର୍ମଚାରୀମାନେ ନାକେଦମ ହୋଇପଡିଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ଫାୟାର ପ୍ରକ୍ସିମିଟି ସୁଟ୍ ପିନ୍ଧି ବିଏ ସେଟ୍ ସହ ପାଣି ପକାଇ ପକାଇ ଭିତରକୁ ପଶିଥିଲେ। ଏହି ସମୟରେ ଶୋ'ରୁମ ପଛ ପଟେ ଥିବା ବ୍ୟାଟେରି ରୁମ୍‌ରୁ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ଏହାପରେ ସେଠାରେ ପାଣି ପକାଇ ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ଅପରପକ୍ଷେ ପୂର୍ବରୁ ମଧ ଉକ୍ତ ଶୋ'ରୁମ୍‌ରେ ନିଆଁ ଲାଗିଥିଲା। ତେଣୁ ବାରମ୍ବାର ଏଭଳି ସମାନ ସମସ୍ୟା ଉପୁଜୁଥିବାରୁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ଉକ୍ତ ଦୋକାନକୁ ସ୍ଥାନାନ୍ତର କିମ୍ବା ବନ୍ଦ କରିବାକୁ ଦାବି କରିଛନ୍ତି।

## ଡ.ସୁନ୍ଦର ନାରାୟଣ ପାତ୍ର ପାଇବେ ପ୍ରଥମ 'ବାଙ୍କ ବିହାରୀ ପରିବେଶ ସମ୍ମାନ'

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ସଂଭାବନା ପକ୍ଷରୁ ଆସନ୍ତା ୧୪ ତାରିଖ ପହିଲି ରଜ ସଂଧ୍ୟାରେ ସୂଚନା ଭବନରେ ଆୟୋଜିତ ହେବ 'ରଜ ମଉଜ' କାର୍ଯ୍ୟକ୍ରମ। ଓଡ଼ିଆଙ୍କର ଏହି ପ୍ରମୁଖ ପର୍ବ ହେଉଛି ପରିବେଶ ଓ ପରମ୍ପରାର ପର୍ବ। ବନସ୍ତେ ଡାକିଲା ଗଜଠାରୁ ରଜଦୋଳି ଓ ସଞ୍ଜର ବିଲୁଆ ହୁକେ ହୋ କରିବା ପୂର୍ବରୁ ରାତ୍ର ଭୋଜନ ହେଉ, ଏ ସବୁକିଛି ପରିବେଶ ଓ ପ୍ରକୃତିକୁ ନେଇ ରହି ଆସିଛି। ମାତ୍ର ଏବେ ଧ୍ୱଂସ ହୋଇଚାଲିଥିବା ପରିବେଶ ଓ ପ୍ରକୃତିର ବିପର୍ଯ୍ୟୟ ସଂପର୍କରେ ଚେତନା ସୃଷ୍ଟି ପାଇଁ ସଂଭାବନା ବିଶ୍ୱ ପରିବେଶ ଦିବସରୁ ଆଲୋଚନାଚକ୍ର ଜରିଆରେ ଆରମ୍ଭ କରିଛି ଅଭିଯାନ। ଏହି ପରିପ୍ରେକ୍ଷୀରେ ପ୍ରଥମଥର ପାଇଁ ଓଡ଼ିଶାର ପୂର୍ବତନ ମନ୍ତ୍ରୀ, ରାଜନେତା ଓ ପରିବେଶ କର୍ମୀ ବାଙ୍କ ବିହାରୀ ଦାସଙ୍କ ନାମରେ ନାମିତ ପ୍ରଥମ ପରିବେଶ ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ପ୍ରଥମ ବାଙ୍କ ବିହାରୀ ପରିବେଶ ସମ୍ମାନ ପାଇବେ ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନ ଅଧାପକ ତଥା ପରିବେଶ କର୍ମୀ ଡ. ସୁନ୍ଦର ନାରାୟଣ ପାତ୍ର। ଏ ନେଇ ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ପରିଜା ସୂଚନା ଦେଇଛନ୍ତି।

# ନିଦାଘର ସ୍ୱରରେ ପୁରୁଣା ସଙ୍ଗୀତର ଆସର




ସଙ୍ଗୀତ ସନ୍ଧ୍ୟାରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଇଲିଟ୍ ଫାଉଣ୍ଡେସନ ପକ୍ଷରୁ ପୁରୁଣା ଗୀତର ମିଠା ମହକକୁ ନେଇ 'ନିଦାଘର ସ୍ୱର' ସଙ୍ଗୀତ ସନ୍ଧ୍ୟା ରବିବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଲେଖକ ପ୍ରସନ୍ନ ପାଟଶାଣୀ, ମହିମା ଧରଣର ଗବେଷଣା ପରିଷଦର ସଭାପତି ବାବା ରମେଶ ଚନ୍ଦ୍ର ଦାସ, ଓୟୁଏଟିର ପୂର୍ବତନ ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପୁରୁଣା ଗୀତକୁ ନେଇ ସନ୍ଧ୍ୟାର ଆସର ବେଶ୍ ଜମିଥିଲା। କଣ୍ଠଶିଳ୍ପୀମାନେ ଲୋକପ୍ରିୟ ପୁରୁଣା ସଙ୍ଗୀତଗୁଡ଼ିକୁ ଏକ ନୂଆ ଅନ୍ଦାଜରେ ପରିବେଷଣ କରିଥିଲେ। କାଳୀପ୍ରସାଦ, ସନ୍ଦୀପ, ପୁଷ୍ପାଞ୍ଜଳି, ମୋନାଲିସା, ଶ୍ୱେତପଦ୍ମା, ସମ୍ପଦ, ପଦ୍ମଜା, ଦାମିନୀ ପ୍ରମୁଖ କଣ୍ଠରୁ ସୁନ୍ଦର ସଙ୍ଗୀତ ଶ୍ରୋତା ଓ ଅତିଥିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମିନତି ମଲ୍ଲ, କୁମାର ଲିଟନ ସଭା ପରିଚାଳନା କରିଥିଲେ। ଯୁବ ସଙ୍ଗୀତ ନିର୍ଦ୍ଦେଶକ ସିତାଂଶୁ ରାଉତ ଏହି ସଙ୍ଗୀତଗୁଡ଼ିକର ନିର୍ଦ୍ଦେଶନା ଦେଇଥିଲେ। ଫାଉଣ୍ଡେଶନର ଅଧକ୍ଷା ଜସ୍ମିନ କର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଡ. ମିଶ୍ର ଧନ୍ୟବାଦ ଦେଇଥିଲେ।

## ରେଳ ଦୁର୍ଘଟଣାର ଆହତଙ୍କ ପାଇଁ ରକ୍ତଦାନ ଶିବିର

ବାରଙ୍ଗ,୧୧।୬(ଡି.ଏନ୍.ଏ.)

ବାହାନଗା ରେଳ ଦୁର୍ଘଟଣାରେ ଆହତ ହୋଇଥିବା ଲୋକଙ୍କ ପାଇଁ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଆନୁକୂଲ୍ୟରେ ବ୍ଲକ ଅଧୀନ ମଧୁପୁର ପଞ୍ଚାୟତର ମଧୁବନ ଗାଁ ମୁଣ୍ଡରେ ଏକ ଭ୍ରାମ୍ୟମାଣ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ୮ ପଞ୍ଚାୟତର ବିଜୁ ଛାତ୍ର ଓ ଯୁବ ଜନତା ଦଳର କର୍ମୀ ସହଯୋଗ କରିବା ସହ ବହୁ କର୍ମୀ ରକ୍ତଦାନ କରିଥିଲେ। ଶିବିରରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଟ୍ରକ ମାଲିକ ସଂଘ ସଭାପତି ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ରୀୟ ରେଡ୍‌କ୍ରସ ମେଡିକାଲ ଡାକ୍ତର ରାମପ୍ରସାଦ ରାଏ, ସତ୍ୟନାରାୟଣ ସିଂ, ସନ୍ଦୀପ ସାଇଁ, ଲକ୍ଷ୍ମୀଧର ପୂର୍ତ୍ତି, କ୍ରିତନ ବାନଚୋର, ପ୍ରକାଶ ମଲ୍ଲିକଙ୍କ ସହଯୋଗରେ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ନ୍ୟାୟ ଦାବିରେ ଅବସରପ୍ରାପ୍ତ ଯବାନଙ୍କ ଧାରଣା




ଭୁବନେଶ୍ୱର,୧୧।୬(ବ୍ୟୁରୋ)

- ୩ମାସ ହେବ ଗାଁ ଛାଡ଼ିଛନ୍ତି ରଞ୍ଜନ ଓ ତାଙ୍କ ପରିବାର
- ସମର୍ଥନ ଦେଲା ଓଡ଼ିଶା ଭେଟେରାନ ଆସୋସିଏଶନ

ଭାରତୀୟ ସେନାର ଅବସରପ୍ରାପ୍ତ ଯବାନ ରଞ୍ଜନ କୁମାର କର ନ୍ୟାୟ ପାଇବା ଦାବିରେ ୧୧ଦିନ ହେବ ବିଧାନସଭା ସମ୍ମୁଖରେ ଅନଶନରେ ବସିଛନ୍ତି। ତାଙ୍କ ଘର କେନ୍ଦ୍ରାପଡା ଜିଲା ଡେରାବିଶ ଥାନାଞ୍ଚଳରେ ହୋଇଥିବାବେଳେ ସେ ଆକ୍ରମଣର ଶିକାର ହୋଇଥିଲେ। ଏପରିକି ବ୍ଲକର ପୂର୍ବତନ ଚେୟାରମ୍ୟାନ ସରୋଜ ସାହୁଙ୍କ ପ୍ରରୋଚନାରେ ତାଙ୍କୁ ଓ ପରିବାର ସଦସ୍ୟଙ୍କୁ ହତ୍ୟା ଧମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଥାନା ପୋଲିସ ଅଭିଯୋଗ ରଖୁ ନ ଥିବାବେଳେ ଜିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସେ କହିଛନ୍ତି। ଗତ ୧ ତାରିଖରୁ ଧାରଣା ଦେଇଥିଲେ ମଧ ତାଙ୍କୁ ନ୍ୟାୟ ମିଳିପାରି ନ ଥିବାରୁ ରବିବର ଅଲ୍ ଓଡିଶା ଭେଟେରାନ ଆସୋସିଏଶନ ରଞ୍ଜନଙ୍କ ସମର୍ଥନ କରିବା ସହ ସଦସ୍ୟମାନେ ମଧ ଧାରଣାରେ ସାମିଲ ହୋଇଛନ୍ତି। ରଞ୍ଜନଙ୍କ କହିବାନୁସାରେ, ସେନାରୁ ଅବସର ନେବା ପରେ ଗାଁରେ ସେବା କାର୍ଯ୍ୟ କରୁଥିଲେ। କିନ୍ତୁ କେତେଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଏନେଇ ସେ ଡେରାବିଶ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପୋଲିସ ତାଙ୍କ ଅଭିଯୋଗ ଶୁଣି ନ ଥିବା ରଞ୍ଜନ କହିଛନ୍ତି। ଡେରାବିଶ ଥାନାଧିକାରିଣୀ ଜ୍ୟୋତିର୍ମୟୀ ସେଠୀ ଏବଂ ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର ଅଭିଯୁକ୍ତଙ୍କ ସହ ସମ୍ପର୍କ ରଖି ନ୍ୟାୟ ବଦଳରେ ଅତ୍ୟାଚାର କରୁଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ଭୟରେ ତାଙ୍କ ପରିବାର ପ୍ରାୟ ୩ମାସରୁ ଊର୍ଦ୍ଧ୍ୱ ହେବ ଗାଁ ଛାଡ଼ି ବାହାରେ ନାନା ଆଶଙ୍କା ଭିତରେ ରହୁଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଆମରଣ ଅନଶନରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି।

# ରଘୁନାଥପୁରରେ ଜମିବ ରଜ

**ଲଗାଯାଉଛି ୧୦୦ରୁ ଊର୍ଦ୍ଧ୍ୱ ଦୋଳି**

ବାରଙ୍ଗ,୧୧।୬(ଡି.ଏନ୍.ଏ.)

ପାଖେଇ ଆସିଲାଣି ରଜ। ଆଉ ୨ ଦିନ ପରେ ପହିଲି ରଜ। ଯାହାକୁ ନେଇ ଏବେ ଗାଁଠୁ ସହର ଚଳ ଚଞ୍ଚଳ ହୋଇଉଠିଲାଣି। ରଜରେ ଗାଁରେ କୁଆଁରୀ ଝିଅମାନେ ନୂଆ ପୋଷାକ ସାଙ୍ଗକୁ ସୁସ୍ୱାଦୁ ପିଠା ପଣା କରିବାକୁ ଲାଗିପଡିନ୍ତି। ପୋଡପିଠା, ଆରିସା, ମଣ୍ଡା, ଚକୁଳି, ଛେନାପିଠା ଆଦି ବିଭିନ୍ନ ସୁସ୍ୱାଦୁ ପିଠାର ବାସ୍ନାରେ ମହକି ଉଠେ ଗାଁ। ତା'ସାଙ୍ଗକୁ ଝିଅମାନେ ହାତରେ ମେହେନ୍ଦୀ ଓ ରଜ ୩ ଦିନ ନୂଆ ନୂଆ ପୋଷାକ ପିନ୍ଧି ଦୋଳି, ପୁଞ୍ଚି ଖେଳ ଆଦି ଖେଳି ମଜା ଉଠାଇଥାନ୍ତି। ତେବେ ଭୁବନେଶ୍ୱର ଉପକଣ୍ଠ ରଘୁନାଥପୁର ଗ୍ରାମରେ ରଜର ନିଆରା ଅନୁଭୂତି ସବୁବେଳେ ଅଞ୍ଚଳବାସୀଙ୍କୁ ବେଶ୍ ଆକର୍ଷିତ କରିଥାଏ। ରଘୁନାଥପୁର ରଜ ମହୋତ୍ସବ କମିଟି ବୃହ୍ଦ ରଜ ପର୍ବର ଆୟୋଜନ କରୁଛି। ଯେଉଁଥିରେ ଛୋଟ ପିଲାଙ୍କ ପାଇଁ ଦୋଳି, କୁଆଁରୀ ଝିଅଙ୍କ ପାଇଁ ବାଉଁଶ ପେଙ୍ଗା, ଚକ ଦୋଳି ଏବଂ ଶଗଡ଼ ଦୋଳି ଆଦି ପାଖାପାଖି ଶହେରୁ ଊର୍ଦ୍ଧ୍ୱ ଦୋଳି ଲଗାଯାଉଛି। ଏହାସହ ପୁଚି, ଝୋଟି, ହୁଳହୁଳି, ଦୌଡ଼ି ଡିଆଁ ଆଦି ବିଭିନ୍ନ ପ୍ରତିଯୋଗିତା କରାଯିବ। ଏଥର ୧୪ରୁ ୧୭ ତାରିଖ ଧରି ଘରକରଣା ସାମଗ୍ରୀ କିଣାକିଣି ପାଇଁ ମୀନାବଜାର, ରସଗୋଲା, ବିଭିନ୍ନ ସୁସ୍ୱାଦୁ ପିଠାର ଷ୍ଟଲ୍ ଏଠାରେ ପଡ଼ିବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସ୍ଥାନୀୟ ମୁରବି, ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ମହିଳା ଏବଂ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟି ସମ୍ପାଦକ ଶ୍ରୀନିବାସ ପଢ଼ିହାରୀ ସହ ସମ୍ପାଦକ ଶଶିକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଗୁରୁ ପଙ୍କଜ ଚରଣ ଦାସଙ୍କୁ ନୃତ୍ୟରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ବିଂଶତମ ପୁଣ୍ୟତିଥି ଅବସରରେ ରବିବାର ରବୀନ୍ଦ୍ରମଣ୍ଡପରେ ଆୟୋଜିତ 'ଶ୍ରଦ୍ଧାଞ୍ଜଳି' କାର୍ଯ୍ୟକ୍ରମରେ ଗୁରୁଙ୍କୁ ଓଡ଼ିଶୀ ନୃତ୍ୟରେ ଶିଳ୍ପୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅତିଥି ଭାବେ ଶିକ୍ଷାବିତ୍ ପ୍ରୀତି ରାୟଚାନ୍ଦ, ଓଡ଼ିଶୀ ନୃତ୍ୟଗୁରୁ ଅରୁଣା ମହାନ୍ତି, ସମାଜସେବୀ ରୋଜାଲିନି ପାଟ୍ଟଶାଣୀ, ସଙ୍ଗୀତ ଗୁରୁ ଡ. ବିଜୟ ଜେନା ପ୍ରମୁଖ ଯୋଗଦେଇ ଗୁରୁଜୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ଚନ୍ଦ୍ରକାନ୍ତା ଓ ମଧୁଲିତା ମହାପାତ୍ରଙ୍କୁ 'ଓଡ଼ିଶୀ ନୃତ୍ୟ ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ ଶିଳ୍ପୀ ମିଥିଲେଶ ପଟ୍ଟନାୟକ ଓ ସଚ୍ଚିକାନ୍ତ ପ୍ରଧାନଙ୍କୁ 'ଓଡ଼ିଶୀ ଯୁବ ଗନ୍ଧର୍ବ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାପରେ ଶିଳ୍ପୀ ଶ୍ରିପୁଣ୍ୟା ଓ ମଧୁଲିତା ଜୟଦେବ ବିରଚିତ ଗୀତଗୋବିନ୍ଦର ଅଷ୍ଟପଦୀ ଅଭିନୟ କରିଥିଲେ। ସେହିପରି ସଚ୍ଚିକାନ୍ତ ପ୍ରଧାନଙ୍କ ପରିବେଷଣରେ 'କୈବର୍ତ୍ତ କଥା' ଜୀବନ୍ତ ଭାବେ ଉପସ୍ଥାପନ ହୋଇଥିବାବେଳେ ନୃତ୍ୟବିଳାସର ଦଳଗତ ପରିବେଷଣ ଓମ୍ ନମଃ ଶିବାୟ ସମସ୍ତଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମକୁ ଗୁରୁ ସୁହାଗନଳିନୀ ଦାସ ପରିଚାଳନା କରିଥିଲେ। ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଗୁରୁ ଶରତ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।




ରବୀନ୍ଦ୍ରମଣ୍ଡପରେ ଆୟୋଜିତ 'ଶ୍ରଦ୍ଧାଞ୍ଜଳି' କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ସହ ଅତିଥିମାନେ।

# ରଜ ମହୋତ୍ସବରେ ନାରୀଶକ୍ତିକୁ ପ୍ରାଧାନ୍ୟ

ଭୁବନେଶ୍ୱର,୧୧।୬(ବ୍ୟୁରୋ)




କାର୍ଯ୍ୟକ୍ରମରେ ଏମ୍‌ପି ଡ. ଅମର ପଟ୍ଟନାୟକ, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।





ରଜ ଉପଲକ୍ଷେ ମହିଳାମାନେ ପ୍ରସ୍ତୁତ କରୁଥିବା ରଜ ପାନ ଓ ପିଠା।

କଳିଙ୍ଗ ଫାଉଣ୍ଡେଶନର ମହିଳା ସଂଘ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ରଜ ମହୋତ୍ସବ ୨୦୨୩ ଉପଲକ୍ଷେ 'ନାରୀଶକ୍ତି' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ସହ ପୁନେ, ବାଙ୍ଗାଲୋର, ହାଇଦ୍ରାବାଦ ସହରରେ ଫାଉଣ୍ଡେଶନର ପାଖାପାଖି ୨୭ହଜାର ମହିଳା ଏକତ୍ରିତ ହୋଇ ଏହି ଉତ୍ସବ ପାଳନ କରିଛନ୍ତି। ତେବେ ଭୁବନେଶ୍ୱରରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଏମ୍‌ପି ଡ. ଅମର ପଟ୍ଟନାୟକ, ବିଏମ୍‌ସି ମେୟର ସୁଲୋଚନା ଦାସ, ପ୍ୟାଡ୍ ୱିମେନ୍ ଅନୁଶ୍ରୀ ଦାଶ, ଅଭିନେତ୍ରୀ ସ୍ୱପ୍ନା ପତି ଓ ଫାଉଣ୍ଡେଶନର ପ୍ରତିଷ୍ଠାତା ଶିବାଶିଷ ସ୍ୱାଇଁ ଯୋଗଦେଇଥିଲେ। ରଜ ଉତ୍ସବ ଆମ ସମାଜକୁ ଏକ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରେ। ରଜର ଅର୍ଥ ରଜସ୍ୱଳା ହେବା ଅର୍ଥାତ୍ ଯାହାକୁ ଆମେ ଇଂଲିଶରେ ମେନ୍‌ଷ୍ଟ୍ରୁରେଶନ ବୋଲି କହୁ। ଏହି ରଜ ଏହାର ଗୂଢ଼ ଅର୍ଥକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇପାରିଛି। ଗ୍ରୀଷ୍ମର ତାପ ପରେ ପରେ ଯେତେବେଳେ ମାଟି ପ୍ରଥମ ବର୍ଷାର ସ୍ପର୍ଶ ପାଏ, ଭୂମିକୁ ଚାଷ କରିବା ପୂର୍ବରୁ ବିଶ୍ରାମ ଦିଆଯାଏ। ୩ଦିନ ଧରି ଭୂମିରେ ହଳ ଲଙ୍ଗଳ ବ୍ୟବହାର କରାଯାଏ ନାହିଁ। ସେହିପରି ନାରୀଙ୍କୁ ମଧ ସେହି ୩ଦିନ ବିଶ୍ରାମ ଦିଆଯାଏ। ନାରୀଶକ୍ତିକୁ ପ୍ରାଧାନ୍ୟ ଦେଇଥାଏ ରଜ ଉତ୍ସବ। ମେନଷ୍ଟ୍ରୁରେଶନକୁ ଯେଉଁ ଅନ୍ଧବିଶ୍ୱାସ ଓ କୁସଂସ୍କାର ରହିଛି ତାହା ଦୂର କରିବାରେ ଏହି ମହାନ ପର୍ବ ସାହାଯ୍ୟ କରିଥାଏ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣା ଆହତଙ୍କ ପାଇଁ ସହାୟ ନାମକ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ଏଥିସହ ନାରୀମାନେ ପାଦରେ ଅଳତା ପିନ୍ଧି ସଜ ହେବା ସହ ପିଠାପଣାରେ ପରିବେଶ ମହକି ଉଠିଥିଲା। ଆଗାମୀ ଦିନରେ ଫାଉଣ୍ଡେଶନ ତରଫରୁ ଗରିବ, ଅବହେଳିତ, ଅନଗ୍ରସର ମହିଳାଙ୍କୁ ସାନିଟାରୀ ନାପକିନ ବାଣ୍ଟିବା ସହ ମେନଷ୍ଟ୍ରୁରେଶନ ସମୟରେ କିଭଳି ସଚେତନତା ଅବଲମ୍ବନ କରିବେ ସେ ନେଇ ପରାମର୍ଶ ଦିଆଯିବ ବୋଲି ପ୍ରତିଷ୍ଠାତା ସ୍ୱାଇଁ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ମାଡ଼ ଧମକ: ଥାନାରେ ମାମଲା

ସାଲେପୁର,୧୧।୬(ଡି.ଏନ୍.ଏ.): ସାଲେପୁର ତହସିଲର ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦିଆଯାଇଛି। ଏନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ସାଲେପୁର ତହସିଲର ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶାରଦା ପ୍ରସନ୍ନ ସାହୁ ପୁରଣ ଅଞ୍ଚଳରେ ଚକ ଜମି ମାପ କରୁଥିବାବେଳେ ଏହି ଗ୍ରାମର ବିଜୟ ନାୟକ ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ଏନେଇ ଶାରଦା ପ୍ରସନ୍ନ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାଲେପୁର ପୋଲିସ ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ-୧୯୩/୨୦୨୩) ରୁଜୁ କରିଛି।

### ୭୧୮ ୟୁନିଟ ରକ୍ତ ସଂଗ୍ରହ

ସାଲେପୁର/ ମଙ୍ଗୁଳି-ଜଗତପୁର, ୧୧।୬ (ଡି.ଏନ୍.ଏ.): ସାଲେପୁର ବ୍ଲକ ଶିଶୁଆ ଡାକବଙ୍ଗଳାଠାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତର ମହିଳା, ପୁରୁଷ ଓ ଦଳୀୟ କର୍ମୀମାନେ ଯୋଗଦେଇଥିଲେ। ଶିବିରରେ ୩୧୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ବିଧାୟକ ବେହେରାଙ୍କୁ କର୍ମୀମାନେ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି ସଞ୍ଜିତ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, କଟକ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, କଟକ ଜିଲା ଯୁବ ବିଜେଡି ଉପ ସଭାପତି ବିଶ୍ୱଜିତ୍ ଚାଟାର୍ଜୀ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଜନ୍ମଦିନ ଓ ବାହାନଗା ରେଳ ଦୁର୍ଘଟଣା ଆହତଙ୍କ ଉଦ୍ଦେଶ୍ୟରେ ମେଗା ରକ୍ତଦାନ ଶିବିର ଟାଙ୍ଗୀସ୍ଥିତ ଏକ ମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଅଞ୍ଚଳ ବିଜୁ ଛାତ୍ର, ଯୁବ ଓ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ଶିବିରରେ ମୋଟ ୪୦୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ୧୩ଟି ପଞ୍ଚାୟତର ବିଜେଡି ସଭାପତି, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟ, ମିଶନ ଶକ୍ତିର ନେତ୍ରୀ ଓ ଦଳୀୟ କର୍ମୀମାନେ ଶିବିରରେ ଯୋଗଦେଇ କେକ୍ କାଟିବା ସହ ବିଧାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ବିଜେଡି ସଙ୍ଗଠକ କୃଷ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ରାଉତରାୟ, ସୁକୁମାର ମହାରଣା, ସ୍ୱାଧୀନ କିଶୋର ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷା ମୀନାକ୍ଷୀ ଦାସ, ଆତ୍ମା ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ଧୃରେନ୍ଦ୍ର କୁମାର ଜେଠୀ, ଯୁବନେତା ଗୋପାଳ ଲେଙ୍କା ଓ ସାଗର କର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ମିଶନ ଶକ୍ତି ମହିଳାମାନଙ୍କୁ ବିଧାୟକ ଶାଢ଼ି ବଣ୍ଟନ କରିଥିଲେ।

# ପୋଲିସକୁ ଗୁଳି ଚଳାଇ ଖସିବା ଉଦ୍ୟମ: ୨ ଗିରଫ

■ ବିଭିନ୍ନ ଜିଲାରେ ଆପରାଧିକ ମାମଲା ରହିଛି
■ ମାଉଜର, ଅଫୁଟା ଗୁଳି, ମାରଣାସ୍ତ୍ର ଜବତ

ମାହାଙ୍ଗା,୧୧।୬(ସ୍ୱ.ପ୍ର.)



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍, ମାରଣାସ୍ତ୍ର।

ଆନ୍ତଃ ଜିଲା ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ କଟକ ଜିଲା ଭଦ୍ରେଶ୍ୱର ଥାନା ପୋଲିସ ଶନିବାର ରାତିରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ଏକ ମାଉଜର, ଅଫୁଟା ଗୁଳି ଓ ଅନ୍ୟାନ୍ୟ ମାରଣାସ୍ତ୍ର ସହ ଗୋଟିଏ ବାଇକ୍ ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ଝାଡେଶ୍ୱରପୁର ସଂଖ୍ୟାଲଘୁ ବସ୍ତିର ଏସ୍.କେ ବସ୍‌ର ଅଲ୍ଲି ଓ କେନ୍ଦ୍ରାପଡା ଜିଲାର ସୁଜନ ଖାନ୍। ଏନେଇ ଥାନାରେ ମାମଲା (ନଂ. ୬୪/୨୩) ରୁଜୁ କରାଯାଇ ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଏସ୍‌ଡିପିଓ ବିମଲ ବାରିକ ଖବରଦାତା ସମ୍ମିଳନୀରେ ଦେଇଥିବା ସୂଚନା ମୁତାବକ, ଭଦ୍ରେଶ୍ୱର ଥାନା ପକ୍ଷରୁ ପ୍ରତିଦିନ ପରି ଶନିବାର ରାତିରେ ପାଟ୍ରୋଲିଂ ଚାଲିଥିଲା। ଆପିଲୋ-ଝାଡେଶ୍ୱରପୁର ରାସ୍ତା ମଧ୍ୟରେ ଅଲ୍ଲି ଓ ଖାନ୍‌ଙ୍କୁ ଦେଖି ପୋଲିସ ସେମାନଙ୍କ ପିଛା କରିଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ପାଟ୍ରୋଲିଂ ଟିମ୍ ଉପରକୁ ଗୁଳିଚାଳନା କରିଥିଲେ। ଏହାସତ୍ତ୍ୱେ ପୋଲିସ ସେମାନଙ୍କୁ ବହୁ କଷ୍ଟରେ କାବୁ କରିବାକୁ ସକ୍ଷମ ହୋଇଥିଲା। ଉଭୟ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଜିଲାରେ ଚୋରି, ଡକାୟତି, ହତ୍ୟାକାଣ୍ଡ ଭଳି ଏକାଧିକ ମାମଲା ରହିଛି ବୋଲି ଏସ୍‌ଡିପିଓ ବାରିକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଭାରପ୍ରାପ୍ତ ଥାନା ଅଧିକାରୀ ତପନ କୁମାର ନାୟକ,ଏଏସଆଇ ଆଲୋକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖବରଦାତା ସଂଘର ରକ୍ତଦାନ ଶିବିର, ୫୧ ୟୁନିଟ୍ ସଂଗ୍ରହ

ସାଲେପୁର,୧୧।୬(ଡି.ଏନ୍.ଏ.):

ବାଲେଶ୍ୱର ବାହାନଗାରେ ରେଳ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ରକ୍ତର ଆବଶ୍ୟକତା ରହୁଛି। ଏନେଇ ଶନିବାର ସନ୍ଧ୍ୟାରେ ସାଲେପୁର ଆଞ୍ଚଳିକ ଖବରଦାତା ସଂଘ, ପାଢ଼ୀ ଟ୍ୟୁଟୋରିଆଲ୍ ଓ ମାରୁୱାଡି ଯୁବମଞ୍ଚର ମିଳିତ ଆନୁକୂଲ୍ୟରେ ସାଲେପୁର ଆଞ୍ଚଳିକ ଖବରଦାତା ସଂଘ କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ଭାଜପା ନେତା ରଶ୍ମିରଞ୍ଜନ ଲେଙ୍କା, ଚୌଧୁରୀ କଳ୍ପତରୁ ଦାସ, ନିହାରିକା ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ରାଉତ, ମନୋରଞ୍ଜନ ବେହେରା, ରମାକାନ୍ତ ବେଉରା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ବିଶ୍ୱଜିତ୍ ଭୂୟାଁ, ବଳରାମ ସାହୁ, ଇତିସ୍ମିତା ଶୁଭଦର୍ଶିନୀ, ପ୍ରୀତିସ୍ମିତା ଶୁଭଦର୍ଶିନୀ, ନିତ୍ୟାନନ୍ଦ ବେହେରାଙ୍କ ସମେତ ପାଢ଼ୀ ଟ୍ୟୁଟୋରିଆଲ୍‌ର ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ଅବସରରେ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାର କଟକ ତରଫରୁ ରକ୍ତ ସଂଗ୍ରହ କରାଯାଇଥିଲା।

## ଅବସରପ୍ରାପ୍ତ ଯବାନଙ୍କ ଧାରଣା



ଧାରଣାରେ ବସିଥିବା ଅବସରପ୍ରାପ୍ତ ଯବାନ ରଞ୍ଜନ କୁମାର କର ଓ ଅନ୍ୟମାନେ।

ଭୁବନେଶ୍ୱର,୧୧।୬(ବ୍ୟୁରୋ):

ଭାରତୀୟ ସେନାର ଅବସରପ୍ରାପ୍ତ ଯବାନ ରଞ୍ଜନ କୁମାର କର ନ୍ୟାୟ ପାଇବା ଦାବିରେ ୧୧ଦିନ ହେବ ବିଧାନସଭା ସମ୍ମୁଖରେ ଅନଶନରେ ବସିଛନ୍ତି। ତାଙ୍କ ଘର କେନ୍ଦ୍ରାପଡା ଜିଲା ଡେରାବିଶ ଥାନାଞ୍ଚଳରେ ହୋଇଥିବାବେଳେ ସେ ଆକ୍ରମଣର ଶିକାର ହୋଇଥିଲେ। ଏପରିକି ବ୍ଲକର ପୂର୍ବତନ ଚେୟାରମ୍ୟାନ ସରୋଜ ସାହୁଙ୍କ ପ୍ରରୋଚନାରେ ତାଙ୍କୁ ଓ ପରିବାର ସଦସ୍ୟଙ୍କୁ ହତ୍ୟା ଧମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଥାନା ପୋଲିସ ଅଭିଯୋଗ ରଖୁ ନ ଥିବାବେଳେ ଜିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସେ କହିଛନ୍ତି। ଗତ ୧ ତାରିଖରୁ ଧାରଣା ଦେଇଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳିପାରି ନ ଥିବାରୁ ରବିବର ଅଲ୍ ଓଡିଶା ଭେଟେରାନ ଆସୋସିଏଶନ ରଞ୍ଜନଙ୍କ ସମର୍ଥନ କରିବା ସହ ସଦସ୍ୟମାନେ ମଧ୍ୟ ଧାରଣାରେ ସାମିଲ ହୋଇଛନ୍ତି। ରଞ୍ଜନଙ୍କ କହିବାନୁସାରେ, ସେନାରୁ ଅବସର ନେବା ପରେ ଗାଁରେ ସେବା କାର୍ଯ୍ୟ କରୁଥିଲେ। କିନ୍ତୁ କେତେଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଏନେଇ ସେ ଡେରାବିଶ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପୋଲିସ ତାଙ୍କ ଅଭିଯୋଗ ଶୁଣି ନ ଥିବା ରଞ୍ଜନ କହିଛନ୍ତି। ଡେରାବିଶ ଥାନାଧିକାରିଣୀ ଜ୍ୟୋତିର୍ମୟୀ ସେଠୀ ଏବଂ ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର ଅଭିଯୁକ୍ତଙ୍କ ସହ ସମ୍ପର୍କ ରଖି ନ୍ୟାୟ ବଦଳରେ ଅତ୍ୟାଚାର କରୁଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ଭୟରେ ତାଙ୍କ ପରିବାର ପ୍ରାୟ ୩ମାସରୁ ଊର୍ଦ୍ଧ୍ୱ ହେବ ଗାଁ ଛାଡ଼ି ବାହାରେ ନାନା ଆଶଙ୍କା ଭିତରେ ରହୁଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଆମରଣ ଅନଶନରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି।

# ମେୟରଙ୍କୁ ସମସ୍ୟା ଜଣାଇଲେ ବସ୍ତିବାସିନ୍ଦା



ମୋ ୱାର୍ଡ ଅଭିଯାନ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ ବକ୍ତବ୍ୟ ଦେଉଛନ୍ତି।

କଟକ ଅଫିସ,୧୧।୬

**ମୋ ୱାର୍ଡ ଅଭିଯାନ**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୬ନଂ. ୱାର୍ଡରେ ରବିବାର ମୋ ୱାର୍ଡ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୱାର୍ଡର ବରିଷ୍ଠ ନାଗରିକମାନେ ଯୋଗଦେଇ ଡ୍ରେନ୍ ସମସ୍ୟା, ରାସ୍ତା, ସ୍ୱଚ୍ଛତା, ଡାକ୍ତରଖାନା, ନୂତନ କଲେଜ ପ୍ରତିଷ୍ଠା, ସ୍କୁଲ, ମଶାଣି, ଖେଳପଡିଆ ଓ ଅଙ୍ଗନୱାଡି କେନ୍ଦ୍ରର ଉନ୍ନତୀକରଣ ବିଷୟରେ ନିଜର ମତ ଉପସ୍ଥାପନ କରିଥିଲେ। ସେହିପରି କୃଷକ ବଜାର ବସ୍ତିରେ ଅନୁଷ୍ଠିତ ଆଉ ଏକ ସଭାରେ ମେୟର ସୁବାସ ସିଂ ଯୋଗଦେଇ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଏହି ସଭାରେ ବସ୍ତିବାସିନ୍ଦା ଯୋଗଦେଇ ରାସ୍ତାଘାଟର ଉନ୍ନତି, ଡ୍ରେନ୍ ସୁବିଧା, ବସ୍ତି ଦାଣ୍ଡରେ ପେଭର୍ ବ୍ଲକ କାର୍ଯ୍ୟ, ଏକ କମ୍ୟୁନିଟି ସେଣ୍ଟର, ଜାଗା ମିଶନ ଦ୍ୱାରା ସ୍ଥାୟୀ ପଟ୍ଟା ପ୍ରଦାନ, ନିର୍ମାଣ ଶ୍ରମିକ ପତ୍ର ପ୍ରଦାନ ଭଳି ଦାବି ଉପସ୍ଥାପନା କରିଥିଲେ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। କୃଷକ ବଜାର ବସ୍ତିର ଚନ୍ଦ୍ରଭାନୁ ରାଉତଙ୍କ ଘରେ ମେୟର ରାତ୍ରିଯାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମା ଡି. ଶତପଥୀ, କର୍ପୋରେଟର ରୀତାଞ୍ଜଳି ବେହେରା, ପ୍ରିୟମ୍ବଦା ସ୍ୱାଇଁ, ପ୍ରଦୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ୪ ବର୍ଷର ଝିଅକୁ ଅମାନୁଷିକ ମାଡ଼

### ମା' ନାଁରେ ଥାନାରେ ଅଭିଯୋଗ

ବାରଙ୍ଗ,୧୧।୬(ଡି.ଏନ୍.ଏ.): ଜଣେ ୪ ବର୍ଷୀୟ ଝିଅକୁ ତାଙ୍କ ମା' ଅମାନୁଷିକ ଭାବେ ମାଡ଼ ମାରୁଥିବା ଦେଖିବାକୁ ମିଳିଛି। ଏନେଇ ଏକ ଭିଡିଓ ଉତ୍ତୋଳନ କରି ଅନ୍ତର୍ଜାତୀୟ ମାନବାଧିକାର କମିଶନର ଓଡ଼ିଶା ଶାଖାର ସଦସ୍ୟ ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ନୃଶଂସ ମା'ଠାରୁ ଶିଶୁଟିକୁ ଉଦ୍ଧାର କରିବାକୁ ନିବେଦନ କରିଥିଲେ।
ସୂଚନା ମୁତାବକ, ବାରଙ୍ଗ ଥାନାଠାରୁ ଅଳ୍ପଦୂର ମୁଖ୍ୟରାସ୍ତା କଡ଼ରେ ଜଣେ ମହିଳା ତା' ଛୋଟ ପିଲାକୁ ଶୁଆଇ ଅନ୍ୟ ୪ ବର୍ଷୀୟାଙ୍କୁ କୌଣସି କାରଣରୁ ମାଡ଼ ମାରୁଥିଲେ। ଶିଶୁଟି ମାଡ଼ ସହି ନ ପାରି ତାଙ୍କଠାରୁ ଦୂରକୁ ଦୌଡୁଥିବାବେଳେ ପୁଣି ତାଙ୍କ ମା' ତାଙ୍କୁ ଅମାନୁଷିକ ଭାବେ ଧରି ମାଡ଼ ମାରିଥିଲେ। ସେହି ବାଟ ଦେଇ ଯାଉଥିବା ଜଣେ ମହିଳା ଏହା ଦେଖି ବାରଣ କରିଥିଲେ। ହେଲେ 'ଇଏ ମୋ ଝିଅ, ମୁଁ ତାକୁ ମାରିବି, ସେଥିରେ ତୁମର କ'ଣ ଅଛି' ବୋଲି ସେ ମା' ଜଣକ ମହିଳାଙ୍କୁ ଉତ୍ତର ଦେଇଥିଲେ। ଏହାପରେ ମହିଳା ସେ ସମୟର ଭିଡିଓ ଉତ୍ତୋଳନ କରି ଅନ୍ତର୍ଜାତୀୟ ମାନବାଧିକାର କମିଶନର ଓଡ଼ିଶା ଶାଖାକୁ ପଠାଇଥିଲେ। ଓଡ଼ିଶା ଶାଖା ମୁଖ୍ୟ ଡ. ଶିବସୁନ୍ଦର ସ୍ୱାଇଁ, ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଶଶାଙ୍କ ଶେଖର ପଣ୍ଡା ଓ ଜିଲା ମୁଖ୍ୟ ନାରାୟଣ ସାହୁଙ୍କୁ ନେଇ ଗଠିତ ୩ ଜଣିଆ ଟିମ ଭିଡିଓ କ୍ଲିପ ନେଇ ବାରଙ୍ଗ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ପିଲାଟି ସୁରକ୍ଷିତ ନ ଥିବାରୁ ତୁରନ୍ତ ସତ୍ୟାସତ୍ୟ ଜାଣିବା ସହ ପିଲାଟିକୁ ମା'ଠାରୁ ଅଲଗା କରିବାକୁ ଥାନା ଅଧିକାରୀ ଆକାଶଚନ୍ଦ୍ର ରଣାଙ୍କୁ ନିବେଦନ କରିଥିଲେ।

## ଡ. ସୁନ୍ଦର ନାରାୟଣ ପାତ୍ର ପାଇବେ 'ବାଙ୍କ ବିହାରୀ ପରିବେଶ ସମ୍ମାନ'

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ସଂଭାବନା ପକ୍ଷରୁ ଆସନ୍ତା ୧୪ ତାରିଖ ପହିଲି ରଜ ସଂଧ୍ୟାରେ ସୂଚନା ଭବନରେ ଆୟୋଜିତ ହେବ 'ରଜ ମଉଜ' କାର୍ଯ୍ୟକ୍ରମ। ଓଡ଼ିଆଙ୍କର ଏହି ପ୍ରମୁଖ ପର୍ବ ହେଉଛି ପରିବେଶ ଓ ପରମ୍ପରାର ପର୍ବ। ବନସ୍ତେ ଡାକିଲା ଗଜଠାରୁ ରଜଦୋଳି ଓ ସଞ୍ଜର ବିଲୁଆ ହୁକେ ହୋ କରିବା ପୂର୍ବରୁ ରାତ୍ର ଭୋଜନ ହେଉ, ଏ ସବୁକିଛି ପରିବେଶ ଓ ପ୍ରକୃତିକୁ ନେଇ ରହି ଆସିଛି। ମାତ୍ର ଏବେ ଧ୍ୱଂସ ହୋଇଚାଲିଥିବା ପରିବେଶ ଓ ପ୍ରକୃତିର ବିପର୍ଯ୍ୟୟ ସଂପର୍କରେ ଚେତନା ସୃଷ୍ଟି ପାଇଁ ସଂଭାବନା ବିଶ୍ୱ ପରିବେଶ ଦିବସରୁ ଆଲୋଚନାଚକ୍ର ଜରିଆରେ ଆରମ୍ଭ କରିଛି ଅଭିଯାନ। ଏହି ପରିପ୍ରେକ୍ଷୀରେ ପ୍ରଥମଥର ପାଇଁ ଓଡ଼ିଶାର ପୂର୍ବତନ ମନ୍ତ୍ରୀ, ରାଜନେତା ଓ ପରିବେଶ କର୍ମୀ ବାଙ୍କ ବିହାରୀ ଦାସଙ୍କ ନାମରେ ନାମିତ ପ୍ରଥମ ପରିବେଶ ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ପ୍ରଥମ ବାଙ୍କ ବିହାରୀ ପରିବେଶ ସମ୍ମାନ ପାଇବେ ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ତଥା ପରିବେଶ କର୍ମୀ ଡ. ସୁନ୍ଦର ନାରାୟଣ ପାତ୍ର। ଏ ନେଇ ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ପରିଜା ସୂଚନା ଦେଇଛନ୍ତି।

# ଚିରଞ୍ଜୀବ ସ୍ମାରକୀ କ୍ରିକେଟ୍: କଟକ ଚାମ୍ପିୟନ

ସାଲେପୁର,୧୧।୬(ଡି.ଏନ୍.ଏ.)

ସାଲେପୁର କଲେଜ ପଡ଼ିଆରେ ରାଜ୍ୟସ୍ତରୀୟ ଚିରଞ୍ଜୀବ ମହାନ୍ତି ସ୍ମାରକୀ ଫ୍ଲଡ୍ ଲାଇଟ୍ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ବେହେରା ଓ ସମ୍ମାନିତ ଅତିଥିଭାବେ ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଜଗତ୍‌ସିଂହପୁର ଓ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବାଲିସାହି ସମିତିସଭ୍ୟା ଗୌତମୀ ମଲ୍ଲିକ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇଲେଭେନ୍ ଷ୍ଟାର କ୍ଲବର ଗୁଲରେଜ୍ ଅଲ୍ଲୀ, ବିନୋଦ ମଲ୍ଲିକ, ମନୋଜ ସାମଲ, ସଞ୍ଜୟ ନାୟକ, ଜୀବନଜ୍ୟୋତି ଦାସ, ହବିବ୍ ବକ୍ସ, ପ୍ରଫୁଲ୍ଲ ଦାସ, ମକର କାଣ୍ଡି, ଲିପୁନ୍ କାଣ୍ଡି, ଶାରଦା ପ୍ରସାଦ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଦ୍ୱୈତନଗରରୁ ଆସୁଥିବା ବସ୍ ତାଳବଣିଆରେ ରହିବେ

ପୁରୀ ଅଫିସ ୧୧।୬



ବୈଠକରେ ଯୋଗଦେଇଥିବା ପୋଲିସ ଓ ଅନ୍ୟମାନେ।

■ ରଥଯାତ୍ରା ନେଇ ବସ୍ ସଂଘ ସହ ପୋଲିସର ଆଲୋଚନା
■ ରଥଯାତ୍ରା, ବାହୁଡ଼ା, ସୁନାବେଶରେ ଟାଉନ୍‌କୁ ଅଟୋ ମନା

ରଥଯାତ୍ରାକୁ ନେଇ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି। ମହାପ୍ରଭୁଙ୍କ ନୀତିକାନ୍ତିଠାରୁ ଆରମ୍ଭ କରି ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବରେ ସମ୍ପାଦନ କରିବା ନେଇ ସେବାୟତମାନେ ପ୍ରସ୍ତୁତ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଟ୍ରାଫିକ ପୋଲିସ ଏବଂ ପୁରୀ ବସ୍ ଆସୋସିଏଶନ୍, କଟକ ଓ ଭୁବନେଶ୍ୱର ବସ୍ ଆସୋସିଏଶନ୍ ଏବଂ ରାଜ୍ୟ ବସ୍ ଆସୋସିଏଶନ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଟ୍ରାଫିକ ଡିଏସ୍‌ପି ନିରଞ୍ଜନ ସବର, ଟ୍ରାଫିକ ଥାନା ଅଧିକାରୀ ସଙ୍ଗୀତା ଦାସ ଏବଂ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ବସ୍ ଭକ୍ତ ଏବଂ ଯାତ୍ରୀମାନଙ୍କୁ କିପରି ସେବା ଯୋଗାଇଦେବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ତାଳବଣିଆ ଏବଂ ମାଳତିପାଟପୁରଠାରେ ଦୁଇଟି ସ୍ଥାନରେ ଘୋଷଯାତ୍ରା ସମୟରେ ବସ୍ ରହିବ। ମାଳତିପାଟପୁରରେ ଯାତ୍ରୀବାସୀ ବସ୍‌ଗୁଡିକ ରହିବ। ସେହିପରି ଲୋକାଲ ଯାତ୍ରୀବାହୀ ଗାଡିଗୁଡିକ ତାଳବଣିଆସ୍ଥିତ ଅସ୍ଥାୟୀ ବସଷ୍ଟାଣ୍ଡରେ ରହିବ। ଭୁବନେଶ୍ୱର ଓ କଟକରୁ ଆସୁଥିବା ବସ୍‌ଗୁଡିକ ମାଟଳିପାଟପୁର ଓଭରବ୍ରିଜ ଦେଇ ତାଳବଣିଆକୁ ଆସିବେ। ଏହି ନିୟମ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ଦିନ ଲାଗୁ ହେବ। ତେବେ ଅନ୍ୟଦିନରେ ଚାଳକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଲାଗୁ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଅପରପକ୍ଷେ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ଦିନରେ ଅଟୋଗୁଡିକୁ ଟାଉନ୍ ପ୍ରବେଶ ପାଇଁ ବାରଣ କରାଯାଇଛି। ସେହିପରି କୌଣସି ଚାଳକ ନିଶା ସେବନ କରି ଗାଡି ଚଳାଇବେ ନାହିଁ। ଭକ୍ତମାନଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଟଙ୍କା ନେବେ ନାହିଁ। ଓଭର ଲୋଡିଂ କରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବସ୍‌ରେ ରେଟ ଚାର୍ଟ ଲାଗାଯିବ, ଗାଡି ଚଳାଇବାବେଳେ ମୋବାଇଲ ବ୍ୟବହାର କରିବେ ନାହିଁ। ଗାଡି ଲିମିଟ୍ ବେଗରେ ଚଲାଇବେ। ଚେକିଂ କରିବା ପାଇଁ ଅଫିସରମାନେ ଦାୟିତ୍ୱରେ ରହିବେ। ବସ୍ କେଉଁ କ୍ୟାଟୋଗୋରିର ତାହା ଉଲ୍ଲେଖ ରହିବ। ଆଇନ ଉଲ୍ଲଙ୍ଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ଇ ବାଇକ୍ ଶୋ'ରୁମ୍, ମେଶିନାରି ଦୋକାନ ଜଳିଗଲା

**ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ**

■ବ୍ୟାଟେରି ଓଭର ଚାର୍ଜିଂରୁ ନିଆଁ ଲାଗିଥିବା ଅନୁମାନ

ଭୁବନେଶ୍ୱର,୧୧।୬ (ବ୍ୟୁରୋ)


ପୋଡ଼ିଯାଇଥିବା ସୁପ୍ରିମ ମେଶିନାରି ଆଣ୍ଡ୍ ଟୁଲ୍ସ ଦୋକାନ।

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ଥିବା ପିୟୋର୍ କେକେ ଟ୍ରେଡିଂ ସର୍ଭିସ୍ ନାମକ ଇଲେକ୍ଟ୍ରିକ ବାଇକ୍ ଶୋ'ରୁମ୍‌ରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିସହ ଶୋ'ରୁମ୍ ସିଲିଂରୁ ସୁପ୍ରିମ ମେଶିନାରି ଆଣ୍ଡ୍ ଟୁଲ୍ସ ଦୋକାନକୁ ମଧ୍ୟ ନିଆଁ ବ୍ୟାପିଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗର ଦୁଇଟି ଗାଡ଼ି ସହ ୨୦ଜଣ କର୍ମଚାରୀ ପହଞ୍ଚି ୩ ଘଣ୍ଟାର ଅପରେଶନ ପରେ ନିଆଁକୁ ଆୟତ୍ତ କରିଥିଲେ। ଏଥିସହ ଦୁଇ ବ୍ୟବସାୟ ପ୍ରତିଷ୍ଠାନରୁ ବାଇକ୍ ଓ ବିଭିନ୍ନ ସାମଗ୍ରୀକୁ ବାହାରକୁ କାଢ଼ି ଦିଆଯାଇଥିଲା। ତେବେ ନିଆଁରେ ୨ଟି ଦୋକାନର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଶର୍ଟ ସର୍କିଟ କିମ୍ବା ବ୍ୟାଟେରି ଓଭର ଚାର୍ଜିଂରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।
ସୂଚନାନୁସାରେ, ରବିବାର ପାଇଁ କଟକ ରୋଡ୍‌ରେ ଥିବା ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନ ଅଧାଦିନ ଖୋଲା ରହିଥିଲା। ପରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ଅପରାହ୍ନ ପ୍ରାୟ ସାଢେ ୨ଟାରେ ଇ-ବାଇକ୍ ଶୋ'ରୁମ୍‌ଟି ବନ୍ଦ ରହିଥିବାବେଳେ ଭିତରୁ ଧୂଆଁ ବାହାରୁଥିବା ଦେଖି ଅନ୍ୟ ଦୋକାନୀମାନେ ତୁରନ୍ତ ମାଲିକ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମାଲିକ ତୁରନ୍ତ ସେଠାରେ ପହଞ୍ଚି ଦୋକାନ ଖୋଲିବା ପରେ ଶୋ'ରୁମ ସାରା ଧୂଆଁମୟ ହୋଇଯାଇଥିବାବେଳେ କେତେକ ସ୍ଥାନରେ ନିଆଁ ଜଳୁଥିବାରୁ ଭିତରେ ପଶିବା ସମ୍ଭବ ହୋଇ ନ ଥିଲା। ଏଥିସହ ଏହି ଶୋ'ରୁମ୍ ସିଲିଂ ସହ ନିକଟରେ ଥିବା ସୁପ୍ରିମ୍ ମେଶିନାରି ଆଣ୍ଡ୍ ଟୁଲ୍ସର ସିଲିଂ ଲାଗି ରହିଥିବାରୁ ନିଆଁ ସହଜରେ ଉକ୍ତ ଦୋକାନକୁ ବ୍ୟାପିଯାଇଥିଲା। ଫଳରେ ଉକ୍ତ ଦୋକାନରୁ ମଧ୍ୟ ଧୂଆଁ ବାହାରିଥିଲା। ଏହାଦେଖି ପାଖରେ ଥିବା ଅନ୍ୟ ଦୋକାନୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିବୁଜ ଘର ହୋଇଥିବାରୁ ଧୂଆଁ ଅଧିକରୁ ଅଧିକ ବାହାରିଥିଲା। ପ୍ରବଳ ଧୂଆଁ ବାହାରୁ ଥିବାରୁ କର୍ମଚାରୀମାନେ ନାକେଦମ ହୋଇପଡିଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ଫାୟାର ପ୍ରକ୍ସିମିଟି ସୁଟ୍ ପିନ୍ଧି ବିଏ ସେଟ୍ ସହ ପାଣି ପକାଇ ପକାଇ ଭିତରକୁ ପଶିଥିଲେ। ଏହି ସମୟରେ ଶୋ'ରୁମ ପଛ ପଟେ ଥିବା ବ୍ୟାଟେରି ରୁମ୍‌ରୁ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ଏହାପରେ ସେଠାରେ ପାଣି ପକାଇ ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ଅପରପକ୍ଷେ ପୂର୍ବରୁ ମଧ୍ୟ ଉକ୍ତ ଶୋ'ରୁମ୍‌ରେ ନିଆଁ ଲାଗିଥିଲା। ତେଣୁ ବାରମ୍ବାର ଏଭଳି ସମାନ ସମସ୍ୟା ଉପୁଜୁଥିବାରୁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ଉକ୍ତ ଦୋକାନକୁ ସ୍ଥାନାନ୍ତର କିମ୍ବା ବନ୍ଦ କରିବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ହାଇଓ୍ୱା ଧକ୍କାରେ ରାଜମିସ୍ତ୍ରି ମୃତ

**ଖୋର୍ଦ୍ଧା ଅଫିସ,୧୧।୬:** ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥର ମେଡିକାଲ ଛକ ନିକଟ ବଡ଼ଶଙ୍ଖଠାରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସିମେଣ୍ଟ ମିକ୍ସଚର ମେଶିନ ହାଇଓ୍ୱା ଧକ୍କାରେ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଡ଼ଖୋର୍ଦ୍ଧା ଗ୍ରାମର ଛବିରାମ ପ୍ରଧାନ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ମୃତକଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇ ରାସ୍ତାରେ ଗଡ଼ିଥିଲା। ଏନେଇ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଆଦର୍ଶ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ହାଇଓ୍ୱାକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି। ସୂଚନା ମୁତାବକ, ଶରଧାପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଛାତ ଉପର ଢଳେଇ କାମ ପାଇଁ ଛବି ସାଇକେଲରେ ଯାଉଥିଲେ। ଏହି ସମୟରେ ସିମେଣ୍ଟ ମିକ୍ସଚର ମେଶିନ ହାଇଓ୍ୱା ନୟାଗଡ଼ ଅଭିମୁଖେ ଯାଉଥିଲା। ବଡ଼ଶଙ୍ଖ ନିକଟରେ ହାଇଓ୍ୱା ଛବିଙ୍କୁ ପଛପଟୁ ଧକ୍କା ଦେଇଥିଲା। ଛବି ଛିଟିକି ରାସ୍ତା ଉପରେ ପଡ଼ିଯାଇଥିବା ବେଳେ ହାଇଓ୍ୱା ଚକା ତାଙ୍କ ଉପରେ ଚଢ଼ିଯାଇଥିଲା। ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିଲା। ଏନେଇ କିଛି ସମୟ ପାଇଁ ଉଭୟପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ମେ' ୧ରେ ମେଡିକାଲ ଛକରେ ଏକ ଘରୋଇ ବସ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ଖୋର୍ଦ୍ଧା ରିଜର୍ଭ ପୋଲିସ୍‌ରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲଙ୍କ ମୃତ୍ୟୁ ଘଟିଥିଲା।

### ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର

ଜଟଣୀ,୧୧।୬(ଡି.ଏନ୍.ଏ.): ସ୍ଥାନୀୟ ରେଲ୍‌ଓ୍ୱେ ଖେଳପଡ଼ିଆରେ ଦୀର୍ଘ ଏକ ମାସ ଧରି ଚାଲିଥିବା ଫୁଟ୍‌ବଲ ପ୍ରଶିକ୍ଷଣ ଶିବିରରେ ରବିବାର ଜାତୀୟ ଦଳର ଫୁଟବଲ ଚୟନକର୍ତ୍ତା ଓ ପ୍ରଶିକ୍ଷକ ଶଙ୍କର୍ଷଣ ଜେନା ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘର ସଂଯୋଜକ ସୁନୀଲ କୁମାର ମିତ୍ର ଯୋଗଦେଇ ପିଲାମାନଙ୍କୁ ଖେଳର ନିୟମ ଏବଂ ଶୃଙ୍ଖଳାଜ୍ଞାନ ବିଷୟରେ ବୁଝାଇଥିଲେ। ପ୍ରତ୍ୟେକ ଖେଳରେ ପ୍ରଥମେ ଶୃଙ୍ଖଳାଜ୍ଞାନ ଯାହାର ଯେତେ ସୁଦୃଢ଼ ସିଏ ଜଣେ ଉତ୍ତମ ଖେଳାଳି ଭାବେ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିପାରିବ ବୋଲି କହିଥିଲେ। ଉକ୍ତ ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ୨୦୪୭ ମସିହାରେ ହେବାକୁଥିବା ଅଲିମ୍ପିକ୍ସରେ ଏକ ଫୁଟବଲ ଦଳ ଭାବେ ଭାଗନେବା। କେଦାର ବରାଳ ଏବଂ ବିଜୟ ମଙ୍ଗରାଜ ପ୍ରଶିକ୍ଷଣ ପ୍ରଦାନ କରିଥାନ୍ତି। ପୂର୍ବତଟ ରେଳପଥ ଫୁଟବଲ ସଙ୍ଗଠନର ସାଧାରଣ ସମ୍ପାଦକ ଜାକିର ହୁସେନ ଜଣେ ମୁଖ୍ୟ ପ୍ରଚେଷ୍ଟକ ଭାବେ ପରିଚିତ। ଏହା ଏକ ବହୁଦିନର ପ୍ରତୀକ୍ଷିତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଜଟଣୀ ପ୍ରେସ କ୍ଲବର ଆବାହକ ହେମନ୍ତ ସୁନ୍ଦରାୟ କହିଛନ୍ତି।

# ଗୋଚର ଜମିରୁ ଚାଲିଛି ମାଙ୍କଡ଼ା ପଥର ଚାଲାଣ

**ଖୋର୍ଦ୍ଧା ଅଫିସ,୧୧।୬**

- ଅଭିଯୋଗ ପରେ ବି ପଦକ୍ଷେପ ନେଉନି ପ୍ରଶାସନ
- କାର୍ଯ୍ୟାଳୟ ଘେରିବାକୁ ଚେତାବନୀ

ଖୋର୍ଦ୍ଧାରେ ଲଘୁ ଖଣିଜ ସମ୍ପଦ ଲୁଟ୍ ବଢ଼ିଚାଲିଛି। ସରକାରୀ ଜମି, କାଜୁ ଜଙ୍ଗଲ ଏବଂ ଶ୍ରୀମନ୍ଦିର ଜମି ଉପରେ ରହିଛି ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟି। ସବୁଠି ମାଙ୍କଡ଼ା ପଥର କଟାଚାଲିଛି। ଫଳରେ ଜମି, ଜଙ୍ଗଲ ନଷ୍ଟ ହେବା ସହ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଛି। ପ୍ରତିବାଦ କଲେ ଖଣି ମାଫିଆମାନେ ଧମକ ଦେଉଛନ୍ତି। ଏନେଇ ସ୍ଥାନୀୟ ପୋଲିସଠାରୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଭଳି ଅଭିଯୋଗ ଆସିଛି ଖୋର୍ଦ୍ଧା ବ୍ଲକ ପାଇକ ତିଗିରିଆ ଗ୍ରାମରୁ। ଏହି ଗ୍ରାମର ସରକାରୀ ଗୋଚର ଜମିରୁ ୫ କୋଟିରୁ ଊର୍ଦ୍ଧ୍ୱ ମାଙ୍କଡା ପଥର ଚୋରାଚାଲାଣ କରାଯାଇଥିବା ନେଇ ଖୋର୍ଦ୍ଧା ଉପଜିଲାପାଳ ଏବଂ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଦୀର୍ଘବର୍ଷ ହେବ ମାଙ୍କଡ଼ା ପଥର ଖଣି ନିଲାମ ବନ୍ଦ ରହିଛି। ଏହାସତ୍ତ୍ୱେ ଗ୍ରାମର ୫ ଏକର ବିଶିଷ୍ଟ ଗୋଚର ଜମି (ପ୍ଲଟ ନଂ.୧୩୪୭)ରୁ ୨୦ ଫୁଟରୁ ଊର୍ଦ୍ଧ୍ୱ ଗଭୀର କରାଯାଇ ମାଙ୍କଡ଼ା ପଥର ଚୋରାଚାଲାଣ କରାଯାଉଛି। ଦୈନିକ ୩ଟି ପାଓ୍ୱାରଟିଲର, ଟ୍ରାକ୍ଟର, ଜେସିବି ଲଗାଇ ପଥର କାଟି ଚାଲାଣ କରୁଛନ୍ତି। ଖୋର୍ଦ୍ଧା ଥାନାର ଜଣେ ଏସ୍‌ଆଇ ଏବଂ ଭୁବନେଶ୍ୱରର ଏକ ଥାନାରେ କାର୍ଯ୍ୟରତ ଡ୍ରାଇଭରଙ୍କ ପ୍ରୋତ୍ସାହନରେ ସ୍ଥାନୀୟ ଅଞ୍ଚଳର ଅସାମାଜିକ ଯୁବକଙ୍କୁ ଧରି ଲୋକଙ୍କୁ ମିଥ୍ୟା ମାମଲାରେ ଥାନାରେ ପୂରାଇଦେବାକୁ ଧମକ ଦେଇ ଟ୍ରକ୍, ଟ୍ରାକ୍ଟରରେ ମାଙ୍କଡ଼ା ଚାଲାଣ କରୁଛନ୍ତି। ଉକ୍ତ ପ୍ଲଟ୍‌କୁ ଲାଗି ରହିଥିବା ଚାନ୍ଦପୁର ମୌଜାର ପ୍ଲଟ ନଂ.୩୦୫, ଯେଉଁଠାରୁ ରାଜପଥ କାର୍ଯ୍ୟ ପାଇଁ ମୋରମ ନିଆଯାଉଛି। ଗତ ୩ ତାରିଖରୁ ଦୈନିକ ୨୦ରୁ ୩୦ ଟ୍ରିପ୍ ଚୋରା ଚାଲାଣ ଚାଲିଛି। ଗୋଚାରଣ ଜମି ଖାଲଖମାରେ ପରିଣତ ହେବା ଯୋଗୁ ଗୋଚାରଣ ପାଇଁ ଆଉ ଜାଗା ନାହିଁ। ଖାଲଖମାରେ ପଡ଼ି ଗୋରୁଗାଈ, ଲୋକେ ଆହତ ହେଉଛନ୍ତି। ପରିବେଶ ନଷ୍ଟ ହେଉଛି। ପରିସ୍ଥିତି ଏପରି ହୋଇଛି ଯେ, ଜଙ୍ଗଲ, ପାହାଡ଼ରୁ ଝରି ଆସୁଥିବା ବର୍ଷାଜଳ ଖୋଳାଯାଇଥିବା ଜମିରେ ଜମା ହେଉଛି। ମାଙ୍କଡା କଟାଯାଉଥିବା ନିକଟ ଚାଷଜମି ପଡ଼ିଆ ପଡ଼ିଲାଣି। ପ୍ରଶାସନିକ ଅଧିକାରୀ ଏହି ଅଞ୍ଚଳ ପରିଦର୍ଶନ କଲେ ଉପରୋକ୍ତ ସମସ୍ୟା ଉପରେ ଜାଣିପାରିବେ ବୋଲି ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗର ସପ୍ତାହକ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଗଲେ, ଆଗାମୀ ଦିନରେ ଗ୍ରାମବାସୀ ଏକଜୁଟ ହୋଇ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବିଦ୍ୟୁତ୍ ସରବରାହ ବନ୍ଦ, ଲୋକେ ହନ୍ତସନ୍ତ



ବିଦ୍ୟୁତ୍ ତାର ଉପରେ ପଡିଥିବା ଗଛଡାଳ।

**ବୋଲଗଡ଼,୧୧।୬(ଡି.ଏନ୍.ଏ.)**

**କାଳବୈଶାଖୀ ପ୍ରଭାବ**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇଦେଶ, ସାଗରଗୁଆଁ ଏବଂ ବଡ଼କୁମାରୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବିଶେଷ ଭାବେ ବାଙ୍କୋଇଦେଶ ପଞ୍ଚାୟତ ଅଞ୍ଚଳର ବହୁ ଗ୍ରାମ ସହ ନିକଟ ଗ୍ରାମ ଗୁଡିକରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇପଡିଥିଲା। ୨୫ଟି ବିଦ୍ୟୁତ୍ ଖୁଣ୍ଟ ସହ ୬୦ ସ୍ଥାନ ବିଦ୍ୟୁତ୍ ତାର ଓ କେବୁଲରେ ଶତାଧିକ ଗଛ ଭାଙ୍ଗି ପଡିବାରୁ ତାର ଛିଣ୍ଡି ଯାଇଥିବା ବିଦ୍ୟୁତ୍ ବିଭାଗର କାର୍ଯ୍ୟରତ କର୍ମଚାରୀଙ୍କ ପକ୍ଷରୁ କୁହାଯାଇଛି। ଫଳରେ ଏହି ଅଞ୍ଚଳଗୁଡ଼ିକରେ ଶନିବାର ଅପରାହ୍ନଠାରୁ ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରାୟ ୩୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଅନ୍ୟପକ୍ଷରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯିବାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି ବୋଲି କାର୍ଯ୍ୟରତ ବିଭାଗୀୟ କର୍ମଚାରୀମାନେ କହିଛନ୍ତି। ଅସହ୍ୟ ତାତି ସାଙ୍ଗକୁ ବିଦ୍ୟୁତ୍ ବ୍ୟାହତ ଯୋଗୁ ଲୋକେ ଯନ୍ତ୍ରଣା ଭୋଗ କରୁଛନ୍ତି। ପିଲାମାନଙ୍କ ପାଠପଢ଼ା, ମୋବାଇଲ ସେବା ସହିତ ପାନୀୟଜଳର ସମସ୍ୟା ମଧ୍ୟ ଗ୍ରାମରେ ଉପୁଜିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

## ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଲଣ୍ଠନ ଧରି ବିକ୍ଷୋଭ




ସୀତାରାମ ଛକଠାରେ ରବିବାର ଜଟଣୀ ନଗର ଭାଜପା କର୍ମକର୍ତ୍ତାମାନେ ଲଣ୍ଠନ ଧରି ପ୍ରତିବାଦ କରୁଛନ୍ତି।

**ଜଟଣୀ,୧୧।୬(ଡି.ଏନ୍.ଏ.)**

ଜଟଣୀ ସହର ଓ ଏହାର ପାଖଆଖ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଜଟଣୀ ନଗର ଭାଜପା ପକ୍ଷରୁ ନଗର ମଣ୍ଡଳ ସଭାପତି ତିରୁପତି ଶତପଥୀଙ୍କ ତତ୍ତ୍ୱାବଧାନରେ ଭାଜପା କର୍ମୀମାନେ ଲଣ୍ଠନ ଧରି ସୀତାରାମ ଛକଠାରେ ବିକ୍ଷୋଭ କରିଥିଲେ। ଭାଜପାର ବରିଷ୍ଠ କର୍ମୀ ପ୍ରଶାନ୍ତ ପ୍ରଧାନ, ନାଗଭୂଷଣ ରାୟ, ପ୍ରଦୀପ ଜେନା, ବିଜୟ କରଣ, ରଘୁ ନାୟକ, ପ୍ରଶାନ୍ତ ବରାଳ, ବାପୁ ପାତ୍ର, ଛବି ପାଇକରାୟ, ରିନା ପଟ୍ଟନାୟକ, ଅମି ଜେନାଙ୍କ ସମେତ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ। ପ୍ରକାଶ ଯେ, ଅଘୋଷିତ ବିଦ୍ୟୁତ୍ କାଟ, ଲୋଭଲ୍ଟେଜ, ମିଟର ରିଡିଂ ଓ ବିଦ୍ୟୁତ୍ ବିଲ୍‌ରେ ତ୍ରୁଟି ଆଦି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗତ ୧ ତାରିଖରେ ଜଟଣୀ ନଗର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଜଟଣୀ ବିଦ୍ୟୁତ୍ ଉପଖଣ୍ଡ ଏସ୍‌ଡିଓଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଥିଲା।

## ସେବିକା ସୌଦାମିନୀଙ୍କ କାର୍ଯ୍ୟଦକ୍ଷତା ସ୍ମରଣୀୟ

**ବେଗୁନିଆ,୧୧।୬(ଡି.ଏନ୍.ଏ.)**

ବେଗୁନିଆ ସଦର ମହକୁମାସ୍ଥିତ ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିସରରେ ରବିବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ନୀଳାଚଳ ସତ୍‌ସଙ୍ଗ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟ ଅଧ୍ୟକ୍ଷତା କରିଥିଲେ। ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିଥିଭାବେ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସେବିକା ସ୍ୱର୍ଗତା ସୌଦାମିନୀ ଚୌଧୁରୀଙ୍କ କାର୍ଯ୍ୟଦକ୍ଷତା ସ୍ମରଣୀୟ ହୋଇ ରହିବ। ସେବା ଯୋଗାଇଦେବାରେ ବେଗୁନିଆବାସୀଙ୍କ ପ୍ରତି ତାଙ୍କର ମନୋଭାବ ସଦାସର୍ବଦା ହୃଦୟରେ ଭରି ରହୁଥିଲା ବୋଲି ଅତିଥିମାନେ କହିଥିଲେ। ସାମାଜିକ କର୍ମୀ ଅଶୋକ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ନାଳ ସଫେଇ ସହ କଂକ୍ରିଟ କଲା ହାଟ କମିଟି



ହାଟ କମିଟିର ସଦସ୍ୟ ଏବଂ ଅନ୍ୟମାନେ କାମ କରୁଛନ୍ତି।

**ନିରାକାରପୁର,୧୧।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଭୂଷଣ୍ଡପୁର ଓ ବାଲିପାଟପୁର ପଞ୍ଚାୟତ ମଧ୍ୟବର୍ତ୍ତୀ ଅଞ୍ଚଳ ଦୋଳପଡ଼ିଆ ସାପ୍ତାହିକ ହାଟ ହେବା ସହିତ ମନ୍ଦିର ସମ୍ମୁଖରେ ନାଳ ରହିଥିବା ଯୋଗୁ ଆବର୍ଜନା ଜମାହେଉଥିଲା। ଆବର୍ଜନା ସଫା ନ ହେବାରୁ ଦୁର୍ଗନ୍ଧ ହେଉଥିଲା। ବାରମ୍ବାର ଅଭିଯୋଗ ପରେ ସଫେଇ ନ ହେବାରୁ ଭୂଷଣ୍ଡପୁର ଓ ବାଲିପାଟପୁର ହାଟ କମିଟି ସଦସ୍ୟମାନେ ନିଜସ୍ୱ ଅର୍ଥରେ ଉକ୍ତ ନାଳକୁ ରବିବାର ସଫା କରିବା ସହିତ ସିମେଣ୍ଟ କଂକ୍ରିଟ କରିଦେଇଛନ୍ତି। କମିଟି ସଭାପତି ଗାୟକ କୌସ୍ତୁଭ ରବୀନ୍ଦ୍ର ସାମନ୍ତରାୟ, ସମ୍ପାଦକ ଖବରଦାତା ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ସମସ୍ତ ସଭ୍ୟ ଉକ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଗ୍ରୀଲ୍ ଭାଙ୍ଗି ସୁନା ଅଳଙ୍କାର, ଟଙ୍କା ନେଇଗଲେ

**ବାଲୁଗାଁ,୧୧।୬(ଡି.ଏନ୍.ଏ.)**

ବାଲୁଗାଁ ଥାନା ଅଧୀନ ତୁଳସୀ ନଗରରେ ରହୁଥିବା ଅନିରୁଦ୍ଧ ପାଣିଗ୍ରାହୀଙ୍କ ଘର ଗ୍ରୀଲ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୧୦ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ୫୫ ହଜାର ଟଙ୍କା, ଏଟିଏମ୍ କାର୍ଡ ଓ ଜରୁରୀ କାଗଜପତ୍ର ନେଇଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୩୧/୨୩) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଅନିରୁଦ୍ଧ ଶନିବାର ଏକ ଶ୍ରାଦ୍ଧ କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ ଘରେ ତାଙ୍କ ପୁଅ ଏକା ରହିଥିଲେ। ଅପରାହ୍ନ ୧ଟା ୩୦ରେ ପୁଅ ନିକଟ ଇଞ୍ଜନପୁର ଗ୍ରାମକୁ ଯାଇ ଏକ ଘଣ୍ଟା ବ୍ୟବଧାନରେ ଘରକୁ ଫେରିଥିବା ବେଳେ ଫାଟକ ଗ୍ରୀଲ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଘରକୁ ପ୍ରବେଶ କରିବାରେ ଆଲମିରା ଭଙ୍ଗାଯାଇ ସେଥିରେ ଥିବା ସୁନାଅଳଙ୍କାର, ଟଙ୍କା ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଚୋରି ହୋଇଥିବା ଦେଖିଥିଲେ। ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି। ଏକ କଳାରଙ୍ଗ କାରରେ କେତେଜଣ ଦୁର୍ବୃତ୍ତ ଆସି ତାଲା ଭାଙ୍ଗି ଘରେ ପ୍ରବେଶ କରୁଥିବା ସିସିଟିଭିରେ କଏଦ ହୋଇଛି। କାରର ସମ୍ମୁଖ ଏବଂ ପଛପାର୍ଶ୍ୱ ନମ୍ବର ପ୍ଲେଟରେ ଦୁଇଟି ଅଲଗା ନମ୍ବର ଲେଖାଥିବା ପୋଲିସ ଜାଣିବାକୁ ପାଇଛି। ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ରଶ୍ମିରଞ୍ଜନ ଦାଶ କହିଛନ୍ତି।



ଜଟଣୀସ୍ଥିତ ରେଲ୍‌ଓ୍ୱେ ଖେଳପଡିଆରେ ଅନୁଷ୍ଠିତ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷକ, ଖେଳାଳି ଏବଂ ଅନ୍ୟମାନେ।

## ଆଞ୍ଚଳିକ ବିକାଶ ପରିଷଦର ସ୍ୱଚ୍ଛତା କାର୍ଯ୍ୟକ୍ରମ

**ପୁରୁଣା ଭୁବନେଶ୍ୱର,୧୧।୬(ଡି.ଏନ୍.ଏ.)**

ଓଡ଼ିଶାର ଗଣପର୍ବ ରଜରେ ଜନସମାଗମକୁ ଦୃଷ୍ଟିରେ ରଖି ଧଉଳିପାହାଡ଼ ପାଦଦେଶରେ ଅବସ୍ଥିତ ବହିରଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣ ଓ ଚତୁଃପାର୍ଶ୍ୱରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସୁସ୍ଥ ପରିବେଶ, ସୁସ୍ଥ ଜୀବନର ବାର୍ତ୍ତାନେଇ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଆଗକୁ ଆହୁରି ଜୋରଦାର କରାଯିବ ବୋଲି ସମ୍ପାଦକ ଅରୁଣ ପୁରୋହିତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ଉପସଭାପତି ଅକ୍ଷୟ ସ୍ୱାଇଁ, ସାମାଜିକ କର୍ମୀ ଆଲୋକ ସାହୁ, ସଭ୍ୟ ପ୍ରଶାନ୍ତ ମିଶ୍ର, ବୈଶାଳିନୀ ପଟ୍ଟନାୟକ, ବିଧୁ ଶେଖର ସୁବୁଦ୍ଧି, ଧଉଳି ବ୍ୟବସାୟ ସଙ୍ଘ କର୍ମକର୍ତ୍ତା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଜଟଣୀ,୧୧।୬(ଡି.ଏନ୍.ଏ.)**

ଜଟଣୀସ୍ଥିତ ପୂର୍ବତଟ ରେଳପଥ ଷ୍ଟାଡିୟମରେ ଚାଲିଥିବା ଜଟଣୀ ଦିବାରାତ୍ର କ୍ରିକେଟ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଶନିବାର ରାତିରେ ଫାଇନାଲ ମ୍ୟାଚ୍ ପୂର୍ବତଟ ରେଳପଥ ଓ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଟିମ୍ ମଧ୍ୟରେ ହୋଇଥିଲା। କାଳବୈଶାଖୀ ଯୋଗୁ ମ୍ୟାଚ୍ ୧୦ ଓଭର ଲେଖାଏ ଖେଳାଯାଇଥିଲା। ପୂର୍ବତଟ ରେଳପଥ ଅଧିନାୟକ ଆଇ.ଏସ୍.ଗିରି ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଧାରିତ ୧୦ଓଭରରେ ୧୦୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ୍ ଶତ୍ରୁଜିତ୍ ୨୭ ବଲରୁ ୫୫ ରନ ସଂଗ୍ରହ କରିଥିଲେ। ଜବାବରେ ପୂର୍ବତଟ ରେଳପଥ ଟିମ୍ ନିର୍ଦ୍ଧାରିତ ୧୦ଓଭରରେ ୭ ଉଇକେଟ ବିନିମୟରେ ୬୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଶରତ ଚନ୍ଦ୍ର ସାହୁ, ଦିଲୀପ କୁମାର ସାମଲ, ସୟଦ ରିୟାଜତ ଅଲ୍ଲୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଆର୍.କେ.ସେଠୀ, ହିମାଦ୍ରି ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତଟ ରେଳପଥ ସ୍ପୋର୍ଟ୍ସ ଆସୋସିଏଶନର କର୍ମକର୍ତ୍ତା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳି ଏବଂ ଅନ୍ୟମାନେ।

## ସୁସ୍ଥ ହେଉଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ

**ଖୋର୍ଦ୍ଧା ଅଫିସ,୧୧।୬**

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ(ଶ୍ରୀଜଗନ୍ନାଥ), ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା। ଜ୍ୱରରେ କମ୍ପୁଛନ୍ତି ଶ୍ରୀ ଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ)। ଶାସ୍ତ୍ରୀୟ ବିଧିରେ ଚାଲିଛି ଶ୍ରୀବିଗ୍ରହଙ୍କ ଉପଚାର। ଅଣସର ବାସର ତୃତୀୟ ଦିବସରେ ଶ୍ରୀଜୀଉଙ୍କ ଓଦାବସ୍ତ୍ର ଫିଟା ନୀତି ସମ୍ପନ୍ନ ହୋଇଥିଲା। ସ୍ନାନବେଦିରେ ଅତ୍ୟଧିକ ସ୍ନାନ ଯୋଗୁ ଠାକୁରଙ୍କ ଶ୍ରୀଅଙ୍ଗ ଓଦା ହୋଇଯାଇଛି। ଏହି ଓଦାବସ୍ତ୍ର ଓଲାଗି କରିଛନ୍ତି ମନ୍ଦିର ପୂଜକ। ବସ୍ତ୍ର ଓଲାଗି ପରେ ଶ୍ରୀଜୀଉଙ୍କୁ ପଣାଭୋଗ ଅର୍ପଣ କରାଯାଇଛି। ପଞ୍ଚମୀରେ ପାରମ୍ପରିକ ବିଧିରେ ପ୍ରସ୍ତୁତ ଫୁଲୁରି ତେଲ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଛି। ଏହି ତେଲ ଲାଗି ପରେ ଠାକୁର ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ଦଶମୀରେ ଓଷୁଓ ଲାଗି ପରେ ଏକାଦଶୀରେ ଖଡ଼ିଲାଗି ଏକାଦଶୀ, ଚତୁର୍ଦ୍ଦଶୀରେ ବନକଲାଗି, ଆସନ୍ତା ୧୯ ତାରିଖରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ରହିଛି। ୨୦ ତାରିଖରେ ଘୋଷଯାତ୍ରା ଅନୁଷ୍ଠିତ ହେବ।

ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ କହିଛନ୍ତି, ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ସମସ୍ତ ଗୁପ୍ତନୀତି ସମ୍ପନ୍ନ କରାଯାଇଥାଏ। ଅଣସର ନୀତି ନିଷ୍ଠା ପୂର୍ବକ କରାଯାଏ। ଗୁପ୍ତସେବାରେ ରହିଥିବା ପୂଜକମାନେ ବାହାରକୁ ଯାଆନ୍ତି ନାହିଁ। ଅଣସର ଗୃହକୁ ଥରେ ପ୍ରବେଶ କଲେ, ନୀତି ସମ୍ପନ୍ନ ନ ହେବା ପର୍ଯ୍ୟନ୍ତ ବାହାରକୁ ଆସନ୍ତି ନାହିଁ। ଠାକୁରଙ୍କ ଲାଗି ନୈବେଦ୍ୟ, ପୁଷ୍ପ ବାହାରକୁ ଯାଏନାହିଁ। ଏହି ସମୟରେ ଶ୍ରୀଜୀଉଙ୍କୁ ଧଳାପୁଷ୍ପ ଲାଗି ହୋଇଥାଏ। ଠାକୁରଙ୍କ ଧ୍ୟାନ, ଜପରେ ନିମଗ୍ନ ରୁହନ୍ତି। ଏଠାରେ ପଟିଦିଅଁ ପୂଜା ପରମ୍ପରା ନାହିଁ। ବିଧି ରକ୍ଷା ଲାଗି ଅଣସର ଆଗରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଶାଳଗ୍ରାମ ବିଜେ କରନ୍ତି। ଅଣସର ୧୪ ଦିନ ରୀତିନୀତି ପ୍ରକାରେ ମଦନମୋହନଙ୍କ ନିକଟରେ ସମସ୍ତ ନୀତି ସମ୍ପନ୍ନ କରାଯାଏ। ଅନ୍ୟପଟେ ରଥଯାତ୍ରା ଲାଗି ମନ୍ଦିର ସମ୍ମୁଖରେ ରଥ ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥ ନିର୍ମାଣ। ନେତ୍ର ଉତ୍ସବ ପୂର୍ବରୁ ରଥ ନିର୍ମାଣ କାମ ସରିବ ବୋଲି ସୂଚନା ଦେଇଛନ୍ତି। ରଥର ଉଚ୍ଚତା ୪୦ଫୁଟ ଏବଂ ଚଉଡ଼ା ୨୨ଫୁଟ ରହିଛି। ୪ଟି ଚକ, ୨ଟି ଘୋଡ଼ା ଯୋଚାଯାଇଥାଏ। ଚକର ଉଚ୍ଚତା ୬ଫୁଟ ଏବଂ ମୋଟେଇ ୮ଇଞ୍ଚ ଏବଂ ତୁମ୍ବ ୧୬ ଇଞ୍ଚ ରହିଛି। ବାରମ୍ବାର ଚକା ଫାଟୁଥିବାରୁ ଚଳିତ ବର୍ଷ ଚକରେ ଲୁହାର ଏକ ଚାଦର ଦିଆଯାଇଛି। ଫଳରେ ଚକା ଫାଟିବା ଆଶଙ୍କା ରହିବ ନାହିଁ। ଅର୍ଜୁନ କୁହନ୍ତି, ଦୀର୍ଘ ୪୨ବର୍ଷ ହେଲା ଏଠାରେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛି। ମହାପ୍ରଭୁଙ୍କ ସେବାରେ ଅପୂର୍ବ ଆନନ୍ଦ ମିଳେ। ଏବେ ମୋ ସହ ଦୁଇ ପୁଅ ସନାତନ, କାଶୀନାଥ, ଶାଳକ କାର୍ତ୍ତିକଙ୍କ ସମେତ ୭ରୁ ୮ଜଣ କାମରେ ଲାଗିଛନ୍ତି। ରଥ ନିର୍ମାଣ ସମୟରେ ଶୁଦ୍ଧପୂତ ହୋଇ ନିଷ୍ଠାପୂର୍ବକ କାର୍ଯ୍ୟ ସମ୍ପନ୍ନ କରିଥାଏ।

**ଚାଲିଛି ରଥ ନିର୍ମାଣ, ଚକାରେ ଦିଆଯାଇଛି ଲୁହାର ଚାଦର**






୧୧।୬।୨୦୨୩

| | |
|---|---|
| ୧,୧୦,୫୪୧ ଟଙ୍କା | |
| ସୁନା | ୨.୯୫୦ ଗ୍ରାମ୍ |
| ରୁପା | ୩୯.୬୦୦ ଗ୍ରାମ୍ |

# ଦ୍ୱୈତନଗରରୁ ଆସୁଥିବା ବସ୍ ତାଳବଣିଆରେ ରହିବ

■ ରଥଯାତ୍ରା ନେଇ ବସ୍ ସଂଘ ସହ ପୋଲିସର ଆଲୋଚନା
■ ରଥଯାତ୍ରା, ବାହୁଡ଼ା, ସୁନାବେଶରେ ଟାଉନ୍‌କୁ ଅଟୋ ମନା

ପୁରୀ ଅଫିସ ୧୧।୬

ରଥଯାତ୍ରାକୁ ନେଇ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି। ମହାପ୍ରଭୁଙ୍କ ନୀତିକାନ୍ତିଠାରୁ ଆରମ୍ଭ କରି ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବରେ ସମ୍ପାଦନ କରିବା ନେଇ ସେବାୟତମାନେ ପ୍ରସ୍ତୁତ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଟ୍ରାଫିକ ପୋଲିସ ଏବଂ ପୁରୀ ବସ୍ ଆସୋସିଏଶନ୍, କଟକ ଓ ଭୁବନେଶ୍ୱର ବସ୍ ଆସୋସିଏଶନ୍ ଏବଂ ରାଜ୍ୟ ବସ୍ ଆସୋସିଏଶନ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଟ୍ରାଫିକ ଡିଏସ୍‌ପି ନିରଞ୍ଜନ ସବର, ଟ୍ରାଫିକ ଥାନା ଅଧିକାରୀ ସଙ୍ଗୀତା ଦାସ ଏବଂ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ବସ୍



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ ।

ଭକ୍ତ ଏବଂ ଯାତ୍ରୀମାନଙ୍କୁ କିପରି ସେବା ଯୋଗାଇଦେବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ତାଳବଣିଆ ଏବଂ ମାଳତିପାଟପୁରଠାରେ ଦୁଇଟି ସ୍ଥାନରେ ଘୋଷଯାତ୍ରା ସମୟରେ ବସ୍ ରହିବ। ମାଳତିପାଟପୁରରେ ଯାତ୍ରୀବାହୀ ବସ୍‌ଗୁଡିକ ରହିବ। ସେହିପରି ଲୋକାଲ ଯାତ୍ରୀବାହୀ ଗାଡିଗୁଡିକ ତାଳବଣିଆସ୍ଥିତ ଅସ୍ଥାୟୀ ବସଷ୍ଟାଣ୍ଡରେ ରହିବ। ଭୁବନେଶ୍ୱର ଓ କଟକରୁ ଆସୁଥିବା ବସ୍‌ଗୁଡିକ ମାଟଳିପାଟପୁର ଓଭରବ୍ରିଜ ଦେଇ ତାଳବଣିଆକୁ ଆସିବେ। ଏହି ନିୟମ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ଦିନ ଲାଗୁ ହେବ। ତେବେ ଅନ୍ୟଦିନରେ ଚାଳକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଲାଗୁ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଅପରପକ୍ଷେ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ଦିନରେ ଅଟୋଗୁଡିକୁ ଟାଉନ୍ ପ୍ରବେଶ ପାଇଁ ବାରଣ କରାଯାଇଛି। ସେହିପରି କୌଣସି ଚାଳକ ନିଶା ସେବନ କରି ଗାଡି ଚଳାଇବେ ନାହିଁ। ଭକ୍ତମାନଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଟଙ୍କା ନେବେ ନାହିଁ। ଓଭର ଲୋଡିଂ କରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବସ୍‌ରେ ରେଟ ଚାର୍ଟ ଲାଗାଯିବ, ଗାଡି ଚଳାଇବାବେଳେ ମୋବାଇଲ ବ୍ୟବହାର କରିବେ ନାହିଁ। ଗାଡି ଲିମିଟ୍ ବେଗରେ ଚଲାଇବେ। ଚେକିଂ କରିବା ପାଇଁ ଅଫିସରମାନେ ଦାୟିତ୍ୱରେ ରହିବେ। ବସ୍ କେଉଁ କ୍ୟାଟୋଗୋରିର ତାହା ଉଲ୍ଲେଖ ରହିବ। ଆଇନ ଉଲ୍ଲଙ୍ଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ଅଧିକାରୀ ପଟ୍ଟନାୟକ କହିଛନ୍ତି।

## ୩ରଥର ଘୋଡାଇଣ ନିର୍ମାଣ ଶେଷ ପର୍ଯ୍ୟାୟରେ



ପୁରୀ ଅଫିସ,୧୧।୬

**ରଥଖଳାରୁ ...**

ଘୋଷଯାତ୍ରାକୁ ଆଉ ଅଳ୍ପ ଦିନ ବାକି ଥିବାବେଳେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ତିନିରଥର ପାରାଭାଡ଼ି ସମେତ ୧୩ ତମ ପରସ୍ତ 'ଖପୁରି ପାରେଣି' ପଡ଼ିବା ସହ ତିନିରଥ ଚାରିପାର୍ଶ୍ୱରେ ତାଗ ବାଡ଼ିଆ ଶେଷ ହେବାପରେ ତିନିରଥର ଦୁଇଟି ଲେଖାଏ ଆଗଆଣି ଏବଂ ପଛଆଣି 'କତରା' ନିର୍ମାଣ ଶେଷ ପରେ ତିନି ରଥରେ ଫିଟିଂ କରାଯାଇଛି। ମାପ ପ୍ରକାରେ କତରାରେ କାପ କରାଯାଇ ଗୁଜ ଏବଂ ଗୟଳ ଟାଣ ଉପରେ କଣ୍ଟା ବାଡ଼ିଆ ଯାଇ ଫିଟିଂ କରାଯାଇଛି। ରଥର ବିଭିର୍ଣ୍ଣ ଅଂଶକୁ ବାନ୍ଧି ରଖିବା ପାଇଁ କତରା ବାଡ଼ିଆ ହୋଇଥାଏ, ସେବାକାରୀମାନେ ରଥ ଉପରକୁ ଉଠିବାରେ ଏହା ସହାୟକ ହୋଇଥାଏ। ତିନିରଥ ଚାରି ପାର୍ଶ୍ୱରେ ତାଗ ବା ବଟନ ବାଡ଼ିଆ ପରେ ତାଗ ଉପରେ ପଟା ବାଡ଼ିଆ କାର୍ଯ୍ୟ ଜାରି ରହିଛି। ମହାରଣା ସେବକମାନେ ତିନି ବାଡର 'ପ୍ରଭା' ଏବଂ ଶ୍ରୀବିଗ୍ରହମାନଙ୍କ 'ଚକା ବଇଠି' ନିର୍ମାଣ ଶେଷ କରିଛନ୍ତି। ଏଥିସହ ରବିବାର ତିନିରଥର ଦୁଇଟି ଲେଖାଏ 'ଘୋଡାଇଣ' ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଘୋଡାଇଣ ଚାର ପରିଛା, ନିରାଡ଼ି ମଧ୍ୟରେ ଥିବା ଫାଙ୍କରେ ଭର୍ତ୍ତି କରାଯାଇ ସଂଯୋଗ କରାଯିବ। ତିନିରଥର ଦୁଇଟି ଲେଖାଏ ୨୦ ଫୁଟର ସାଙ୍ଗି ନିର୍ମାଣ ଶେଷ ହୋଇଛି। ଏହାଦ୍ୱାରା ଭୋଇ ସେବକମାନେ ରଥ ସାରଥୀ, ରଥ ଦଉଡ଼ି ଅନ୍ୟାନ୍ୟ ଜିନିସାତ ବୋହି ନେବାରେ ବ୍ୟବହୃତ ହେବ। ରୂପକାର ସେବକମାନେ ତିନିରଥର ବାକି ନାତଗୋଡ଼ଗୁଡିକରେ କନ୍ଦର୍ପ ରୂପ ଖଦେଇ ଶେଷ କରିଛନ୍ତି, ସୋମବାର ଅନୁକୂଳ ପୂଜା ପରେ 'ପ୍ରଭା'ଗୁଡିକରେ ରୂପ ଖୋଦେଇ ଆରମ୍ଭ କରିବେ। ଚିତ୍ରକାର ସେବକମାନେ ତିନିରଥର ଚାରୋଟି ଲେଖାଏ ଦୁଆର ବେଢାରେ ରୂପ ଚିତ୍ର ସହ, ରଥ ପାର୍ଶ୍ୱ ଦେବଦେବୀ, କଳସ, ଓଲଟ ଶୁଆ, ହଂସ ପଟା, ରଥ ବାହ୍ୟ ଅଂଶରେ ଚିତ୍ର କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି କମାରଶାଳରେ ଓଝା ସେବକମାନେ ଜଗତ ପୃଷ୍ଠ ଶେଣି କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦରଜି ସେବକମାନେ ତିନିରଥର ବତା କନାର ବିଳାଶ ପଟିରେ ଲେସ କାମ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଗୋପ,୧୧।୬(ଡି.ଏନ୍.ଏ.)- ଗୋପ ଥାନା ଅନ୍ତର୍ଗତ ବେଗୁନିଆ ଗାଁରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଟିଣ୍ଟୁ ପରିଡା (୧୯)। ପ୍ରକାଶ ଯେ ଟିଣ୍ଟୁ ସ୍ଥାନୀୟ ଏକ ଦୋକାନରେ କାମ କରୁଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ. ୧୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ରବିବାର ଅପରାହ୍ନରେ ନିଜ ଘରକୁ ଟିଣ୍ଟୁ ଆସି ହଠାତ୍ ଏକ ଘରେ ରହି କବାଟ ବନ୍ଦ କରିଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରକୁ ନ ଆସିବାରୁ ପରିବାର ଲୋକ ସନ୍ଦେହରେ କବାଟ ଖୋଲିବା ବେଳେ ଟିଣ୍ଟୁ ଏକ ଦଉଡି ବେକରେ ବାନ୍ଧି ଝୁଲୁଥିଲେ। ତୁରନ୍ତ ତାଙ୍କୁ ଓହ୍ଲାଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଡାକ୍ତର ପରୀକ୍ଷା କରିବା ପରେ ଟିଣ୍ଟୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରେମ ଜନିତ ଘଟଣାକୁ ନେଇ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ବୋଲି ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ନବନିଯୁକ୍ତ କଂଗ୍ରେସ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୧୧।୬ - ନବ ନିର୍ବାଚିତ ପୁରୀ ଜିଲା କଂଗ୍ରସ କମିଟି ସଭାପତିଙ୍କୁ ରବିବାର ଜିଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭିଆଇପି ରୋଡ଼ସ୍ଥିତ ଇନ୍ଦିରା ଭବନ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ନବନିଯୁକ୍ତ କଂଗ୍ରେସ କମିଟି ସଭାପତି ଜୟନାରାୟଣ ପଟ୍ଟନାୟକଙ୍କୁ ଜିଲା ଯୁବ କଂଗ୍ରେସ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅମରେନ୍ଦ୍ର ପାଇକରାୟ ସଭାପତିତ୍ୱ କରିଥିଲେ। ଯୁବ କଂଗ୍ରେସ ସଭାପତି ପ୍ରେମଜିତ ମହାନ୍ତି, ଏଆଇସିସି ସଭ୍ୟ ସୁଜିତ ମହାପାତ୍ର, ଛାତ୍ର ନେତା ବିଶ୍ୱରଞ୍ଜନ ମହାପାତ୍ର, ପିସିସି ସମ୍ପାଦକ ବିଶ୍ୱନାଥ ଦାଶ, ରାଜା ମହାନ୍ତି, ପୂର୍ବତନ ପୌର ସଦସ୍ୟ ସୀତାକାନ୍ତ ମହାନ୍ତି, ନିରଞ୍ଜନ ରଥ, ଚେତନ ମିଶ୍ର, ମନୋଜ କୁମାର ବେହେରା, ସେକ୍ ଅଇନୁଲ ହକ, ଅନିମେଶ ପଟ୍ଟନାୟକ, ମନୋଜ ମହାପାତ୍ର ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆଗାମୀ ଦିନରେ ବୁଥସ୍ତରୀୟ କାର୍ଯ୍ୟକ୍ରମ ହାତକୁ ନିଆଯିବ ଏବଂ କଂଗ୍ରେସକୁ ତୃଣମୂଳ ସ୍ତରରୁ ସୁଦୃଢ କରାଯିବା ପାଇଁ ସମୂହ ଶପଥ ଗ୍ରହଣ କରାଯାଇଥିଲା।


ପୁରୀ ନୀଳାଚଳ ଅର୍ବାନ ହାଟ ପରିସରରେ ଆୟୋଜିତ ହସ୍ତତନ୍ତ ମେଳାର ଏକ ଷ୍ଟଲରେ ଅତିଥିମାନେ ବୁଲି ଶାଢି ଦେଖୁଛନ୍ତି ।

# ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

ପୁରୀ ଅଫିସ,୧୧।୬

ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ନିଗମ ପକ୍ଷରୁ ପୁରୀ ନୀଳାଚଳ ଅର୍ବାନ ହାଟ ପରିସରରେ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ରଜ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବୟନିକାର ପରିଚାଳନା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଏହାକୁ ଉଦ୍‌ଘାଟନ କରିବା ସହ ଓଡ଼ିଶାର ଏକ ପ୍ରମୁଖ ଉତ୍ସବ ରଜ ପର୍ବ ଅବସରରେ ଏହି ମେଳା ଅନୁଷ୍ଠିତ ହେଉଥିବାରୁ ଏହା ଉଭୟ ବୁଣାକାର ଓ ଗ୍ରାହକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ। ଏଥିରେ ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ଏହି ମେଳା ମାଧ୍ୟମରେ ଆମ ପାରମ୍ପରିକ କଳା, ବୁଣାକାରମାନଙ୍କ ଉତ୍ପାଦିତ ସାମଗ୍ରୀ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ କରିବାର ପ୍ରୟାସ କରାଯାଉଛି ବୋଲି କହିଥିଲେ। ମେଳାରେ ୩୮ଟି ପ୍ରାଥମିକ ସମବାୟ ସମିତି ଯୋଗଦେଉଥିବା ବେଳେ ସେଥିମଧ୍ୟରୁ ୩୩ଟି ଓଡ଼ିଶାର ବିଭିନ୍ନ ହସ୍ତତନ୍ତ ସଂସ୍ଥା ଓ ସମିତି ପାଇଁ ଉଦ୍ଦିଷ୍ଟ। ଅନ୍ୟ ୫ଟି ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଜମ୍ମୁକଶ୍ମୀର ଓ ହରିୟାଣା ରାଜ୍ୟର ସମିତିମାନେ ଅଂଶଗ୍ରହଣ କରୁଛନ୍ତି। ଏଥିରେ ଓଡ଼ିଶାର ବାନ୍ଧ ବସ୍ତ୍ର, ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଜମ୍ମୁକଶ୍ମୀରର ପଶ୍ମିନା ସାଲ୍, ଦିଲ୍ଲୀ ଓ ହରିୟାଣା ଲଫର୍ନିସିଙ୍ଗ ବସ୍ତ୍ର ଶାଢି ଆଦି ଉପଲବ୍ଧ ରହିଛି ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଏହି ମେଳା ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଦିବା ୧୧ଘଟିକାରୁ ରାତ୍ରି ୯ଘଟିକା ପର୍ଯ୍ୟନ୍ତ ଖୋଲା ରହିବ ଓ ପ୍ରତ୍ୟେକ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ରହିଛି ବୋଲି ସୂଚନା ଦିଆଯାଇଛି। ଜିଏମ ମିଲି ସାମନ୍ତରାୟ, ଉପ ନିର୍ଦ୍ଦେଶକ ଉମାପତି ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପୁରୀ ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ୧୩ରେ ରଥଯାତ୍ରାର ଶେଷ ସମନ୍ୱୟ ବୈଠକ

ସବୁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି

ପୁରୀ ଅଫିସ,୧୧।୬

ଘୋଷଯାତ୍ରାକୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଘୋଷଯାତ୍ରା କାର୍ଯ୍ୟକୁ ନେଇ ଜିଲାପାଳ ରବିବାର ସମୀକ୍ଷା କରିଛନ୍ତି। କେଉଁଠି କି କାର୍ଯ୍ୟ ଚାଲିଛି, କେତେଦୂର ଆଗେଇଛି, ପ୍ରକଳ୍ପ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ ଜିଲାପାଳ ସମର୍ଥ ବର୍ମା। ଏ ନେଇ ଜିଲାପାଳ କହିଥିଲେ, ମହାପ୍ରଭୁଙ୍କୁ ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସେବାୟତଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଇଛି। ସେବାୟତଙ୍କ ସହଯୋଗରେ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ ଭାବେ ଚାଲିଛି। ଅପରପକ୍ଷେ ସମସ୍ତ ବିଭାଗ ମଧ୍ୟ ତାଙ୍କର କାର୍ଯ୍ୟ ଜାରି ରଖିଛନ୍ତି। ସବୁ କାର୍ଯ୍ୟ ମଧ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ସେହିପରି ସମସ୍ତ ନିଯୋଗ ସହ ଆଲୋଚନା କରାଯାଇଛି। ରଥ ଖଳାରେ ମଧ୍ୟ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସମସ୍ତଙ୍କ ସମନ୍ୱୟରେ ଶ୍ରୀଗୁଣ୍ଡିଚା ଯାତ୍ରା ଯେପରି ସମ୍ପନ୍ନ ହେବ ତାହା ନଜରରେ ରଖାଯାଇଛି। ଆଉ ୩ ଚାରି ଦିନ ଭିତରେ ପରିକ୍ରମା ମାର୍ଗର ଆଉଡର କାର୍ଯ୍ୟ ଭକ୍ତଙ୍କ ପାଇଁ ଖୋଲାଯିବ। ଗୁଣ୍ଡିଚା ମନ୍ଦିର ପରିସରରେ ଚାଲିଥିବା କାର୍ଯ୍ୟ ଅଧିକାଂଶ ସରିଛି। ମହାପ୍ରଭୁଙ୍କ ପହଣ୍ଡି ରାସ୍ତାରେ ଖଣ୍ଡଲାଇଟ ପଥର ପକାଯାଇଛି। ଅପରପକ୍ଷେ ୧୩ ତାରିଖରେ ରଥଯାତ୍ରାର ଶେଷ ସମନ୍ୱୟ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ତେବେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ବୈଠକରେ ଯୋଗଦେବେ। ବୈଠକରେ ସମସ୍ତ ବିଭାଗର ଅଧିକାରୀ, ସେବାୟତ, ମନ୍ତ୍ରୀ ଯୋଗଦେବେ। ବିଦ୍ୟୁତ କାଟ ଉପରେ ନଜର ରଖି ବିଭାଗୀୟ ଅଧକାରୀମାନଙ୍କ ସହ ଆଲୋଚନା କରାଯାଉଛି ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି। ଅପରପକ୍ଷେ ସୋମବାର ଗଜପତିଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ସ୍ୱାମୀ ବିବେକାନନ୍ଦ ଯୁବ ସମାଜର ଆଦର୍ଶ

ପୁରୀ ଅଫିସ,୧୧।୬

ରାମକୃଷ୍ଣ ମିଶନ ପୁରୀ ଆଶ୍ରମ ପରିସରରେ ରାମକୃଷ୍ଣ ମିଶନ ପ୍ରତିଷ୍ଠାର ୧୨୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏକ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶକୁ ରାମକୃଷ୍ଣ ମଠ ଓ ମିଶନ ଭୁବନେଶ୍ୱର ସନ୍ନ୍ୟାସୀ ସ୍ୱାମୀ ଆର୍ଯ୍ୟା ନନ୍ଦଜୀ ଉଦ୍‌ଘାଟିତ କରିଥିଲେ। ସ୍ୱାମୀ ବିବେକାନନ୍ଦ ଯୁବ ସମାଜର ଆଦର୍ଶ। ସ୍ୱାମୀ ବିବେକାନ୍ଦଙ୍କ ବାଣୀ ଓ ରଚନା କିପରି ଯୁବଗୋଷ୍ଠୀ ମଧ୍ୟରେ ପ୍ରଭାବ ବିସ୍ତାର କରିଛି ତାହା ସ୍ୱାମୀଜୀ ଉପସ୍ଥାପନା କରିଥିଲେ। ରାମକୃଷ୍ଣ ମିଶନ ପୁରୀର ବରେଣ୍ୟ ସନ୍ନ୍ୟାସୀ ତଥା ସମ୍ପାଦକ ଆପତେ ସ୍ୱରାନନ୍ଦ ଜୀ ମହାରାଜ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ରାମକୃଷ୍ଣ ମିଶନର ଅନ୍ୟତମ ସନ୍ନ୍ୟାସୀ ସ୍ୱାମୀ ଜୀବନାନନ୍ଦଜୀ ମହାରାଜ ଆଜିର ଯୁବସମାଜ ପାଇଁ ଏକନ୍ତରବସ୍ୟକ ଧ୍ୟାନ ଓ ପ୍ରାଣାୟାମ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଏହାର ପ୍ରକ୍ରିୟା ମଧ୍ୟ ଦର୍ଶାଇଥିଲେ। କ୍ରୋଧକୁ କିପରି ଆୟତ୍ତାଧିନ କରାଯାଇପାରିବ ଉଦାହରଣ ଦ୍ୱାରା ଶିକ୍ଷା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ସ୍ୱାମୀଜୀଙ୍କ ସଙ୍ଗୀତ ଓ ବାଣୀ ମାଧ୍ୟମରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଦେଶାତ୍ମବୋଧକ ଭାବ ଉଦ୍ରେକ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଚରିତ୍ର ଗଠନ କରି ଆଗେଇଯିବାକୁ ଯୁବସମାଜକୁ ଆହ୍ୱାନ ଦେଇଥିଲେ। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ରୀ ଅନ୍ନପୂର୍ଣ୍ଣା ରଥ ଓ ସୁଶ୍ରୀ ସଙ୍ଗୀତା ବେହେରାଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ସମାବେଶରେ ଯୋଗଦେଇଥିଲେ। ମିଶନର ପୂର୍ବତନ ଛାତ୍ର ଧନଞ୍ଜୟ ଦାସ କାର୍ଯ୍ୟକୁ ସଂଯୋଜନା କରିଥିଲେ। ସହସମ୍ପାଦକ ସ୍ୱାମୀ ଯୋଗ ପୂର୍ଣ୍ଣାନନ୍ଦ, କୃଷ୍ଣରୁପାନନ୍ଦ, ଗୋପାଳଆତ୍ମାନ ଏହି ଶିବିରକୁ ପରିଚାଳନା କରିଥିଲେ। ଅଧ୍ୟାପକ ସୁଶାନ୍ତ ନାୟକ, ଦୀପକ ମହାରଣା ଓ ଅଶୋକ ମିଶ୍ର ସହଯୋଗ କରିଥିଲେ। ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।



ରାମକୃଷ୍ଣ ମିଶନ ପୁରୀ ଆଶ୍ରମରେ ଅନୁଷ୍ଠିତ ଯୁବ ସମାବେଶ ମଞ୍ଚାସୀନ ଅତିଥି ଓ ସନ୍ନ୍ୟାସୀ ।

## ଭାଜପା ବରିଷ୍ଠ କାର୍ଯ୍ୟକର୍ତ୍ତା ସମ୍ମିଳନୀ

କାକଟପୁର,୧୧।୬(ଡି.ଏନ୍.ଏ.)

ମୋଦି ସରକାରଙ୍କ ୯ମ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ବରିଷ୍ଠ କାର୍ଯ୍ୟକର୍ତ୍ତା ସମ୍ମିଳନୀ କାକଟପୁର ମୋତି କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାକଟପୁର ନିର୍ବାଚନମଣ୍ଡଳୀ ଯୁବ ସଂଯୋଜକ ସୁଦର୍ଶନ ସ୍ୱାଇଁ ସମ୍ମିଳନୀ ପରିଚାଳନା କରିଥିଲେ। ସମ୍ମିଳନୀରେ ପୂର୍ବତନ ଝାଡଖଣ୍ଡ ରାଜ୍ୟ ସଭାପତି ଦିନେଶ ଆନନ୍ଦ ଗୋସ୍ୱାମୀ, ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ଏସ୍‌ସି ମୋର୍ଚ୍ଚା ସଭାପତି ବିଭୁପ୍ରସାଦ ତରାଇ, ଲୋକ ସଭା ପ୍ରଭାରୀ ପବିତ୍ର ମୋହନ ଦାଶ, ବିଧାନସଭା ପ୍ରଭାରୀ ପୂର୍ଣ୍ଣଚନ୍ଦ୍ର ଓଝା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ତ୍ରିନାଥ ବରାଳ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ରାଜଲକ୍ଷ୍ମୀ ଦାଶ, ଜିଲା ଉପସଭାପତି ରତିକାନ୍ତ ବେହେରା, ପ୍ରସନ୍ନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଦଳୀୟ ଶୃଙ୍ଖଳା, ବୁଥସ୍ତରୀୟ ସଂଗଠନର ବିସ୍ତାର୍ ନେଇ ଆଲୋଚନା କରିଥିଲେ।

## ମୃତକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ବାହାନଗା ରେଳ ଦୁର୍ଘଟଣା**

ଗୋପ,୧୧।୬(ଡି.ଏନ୍.ଏ.)

ଗୋପ ଆଖଣ୍ଡଳେଶ୍ୱର ମନ୍ଦିର ନିକଟରେ ରବିବାର ସନ୍ଧ୍ୟାରେ ଏଟିଏଚ୍ ରକ୍ତ ପରିବାର ଓଡ଼ିଶା ପୁରୀ ଶାଖା ପକ୍ଷରୁ ବାଲେଶ୍ୱର ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଯାତ୍ରୀମାନଙ୍କ ପାଇଁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ସଂସ୍ଥାର ଗୋପ ସଭାପତି ରଘୁନାଥ ପଣ୍ଡା ସମ୍ପାଦକ ପ୍ରତ୍ୟୁଷ ବିଶ୍ୱାଳଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟମାନେ କ୍ୟାଣ୍ଡେଲ ଶୋଭା ଯାତ୍ରାରେ ସାମିଲ ହୋଇ ବଜାର ପରିକ୍ରମା କରିବା ପରେ ଏକ ନୀରବ ପ୍ରାର୍ଥନା କରିଥିଲେ। ବାହାନଗା ରେଳ ଦୁର୍ଘଟଣାରେ ମୃତାହତ ଲୋକଙ୍କୁ ଯେପରି ରାଜ୍ୟ ସରକାର ଅନୁକମ୍ପା ସହିତ ସହାୟତା ଯୋଗାଇ ଦେଲେ ତାହା ନିଶ୍ଚିତ ଅନ୍ୟ ରାଜ୍ୟ ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ଅନେକେ ସଦସ୍ୟ ମତପ୍ରକାଶ କରିଥିଲେ। ଏଥିସହ ଏହି ଦୁର୍ଘଟଣାରେ ଆହତମାନଙ୍କ ପାଇଁ ସଂସ୍ଥା ପକ୍ଷରୁ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ସଭାନେତ୍ରୀ ପ୍ରୀତିମଞ୍ଜରୀ ଦାସ, ସମୀର ସ୍ୱାଇଁ, ରୁଦ୍ର ପଣ୍ଡା, ତାପସ ସେନାପତି ପ୍ରମୁଖ ପରିଚାଳନା କରିଥିଲେ।


ଗୋପ ଆଖଣ୍ଡଳେଶ୍ୱର ମନ୍ଦିର ନିକଟରେ ଏଟିଏଚ୍ ରକ୍ତ ପରିବାର ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ।

# ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବଙ୍କ ଉପରେ ଆଲୋଚନା

**ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବୈଠକ**

ପୁରୀ ଅଫିସ,୧୧।୬

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଚଳିତ ମାସର ବୈଠକ ରବିବାର ପ୍ରଫେସର ଗୋପାଳ କୃଷ୍ଣ ଦାସଙ୍କ ସଭାପତିତ୍ୱରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ଆଲୋଚ୍ୟର ବିଷୟ ଥିଲା ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ। ଉକ୍ତ ବିଷୟର ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ। ଶ୍ରୀକ୍ଷେତ୍ର ପଞ୍ଚ ମହାଦେବ ଶ୍ରୀଜଗନ୍ନାଥଙ୍କ ପଞ୍ଚସଖା ଭାବରେ ଅଭିହିତ ହୁଅନ୍ତି। ତଦନୁସାରେ ଶ୍ରୀଯମେଶ୍ୱର ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିର, ଶ୍ରୀ ଲୋକନାଥ ଭୀମ, ଶ୍ରୀ ମାର୍କଣ୍ଡେଶ୍ୱର ଅର୍ଜୁନ, ଶ୍ରୀ କପାଳମୋଚନ ନକୁଳ ଏବଂ ଶ୍ରୀନୀଳକଣ୍ଠ ସହଦେବ ଅଟନ୍ତି। ଦ୍ୱାପରରେ ଭଗବାନ ଶ୍ରୀକୃଷ୍ଣଙ୍କ ସହ ପଞ୍ଚପାଣ୍ଡବଙ୍କ ନୌକାବିହାର ସ୍ମୃତିରେ ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରାରେ ବିଜେ ପ୍ରତିମା ମଦନମୋହନ, ରାମକୃଷ୍ଣ ଶ୍ରୀଦେବୀ, ଭୂଦେବୀଙ୍କ ସହ ପଞ୍ଚ ମହାଦେବ ଜଳକ୍ରୀଡାରେ ଅଂଶଗ୍ରହଣ କରିଥାନ୍ତି। ଏତଦ୍‌ବ୍ୟତୀତ ପଞ୍ଚମହାଦେବ ପୀଠ ସହ



ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ଶ୍ରୀମନ୍ଦିରର ଅନେକକ ନୀତିଗତ ସମ୍ପର୍କ ରହିଛି। ଶ୍ରୀମନ୍ଦିରରୁ ବିଜେ ପ୍ରତିମାମାନେ ପଞ୍ଚ ମହାଦେବ ପୀଠକୁ ଯାତ୍ରା କରିଥାନ୍ତି। ଅର୍ଥାତ ଶ୍ରୀକ୍ଷେତ୍ର ହେଉଛି ବୈଷ୍ଣବ ଓ ଶୈବ ସମ୍ପ୍ରଦାୟର ସମନ୍ୱୟ ପୀଠ। ଶ୍ରୀମନ୍ଦିର ପୈରତକୋଣରେ ଗୌଡବାଡ ସାହିରେ ଯମେଶ୍ୱର ମନ୍ଦିର ଅବସ୍ଥିତ। ତାହା ଯମନିକା କ୍ଷେତ୍ର ରୂପେ ପ୍ରସିଦ୍ଧ। ଶ୍ରୀ ଯମେଶ୍ୱର ହରିହର ସ୍ୱରୂପ। ମନ୍ଦିରର ନାଟ ମଣ୍ଡପରେ ସ୍ଥିତ ମୂର୍ତ୍ତିର ବାମ ଭାଗ ହରି ଦକ୍ଷିଣ ଭାବ ହର ଅଟନ୍ତି। ହରିଙ୍କ ହସ୍ତରେ ଶଙ୍ଖ ଚକ୍ର ଥିଲାବେଳେ ହରଙ୍କ ହସ୍ତରେ ତ୍ରିଶୂଳ, ଡମ୍ବରୁ ରହିଛି। ଗର୍ଭଗୃହରେ ଯମେଶ୍ୱରଙ୍କ ଯୋଡାଲିଙ୍ଗ, ପାଶ୍ଚାଦ୍ ଭାଗରେ ଦତ୍ତାତ୍ରେୟ ସମ୍ମୁଖରେ ବାହାନ ଗରୁଡ ଓ ବୃଷଭ। ଏଠାରେ ତୁଳସୀ ଓ ବେଲପତ୍ରରେ ପୂଜା କରାଯାଏ। ୩୫ ଫୁଟ ଉଚ୍ଚ ଯମେଶ୍ୱରଙ୍କ ମନ୍ଦିର ରାସ୍ତାଠାରୁ ବହୁ ନିମ୍ନରେ ଅବସ୍ଥିତ। କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଯମ ଦ୍ୱିତୀୟାରେ ଏଠାର ଉତ୍ସବ ପାଳିତ ହୁଏ। ରାଧାଷ୍ଟମୀ ଦିନ ଶ୍ରୀସୁଦର୍ଶନଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥଙ୍କ ଆୟବ୍ୟୟ ସମୀକ୍ଷା ହୁଏ। ଚମ୍ପକ ଦ୍ୱାଦଶୀରେ ଶ୍ରୀମଦନମୋହନ ଏବଂ ରୁକ୍ମିଣୀ ରୂପେ ଅଭିହିତ ଶ୍ରୀଦେବୀ ଭୂଦେବୀଙ୍କ ପଞ୍ଚଗ୍ରାସୀ ନୀତି ହୁଏ।

ଶ୍ରୀକ୍ଷେତ୍ର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ତ୍ରେତୟାରେ ଶ୍ରୀରାମଚନ୍ଦ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ। ପ୍ରାଚୀନ ନାମ ଅଲାବୁକେଶ୍ୱର ବା ଲୋକେଶ୍ୱର, ମନ୍ଦିର ପତନଠାରୁ ପ୍ରାୟ ଦଶଫୁଟ ତଳେ ଶ୍ରୀଲୋକନାଥଙ୍କ ଶିବଲିଙ୍ଗ ପୂଜିତ। ମନ୍ଦିର ବେଢା ସମ୍ମୁଖରେ ପାର୍ବତୀ ସାଗର। ଜାଗର ଓ ସରନ୍ତି ସୋମବାର ଏଠାରେ ବଡ଼ ପର୍ବ। ଜାଗରରେ ହରିହର ଭେଟ ନୀତି ହୁଏ। ଶ୍ରୀମନ୍ଦିର ବାୟୁ କୋଣରେ ମାର୍କଣ୍ଡେୟ ମନ୍ଦିର ଓ ପୁଷ୍କରିଣୀ ରହିଛି। ଗର୍ଭଗୃହରେ ମାର୍କେଣ୍ଡେଶ୍ୱରଙ୍କ ଖଣ୍ଡବିଖଣ୍ଡିତ ଲିଙ୍ଗ ରହିଛି। ଯେଉଁଥିରୁ ଶିବ ବାହାରି ଯମଙ୍କ ପାଖରୁ ଶରଣାଗତ ମାର୍କଣ୍ଡେୟଙ୍କୁ ରକ୍ଷା କରିଥିଲେ। ମାର୍କେଣ୍ଡେଶ୍ୱରଙ୍କ ବଡ଼ ପର୍ବ ଅଶୋକାଷ୍ଟମୀ। ଋଷି ପଞ୍ଚମୀରେ ଶ୍ରୀମନ୍ଦିରରୁ ଶ୍ରୀଦେବୀ ବା ଲକ୍ଷ୍ମୀ ପଞ୍ଚମୀ ବ୍ରତ ଉପଲକ୍ଷେ ବିଜେ ହୋଇଥାନ୍ତି। ଶ୍ରୀଜଗନ୍ନାଥଙ୍କ କାଳୀୟଦଳନ ଓ ଶ୍ରୀବଳଭଦ୍ରଙ୍କ ଜନ୍ମନୀତି ଏହି ପୀଠରେ ହୋଇଥାଏ। ଶ୍ରୀମନ୍ଦିରର ଅନତି ଦୂରରେ ଶ୍ରୀକପାଳମୋଚନ ମଣିକର୍ଣ୍ଣିକା ପୀଠରେ ବିରାଜିତ। ପୁରାଣରୁ ଜଣାଯାଏ ଯେ ମହାଦେବଙ୍କ ହସ୍ତରୁ ବ୍ରହ୍ମାଙ୍କ କପାଳ ଏଠାରେ ଚ୍ୟୁତ ହୋଇଥିଲା। ଇନ୍ଦ୍ରଦ୍ୟୁମ୍ନ ତଟରେ ଶ୍ରୀନୀଳକଣ୍ଠ ମନ୍ଦିର ରହିଛି। ତେବେ ଯାନିଯାତ୍ରାର ସୁବିଧା ପାଇଁ ମୂଳ ଆସ୍ଥାନରୁ ଆବାହନ କରି ଲବଣିଖିଆ ଛକରେ ତାଙ୍କୁ ପ୍ରତିଷ୍ଠା କରାଯାଇଛି। ଶୀତଳଷଷ୍ଠୀ, ଶିବରାତ୍ରି ଏବଂ ଦୋଳଉତ୍ସବ ପାଳିତ ହୋଇଥାଏ। ଉକ୍ତ ଆଲୋଚନା ଚକ୍ରରେ ଡ.ନୃସିଂହ ଚରଣ ସାହୁ, ପ୍ରାବନ୍ଧିକ ସତ୍ୟ ନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଡ. କାଦମ୍ବିନୀ ଦାସ, ଅନାମ ଚନ୍ଦ୍ର ସାହୁ, ଅଶୋକ, ଡ.ବିଜୟ ଲକ୍ଷ୍ମୀ ମିଶ୍ର, ରୂପଶ୍ରୀ ମିଶ୍ର, ମୀରା ମହାନ୍ତି, ଏମ୍. କୋଟେଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ।



ଭି ଗାର୍ଡ ଇଣ୍ଡଷ୍ଟ୍ରିର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ରିସ୍ତା'ର ଜାତୀୟ ଲକି ଡ୍ର ଜରିଆରେ ଓଡ଼ିଶାର ଅଭିଜ୍ଞ ଇଲେକ୍ଟ୍ରିସିଆନ ସୁଶୀଲ କୁମାର ମିଶ୍ର ଏକ ନ୍ୟୁ ହ୍ୟୁଣ୍ଡାଇ ଆଇ୨୦ କାର୍ ଜିତିଛନ୍ତି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରଠାରେ ଆୟୋଜିତ ଏକ ମେଗା କାର୍ଯ୍ୟକ୍ରମରେ ମିଶ୍ରଙ୍କୁ ଭି ଗାର୍ଡ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଭି ଗାର୍ଡର ଜିଏମ୍ (ଇଷ୍ଟ) ବିଶ୍ୱନାଥ ଭଣ୍ଡାରୀ, ଶାଖା ପରିଚାଳକ ଭୁବନେଶ୍ୱର ସୁମନ୍ତ କୁମାର ପ୍ରଧାନଙ୍କ ସମେତ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ୱେଷ୍ଟର୍ନ କ୍ୟାରିୟର୍ସ ପକ୍ଷରୁ ଡିଆର୍ଏଚ୍‌ପି ଦାଖଲ

ନୂଆଦିଲ୍ଲୀ,୧୧।୬

ୱେଷ୍ଟର୍ନ କ୍ୟାରିୟର୍ସ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସପେକ୍ଟସ୍ (ଡିଆର୍ଏଚ୍‌ପି) ଦାଖଲ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଜରିଆରେ ପାଣ୍ଠି ହାସଲ କରିବା ଲାଗି ପୁଞ୍ଜି ବଜାର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡିଆର୍ଏଚ୍‌ପି ଦାଖଲ କରିଥିବା ଜଣାପଡିଛି। ୨୦୨୨ ଡିସେମ୍ବର ୩୧ ସୁଦ୍ଧା ୱେଷ୍ଟର୍ନ କ୍ୟାରିୟର ପାଖରେ ଖଣି ଓ ଧାତବ, ଏଫ୍ଏମ୍‌ସିଜି, ଫାର୍ମା, କୋଠା ଉପକରଣ, ରସାୟନ, ତୈଳ ଓ ଗ୍ୟାସ୍, ୟୁଟିଲିଟି, ବୟନ, ବିଦ୍ୟୁତ, ବିଦ୍ୟୁତ୍ ଉପକରଣ ଓ ରିଟେଲ୍ ଆଦି କ୍ଷେତ୍ରର ୧୧୦୦ରୁ ଅଧିକ କ୍ଲାଏଣ୍ଟ ରହିଛନ୍ତି। ସାରା ଭାରତର ୨୩ଟି ରାଜ୍ୟରେ କମ୍ପାନୀର ୫୦ରୁ ଅଧିକ କାର୍ଯ୍ୟାଳୟ, ଚାରି ଜୋନାଲ୍ କାର୍ଯ୍ୟାଳୟ, ୧୦ଟି ରାଜ୍ୟରେ ଗୋଦାମ ଘର, ୫୫ ପବ୍ଲିକ୍ ରେକ୍ ପରିଚାଳନା ପଏଣ୍ଟ ରହିଛି।

## ଘରୋଇ ବଜାରରେ ୪,୬୬୦ ଗାଡ଼ି ବିକିଲା ହୋଣ୍ଡା

ଭୁବନେଶ୍ୱର,୧୧।୬

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ୍ କାର୍ ନିର୍ମାତା ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ପକ୍ଷରୁ ୨୦୨୩ ମେ ମାସର ଗାଡି ବିକ୍ରି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷ ମେ' ମାସରେ କମ୍ପାନୀ ଘରୋଇ ବଜାରରେ ମୋଟ ୪,୬୬୦ୟୁନିଟ ଗାଡ଼ି ବିକ୍ରି କରିଥିଲା ବେଳେ ୫୮୭ ୟୁନିଟ୍ ଗାଡ଼ି ରପ୍ତାନି କରିଛି। ଅପରପକ୍ଷରେ ୨୦୨୨ ମେ ମାସରେ କମ୍ପାନୀ ଘରୋଇ ବଜାରରେ ମୋଟ ୮,୧୮୮ ୟୁନିଟ୍ ଗାଡ଼ି ବିକ୍ରି କରିଥିବାବେଳେ ୧,୯୯୭ ୟୁନିଟ୍ ରପ୍ତାନି କରିଥିଲା। ଏ ସମ୍ପର୍କରେ ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡର୍ ନିର୍ଦ୍ଦେଶକ (ମାର୍କେଟିଙ୍ଗ ଏବଂ ସେଲ୍‌ସ) ୟୁଇଚି ମୁରାତା କହିଛନ୍ତି, ଚଳିତ ବର୍ଷ ମେ' ମାସରେ କମ୍ପାନୀର ବିକ୍ରି ଫଳାଫଳ ଗତ ବର୍ଷର ସମାନ ଅବଧି ଠାରୁ କମ୍ ରହିଛି। ଏପରିକି ହୋଣ୍ଡାର ଆମେଜ ଏବଂ ସିଟି ଭଳି ପ୍ରମୁଖ ମଡେଲର ଉନ୍ନତ ପ୍ରଦର୍ଶନ ଆଶାନୁରୂପ ଭାବେ ଜାରି ରହିଛି। ଫଳରେ କ୍ରମାଗତ ଭାବେ ଆମେ ଅଭିବୃଦ୍ଧି ଦିଗରେ ଅଗ୍ରସର ହେଉଛୁ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

## ମାଲାବାରରେ ୧୦ ଦିନିଆ 'ସିଲ୍‌ଭର ଶୋ'

ଭୁବନେଶ୍ୱର,୧୧।୬

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଏକ ୧୦ ଦିନିଆ 'ସିଲ୍‌ଭର ଶୋ'ର ଆୟୋଜନ କରାଯାଇଛି। ଏହି ଶୋ ପ୍ରତିଷ୍ଠାନର ଭୁବନେଶ୍ୱରସ୍ଥିତ ଶହୀଦ ନଗର ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ୨୦୨୩ ଜୁନ୍ ୧୮ପର୍ଯ୍ୟନ୍ତ ଏହି ଶୋ ଜାରି ରହିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏଠାରେ ଗ୍ରାହକଙ୍କ ଲାଗି ବିସ୍ତୃତ ବର୍ଗର ରୁପା ଗହଣା ଓ ରୁପା ଦ୍ୱାରା ପ୍ରସ୍ତୁତ ବିଭିନ୍ନ କାରୁକାର୍ଯ୍ୟ ଭରା ସାମଗ୍ରୀ ପ୍ରଦର୍ଶିତ ସହ ବିକ୍ରୟ ମଧ୍ୟ କରାଯାଉଛି। ସେହିଭଳି ଏଠାରେ ଉଭୟ ପାରମ୍ପରିକ ଏବଂ ଅତ୍ୟାଧୁନିକ ଡିଜାଇନର ରୁପା ଗହଣାର ବ୍ୟାପକ ସମ୍ଭାର ଗ୍ରାହକମାନେ ପାଇପାରିବେ। ଏପରିକି ଗୁଣାତ୍ମକ ମାନର ଉତ୍ପାଦ ସାଙ୍ଗକୁ ଉଚିତ ମୂଲ୍ୟରେ ଚାହିଦା ମୁତାବକ ସାମଗ୍ରୀ ସହ ମାଲାବର ପକ୍ଷରୁ ଗ୍ରାହକଙ୍କୁ ୧୦ଟି ସ୍ୱତନ୍ତ୍ର ପ୍ରତିଶ୍ରୁତି ମଧ୍ୟ ପ୍ରଦାନ କରାଯାଉଛି। ଅପରପକ୍ଷରେ ସାମଗ୍ରୀ ମୂଲ୍ୟରେ ସ୍ୱଚ୍ଛତା, ଷ୍ଟୋନର ଓଜନ, ନେଟ ଓଜନ ଓ ଗହଣାରେ ବ୍ୟବହୃତ ଷ୍ଟୋନ ଚାର୍ଜ, ଜୀବନବ୍ୟାପୀ ମାଗଣା ମେଣ୍ଟେନାନ୍ସ, ପୁରୁଣା ସୁନାର ଶତପ୍ରତିଶତ ମୂଲ୍ୟ ପ୍ରଦାନ,ଏକ୍ସଚେଞ୍ଜ କ୍ଷେତ୍ରରେ ଶୂନ ଡିଡକ୍ସନ, ଶତପ୍ରତିଶତ ଏଚ୍‌ୟୁଆଇଡି ପ୍ରମାଣିତ ଶୁଦ୍ଧତା ବିଶିଷ୍ଟ ଗହଣା, ଆଇଜିଆଇ ଏବଂ ଜିଆଇଏ ପ୍ରମାଣପତ୍ର ଲାଭ କରିଥିବା ହୀରା, ବାଏ ବ୍ୟାକ୍ ଗ୍ୟାରେଣ୍ଟି, ଗୁଣବତ୍ତା ପରୀକ୍ଷଣ ପାଇଁ କ୍ୟାରେଟ ଆନାଲାଇଜର ଏବଂ ଉତ୍ତରଦାୟୀ ସହ ଅନେକ ବ୍ୟବସ୍ଥା ଉପରେ ବ୍ରାଣ୍ଡ୍ କାର୍ଯ୍ୟ କରୁଛି।

## ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ପିଲାଙ୍କୁ ମାଗଣାରେ ପଢ଼ାଇବ ରୟାଲ ଗ୍ରୁପ୍

ଭୁବନେଶ୍ୱର,୧୧।୬

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ରୟାଲ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ପକ୍ଷରୁ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ସମ୍ପର୍କରେ ଏକ ବଡ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁନ୍ ୨ରେ ବାଲେଶ୍ୱର ଜିଲାର ବାହାନଗାଠାରେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସେମାନଙ୍କ ପିଲାମାନଙ୍କୁ ରୟାଲ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ମାଗଣାରେ ପାଠ ପଢାଇବାକୁ ଘୋଷଣା କରିଛି। ବିଶେଷ କରି ଗ୍ରୁପର ଭୁବନେଶ୍ୱରରେ ଥିବା ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି, ରୟାଲ ପବ୍ଲିକ ସ୍କୁଲ ଏବଂ ବାଲେଶ୍ୱରର ମଇତାପୁରଠାରେ ଥିବା ରୟାଲ ହାଇସ୍କୁଲ ଓ ରୟାଲ ପବ୍ଲିକ ସ୍କୁଲରେ ପାଠ ପଢାଇବାକୁ ଘୋଷଣା କରାଯାଇଛି।

ଏପରିକି ରେଳ ଦୁର୍ଘଟଣାରେ ଉଭୟ ମାତା ପିତା କିମ୍ବା କେବଳ ପିତା ଏବଂ ମାତାଙ୍କୁ ହରାଇଥିବା ପିଲାମାନେ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରୁଥିଲେ ଗ୍ରୁପ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ ଓଡ଼ିଆ ଓ ଇଂରାଜୀ ମାଧ୍ୟମରେ ସେମାନଙ୍କ ଯୋଗ୍ୟତା ଅନୁସାରେ ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ରୟାଲ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଡ. ବିଷ୍ଣୁମୋହନ ମହାନ୍ତି ସୂଚନା ଦେଇଛନ୍ତି। ଅପରପକ୍ଷରେ ଆଶାୟୀ ଛାତ୍ରୀଛାତ୍ର ଓ ଅଭିଭାବକ ଓ ଅନ୍ୟମାନେ ଏଥିପାଇଁ ରୟାଲ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ସହ ଯୋଗାଯୋଗ କରିପାରିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ରୟାଲ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ୍ ଡ. ବିଷ୍ଣୁମୋହନ ମହାନ୍ତି, ଭାଇସ୍ ଚେୟାରମ୍ୟାନ ମିଲନ୍ ମହାନ୍ତି ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

## ମେଗା ଗ୍ରାହକ ସଂଯୋଗୀକରଣ ଅଭିଯାନ

ଭୁବନେଶ୍ୱର,୧୧।୬

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ଗ୍ରାହକ ସଂଯୋଗୀକରଣ ଅଭିଯାନ ଭିତ୍ତିକ କାର୍ଯ୍ୟକ୍ରମ ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁବିଆଇର କେନ୍ଦ୍ରୀୟ କାର୍ଯ୍ୟାଳୟ ମୁମ୍ବାଇର ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ, ଉପ-ଅଞ୍ଚଳ ମୁଖ୍ୟ ଆର.ଦେବରାଜ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକଙ୍କ ସମେତ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ, ଏଲ୍‌ସିବି ଭୁବନେଶ୍ୱର,




ଏମ୍‌ସିବି ଭୁବନେଶ୍ୱର, ଏମ୍ଏଲ୍‌ପି ଭୁବନେଶ୍ୱର, ଆର୍ଏଲ୍‌ପି ଭୁବନେଶ୍ୱରର ବହୁ ବରିଷ୍ଠ ଅଧିକାରୀ ଓ ବିଭିନ୍ନ ଶାଖାର ଗ୍ରାହକମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ବିଭିନ୍ନ ଯୋଜନା ଜରିଆରେ ୧୧୦ରୁ ଅଧିକ ଗ୍ରାହକଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ଶର୍ମା ବ୍ୟାଙ୍କରେ ଉପଲବ୍ଧ ଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଗ୍ରାହକମାନଙ୍କ ସହ ବିସ୍ତୃତ ଆଲୋଚନା କରିବା ସହିତ ବ୍ୟାଙ୍କିଙ୍ଗ୍ ସେବାକୁ ଅଧିକ ପ୍ରଭାବଶାଳୀ କରିବାକୁ ସେ ଗ୍ରାହକମାନଙ୍କୁ ନିଜର ମତାମତ ପ୍ରଦାନ କରିବାକୁ କହିଥିଲେ। ଉଲ୍ଲେଖଯୋଗ୍ୟ, ଶର୍ମାଙ୍କ ଗସ୍ତ ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ପରୀକ୍ଷା ଶିବିର ଉତ୍କଳ ହସ୍ପିଟାଲ ସହଯୋଗରେ ଆୟୋଜିତ ହୋଇଥିଲା। ସେହିଭଳି ୟୁବିଆଇ ପକ୍ଷରୁ ଖୋର୍ଦ୍ଧା ଜିଲାକୁ ଏକ ବିକାଶୋନ୍ମୁଖୀ ଜିଲା ରୂପେ ଚୟନ କରାଯାଇଥିବା ଜଣାପଡିଛି।

ଫୁର୍‌ସତ୍

# ଶ୍ରମ ବୋଝ ନୁହେଁ, ଶିଶୁଙ୍କ ହାତରେ ପଢ଼ା ବହି ଜରୁରୀ

କୁହାଯାଏ ଆଜିର ଶିଶୁ ଆସନ୍ତାକାଲିର ନାଗରିକ। ଶିଶୁଙ୍କ ବିକାଶ ଦ୍ୱାରା ଦେଶର ଭବିଷ୍ୟତ ଉଜ୍ଜଳ ହୋଇଥାଏ। ମାତ୍ର ବିଭିନ୍ନ କାରଣରୁ ଶିଶୁଙ୍କ ହାତରେ ପାଠପଢ଼ା ବହି ବଦଳରେ ଶ୍ରମର ବୋଝ ଧରିବାକୁ ପଡୁଛି। ଶିଶୁ ଶ୍ରମିକ ବିରୋଧରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଏ) ପକ୍ଷରୁ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଅନ୍ତର୍ଗତ ପ୍ରତିବର୍ଷ ଜୁନ ୧୨କୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ଭାବେ ପାଳନ କରାଯାଇଥାଏ।

ଏହା ଦିବସ ପାଳନ ୨୦୦୨ରେ ଆରମ୍ଭ ହୋଇଥିଲା ଯାହା ଶିଶୁ ଶ୍ରମିକକୁ ରୋକିବା ପାଇଁ ସଚେତନତା ତଥା ସକ୍ରିୟତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିଲା। ଚାକିରୀ ପାଇଁ ସର୍ବନିମ୍ନ ବୟସ ଉପରେ ଆଇଏଲଏ କନଭେନଶନ ନମ୍ବର ୧୩୮ ଏବଂ ଶିଶୁ ଶ୍ରମର ଖରାପ ଫର୍ମ ଉପରେ ଆଇଏଲଏ କନଭେନଶନ ନମ୍ବର ୧୮୨ ର ଅନୁମୋଦନ ଦ୍ୱାରା ଏହାକୁ ଉତ୍ସାହିତ କରାଯାଇଥିଲା।

ଶିଶୁ ଶ୍ରମ ବିରୋଧରେ ପ୍ରଥମେ ୨୦୦୨ ମସିହାରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଏ) ଦ୍ୱାରା ଶିଶୁ ଶ୍ରମ ପ୍ରସଙ୍ଗରେ ନିରନ୍ତର ଧ୍ୟାନ ଆକର୍ଷଣ କରିବା ତଥା ଶିଶୁ ଶ୍ରମକୁ ହଟାଇବା ପାଇଁ ରଣନୀତିର ପୁନର୍ବିଚାର ଏବଂ ପୁନଃସମୀକ୍ଷା ପାଇଁ ପ୍ରତିଷ୍ଠିତ ହୋଇଥିଲା। ୨୦୦୨ ଠାରୁ ଇତିମଧ୍ୟରେ ଏହି ଦିବସ ପାଳନକୁ ୨୧ ବର୍ଷ ହୋଇସାରିଛି। ମିଳିତ ଜାତିସଂଘର ସାଧାରଣ ସଭା ଶିଶୁ ଶ୍ରମିକଙ୍କ କାର୍ଯ୍ୟ ବନ୍ଦକୁ ସ୍ୱୀକାର କରିବାବେଳେ ସର୍ବସମ୍ମତି କ୍ରମେ ୨୦୨୧ କୁ ଶିଶୁ ଶ୍ରମ ବିଲୋପ ପାଇଁ



### ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ

ଅନ୍ତର୍ଜାତୀୟ ବର୍ଷ ଭାବରେ ଘୋଷଣା କରିବା ସହ ଆଇଏଲଏକୁ ଏହାର କାର୍ଯ୍ୟାନ୍ୱୟନରେ ନେତୃତ୍ୱ ନେବାକୁ କହିଥିଲା। ଏହି ଦିନ ଶିଶୁ ଶ୍ରମିକ ସମସ୍ୟାକୁ ସୂଚୀତ କରିବା ଏବଂ ଶିଶୁ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶାବଳୀ ନିର୍ଦ୍ଦିଷ୍ଟ କରିବାକୁ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ, ନାଗରିକ ସମାଜ ଏବଂ ଅନ୍ତର୍ଜାତୀୟ, ଶ୍ରମିକ ଏବଂ ନିଯୁକ୍ତିଦାତା ସଂଗଠନଗୁଡ଼ିକୁ ଏକତ୍ରିତ କରାଯାଇଥାଏ । ଆଇଏଲଏର ତଥ୍ୟ ଅନୁଯାୟୀ, ବିଶ୍ୱରେ କୋଟି କୋଟି ବାଳିକା ଏବଂ ବାଳକ ଶ୍ରମଦାନ କାର୍ଯ୍ୟରେ ଜଡିତ ଅଛନ୍ତି ଯାହା ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ଅବକାଶ ଏବଂ ମୌଳିକ ସ୍ୱାଧୀନତା ପାଇବାକୁ ବଞ୍ଚିତ କରୁଛି। ଏହା ଦ୍ୱାରା ସେମାନଙ୍କର ଅଧିକାର ଉଲ୍ଲଂଘନ ହେଉଛି। ଏହି ପିଲାମାନଙ୍କ ମଧ୍ୟରୁ ଅର୍ଦ୍ଧେକରୁ ଅଧିକ ଶିଶୁ ଶ୍ରମିକର ଖରାପ ସ୍ଥିତିରେ ରହିଥାନ୍ତି। ଶିଶୁ ଶ୍ରମିକଙ୍କ ଏହି ଖରାପ ରୂପଗୁଡ଼ିକ ହେଉଛି ବିପଜ୍ଜନକ ପରିବେଶରେ କାର୍ଯ୍ୟ, ଦାସତ୍ୱ କିମ୍ବା ଅନ୍ୟାନ୍ୟ ବାଧ୍ୟତାମୂଳକ ଶ୍ରମଦାନ, ନିଶା କାରବାର ତଥା ଗଣଦୁଷ୍କର୍ମ ଭଳି ଅନୈତିକ କାର୍ଯ୍ୟକଳାପ ଏବଂ ସଶସ୍ତ୍ର ସଂଘର୍ଷରେ ଜଡିତ । ଶିଶୁ ଶ୍ରମିକ ବିରୋଧରେ ଏହି ବିଶ୍ୱ ଦିବସର ମହତ୍ତ୍ୱ ହେଉଛି ଶିଶୁ ଶ୍ରମିକ ସମସ୍ୟା ପ୍ରତି ଧ୍ୟାନ ଦେବା ଏବଂ ଏହାକୁ ଦୂର କରିବାର ଉପାୟ ଖୋଜିବା। ଏହି ଦିନଟି ସାରା ବିଶ୍ୱରେ ଶିଶୁ ଶ୍ରମିକ ପାଇଁ ବାଧ୍ୟ ହୋଇଥିବା ପିଲାମାନେ ସମ୍ମୁଖୀନ ହେଉଥିବା କ୍ଷତିକାରକ ମାନସିକ ଏବଂ ଶାରୀରିକ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ।

ବିକାଶଶୀଳ ଦେଶମାନଙ୍କରେ ପିଲାମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଶିଶୁମାନେ ସମ୍ମୁଖୀନ ହେଉଥିବା ସବୁଠାରୁ ଅମାନୁଷିକ କାର୍ଯ୍ୟ ହେଉଛି ଶିଶୁ ଶ୍ରମିକ ସମସ୍ୟା । ଶିଶୁ ଶ୍ରମ ହେଉଛି ଏକ ବିଶ୍ୱସ୍ତରୀୟ ସମସ୍ୟା ଯାହାକି ଲକ୍ଷ ଲକ୍ଷ ଶିଶୁଙ୍କୁ ସମଗ୍ର ବିଶ୍ୱରେ ପ୍ରଭାବିତ କରିଥାଏ । ଏହି ବିପଦ ପାଇଁ ବହୁ ସଂଖ୍ୟକ କାରକ ଦାୟୀ । ୟୁନିସେଫ ଅନୁଯାୟୀ, ୨୦୨୦ ଆରମ୍ଭରେ ୧୬୦ ନିୟୁତ ଶିଶୁ ଶ୍ରମର ଶିକାର ହୋଇଥିଲେ ଏବଂ କୋଭିଡର ପ୍ରଭାବ ଯୋଗୁ ଅତିରିକ୍ତ ୯ ନିୟୁତ ଶିଶୁ ବିପଦରେ ଥିଲେ। ବିଶ୍ୱରେ ପ୍ରାୟ ୧୦ ଜଣ ପିଲାଙ୍କ ମଧ୍ୟରୁ ଜଣେ ଶିଶୁ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସମୟରେ ବହୁ ସଂଖ୍ୟକ ଶିଶୁ ଯୌନ ଶୋଷଣ, ହିଂସା କାରବାର ଏବଂ ନିର୍ଯାତନାର ଶିକାର ହେଉଛନ୍ତି ଯାହା ଦ୍ୱାରା ସେମାନଙ୍କର ମୌଳିକ ଅଧିକାର ଉଲ୍ଲଂଘନ ହେଉଛି। ଅନେକ ଏସୀୟ ଦେଶରେ ଉପଯୁକ୍ତ ଶିକ୍ଷାଗତ ସୁଯୋଗର ଅଭାବ ପିଲାମାନଙ୍କ ପାଇଁ ସଙ୍କଟ ସୃଷ୍ଟି କରୁଛି। ପାରିବାରିକ ଆର୍ଥିକ ସ୍ଥିତି ସେମାନଙ୍କୁ ଶିଶୁ ଶ୍ରମିକ ଏବଂ ଅନ୍ୟାନ୍ୟ ବିପଜ୍ଜନକ କାର୍ଯ୍ୟ ରହିବାକୁ ବାଧ୍ୟ କରୁଛି। ଫଳରେ ସେମାନେ ଘରୋଇକାମରେ ସାହାଯ୍ୟକାରୀ, ହୋଟେଲ, ବସ କଣ୍ଡକ୍ଟର, ମୋଟର ଗ୍ୟାରେଜ ଏବଂ କର୍ମଶାଳା, ବୁଣା କାରଖାନା ଏବଂ ରାସ୍ତାଘାଟ କାମରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି ।

ପ୍ରତିବର୍ଷ ଏହି ଦିବସ ଏକ ଥିମ୍ ଉପରେ ଆଧାରିତ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ବିଶ୍ୱ ଶିଶୁ ଶ୍ରମିକ ନୀରୋଧି ଦିବସର ବିଷୟବସ୍ତୁ ହେଉଛି, 'ଶିଶୁ ଶ୍ରମ ବିରୋଧରେ ଆକ୍ସନ ସପ୍ତାହ'( ଆକ୍ସନ ୱିକ୍ ଏଗନେଷ୍ଟ ଚାଇଲ୍ଡ ଲେବର)।

## ସାମନ୍ଥାଙ୍କ ସହ ପବ୍‌ରେ ନାଚିଲେ ବରୁନ୍



**ମୁମ୍ବାଇ:** ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଫିଲ୍ମ 'ପୁଷ୍ପା: ଦି ରାଇଜ୍'ରେ ଆଇଟମ୍ ଗୀତରେ ନାଚିବା ପରେ ଏବେ ତାଙ୍କୁ ଅନେକ ପ୍ରୋଜେକ୍ଟ ପାଇଁ ଅଫର ମିଳୁଛି। ତେବେ ଆଗକୁ ସାମନ୍ଥା ଏବଂ ବଲିଉଡ୍ ଅଭିନେତା ବରୁନ ଧାୱନ୍‌ଙ୍କୁ ଏକାଠି ଦେଖିବାକୁ ମିଳିବ। ବରୁନ୍ ଏବଂ ସାମନ୍ଥା ଏବେ ୱେବ୍ ସିରିଜ୍ ସିଟାଡେଲ ଶୁଟିଂ ପାଇଁ ସର୍ବିୟାରେ ଅଛନ୍ତି। ଶୁଟିଂରୁ ବିରତି ନେଇ ସେମାନେ ଶନିବାର ଏକ ପବ୍‌ରେ ନାଚୁଥିବା ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ସେଥିରେ ଦୁହେଁ 'ଓ ଅଣ୍ଟାୱା' ଗୀତରେ ନାଚୁଥିବା ନଜରକୁ ଆସିଛନ୍ତି। ଭିଡିଓରେ ବେଲଗ୍ରାଡ଼, ସର୍ବିୟା ବୋଲି ଟ୍ୟାଗ୍ କରାଯାଇଛି। ସେଥିରେ ସାମନ୍ଥା କଳାରଙ୍ଗର ଚମଡ଼ା ପୋଷାକ ପିନ୍ଧିଥିବାବେଳେ ହାତରେ ଏକ ମଦ ବୋତଲ ଧରିଥିବା ନଜରକୁ ଆସିଛନ୍ତି। ବରୁନ ମଧ୍ୟ ଏକ ଶାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ପବ୍‌ରେ ଥିବା ସମସ୍ତ ଲୋକ ଦୁହିଁଙ୍କ ନାଚର ଖୁବ୍ ମଜା ନେଉଛନ୍ତି। ତେବେ ବରୁନ ୨୦୧୦ରୁ ଫିଲ୍ମ 'ମାଇଁ ନେମ୍ ଇଜ୍ ଖାନ୍' ଜରିଆରେ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ତାଙ୍କର ଅନେକ ଚଳଚ୍ଚିତ୍ର ଦର୍ଶକଙ୍କ ପାଇଁ ଆଣିଥିଲେ। ଶେଷଥର ଲାଗି ତାଙ୍କୁ ୨୦୨୨ରେ ମୁଭି 'ଭେଡିୟା'ରେ ଦେଖିବାକୁ ମିଳିଥିଲା।

## ସ୍ୱାମୀ ପାଇଁ ଓଜନ କମାଇ ହେଲେ ୨୨କେଜି

ମସ୍କୋ: ସ୍ୱାମୀଙ୍କ ଆଖିକୁ ଭଲ ଦେଖା ଯିବାକୁ ମହିଳାମାନେ ସର୍ବଦା ଚେଷ୍ଟିତ ଥାନ୍ତି। ସେଥିପାଇଁ ବହୁ ସମୟରେ ସେମାନେ ସ୍ୱାମୀଙ୍କ କଥା ଅନୁସାରେ ନିଜକୁ ଅଳଙ୍କୃତ କରିଥାନ୍ତି। ନିକଟରେ ରୁଷର ଜଣେ ମହିଳା ସ୍ୱାମୀଙ୍କ କଥା ଶୁଣିବାକୁ ଯାଇ ନିଜ ଶରୀରକୁ କଙ୍କାଳ ସଦୃଶ କରିଦେଇଛନ୍ତି। ଦକ୍ଷିଣ-ପଶ୍ଚିମ ରୁଷର ବାସିନ୍ଦା ୟାନା ବୋବ୍ରୋଭା ତାଙ୍କ ସ୍ୱାମୀଙ୍କୁ ଖୁସି କରିବାକୁ ଯାଇ ନିଜ ଓଜନ କମାଇ ୨୨ କିଲୋ କରିଛନ୍ତି। ୟାନାଙ୍କ ଉଚ୍ଚତା ୫ ଫୁଟ୍ ୨ ଇଞ୍ଚ ହୋଇଥିବାବେଳେ ତାଙ୍କ ଦେହରେ ମାଂସ ବଦଳରେ କେବଳ ହାଡ଼ ଦୃଶ୍ୟମାନ ହେଉଛି। ୟାନାଙ୍କ କହିବା ମୁତାବକ, ତାଙ୍କ ଫୁଲା ଗାଲ ପାଇଁ ସ୍ୱାମୀ ତାଙ୍କୁ ସବୁବେଳେ ଚିଡାଉଥିଲେ। ସେଥିରେ ୟାନାଙ୍କ ଆତ୍ମବିଶ୍ୱାସ କମିଯାଉଥିଲା। ସେଥିପାଇଁ ସେ ନିଜ ଓଜନ କମାଇବାରୁ ବର୍ତ୍ତମାନ ସେ କଙ୍କାଳ ହୋଇଯାଇଛନ୍ତି। ୟାନାଙ୍କ ଏପରି ଡାଏଟିଂକୁ ମଧ୍ୟ ତାଙ୍କ ସ୍ୱାମୀ ବିରୋଧ କରୁ ନ ଥିଲେ। ଏବେ ୟାନାଙ୍କ ହାତରୁ ଚାକିରି ଯିବା ସହ ସେ କୁପୋଷଣର ଶିକାର ହୋଇଛନ୍ତି।



## ୪ ହଜାରରେ କିଣି ୮୨ ଲକ୍ଷରେ ବିକିଲେ



**ନୂଆଦିଲ୍ଲୀ:** ବହୁ ସମୟରେ ଆମେ କିଛି ଜିନିଷକୁ ବେକାର ଭାବି ଫିଙ୍ଗି ଦେଇଥାଉ। ହେଲେ ତା'ର ମୂଲ୍ୟ ଅନ୍ୟମାନଙ୍କ ପାଖରେ ବହୁତ ହୋଇଥାଏ। ନିକଟରେ ଜଣେ ବ୍ୟକ୍ତିଙ୍କୁ ଫେସ୍‌ବୁକ୍‌ରେ ପୁରୁଣା ଚମଡ଼ାର ଏକ ଚୌକି ମିଳିଗଲା। ସେ ସେହି ଚୌକିକୁ ୫୦ ଡଲାର ଅର୍ଥାତ୍ ୪ ହଜାର ୧୨୨ ଟଙ୍କାରେ କିଣିଲେ। ପରେ ତାକୁ ୮୨ ଲକ୍ଷ ଟଙ୍କାରେ ବିକ୍ରି କରିଛନ୍ତି। ଉକ୍ତ ବ୍ୟକ୍ତି ହେଲେ ଜଷ୍ଟିନ ମିଲର, ଯିଏକି ଜଣେ କଣ୍ଟେଣ୍ଟ କ୍ରିଏଟର। ସେ ଯେତେବେଳେ ଏହି ପୁରୁଣା ଚମଡ଼ାଯୁକ୍ତ ଚୌକି ଦେଖିଲେ ତାକୁ ତୁରନ୍ତ କିଣିଦେଇଥିଲେ। ଚୌକିଟି ମରାମତି କରିବା ପରେ ତାକୁ ବିକ୍ରି କରିବାକୁ ଚାହିଁଲେ। ହେଲେ ମରାମତିରେ ପାଖାପାଖି ୩ ହଜାର ଡଲାର ଅର୍ଥାତ୍ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ସେ ଉକ୍ତ ଚୌକି ବିକିବାକୁ ଏକ ଆର୍ଟ କମ୍ପାନୀ ପାଖକୁ ଯାଇଥିଲେ। କମ୍ପାନୀ କହିବା ମୁତାବକ, ସେହି ଚୌକିର ମୂଲ୍ୟ ପାଖାପାଖି ୨୫ରୁ ୪୦ ଲକ୍ଷ ଟଙ୍କା ଭିତରେ ହେବ। ଏହାପରେ ମିଲର ସୋସିଆଲ ମିଡିଆରେ ତାଙ୍କର ଏକ ଭିଡିଓ ପୋଷ୍ଟ କଲେ। ସେଥିରେ ସେ ଚମଡ଼ା ଚୌକିର ଦାମ୍ କିପରି ବେଳକୁ ବେଳ ବଢ଼ି ବଢ଼ି ଯାଉଛି ବୋଲି ଦର୍ଶାଇଥିଲେ। ତା'ପରେ ସେ ସେହି ଚୌକିଟି ନିଲାମ କଲେ। ଶେଷରେ ୧୦୦ ହଜାର ଡଲାର ଅର୍ଥାତ୍ ୮୨ ଲକ୍ଷ ୪୪ ହଜାର ଟଙ୍କାରେ ଚୌକିଟି ବିକ୍ରି ହେଲା। ଏହା ତାଙ୍କୁ ବହୁତ ଆଶ୍ଚର୍ଯ୍ୟଚକିତ କରିଥିଲା।

# ପୃଥିବୀ ଓ ଜୀବଜଗତର ଭବିଷ୍ୟତ



ଡା. ଆଶିଷ ବାନାର୍ଜୀ

"ପୂର୍ବେ ମଣିଷ ପ୍ରାକୃତିକ ବାତାନୁକୂଳ ପରିବେଶରେ ରହୁଥିବା ବେଳେ ବଣଜଙ୍ଗଲ ନଷ୍ଟ, ବାୟୁମଣ୍ଡଳ ଓ ପଞ୍ଚ ମହାଭୂତ ପ୍ରଦୂଷିତ ହେବା କାରଣରୁ ଉତ୍ତାପ ବୃଦ୍ଧି ପାଉଛି। ଏହାଦ୍ୱାରା ମଣିଷ ନିଜେ ବାତାନୁକୂଳ ଘର ଭିତରେ ଅଣନିଃଶ୍ୱାସୀ ହୋଇ ଜୀବନ କଟାଉଥିବା ବେଳେ ଏଥିରୁ ନିର୍ଗତ ଗ୍ୟାସ୍, ଉତ୍ତାପ ବ୍ୟାଧି ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି ପାୱାର) ନଷ୍ଟ କରୁଛି। ଏହାଦ୍ୱାରା ମଣିଷ ଏବଂ ଜୀବଜନ୍ତୁମାନଙ୍କର ଭବିଷ୍ୟତ ବିପଦ ମଧ୍ୟକୁ ଠେଲି ହୋଇଯାଉଛି।"

ସୌର ଜଗତରେ ଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ, ଯେଉଁଠି ଜୀବଜଗତ ବଞ୍ଚି ରହିବା ପାଇଁ ଅନୁକୂଳ। ଏହାର ମାଟି, ପାଣି, ପବନରେ ପାଳନ ପୋଷଣ ପାଇଁ ଖାଦ୍ୟ ଓ ଆବଶ୍ୟକ ବସ୍ତୁ ମହଜୁଦ ରହିଅଛି, ଯାହା ତାହାର ପାଇଁ ସାମ୍ୟ। ଯେପରି ଖାଦ୍ୟ ଖାଦକର ସମ୍ପର୍କ ସେହିପରି ପ୍ରକୃତି ଓ ଜୀବଜଗତର ସମ୍ପର୍କ ଅଟେ। ଜୀବନ ବିଲୀନ ହେଲେ ପ୍ରକୃତିର ପଞ୍ଚଭୂତରେ ମିଶେ, ପୁଣି ପରବର୍ତ୍ତୀ ଅବସ୍ଥାରେ ସେଥିରୁ ପୁଣି ସୃଷ୍ଟି ହୋଇଥାଏ। ତେଣୁ ପ୍ରକୃତି ଓ ପ୍ରାକୃତିକର ବିକଳ୍ପ ନାହିଁ।

ଜ୍ଞାନ, ବୁଦ୍ଧି, ବିବେକ ଏବଂ ଚିନ୍ତନ ଶକ୍ତି ଯୋଗୁ ମନୁଷ୍ୟକୁ ଶ୍ରେଷ୍ଠ ଜୀବ ବୋଲି କୁହାଯାଏ ଏବଂ ସେ ଅନ୍ୟମାନଙ୍କୁ ଆୟତ୍ତରେ ରଖି ପ୍ରକୃତିର ସମତା ଓ ସୁରକ୍ଷା ପ୍ରତି ଧ୍ୟାନ ଦେଇଥାଏ। ମଣିଷର ଖାଦ୍ୟ, ପୋଷାକ ଓ ବାସଗୃହ ଆବଶ୍ୟକ ଥିଲାବେଳେ ଅନ୍ୟ ପ୍ରାଣୀମାନେ ପ୍ରକୃତି ପରିବେଶରେ ଖାଇବା ଓ ରହିବା ପାଇଁ ନିଜର ସଂସ୍ଥାନ ନିର୍ମାଣ କରିଥାଆନ୍ତି।



ଶୁଣାଯାଏ ବିବର୍ତ୍ତନ ପ୍ରାଣୀରୁ ମଣିଷର ସୃଷ୍ଟି ଏବଂ ବାନର ସହ ମଣିଷର ବହୁ ସାମଞ୍ଜସ୍ୟ ଦେଖିବାକୁ ମିଳେ। ଦରକାର ଓ ଆବଶ୍ୟକତା ଅନୁଯାୟୀ ବାନର ଲାଞ୍ଜ ଥିଲା ବେଳେ ମଣିଷର ଲାଙ୍ଗୁଡ ନାହିଁ। ମଣିଷ ଗୋଡରେ ଚାଲିଥାଏ ଏବଂ ହାତରେ ଖାଇଥାଏ। ମଣିଷ ଯଦି ତାହାର ଅଙ୍ଗଗୁଡିକର ଆବଶ୍ୟକ ମୁତାବକ କାର୍ଯ୍ୟରେ ନ ଲଗାଯାଏ, ତେବେ ପରବର୍ତ୍ତୀ ପିଢ଼ିରେ ଏହା ଅକାମୀ ହୋଇ ଅଲୋଡ଼ା ହୋଇଯାଇପାରେ।



ପ୍ରତି ପ୍ରାଣୀ ଖାଦ୍ୟ ଯେତେ କ୍ୟାଲୋରୀ ଖାଆନ୍ତି, ହଜମ ପାଇଁ ପରିଶ୍ରମ କରନ୍ତି, ମାତ୍ର ମଣିଷ ଖାଇବାରେ କ୍ୟାଲୋରି ବଢୁଥିବା ବେଳେ ତା' ଅନୁପାତରେ ପରିଶ୍ରମ କମିଯାଉଛି, ଯଦ୍ୱାରା ଅଙ୍ଗଗୁଡ଼ିକ ରୁଗ୍ଣ ହୋଇ ଅକାମୀ ହେବାକୁ ଯାଉଅଛି। ମଣିଷ ପ୍ରକୃତି କୋଳରେ ମାଟି ଲୁହା ପାତ୍ରରେ ରାନ୍ଧିବା ସହ ମସଲା ପାଇଁ ପଥର ବ୍ୟବହାର, ବାସନ ପାଇଁ କଂସା, ପିତ୍ତଳ, ସ୍ୱର୍ଣ୍ଣ, ରୌପ୍ୟ, ମାଟିର ବାସନ ବ୍ୟବହାର କରୁଥିଲା। ତେଣୁ ଗରମ ରନ୍ଧନ ଖାଦ୍ୟ ଏହାର ସଂସ୍ପର୍ଶରେ ଆସିବା କାରଣରୁ ନିଜର ଔଷଧୀୟ ଗୁଣବତ୍ତା ବୃଦ୍ଧି ପାଉଥିଲା। ଦିନ ସାରା ବାହାର ପବନ ସଂସ୍ପର୍ଶ ଓ ସକାଳ ସୂର୍ଯ୍ୟକିରଣରେ ରହିବାରୁ ଭିଟାମିନ୍ 'ଡି' ପାଇବା କାରଣରୁ ମାନସିକ ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଇତ୍ୟାଦି ରୋଗ ପ୍ରାୟ ହେଉ ନ ଥିଲା। ଗଛ ପତ୍ରର ଅନୁପାତ ଜୀବମାନଙ୍କ ତୁଳନାରେ ବେଶି ଥିବାରୁ ଏବଂ କୌଣସି କଳକାରଖାନା, ଗାଡ଼ି ଇତ୍ୟାଦିର ଧୂଆଁ, ବିଷାକ୍ତ ଗ୍ୟାସ୍ ବାୟୁମଣ୍ଡଳରେ ନ ଥିବାରୁ ପରିବେଶ ତା' ପାଇଁ ବାତାନୁକୂଳ ଥିଲା। ତେଣୁ ପ୍ରାକୃତିକ ଶୀତଳ ପରିବେଶ ତା'ପାଇଁ ସ୍ୱାସ୍ଥ୍ୟ ହୋଇଥିଲା। ରହିବା ପାଇଁ ପ୍ରାକୃତିକ ଜିନିଷ ବ୍ୟବହୃତ ସାମଗ୍ରୀରେ ତିଆରି ହୋଇଥିବାରୁ ତାହା ସ୍ୱାସ୍ଥ୍ୟ ଉପଯୋଗୀ ହୋଇପାରିଥିଲା ଏବଂ ବହୁ ବର୍ଷ ପୂର୍ବେ ଏହା ନଷ୍ଟ ହେଲେ ଆବର୍ଜନା ନ ହୋଇ ପୁଣି ମାଟିରେ ମିଶି ଯାଉଥିଲା।

ଏହି ଉର୍ବର ମାଟିରୁ ଉତ୍ପନ୍ନ ଶସ୍ୟ, ତୈଳବୀଜ, ଫଳମୂଳ, ଡାଲି ଏବଂ ବିଭିନ୍ନ ମସଲା ଦ୍ୱାରା ପ୍ରସ୍ତୁତ (ମାଟି ଚୁଲା) ଖାଦ୍ୟ ଶରୀର ଉପଯୋଗୀ ହୋଇ ପୋଷକତତ୍ତ୍ୱ ଯୋଗାଉଥିଲା। ମାତ୍ର ଆଜି କୃତ୍ରିମ ଖାଦ୍ୟ, ମସଲା, ତେଲ, ପ୍ଲାଷ୍ଟିକ ଚାଉଳ, ଚାଇନା ଲୁଣ, ଚିନି, ଅପମିଶ୍ରିତ ମସଲା ପରୋକ୍ଷରେ ମଣିଷ ଶରୀରର କୋଷକୁ ଏବଂ ଅଙ୍ଗ ପ୍ରତ୍ୟଙ୍ଗକୁ ନଷ୍ଟ କରୁଅଛି। ସେହିପରି ସ୍ୱର୍ଣ୍ଣ, ରୌପ୍ୟ ଆଦି ଧାତୁ, ମାଣିକ୍ୟ, ମୁକ୍ତା ଆଦି ବିଭିନ୍ନ ଉପରତ୍ନ, ରୁଦ୍ରାକ୍ଷ ଇତ୍ୟାଦି ମାଳ ଓ ଅଳଙ୍କାର ରୂପେ ଶରୀରରେ ଧାରଣ କଲେ ଏବଂ ମସ୍ତକରେ ଚନ୍ଦନ, ଅଗରୁ ଲେପ ବା ଟିକା ଲଗାଇଲେ ବାତବ୍ୟାଧି, ଧାତୁରୋଗ, ମାନସିକ ରୋଗ, ରକ୍ତଚାପ ଇତ୍ୟାଦି ରୋଗରୁ ପରୋକ୍ଷରେ ଆମକୁ ରକ୍ଷା କରିଥାଏ। ତା'ସହ ବଳ, ବର୍ଣ୍ଣ, ଆୟୁ, ସୌନ୍ଦର୍ଯ୍ୟ ବଢ଼ାଇଥାଏ। ମାତ୍ର ଏହାର ସ୍ଥାନ ଏବେ ଅପମିଶ୍ରିତ ଧାତୁ, ପ୍ଲାଷ୍ଟିକ ନେବା ଦ୍ୱାରା ଏହାର କୁପ୍ରଭାବ ପରୋକ୍ଷରେ ଶରୀର ଉପରେ ପଡୁଛି।

ପୂର୍ବେ ମଣିଷ ପ୍ରାକୃତିକ ବାତାନୁକୂଳ ପରିବେଶରେ ରହୁଥିବା ବେଳେ ବଣଜଙ୍ଗଲ ନଷ୍ଟ, ବାୟୁ ମଣ୍ଡଳ ଓ ପଞ୍ଚ ମହାଭୂତ ପ୍ରଦୂଷିତ ହେବା କାରଣରୁ ଉତ୍ତାପ ବୃଦ୍ଧି ପାଉଛି। ଏହାଦ୍ୱାରା ମଣିଷ ନିଜେ ବାତାନୁକୂଳ ଘର ଭିତରେ ଅଣନିଃଶ୍ୱାସୀ ହୋଇ ଜୀବନ କଟାଉଥିବା ବେଳେ ଏଥିରୁ ନିର୍ଗତ ଗ୍ୟାସ୍, ଉତ୍ତାପ ବ୍ୟାଧି ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି ପାୱାର) ନଷ୍ଟ କରୁଛି। ଏହାଦ୍ୱାରା ମଣିଷ ଏବଂ ଜୀବଜନ୍ତୁମାନଙ୍କର ଭବିଷ୍ୟତ ବିପଦ ମଧ୍ୟକୁ ଠେଲି ହୋଇଯାଉଛି।

ସେହିଭଳି ପୂର୍ବରୁ ଲୋକେ ପ୍ରାକୃତିକ ଉପାୟରେ ନିର୍ମିତ ଔଷଧ ନୀରୋଗ ରହିବା ଓ ବ୍ୟାଧିରୁ ମୁକ୍ତ ପାଇଁ ବ୍ୟବହାର କରୁଥିବା ବେଳେ ଏହାଦ୍ୱାରା ଶରୀର କୋଷଗୁଡ଼ିକ ସହଜରେ ଅବଶୋଷିତ ହୋଇଯାଉଛି। ଫଳରେ ପାର୍ଶ୍ୱପ୍ରତିକ୍ରିୟା ନ ହେବା ସହ ରୋଗକୁ ସମ୍ପୂର୍ଣ୍ଣ ରୂପେ ନିର୍ମୂଳ କରୁଥିଲା। ଏହା ଗୋଟିଏ ରୋଗକୁ ଭଲ କରୁଥିବା ବେଳେ ଅନ୍ୟ ରୋଗ ହେବାକୁ ଦେଉ ନ ଥିଲା। ତା'ସହ ବ୍ୟାଧି ପ୍ରତିରୋଧକ ଶକ୍ତି ବଢ଼ାଉଥିଲା, ଯଦ୍ୱାରା ରୋଗ ହେବା ଦେଖାଯାଉ ନ ଥିଲା। ମାତ୍ର ଆଜିର କୃତ୍ରିମ ରାସାୟନିକ ଔଷଧ ବ୍ୟବହାର ଏହାର ବିପରୀତ କ୍ରିୟା ଦ୍ୱାରା ରୋଗ ଓ ରୋଗୀ ବଢ଼ିବାରେ ଲାଗିଛି। ମଣିଷକୁ ବିଭିନ୍ନ ସଂକ୍ରାମକ, ଭୂତାଣୁଜନିତ ରୋଗ ହେବାର ଦେଖାଯାଉଛି। ପ୍ରାଣୀମାନଙ୍କଠାରେ ଏହାର ପ୍ରୟୋଗ ଦ୍ୱାରା ଏହାର ଶବକୁ ଖାଇ ଶାଗୁଣାମାନଙ୍କର ବଂଶ ଲୋପ ହେବାକୁ ବସିଲାଣି। ଜୀବଜନ୍ତୁମାନଙ୍କର ପ୍ରଜନନ କ୍ଷମତା କମିବାକୁ ଲାଗିଲାଣି। ଗୃହପାଳିତ ପ୍ରାଣୀମାନେ ପ୍ଲାଷ୍ଟିକ, ଅପମିଶ୍ରିତ ଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି।

ବୁଦ୍ଧିମାନ ମଣିଷର ଉଦ୍ଭଟ ଚିନ୍ତାଧାରା ଆଜି ଜୀବଜଗତକୁ ବିଲୋପ ଆଡ଼କୁ ନେଇଯାଉଛି। ଅଧିକାଂଶ ମଣିଷର ଜ୍ଞାନବୁଦ୍ଧି ଲୋପ ହୋଇ ସର୍ବଗ୍ରାସୀ ହେବା କାରଣରୁ ହିତାହିତ ଜ୍ଞାନ ପାସୋରି କାମ, କ୍ରୋଧ, ଲୋଭ, ମୋହ ଆଦି ସେମାନଙ୍କୁ କବଳିତ କଲାଣି। ଷଡ଼ରିପୁର ପରିପୂର୍ଣ୍ଣ ମଣିଷ ପ୍ରକୃତି ପାଇଁ ଭସ୍ମାସୁର ହୋଇଗଲାଣି। ନିଜେ ନିଜର ବିନାଶ ସହ ପୃଥିବୀରୁ ଜୀବଜଗତ ନିର୍ମୂଳ ହେବାକୁ ବସିଛି।

ତେଣୁ କେବେ ଏ ମଣିଷ ନିଜେ ଚେତି ପ୍ରକୃତିକୁ ଭଲ ପାଇବ। କୃତ୍ରିମକୁ ବିଲୋପ କରି ପ୍ରାକୃତିକକୁ ଆପଣେଇବ। ବର୍ତ୍ତମାନ ଯୁଦ୍ଧରେ ରାସାୟନିକ ଅସ୍ତ୍ରଶସ୍ତ୍ର ବ୍ୟବହାର ଯୋଗୁ ପ୍ରକୃତି ବିନାଶମୁହାଁ ହୋଇଛି। ପ୍ରକୃତିକୁ ବଞ୍ଚାଇବା ପାଇଁ ସମଗ୍ର ବିଶ୍ୱ ବନୀକରଣ, ପ୍ରାକୃତିକ ଜିନିଷକୁ ପ୍ରାଧାନ୍ୟ ଦେବା ଦରକାର। ଏହାଦ୍ୱାରା ପୃଥିବୀ ବିନାଶରୁ ବର୍ତ୍ତି ଯାଇପାରିବ।

-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

## ଅଜୀର୍ଣ୍ଣ ସମସ୍ୟାର ଘରୋଇ ଉପଚାର



ଯଦି ଜଣେ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ଖାଆନ୍ତି ତେବେ ତାହା ପାଚନ କ୍ରିୟାରେ ବାଧା ସୃଷ୍ଟି କରିଥାଏ। ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତି ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଆମେ ଖାଇବା ଅନୁସାରେ ପ୍ରଚୁର ପାଣି ପିଇବା ଦରକାର। କାରଣ ଏହା ଖାଇଥିବା ଖାଦ୍ୟକୁ ହଜମ କରାଇବାରେ ସାହାଯ୍ୟ କରିଥାଏ। ଏପରି କେତେକ ଖାଦ୍ୟ ରହିଛି, ଯାହା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ସେଭଳି ଖାଦ୍ୟଠାରୁ ଯେତେସମ୍ଭବ ନିଜକୁ ଦୂରେଇ ରଖନ୍ତୁ। ବିଶେଷଭାବରେ ଗରିଷ୍ଠ ଏବଂ ଅଧିକ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ସବୁବେଳେ ଖାଇବାର ଟାଇମ୍‌ଟେବୁଲ ପ୍ରସ୍ତୁତ କରନ୍ତୁ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ। ଅଧିକ ସମୟ ଖାଲି ପେଟରେ ରୁହନ୍ତୁ ନାହିଁ। ଠିକ୍ ସମୟରେ ଯେତିକି ଖାଇବା କଥା ସେତିକି ଖାଆନ୍ତୁ। ରାତ୍ରଭୋଜନ ଠିକ୍ ସମୟରେ ଖାଆନ୍ତୁ। ବିଳମ୍ବିତ ରାତ୍ରଭୋଜନ ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହା ଖାଦ୍ୟ ହଜମରେ ବାଧା ସୃଷ୍ଟି କରିଥାଏ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ଖାଆନ୍ତୁ। ରାତିରେ ସବୁବେଳେ ଏଭଳି ଖାଦ୍ୟ ଖାଆନ୍ତୁ, ଯାହା ସହଜରେ ହଜମ ହେଉଥିବ। ତରତର ହୋଇ ଖାଆନ୍ତୁ ନାହିଁ। ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଆନ୍ତୁ।

## ଇ-ରିଡିଙ୍ଗ



ବର୍ତ୍ତମାନ ଡିଜିଟାଲ ଯୁଗ। ଇଲେକ୍ଟ୍ରୋନିକ ଗ୍ୟାଜେଟ୍‌ର ବ୍ୟବହାର ବହୁଳ ଭାବରେ ହେଉଅଛି। ପାଠ ପଢୁଥିବା ପିଲାମାନେ ମୋବାଇଲ୍, ଟ୍ୟାବ୍, ଲାପ୍‌ଟପ ଆଦିର ସହାୟତା ନେଉଛନ୍ତି। ତେବେ ଇ-ରିଡିଙ୍ଗ ସମୟରେ କେତେକ ବିଷୟ ପ୍ରତି ସେମାନେ ସଚେତନ ରହିବା ନିହାତି ଦରକାର। ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି ଯେ, ଯଦି ପିଲାମାନେ ଇ-ରିଡିଙ୍ଗ ସହ ଆବଶ୍ୟକତାଠାରୁ ଅଧିକ ସମୟ ଜଡ଼ିତ ରହନ୍ତି, ତେବେ ସେମାନେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ବିଶେଷଭାବରେ ସେମାନେ ଅନିଦ୍ରା ପରି ଗୁରୁତର ସମସ୍ୟାର ସାମ୍ନା କରିପାରନ୍ତି। ତେଣୁ ଇ-ରିଡିଙ୍ଗ ସମୟରେ ନିଜକୁ ଆବଶ୍ୟକ ମୁତାବକ ବିଶ୍ରାମ ଦିଅନ୍ତୁ। ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ଆଖି ପରୀକ୍ଷା କରାଇ ନିଅନ୍ତୁ। ଇ-ରିଡିଙ୍ଗ ପାଇଁ ଟାଇମ୍‌ଟେବୁଲ ଏଭଳି ଫିକ୍ସ କରନ୍ତୁ, ଯେମିତି ତାହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିବ ନାହିଁ। ଏ ବିଷୟରେ ଅଭିଜ୍ଞ ମନସ୍ତତ୍ତ୍ୱବିତ୍‌ଙ୍କ ସହ ଆଲୋଚନା କରନ୍ତୁ।

## ଦୀର୍ଘକାଳୀନ ରୋଗ ଓ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଜଣେ ବ୍ୟକ୍ତି ପ୍ରତିଦିନ ଖାଉଥିବା ଖାଦ୍ୟ ତାଲିକାରେ ଏହି ଭିଟାମିନ୍‌ଯୁକ୍ତ ଖାଦ୍ୟକୁ ସାମିଲ କରନ୍ତୁ। ବିଶେଷଭାବରେ ଦୀର୍ଘକାଳୀନ ରୋଗ ସହ ଜଡ଼ିତ ବ୍ୟକ୍ତି ଯଦି ଏପରି ଖାଦ୍ୟ ନିୟମିତ ଖାଆନ୍ତି ତେବେ ତାହା ସେମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। 'ଦୀର୍ଘକାଳୀନ ରୋଗ ଓ ଭିଟାମିନ୍-ସି' ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ କରିଥିବା ଏକ ଗବେଷଣାରୁ ଏକଥା ଜଣାପଡ଼ିଛି। ପରୀକ୍ଷାମୂଳକ ଭାବରେ ଏଭଳି ରୋଗ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ପରିମାଣର ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରୁ ଏହା ସେମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହେଉଥିବାର ଜଣାପଡ଼ିଥିଲା। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାବ୍ୟତୀତ ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ରକ୍ତରେ ୟୁରିକ୍ ଏସିଡ୍‌ର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଆମେ ଖାଉଥିବା ଖାଦ୍ୟ ଯଥା ଅମୃତଭଣ୍ଡା, ପିଜୁଳି, ବରକୋଳି, ଲିଚୁ, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ 'ସି'ଭରି ରହିଛି।

## ସ୍ୱାସ୍ଥ୍ୟାବସ୍ଥା ଜାଣିବାର ନୂଆ ଉପାୟ



ସ୍ୱାସ୍ଥ୍ୟ ସମ୍ପର୍କିତ କୌଣସି ସୂଚନା ଏଣିକି ସହଜରେ ଜାଣିହେବ। ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏ ନେଇ କ୍ଷୁଦ୍ର ସେନ୍‌ସର ପ୍ରସ୍ତୁତ କରିଛନ୍ତି। ଉକ୍ତ ନୂଆ ସେନସରକୁ ସେମାନେ 'ନ୍ୟୁରାଲ ଡଷ୍ଟ' ନାମରେ ନାମିତ କରିଛନ୍ତି। ଏହାର ଲମ୍ବ ମାତ୍ର ୩ ମିମି ଏବଂ ଚଉଡ଼ା ମାତ୍ର ଏକ ମିମି। ଏକ ରୋବୋଟିକ୍ ଡିଭାଇସ୍ ଦ୍ୱାରା ଏହି ସେନ୍‌ସରକୁ ନିୟନ୍ତ୍ରଣ କରାଯାଇଥାଏ। ଖାସ୍ କଥା ହେଲା, ଏହି ସେନ୍‌ସରରେ କୌଣସି ତାର କିମ୍ବା ବ୍ୟାଟେରି ସଂଯୋଗ କରାଯାଇ ନାହିଁ। କୌଣସି ବ୍ୟକ୍ତିଙ୍କର ଶରୀରରେ ଏହାକୁ ଲଗାଇ ଦେଲେ ତାହା ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେଇଥାଏ। ତେବେ ଏହି ଡିଭାଇସ୍‌କୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ କରାଯାଇ ପାରିବ ସେ ନେଇ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଗବେଷଣା ଚଳାଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

➤କେତେକ ରୋଗର ପ୍ରାଥମିକ ଉପଚାର ପାଇଁ ଘରେ କିଛି ଔଷଧ ରଖିପାରନ୍ତି। ତେବେ ଏହି ଔଷଧଗୁଡିକର ଏକ୍ସପାଏରି ତାରିଖକୁ ଡାଏରୀରେ ଟିପି ରଖନ୍ତୁ।

➤ପ୍ରତିଦିନ ସକାଳେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ। କାରଣ ଏହା ମନକୁ ସତେଜ ରଖିବାରେ ଅନେକାଂଶରେ ସହାୟକ ହୋଇଥାଏ।

➤ସବୁବେଳେ ପ୍ରଦୂଷଣମୁକ୍ତ ସ୍ଥାନରେ ହିଁ ବ୍ୟାୟାମ କରନ୍ତୁ। ବିଶେଷଭାବରେ ପାର୍କକୁ ଏ ନେଇ ଚୟନ କରିପାରନ୍ତି।

➤କୌଣସି ଖାଦ୍ୟକୁ ରେଫ୍ରିଜରେଟରରୁ ବାରମ୍ବାର ବାହାର କରି ଖାଆନ୍ତୁ ନାହିଁ। କାରଣ ଏହି ଖାଦ୍ୟ ବାହାରକୁ ଆସିଲେ ସେଥିରେ ଫଙ୍ଗସ ହେବାର ଆଶଙ୍କା ରହିଛି। ତେଣୁ ସେହି ଖାଦ୍ୟକୁ ଏକାଥରେ ହିଁ ଖାଇବାକୁ ଚେଷ୍ଟା କରନ୍ତୁ।

➤କୌଣସି କଥାକୁ ନେଇ ଅଧିକ ଚିନ୍ତା କରନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ତାହା ଟେନସନ୍‌ର କାରଣ ସାଜିଥାଏ।

➤ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

➤ଅଧିକ ଲୁଣ ଓ ମିଠାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।



## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଦହି

ଦହି ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ଏଥିରେ ଅନେକ ପ୍ରକାରର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ହାଡ଼ ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଏଥିସହ ଦାନ୍ତକୁ ମଧ୍ୟ ଦୃଢ଼ ରଖେ। ଏଥିରେ ଥିବା ଲାକ୍ଟିକ୍ ଏସିଡ୍ କ୍ଷତ ହୋଇଥିବା ସ୍ଥାନରେ ଏହା ନୂଆ ଚର୍ମ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ। ଲାକ୍ଟିକ୍ ଏସିଡ୍‌ରେ ଆଣ୍ଟି-ଫଙ୍ଗାଲ୍ ଗୁଣ ମଧ୍ୟ ରହିଛି। ଦୈନନ୍ଦିନ ଖାଦ୍ୟରେ ଦହିକୁ ସାମିଲ କରନ୍ତୁ। ଏହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବା ସହ ଶରୀରରେ କୋଲେଷ୍ଟରଲ୍ ପରିମାଣକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ।



## ନୀରୋଗ ସ୍ୱାସ୍ଥ୍ୟ ପାଇଁ...

ଆମକୁ ସୁସ୍ଥ ରହିବାକୁ ହେଲେ କେତେକ ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ଚିକିତ୍ସା ପ୍ରଣାଳୀ ଯେତେ ସହଜ ହେଉଛି ଦିନକୁଦିନ ନୂଆ ନୂଆ ରୋଗ ସୃଷ୍ଟି ହେଉଛି। ତେଣୁ କୌଣସି ରୋଗର କାରଣ ଜାଣିବା ମାତ୍ରେ ତାହାର ଚିକିତ୍ସା କରାଇନେବା ହିଁ ବିଜ୍ଞତାର ପରିଚୟ। ଆଜିକାଲି ଅନେକ ଜଟିଳ ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲାଗି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି। ଏ ଦିଗରେ ଲୋକମାନେ ଦୃଷ୍ଟି ଦେବା ନିହାତି ଦରକାର। କୌଣସି ରୋଗର ଚିକିତ୍ସାରେ ଆଦୌ ବିଳମ୍ବ କରନ୍ତୁ ନାହିଁ। ଆଉ ଏକ କଥା ହେଲା ମନଲୋଭା ଖାଦ୍ୟ। ସେଗୁଡ଼ିକୁ ଦେଖିବା ମାତ୍ରେ ଖାଇବାକୁ ପାଟିରୁ ଲାଳ ଗଡିଥାଏ। ଏହି ସମୟରେ କେତେକେ ନିଜର ଲୋଭ ସମ୍ବରଣ କରି ନ ପାରି ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି, ଯାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣେ। ତେଣୁ ଖାଦ୍ୟପେୟ ପ୍ରତି ଆମେ ସଚେତନ ରହିବା ବିଧେୟ। ସବୁବେଳେ ଭିଟାମିନ୍‌ଯୁକ୍ତ ଏବଂ ସୁପାଚ୍ୟ ଖାଦ୍ୟ ହିଁ ଖାଆନ୍ତୁ। ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ, ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ। ଯଦି ଆପଣ ଡାଇବେଟିସ୍, ବ୍ଲଡ୍‌ପ୍ରେସର ପରି ରୋଗରେ ପୀଡ଼ିତ ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତରେ ସୁଗାର ପରିମାଣ ଏବଂ ବ୍ଲଡ୍‌ପ୍ରେସର କେତେ ରହୁଛି ତାହା ଚେକ୍ କରାଇ ନିଅନ୍ତୁ। ଦୀର୍ଘକାଳୀନ ରୋଗ ସହ ଜଡ଼ିତ ଥିଲେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ନିଜକୁ ଟେନ୍‌ସନ ଏବଂ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେନ୍ଦ୍ରକୁ ଛାଡ଼ି ରାଜ୍ୟ ନେତାଙ୍କୁ ଟାର୍ଗେଟ୍ କଲା ବିଜେଡି

## ଉଜ୍ଜ୍ୱଳା ଯୋଜନାକୁ ନେଇ ଉଠାଇଲା ପ୍ରଶ୍ନ

ଭୁବନେଶ୍ୱର, ୧୧।୬(ବ୍ୟୁରୋ)

ବିଜେଡି ଉଜ୍ଜଳା ଯୋଜନାର ବିଫଳତା କଥାରେ କେନ୍ଦ୍ର ସରକାରଙ୍କୁ ଦୋଷ ନ ଦେଇ ଏଥିପାଇଁ ରାଜ୍ୟ ଭାଜପା ନେତାମାନେ ଦାୟୀ ବୋଲି ସିଧାସଳଖ ଅଭିଯୋଗ କରିଛି। ବିଜେଡି ମୁଖପାତ୍ର ତଥା ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ ଶଙ୍ଖ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ରାଜ୍ୟ ସରକାର ଗତ ୨୩ ବର୍ଷରେ ଓଡ଼ିଶାର ବିକାଶ ପାଇଁ ଅବିଶ୍ରାନ୍ତ କାର୍ଯ୍ୟ କରୁଛନ୍ତି। ହେଲେ ଭାଜପା ରାଜ୍ୟ ନେତାମାନେ ଗତ ୯ ବର୍ଷ ଧରି ଦିଲ୍ଲୀରେ ଓଡ଼ିଶାର ବିକାଶ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ଭାଜପା ଷଡ଼ଯନ୍ତ୍ରର



ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ।

ସବୁଠାରୁ ବଡ଼ ଉଦାହରଣ ହେଉଛି ଉଜ୍ଜଳା ଯୋଜନା। ଏହି ଯୋଜନାରେ ଓଡ଼ିଶାର ମହିଳାଙ୍କୁ ମାଗଣା ସିଲିଣ୍ଡର ଯୋଗାଇ ସାହାଯ୍ୟ କରାଯିବ ବୋଲି ପ୍ରଚାର ହେଲା। କିନ୍ତୁ ଆଜି ଉଜ୍ଜଳା ଅନ୍ଧାର ହୋଇଯାଇଛି ଏବଂ ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ଏହା ଏକ ନିଷ୍ଠୁର ପରିହାସ ପାଲଟିଛି। ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ବଢ଼ୁଛି, ରିଫିଲିଂ ପରିମାଣ ହ୍ରାସ ପାଇଚାଲିଛି। ଏତଦ୍ୱାରା ହିତାଧିକାରୀମାନଙ୍କ ଏଲ୍‌ପିଜି ବ୍ୟବହାରରେ ମଧ୍ୟ ହ୍ରାସ ଘଟୁଛି। ବେଡ଼ି ଉପରେ କୋରଡ଼ା ମାଡ଼ ଭଳି ଇନ୍ଧନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର କ୍ରମାଗତ ମୂଲ୍ୟ ବୃଦ୍ଧି ଯାହା କି ରୋଷେଇ ଘର ତଥା ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଛି। ଯଦିଓ ବିଜେଡି ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁଛି, ତଥାପି ରାଜ୍ୟ ଭାଜପା ନେତାମାନେ ନୀରବ ରହିଛନ୍ତି ବୋଲି ସୁଲତା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଲକ୍ଷାଧିକ ମହିଳା ଏହାଦ୍ୱାରା ପ୍ରଭାବିତ ହେଉଥିଲେ ସୁଦ୍ଧା ସେମାନଙ୍କ କଲ୍ୟାଣ ପାଇଁ ପଦୁଟିଏ ହେଲେ କହୁନାହାନ୍ତି। ରାଜ୍ୟରେ ଜାତୀୟ ରାଜପଥ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛି। ଗତ ୯ ବର୍ଷ ଧରି ସମ୍ବଲପୁର-କଟକ ଜାତୀୟ ରାଜପଥ ଅବସ୍ଥା ସଙ୍କଟାପନ୍ନ ରହିଛି। କାର୍ଯ୍ୟ ସମାପ୍ତ ହେଉନାହିଁ। ଗତ ୯ ବର୍ଷରେ ଏହି ରାଜପଥ ପ୍ରକଳ୍ପର କାର୍ଯ୍ୟ ସରୁ ନ ଥିବାରୁ ଶତାଧିକ ଦୁର୍ଘଟଣା ଘଟୁଛି। ଏହାଦ୍ୱାରା ବହୁ ମୂଲ୍ୟବାନ ଜୀବନ ନଷ୍ଟ ହୋଇଯାଇଛି। ଏଥିପାଇଁ ବିଜେଡି ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସ୍ୱର ଉତ୍ତୋଳନ କରୁଛି କିନ୍ତୁ ରାଜ୍ୟ ଭାଜପା ନେତାମାନେ ଏହି ପ୍ରସଙ୍ଗରେ ନୀରବ ଅଛନ୍ତି। ସେହିଭଳି ଓଡ଼ିଶାରେ ଟେଲିକମ୍ ଏବଂ ବ୍ୟାଙ୍କିଙ୍ଗ୍ ସେବା ଅତ୍ୟନ୍ତ ଖରାପ। ଗତ ୯ ବର୍ଷ ଧରି ବିଜେଡି ଏହି ଅବହେଳା ଉପରେ ସ୍ୱର ଉତ୍ତୋଳନ କରୁଛି, ତଥାପି ରାଜ୍ୟ ଭାଜପାର ନେତାମାନେ ଏକପ୍ରକାର ନୀରବତା ବଜାୟ ରଖିଛନ୍ତି। ବ୍ୟାଙ୍କିଙ୍ଗ ସଂଯୋଗର ଅଭାବ ଯୋଗୁ ମିଶନ ଶକ୍ତି ଅଧୀନରେ ଥିବା ୬ ଲକ୍ଷ ମହିଳା ଏସ୍‌ଏଚ୍‌ଜି ଗୋଷ୍ଠୀ ସଦସ୍ୟମାନେ ବିନା ସୁଧରେ ୫ ଲକ୍ଷ ଋଣ ପାଇବା କଷ୍ଟକର ହୋଇପଡୁଛି। ରାଜ୍ୟ ଭାଜପାର ନେତାମାନେ କ୍ରମାଗତ ଭାବେ ଓଡ଼ିଶାର ଲୋକଙ୍କୁ ଆଇନହୀନ ବୋଲି କହୁଥିଲେ। ଏହା ସେମାନଙ୍କର ଓଡ଼ିଶା ବିରୋଧୀ ମନୋଭାବକୁ ସ୍ପଷ୍ଟ ଭାବେ ଦର୍ଶାଉଛି ବୋଲି ସୁଲତା କହିଛନ୍ତି।

# ନୂଆ ଦଳ ଗଢ଼ିବେନି ସଚିନ ପାଇଲଟ

## ସ୍ୱଚ୍ଛ ରାଜନୀତି ପାଇଁ ଆହ୍ୱାନ



ଦାଉସା, ୧୧।୬(ପି.ଟି.)

ରାଜସ୍ଥାନର ଅସନ୍ତୁଷ୍ଟ କଂଗ୍ରେସ ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ନୂଆ ଦଳ ଗଢ଼ିବେ ନାହିଁ। ତାଙ୍କ ବାପା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜେଶ ପାଇଲଟ୍‌ଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର ନିଜ ନିର୍ବାଚନ ମଣ୍ଡଳୀ ଦାଉସାରେ ଏକ ମେଗା ରାଲିକୁ ସମ୍ବୋଧନ କରି ସଚିନ ସ୍ୱଚ୍ଛ ରାଜନୀତି ପାଇଁ ଆହ୍ୱାନ ଦେଇଛନ୍ତି। ରାଜନୀତିରେ ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ସ୍ଥାନ ନାହିଁ ବୋଲି ସେ କହିଛନ୍ତି। ଜନସାଧାରଣଙ୍କ ଆସ୍ଥା ତାଙ୍କ ପାଇଁ ସବୁଠୁ ବଡ଼ ସମ୍ବଳ। ଲୋକଙ୍କୁ ନ୍ୟାୟ ଦେବା ଲାଗି ସେ ଲଢ଼େଇ ଜାରି ରଖିବେ ଓ ନିଜ ଦାବିରୁ ଓହରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ରାଜସ୍ଥାନରେ ବସୁନ୍ଧରା ରାଜେ ନେତୃତ୍ୱାଧୀନ ଭାଜପା ସରକାରଙ୍କ ସମୟରେ ହୋଇଥିବା ଦୁର୍ନୀତି ବିରୋଧରେ ବର୍ତ୍ତମାନର ଅଶୋକ ଗେହଲଟଙ୍କ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେ ଏହାର ନିନ୍ଦା କରିଛନ୍ତି। ଆଜି ନ ହେଲେ ବି ଆସନ୍ତାକାଲି ଭଗବାନ ବଡ଼ ନ୍ୟାୟ ଦେବେ ବୋଲି ସେ କହିଛନ୍ତି। ରାଜସ୍ଥାନ ପବ୍ଲିକ୍ ସର୍ଭିସ କମିଶନକୁ ଭଙ୍ଗାଯାଇ ସାନି କମିଶନ ଗଠନ କରାଯିବା ସହ ସରକାରୀ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଯୋଗୁ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ପାଇଲଟ୍ ଦାବି କରିଛନ୍ତି।

# ମନ୍ତ୍ରୀ, ବିଧାୟକମାନେ ଏବେ ଷ୍ଟେଜ୍ ବାନ୍ଧୁଛନ୍ତି: ଭାଜପା

ଭୁବନେଶ୍ୱର, ୧୧।୬(ବ୍ୟୁରୋ)

ଉଜ୍ଜଳା ଗ୍ୟାସ୍ ପ୍ରସଙ୍ଗରେ ବିଜେଡି ନେତାମାନେ ଭାଜପାର ରାଜ୍ୟ ନେତାଙ୍କୁ ଟାର୍ଗେଟ କରିଛନ୍ତି। ଏହାକୁ ନେଇ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ପାଲଟା ବିଜେଡି ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ବିଜେଡି ନେତାମାନେ ଜଣେ ସଚିବଙ୍କ ଚାଟୁକାରିତା କରୁଛନ୍ତି। ଜଣେ ସରକାରୀ ବାବୁ ଗୋଟିଏ ଲେଖା ଦେବା ପରେ ବିଜେଡି ମୁଖପାତ୍ରମାନେ ତାକୁ ପଢ଼ିବା ହେଉଛି ସେମାନଙ୍କ ଚିରାଚରିତ କାମ। ସେହି ଅଭ୍ୟାସ ଯୋଗୁ ତାଙ୍କ କଥାର କିଛି ତାଳମେଳ ରହୁନାହିଁ। ମିଛ କଥା କହିବାର ଯୁଗ ଶେଷ ହୋଇଗଲାଣି। ଏ କଥା ବୋଧେ ଶାସକ ଦଳର ନେତାମାନେ ଭୁଲି ଯାଇଛନ୍ତି। ଓଡ଼ିଶାରେ ଗଭର୍ନାନ୍ସ ମଡେଲ ଦେଖିଲେ ସାରା ଦେଶରେ ଲୋକ ହସୁଛନ୍ତି। ମନ୍ତ୍ରୀମାନେ ଜଳକା ହୋଇ ବସୁଛନ୍ତି ଏବଂ ସଚିବମାନେ ବିଭାଗର ସମୀକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଘରୁ ବାହାରୁ ନାହାନ୍ତି, ତାଙ୍କର ବ୍ୟକ୍ତିଗତ ସଚିବ ରାଜ୍ୟ ସାରା ବୁଲି ଘୋଷଣା ଓ ସଭା ସମିତି କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ କୌଣସି ଜାଗାକୁ ଗଲେ ମନ୍ତ୍ରୀ ଓ ବିଧାୟକମାନେ ଯାଇ ଷ୍ଟେଜ ବାନ୍ଧୁଛନ୍ତି। କେହି ନ ପଚାରିଲା ଭଳି ଠିଆ ହେଉଛନ୍ତି। ଏଭଳି କଦର୍ଯ୍ୟ ଶାସନ ମଡେଲ ବୋଧେ ଭାରତର କୌଣସି ରାଜ୍ୟରେ ନାହିଁ। ତେଣୁ ଅନ୍ୟକୁ


ପୃଥ୍ୱୀରାଜ ହରିଚନ୍ଦନ

ଆରୋପ କରିବା ପୂର୍ବରୁ ୨୩ ବର୍ଷ ଭିତରେ ବିଜେଡି ଓଡ଼ିଶା ପାଇଁ କ'ଣ କରିଛି ତାହାର ହିସାବ ଦେବା ଦରକାର ବୋଲି ପୃଥ୍ୱୀରାଜ କହିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ବିଭାଗୀୟ ମନ୍ତ୍ରୀ ଥିବାବେଳେ ପେଟ୍ରୋଲିୟମ ସେକ୍ଟରରେ ୨ ଲକ୍ଷ ୩ ହଜାର କୋଟି ଟଙ୍କାର ନିବେଶ ଓଡ଼ିଶାରେ ହୋଇଛି। ଏ କଥାକୁ ରାଜ୍ୟ ସରକାର ଅସ୍ୱୀକାର କରି ପାରିବେ କି ବୋଲି ପୃଥ୍ୱୀରାଜ ପ୍ରଶ୍ନ କରିଛନ୍ତି। ପଶ୍ଚିମ ଓଡ଼ିଶାର ବରଗଡ଼ରେ ୧୬୦୦ କୋଟି ଟଙ୍କାର ଇଥାନଲ ପ୍ଲାଣ୍ଟ ନିର୍ମାଣ କାମ ଶେଷ ସ୍ଥିତିରେ ପହଞ୍ଚିଛି। ବଲାଙ୍ଗୀର ଓ ରାୟଗଡ଼ାରେ ଗ୍ୟାସ ବଟଲିଙ୍ଗ ପ୍ଲାଣ୍ଟ ହୋଇଛି। ବଲାଙ୍ଗୀରରେ ଆଜି ଉଦ୍‌ଘାଟିତ ଇନଡୋର ଷ୍ଟାଡିୟମ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିଶ୍ରୁତି ପୂରଣର ଉଦାହରଣ ବୋଲି ସେ କହିଛନ୍ତି।


କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଦାରାମାୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ରବିବାର ବେଙ୍ଗାଲୁରୁରେ 'ଶକ୍ତି' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ମହିଳାମାନେ ମାଗଣାରେ ବସ୍ ଯାତ୍ରା କରିପାରିବେ।

# ଭବିଷ୍ୟତରେ ତାମିଲ ପ୍ରଧାନମନ୍ତ୍ରୀ ହୁଅନ୍ତୁ: ଶାହା

ଚେନ୍ନାଇ/ଭେଲୋର, ୧୧।୬

ଭବିଷ୍ୟତରେ ଜଣେ ତାମିଲ ଭାରତର ପ୍ରଧାନମନ୍ତ୍ରୀ ହେବା ଉଚିତ। ଅତୀତରେ ଡିଏମ୍‌କେ ଯୋଗୁ ଏପରି ସୁଯୋଗ ଦୁଇଥର ହାତଛଡ଼ା ହୋଇଛି ବୋଲି ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଚେନ୍ନାଇରେ ଆୟୋଜିତ ଭାଜପାର ଏକ ରୁଦ୍ଧଦ୍ୱାର ବୈଠକରେ ଶାହା ଦଳୀୟ କର୍ମକର୍ତ୍ତାମାନଙ୍କୁ ଆହୁରି କହିଥିଲେ, ୨୦୨୪ ଲୋକ ସଭା ନିର୍ବାଚନରେ ୨୦ରୁ ଅଧିକ ଆସନ ଦଖଲ ପାଇଁ କାର୍ଯ୍ୟ କରନ୍ତୁ। ଏହି ଲକ୍ଷ୍ୟ ହାସଲ ପାଇଁ ବୁଥ୍ କମିଟିଗୁଡ଼ିକୁ ମଜଭୁତ କରିବାକୁ ପଡ଼ିବ।

ଭେଲୋରରେ ଏକ ସଭାକୁ ସମ୍ବୋଧିତ କରି ଶାହା କହିଛନ୍ତି, କଂଗ୍ରେସ ଏବଂ ଡିଏମ୍‌କେ ପରିବାରବାଦ ରାଜନୀତି ଓ ଦୁର୍ନୀତିରେ ଲିପ୍ତ। ଏସବୁ ହେଲେ '୨ଜି, ୩ଜି, ୪ଜି' ଦଳ। ଜଣେ ଭୂମିପୁତ୍ରଙ୍କୁ କ୍ଷମତାସୀନ କରିବା ପାଇଁ ତାମିଲନାଡୁରେ ଏହି ଦଳଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ସମୟ ଉପନୀତ ବୋଲି ଶାହା କହିଛନ୍ତି।


ଅମିତ୍ ଶାହା

ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାଜପାର ମାସବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଶାହା ଦୁଇଦିନିଆ ଚେନ୍ନାଇ ଗସ୍ତରେ ଅଛନ୍ତି। ଶାହା ଶନିବାର ରାତିରେ ଗୁଇଣ୍ଡିସ୍ଥିତ ବିମାନବନ୍ଦରରେ ପହଞ୍ଚି ଏକ ହୋଟେଲକୁ ରହଣି ପାଇଁ ଯିବାବେଳେ ହଠାତ୍ ଷ୍ଟ୍ରିଟ୍‌ଲାଇଟ୍ ଚାଲିଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ଭାଜପା ଏବଂ ଡିଏମ୍‌କେ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ରାଜ୍ୟ ଭାଜପା ଉପାଧ୍ୟକ୍ଷ କାରୁ ନାଗରାଜନ୍ ବିକ୍ଷୋଭ ପ୍ରଦର୍ଶନ କରି କହିଥିଲେ, ଏପରି ଘଟଣା ସୁରକ୍ଷାରେ ତ୍ରୁଟିକୁ ଦର୍ଶାଉଛି। ଏହାର ଗମ୍ଭୀର ତଦନ୍ତ କରାଯିବା ଉଚିତ।

# ଅନ୍ୟ ରାଜ୍ୟ ପାଇଁ କେନ୍ଦ୍ର ଆଣିବ ଅଧ୍ୟାଦେଶ

## ମହା ସମାବେଶରେ ସତର୍କ କରାଇଲେ କେଜ୍‌ରିୱାଲ

ନୂଆଦିଲ୍ଲୀ, ୧୧।୬

ଦିଲ୍ଲୀର ସେବା ପ୍ରଶାସନକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଥିବାରୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଯଦି ଏବେ ଏହାକୁ ରୋକା ନ ଯାଏ, ତେବେ ଅନ୍ୟ ରାଜ୍ୟଗୁଡ଼ିକ ଲାଗି ମଧ୍ୟ ଅନୁରୂପ ଅଧ୍ୟାଦେଶ ଆସିବ ବୋଲି ସେ ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଆୟୋଜିତ ମହାରାଲିରେ ସତର୍କ କରାଇଦେଇଛନ୍ତି। କେଜ୍‌ରିୱାଲଙ୍କ ଏହି ମହା ସମାବେଶରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଏଏପି ମନ୍ତ୍ରୀ ଓ ବହୁସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଦିଲ୍ଲୀ ଜନସାଧାରଣଙ୍କ ଅଧିକାରକୁ ଛଡ଼ାଇ ନେବା ଲାଗି ମୋଦି ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିଦେଇଛନ୍ତି। ସ୍ୱାଧୀନତାର


ଅରବିନ୍ଦ କେଜ୍‌ରିୱାଲ

୭୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି। ଦେଶର ଗଣତନ୍ତ୍ର ଶେଷ ହେବାକୁ ବସିଥିବା କେଜ୍‌ରିୱାଲ କହିଛନ୍ତି। ଦିଲ୍ଲୀରେ ଏକଚ୍ଛତ୍ରବାଦ ଚାଲିବ ଏବଂ ଉପରାଜ୍ୟପାଳ ସର୍ବେସର୍ବା ହେବେ। ଜନସାଧାରଣ ଯାହାଙ୍କୁ ଭୋଟ ଦିଅନ୍ତୁ ନା କାହିଁକି, ଦିଲ୍ଲୀକୁ କେନ୍ଦ୍ର ଶାସନ କରିବ ବୋଲି କେଜ୍‌ରିୱାଲ କହିଥିଲେ। ଜାତୀୟ ରାଜଧାନୀରେ କାମ ବନ୍ଦ କରିଦେବା ପାଇଁ ଏଏପି ନେତା ମନୀଷ ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କୁ ଗିରଫ କରାଯାଇଛି। ଆମ ପାଖରେ ଶହେ ସିସୋଡିଆ ଓ ଶହେ ଜୈନ ଅଛନ୍ତି। ସେମାନେ କାମ ଜାରି ରଖିବେ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଦ୍ରାସ୍ଫୀତି ଏବଂ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦର ବୃଦ୍ଧିକୁ ସେ ସମାଲୋଚନା କରିଛନ୍ତି।

ଭାଜପାକୁ ଭାରତୀୟ ଯୋଗାଡ଼ ପାର୍ଟି ବୋଲି ଅଭିହିତ କରି ପଞ୍ଜାବ ମୁଖ୍ୟମନ୍ତ୍ରୀ ମାନ୍ କହିଥିଲେ, ଅନ୍ୟ କୌଣସି ଦଳ ସରକାର ଗଢ଼ିବା ଭାଜପା ଚାହେଁନାହିଁ। କୌଣସି ରାଜ୍ୟରେ ଏହି ଦଳ ସରକାର ଗଢ଼ିବାରେ ବିଫଳ ହେଲେ, କୌଣସି ପ୍ରକାରେ କ୍ଷମତା ଦଖଲ ପାଇଁ ଯୋଗାଡ଼ କରିଥାଏ ବୋଲି ସେ କହିଛନ୍ତି। କେଜ୍‌ରିୱାଲ ଦିଲ୍ଲୀ ମୁଖ୍ୟମନ୍ତ୍ରୀ। ଯଦି ସେ କାମ କରି ନ ପାରିବେ, ଅଫିସରଙ୍କୁ ନିର୍ଦ୍ଦେଶ ଦେଇ ନ ପାରିବେ କି ନିଲମ୍ବନ କରି ନ ପାରିବେ, ତେବେ ବ୍ୟବସ୍ଥା କିପରି ଚାଲିବ ବୋଲି ମାନ୍ ପ୍ରଶ୍ନ କରିଥିଲେ।


# Classified Everyday 0674-2580101, 2549949


REAL ESTATE

SALE

Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner). D-0535

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870


CONSTRUCTION

Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469. D-74862

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Relax, Refresh your Body, Mind at Saikrupa Spa with best therapies. 8984068077. D-0536

Newly open Spa Positively Health benefits with expert therapist. 9040286886. D-75115

Newly open health benefits SPA special offer @ 799 Jaydev Vihar. 8018429809. D-75117

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-74692

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Newly open SPA positively health benefit with expert. Contact: 7749976301. D-74546

Newly open health benefits Spa special offer @ 799, Master canteen. 9124527173. D-75116

AFFIDAVIT

By virtue of an affidavit, Sworn before the Notary Public, Bhubaneswar, vide Sl. No. 345 dt. 06.06.2023, I, Sujata Mishra @ Mohapatra has changed my Surname from Mohapatra to Nanda, appropose to my marriage with Mr. Prabodh Kumar Nanda. This is also to certify that Sujata Nanda, Sujata Mohapatra and Sujata Mishra is one and same person, i. e. myself. Henceforth I shall be known as Sujata Nanda, D/o Lingaraj Mohapatra, W/o Mr. Prabodh Kumar Nanda for all purposes and records. D-0566

ମନେ ପଡ଼ନ୍ତି

୧୮ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଅନାଦି ଚରଣ ସିଂହ
(ବରିଷ୍ଠ ଦଲିଲ ଲେଖକ)
ପାଞ୍ଚକାହାଣିଆ, ଢେଙ୍କାନାଳ
ଆବିର୍ଭାବ- ୦୧।୦୭।୧୯୧୮
ତିରୋଧାନ- ୧୬।୦୬।୨୦୦୫
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୭୪୦୭୨


# ବିଜୁଳି କାଟ୍ ନେଇ ସରକାରଙ୍କ ଉପରେ ବର୍ଷିଲେ ବିରୋଧୀ

- ବିତରଣ କମ୍ପାନୀ ପ୍ରବକ୍ତା ଭାବେ ମନ୍ତ୍ରୀଙ୍କ ଭୂମିକା ସାମ୍ନାକୁ ଆସୁଛି: ଭାଜପା
- ଟାଟା ପାୱାର ଜାଣିଶୁଣି ବିଦ୍ୟୁତ୍ କାଟ କରୁଛି: କଂଗ୍ରେସ

ଭୁବନେଶ୍ୱର, ୧୧।୬(ବ୍ୟୁରୋ)

ଅସହ୍ୟ ଗରମ ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଯେତେ କଷ୍ଟ ଦେଇନି, ଅଘୋଷିତ ବିଜୁଳି କାଟ ଅଧିକ ଯନ୍ତ୍ରଣା ଦେଉଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଜୁଳି କାଟ୍‌କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସମୟରେ ଶକ୍ତି ମନ୍ତ୍ରୀ ପ୍ରତାପ ଦେବଙ୍କ ଅଯୌକ୍ତିକ ମନ୍ତବ୍ୟ ଓ ଆଚରଣ ସମସ୍ତଙ୍କୁ ଆଚମ୍ବିତ କରିଛି। ଅଘୋଷିତ ବିଜୁଳି କାଟ୍‌କୁ ନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଘର ସମେତ ସଚିବାଳୟ, ବିଧାନସଭା, କ୍ୟାପିଟାଲ ହସ୍ପିଟାଲ ଅନ୍ଧାର ଯୋଗୁ ସମସ୍ତଙ୍କ ନିଦ ହଜିଯାଇଛି। ଅନ୍ୟପଟେ ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ଯାଇ ଶକ୍ତିମନ୍ତ୍ରୀ ଗୋଟିଏ ପରେ ଗୋଟିଏ ଗାଲୁମାରି ଚାଲିଛନ୍ତି। ରାଜ୍ୟ ସରକାରଙ୍କ ନୁହେଁ ବରଂ ବିତରଣ କମ୍ପାନୀର ପ୍ରବକ୍ତା ଭାବେ ମନ୍ତ୍ରୀଙ୍କ ଭୂମିକା ସାମ୍ନାକୁ ଆସିଛି। ଓଡ଼ିଶା ସରକାରଙ୍କ ବିଦ୍ୟୁତ୍ ବିଭାଗ ସମ୍ବେଦନହୀନ ଏବଂ ଶକ୍ତିମନ୍ତ୍ରୀଙ୍କ ଶକ୍ତିହରଣ ହୋଇଯାଇଛି। ରାଜ୍ୟବାସୀଙ୍କ ସ୍ୱାର୍ଥ ଅପେକ୍ଷା ଟାଟା ପାୱାର ସ୍ୱାର୍ଥ ରକ୍ଷା ପାଇଁ ମନ୍ତ୍ରୀ କାର୍ଯ୍ୟ କରୁଛନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ରବିବାର କହିଛନ୍ତି।

କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ବିଦ୍ୟୁତ୍ କାଟ୍ ଏକ ବଡ଼ ସମସ୍ୟା ହୋଇ ରାଜ୍ୟବାସୀଙ୍କ ପାଖରେ ଠିଆ ହେଲାଣି। ଲୋକଙ୍କ ପାଖରେ ଯେତେବେଳେ ବିଦ୍ୟୁତ୍ ଦରକାର ସେମାନେ ପାଉନାହାନ୍ତି। ଅଘୋଷିତ ବିଦ୍ୟୁତ୍ କାଟ୍‌ରେ ଲୋକେ ହନ୍ତସନ୍ତ ହେଲେଣି। କାହିଁକି ନା ଲୋକମାନେ ଜାଣିପାରୁନାହାନ୍ତି ବିଦ୍ୟୁତ୍ କାଟ କେତେବେଳେ ହେବ ବା ନ ହେବ। ବର୍ଷା, ପବନ ବାହାନା ଦେଖାଇ ସେହି ସମୟରେ ବିଦ୍ୟୁତ୍ କାଟ ହେବା କଥା କୁହାଯାଉଛି। ହେଲେ ଖରା ସମୟରେ ବି ବିଦ୍ୟୁତ୍ କାଟ୍ ହେଉଛି। କେତେବେଳେ ଯାଉଛି କେବେ ରହୁଛି ତା'ର ଠିକଣା ରହୁନି। ଟାଟା ପାୱାର ଜାଣିଶୁଣି ବିଦ୍ୟୁତ୍ କାଟ କରୁଥିବା କୁହାଯାଉଛି। ବିଦ୍ୟୁତ୍ କାଟ୍ ହେଲେ ଲୋକେ ଜେନ୍‌ସେଟ୍, ଇନ୍‌ଭର୍ଟର କିଣିବା ଲାଗି ବାଧ୍ୟ ହେବେ। ସେହି କମ୍ପାନୀ ଏବଂ ଟାଟା ପାୱାର ଭିତରେ ସଲାସୁତୁରା କି ଭିତିରି ବୁଝାମଣା ରହିଥିବା ନେଇ ମଧ୍ୟ କଥା ଉଠୁଛି।

# ଭାରତ ଆଜି ଭାନୁଆଟୁକୁ ଭେଟିବ

ଭୁବନେଶ୍ୱର, ୧୧।୬
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ୩୦ରେ ଲେବାନନ୍ ବିପକ୍ଷରେ ଖେଳିବ ମଙ୍ଗୋଲିଆ। ସନ୍ଧ୍ୟା ୭ଟା ୩୦ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ୍‌ରେ ଭାନୁଆଟୁକୁ ଭେଟିବ। ଗତ ଶୁକ୍ରବାର ଭାରତ ଏହାର ପ୍ରଥମ ମ୍ୟାଚରେ ମଙ୍ଗୋଲିଆକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଭାନୁଆଟୁକୁ ହରାଇପାରିଲେ ସିଧାସଳଖ ଫାଇନାଲରେ ପ୍ରବେଶ କରିବ। ତେଣୁ ତୃତୀୟ ମ୍ୟାଚ୍‌କୁ ଅପେକ୍ଷା କରିବା ଅପେକ୍ଷା ଆଗାମୀ ମ୍ୟାଚ୍ ଜିତି ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି ଇଗର ଷ୍ଟିମାକ୍‌ଙ୍କ ପ୍ରଶିକ୍ଷଣପ୍ରାପ୍ତ ଘରୋଇ ଦଳ। ପୂର୍ବ ମ୍ୟାଚ୍‌ରେ ଭାରତ ପକ୍ଷରୁ ସହଲ ଅବଦୁଲ ସମଦ ଦ୍ୱିତୀୟ ଏବଂ ଲାଲିଆଞ୍ଜୁଆଲା ଚାଙ୍ଗଟେ ୧୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେଣୁ ଏହି ଦୁଇ ଖେଳାଳିଙ୍କ ଉପରେ ନିଶ୍ଚିତ ବିପକ୍ଷ ଦଳର ନଜର ରହିବ। ଅନ୍ୟପକ୍ଷରେ ଭାନୁଆଟୁ ନିଜର ପ୍ରଥମ ମ୍ୟାଚ୍‌ରେ ଲେବାନନ୍‌ଠାରୁ ୧-୩ ଗୋଲରେ ହାରିଯାଇଥିଲା। ତେଣୁ ଆଗାମୀ ମ୍ୟାଚ୍ ଏହି ଦଳ ପାଇଁ ଅନେକ ଗୁରୁତ୍ୱ ବହନ କରୁଛି। ବିଜୟୀ ହେଲେ ଭାନୁଆଟୁ ଫାଇନାଲ ଦୌଡ଼ରେ ରହିବ, ନଚେତ ଲିଗ୍ ପର୍ଯ୍ୟାୟରୁ ବିଦାହେବ। ଦେଖିବାକୁ ଗଲେ ଭାରତ ନିଜର ପ୍ରଥମ ମ୍ୟାଚ୍‌ରେ ୧୪ ମିନିଟ ମଧ୍ୟରେ ଯାହା ଗୋଲ ସ୍କୋର କରିଥିଲା। ଖେଳର ଅବଶିଷ୍ଟ ଭାଗରେ ଦଳ ପ୍ରତିପକ୍ଷ ରକ୍ଷଣଭାଗ ଭେଦ କରିବାରେ ସଫଳ ହୋଇ ନ ଥିଲା। ତେଣୁ ଏହାକୁ ଦୃଷ୍ଟିରେ ରଖି ଭାନୁଆଟୁ ବିପକ୍ଷ ମ୍ୟାଚ୍ ଖେଳିବାକୁ ପଡ଼ିବ। କାରଣ ମ୍ୟାଚ୍ ହାରିଥିଲେ ମଧ୍ୟ ଭାନୁଆଟୁ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲା। ତେଣୁ ଏହି ଦଳକୁ କେବେ ହାଲ୍‌କାଭାବେ ନେଇହେବନି। ଭାରତୀୟ ସିନିୟର ପୁରୁଷ ଫୁଟବଲ ଦଳ ପ୍ରଥମଥର ପାଇଁ ଭାନୁଆଟୁକୁ ଭେଟିବ। ୧୮ ବର୍ଷରୁ କମ୍ ଭାରତୀୟ ଦଳ ୨୦୧୯ରେ ଭାନୁଆଟୁ ଗସ୍ତ କରିଥିଲା। ସେତେବେଳେ ପୋର୍ଟ ଭିଲାରେ ଓଏଫ୍‌ସି ୟୁଥ୍ ଡେଭଲପ୍‌ମେଣ୍ଟ ଟୁର୍ନାମେଣ୍ଟ ଟାଇଟଲ ଜିତିବା ପଥରେ ଭାରତୀୟ ଦଳ ୧-୦ ଗୋଲରେ ଭାନୁଆଟୁକୁ ପରାସ୍ତ କରିଥିଲା। ଏହି ଦଳର ସଦସ୍ୟ ଥିବା ଆକାଶ ମିଶ୍ର ଏକମାତ୍ର ଏବେ ଭାରତୀୟ ଦଳରେ ଖେଳୁଛନ୍ତି।



ଟ୍ରେନିଂ ସେସନରେ ଭାରତୀୟ ଦଳର ୱାର୍ମଅପ୍।

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

# ‘ଆର୍ଦ୍ର ପରିବେଶରୁ ଭାରତକୁ ଫାଇଦା ମିଳିବ’

ଭୁବନେଶ୍ୱର, ୧୧।୬
(କ୍ରୀଡ଼ା ପ୍ରତିନିଧି)

ଇଣ୍ଟରକଣ୍ଟିନେଣ୍ଟାଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତର ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ଭାନୁଆଟୁ ହୋଇଥିବାରୁ ଭୁବନେଶ୍ୱରର ଆର୍ଦ୍ର ପରିବେଶରୁ ଘରୋଇ ଦଳକୁ ଫାଇଦା ମିଳିବ ବୋଲି ଅନୁଭବ କରୁଛନ୍ତି ମୁଖ୍ୟ କୋଚ୍ ଇଗର ଷ୍ଟିମାକ୍। ମଙ୍ଗୋଲିଆ ବିପକ୍ଷରେ ଭାରତ ୨-୦ ଗୋଲରେ ବିଜୟୀ ହୋଇଥିବାରୁ ଆଗାମୀ ମ୍ୟାଚ୍‌ରେ ସେ ଦଳଠାରୁ ଅଧିକ ଗୋଲ ଆଶା କରୁଛନ୍ତି। “ପ୍ରଥମ ମ୍ୟାଚ୍‌ରେ ଆମ ଖେଳାଳିଙ୍କ ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟରେ ମୁଁ ପ୍ରଭାବିତ ହୋଇଛି। ଆମେ ଟ୍ରେନିଂ ସେସନରେ ଏପରି ଅଭ୍ୟାସ କରିଥିଲୁ। ଭୁବନେଶ୍ୱରର ପରିବେଶ ଏବେ ଉଷ୍ମ ଏବଂ ଆର୍ଦ୍ର। ତେଣୁ ଭ୍ରମଣକାରୀ ଦଳକୁ ଏହା ସହିତ ଖାପ ଖୁଆଇବା ସହଜ ହେବନି। ଖେଳବେଳେ ପଡ଼ିଆରେ ନିଶ୍ଚିତ ଏହାର ପ୍ରଭାବ ପଡ଼ିବ। ଆମେ ଏଠାରେ ଗତ ୩ ସପ୍ତାହରୁ ଊର୍ଦ୍ଧ୍ୱ ଟ୍ରେନିଂ ଜାରି ରଖିଛୁ। ତେଣୁ ଏଥିରୁ ନିଶ୍ଚିତ ଫାଇଦା ମିଳିବ। ଭାନୁଆଟୁ-ଲେବାନନ୍ ମ୍ୟାଚ୍‌ରେ ଆମେ ଏପରି କିଛି ଦେଖିବାକୁ ପାଇଥିଲୁ। ପ୍ରଥମାର୍ଦ୍ଧରେ କେତେକ ଖେଳାଳି ଆହତ ହୋଇଯାଇଥିଲେ। ତେଣୁ ପରିବେଶ ସହିତ ଖାପ ଖୁଆଇବା କଷ୍ଟକର ହେଉଥିବା ସ୍ପଷ୍ଟ” ବୋଲି ଷ୍ଟିମାକ୍ ପ୍ରକାଶ କରିଛନ୍ତି। ଲେବାନନ୍ ବିପକ୍ଷ ମ୍ୟାଚ୍‌ରେ ଆମେ ଭାନୁଆଟୁର ପ୍ରଦର୍ଶନକୁ ଦେଖିଛୁ। ଶାରୀରିକଭାବେ ଏହି ଦଳ ବେଶ୍ ଦକ୍ଷ। ତେବେ ଏହାର ଶକ୍ତିଶାଳୀ ଦିଗ ଏବଂ ଦୁର୍ବଳତା ରହିଛି। ଏହାକୁ ଲକ୍ଷ୍ୟରେ ରଖି ଆମେ ଆଗାମୀ ମ୍ୟାଚ୍ ଖେଳିବୁ ବୋଲି ଷ୍ଟିମାକ୍ କହିଛନ୍ତି।



ଅଧିନାୟକ ସୁନୀଲ ଛେତ୍ରୀଙ୍କ ସହ କୋଚ୍ ଇଗର ଷ୍ଟିମାକ୍।

## ଏସିଆରେ ଖେଳିବା ଚ୍ୟାଲେଞ୍ଜପୂର୍ଣ୍ଣ

ନିଜର ପ୍ରଥମ ମ୍ୟାଚ୍‌ରେ ଲେବାନନ୍‌ଠାରୁ ହାରିଥିଲେ ହେଁ ଦଳର ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ଅଛନ୍ତି ଭାନୁଆଟୁ କୋଚ୍ ଇଟିନେ ମେର୍ମେର। “ଲେବାନନ୍ ବିପକ୍ଷ ମ୍ୟାଚ୍ କଷ୍ଟସାଧ୍ୟ ହେବବୋଲି ଆମେ ଜାଣିଥିଲୁ। ମାତ୍ର ଏହା ଏକ ଭଲ ମ୍ୟାଚ୍ ଥିଲା। ଆମ ଦଳର ଖେଳାଳିମାନେ ଏହି ଗେମ୍‌ରୁ ଅନେକ ଅଭିଜ୍ଞତା ଆହରଣ କଲେ। ଆମେ ପୂର୍ବରୁ କେବେହେଲେ ଭାରତ, ଲେବାନନ୍ କିମ୍ବା ମଙ୍ଗୋଲିଆ ପରି ଦଳ ବିପକ୍ଷରେ ଖେଳିନାହୁଁ। ଏସିଆରେ ଖେଳିବା ସବୁବେଳେ ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଥାଏ। ଏଠାକାର ଷ୍ଟାଡିୟମ ବହୁତ ଭଲ। ଏଭଳି ପରିବେଶରେ ଖେଳିବା ଦ୍ୱାରା ଖେଳାଳିମାନଙ୍କୁ ନୂଆ ଅଭିଜ୍ଞତା ମିଳିଲା। ଭାନୁଆଟୁରେ ଏପରି ସୁବିଧା ସୁଯୋଗ ନାହିଁ। ଆମେ ଏଠାରେ ଖେଳକୁ ଉପଭୋଗ କରୁଛୁ ଏବଂ ଭାରତ ବିପକ୍ଷ ମ୍ୟାଚ୍‌କୁ ଆଗ୍ରହର ସହ ଅପେକ୍ଷା କରିଛୁ” ବୋଲି ମେର୍ମେର ପ୍ରକାଶ କରିଛନ୍ତି। ଆମ ଦଳରେ କେବଳ ୩ ଜଣଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ଲୋକାଲ ଖେଳାଳି। ୨ ଜଣ ଫରୱାର୍ଡ ଆଜାରିଆ ସୋରୋମନ ଓ ଆଲେକ୍ସ ସାନେଲ ଫିଜିରେ ସୁଭା ଏଫ୍‌ସି ପକ୍ଷରୁ ଏବଂ ଅଧିନାୟକ ବ୍ରାଏନ କାଲ୍‌ଟାକ୍ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ପକ୍ଷରୁ ଏ-ଲିଗ୍‌ରେ ଖେଳୁଛନ୍ତି। ସମସ୍ତ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମେର୍ମେର କହିଛନ୍ତି।

# ଫାୟାର ଆର୍ମ ଟ୍ରେନିଂରେ ୨୪ ଉତ୍ତୀର୍ଣ୍ଣ



ଫାୟାର ଆର୍ମ ଟ୍ରେନିଂରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ସହ କର୍ମକର୍ତ୍ତା।

ଭୁବନେଶ୍ୱର, ୧୧।୬ (ସ୍ପୋର୍ଟ୍ସ ବ୍ୟୁରୋ)

କଳିଙ୍ଗ ଷ୍ଟାଡିୟମସ୍ଥିତ ୫୦ ମିଟର ଫାୟାର ଆର୍ମ ଶୁଟିଂ ରେଞ୍ଜଠାରେ ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ୯ ତାରିଖରୁ ଚାଲିଥିବା ଫାୟାର ଆର୍ମ ଟ୍ରେନିଂ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୨୪ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହେବା ସହ ସାର୍ଟିଫିକେଟ ହାସଲ କରିଛନ୍ତି। ଶିବିରରେ ଓଡ଼ିଶା ରାଇଫଲ ଆସୋସିଏଶନର ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ ଓ ଆଇଏସ୍ଏସ୍ଏଫ୍ କୋଚ୍ ଆଶିଷ ନାୟକ ପ୍ରଶିକ୍ଷଣ ଦେଇଥିଲେ। ୩ ଦିନିଆ ପ୍ରଶିକ୍ଷଣ ଶିବିରରେ ପରୀକ୍ଷାର୍ଥୀଙ୍କୁ ରାଇଫଲ, ପିସ୍ତଲ, ଶଟଗନ୍ ସମ୍ବନ୍ଧୀୟ ଜ୍ଞାନ ବ୍ୟବହାର ବିଧି, ସୁରକ୍ଷା ନିୟମ ବନ୍ଧୁକର ଯତ୍ନ ସହ ବନ୍ଧୁକ ଚାଳନା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କୃତୀ ଶିବିରାର୍ଥୀମାନଙ୍କୁ ଓଡ଼ିଶା ରାଇଫଲ ଆସୋସିଏଶନ ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଗୌରୀ ମହାନ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ରାଜ୍ୟ ସଂଘ ସମ୍ପାଦକ ଅନଙ୍ଗ ଉଦୟ ସିଂଦେଓ ଏବଂ ରାଜ୍ୟ ରାଇଫଲ ସଂଘର ପୃଷ୍ଠପୋଷକ ତଥା ଜାତୀୟ ରାଇଫଲ ସଂଘର ବରିଷ୍ଠ ଉପସଭାପତି କଳିକେଶ ନାରାୟଣ ସିଂଦେଓ ଏବଂ ଉପସଭାପତି ରୋମିଓକାନ୍ତ ନନ୍ଦ ଶୁଭେଚ୍ଛା ଜଣାଇଛନ୍ତି।





ମହିଳା ଜୁନିୟର ଏସିଆ କପ୍ ହକି ଟାଇଟଲ ଜିତିବାପରେ ଉଲ୍ଲସିତ ଭାରତୀୟ ଖେଳାଳି।

# ଭାରତକୁ ପ୍ରଥମ ଟାଇଟଲ

## ମହିଳା ଜୁନିୟର ଏସିଆ କପ୍ ହକି

■ ଖେଳାଳିଙ୍କୁ ୨ ଲକ୍ଷ, ସପୋର୍ଟ ଷ୍ଟାଫ୍‌ଙ୍କୁ ୧ ଲକ୍ଷ

କାକାମିଗହରା (ଜାପାନ), ୧୧।୬(ପି.ଟି.)

ଜାପାନରେ ଅନୁଷ୍ଠିତ ମହିଳା ଜୁନିୟର ଏସିଆ କପ୍ ହକିରେ ଭାରତ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୨-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଏହାସହିତ ପ୍ରଥମଥର ପାଇଁ ଭାରତ ମହିଳା ଜୁନିୟର ଏସିଆ କପ୍ ହକି ଟାଇଟଲ ହାସଲ କରିଛି। ଶେଷଥର ପାଇଁ ଭାରତ ୨୦୧୨ ମସିହା ଫାଇନାଲରେ ପ୍ରବେଶ କରିଥିବା ବେଳେ ଚାଇନା ନିକଟରୁ ହାରି ରନର ଅପ୍ ହୋଇଥିଲା। ରବିବାର ଭାରତ ପକ୍ଷରୁ ଅନ୍ନୁ (୨୨ ମିନିଟ) ଓ ନୀଲମ୍(୪୧ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ଦକ୍ଷିଣ କୋରିଆ ପକ୍ଷରୁ ପାର୍କ ସେଓ ୟେଓନ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ।

ରବିବାର ମ୍ୟାଚ୍‌ରେ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଉଭୟ ଦଳ ସ୍କୋର କରିବାକୁ ପ୍ରୟାସ କରିଥିବା ବେଳେ ଭାରତକୁ ୨୨ତମ ମିନିଟରେ ପ୍ରଥମ ସଫଳତା ମିଳିଥିଲା। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ଅନ୍ନୁ। ଏହାର ୩ ମିନିଟ୍ ମଧ୍ୟରେ କୋରିଆ ପକ୍ଷରୁ ପାର୍କ ସେଓ ୟେଓନ୍ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ମ୍ୟାଚ୍ ୧-୧ରେ ରହିଥିଲା। ପରବର୍ତ୍ତୀ କ୍ୱାର୍ଟରରେ ଭାରତ ପକ୍ଷରୁ ନୀଲମ ଆଉ ପେନାଲ୍ଟି କର୍ନରରୁ ଭାରତ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ୪୧ତମ ମିନିଟରେ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ସେ ପ୍ରତିପକ୍ଷ ଗୋଲିଙ୍କୁ ପରାସ୍ତ କରିଥିଲେ। ଦକ୍ଷିଣ କୋରିଆ ନିକଟରେ ଗୋଲ ସ୍କୋର କରିବାର ଅନେକ ସୁଯୋଗ ଆସିଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗ ଖେଳାଳି ଏହାକୁ ପଣ୍ଡ କରିଦେଇଥିଲେ। ଭାରତୀୟ ଅଧିନାୟିକା ପ୍ରୀତିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ହକି ଇଣ୍ଡିଆର ଆର୍ଥିକ ପୁରସ୍କାର: ମହିଳା ଜୁନିୟର ଏସିଆ କପ୍ ହକିରେ ଚାମ୍ପିୟନ ଭାରତୀୟ ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ଅର୍ଥ ପୁରସ୍କାର ଘୋଷଣା କରିଛି ହକି ଇଣ୍ଡିଆ। ସମସ୍ତ ଖେଳାଳିଙ୍କ ପାଇଁ ୨ ଲକ୍ଷ ଓ ସପୋର୍ଟ ଷ୍ଟାଫ୍‌ଙ୍କ ନିମନ୍ତେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ଭାରତ ଏହି ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ବେଳେ ୨୦୨୩ରେ ଚିଲିରେ ହେବାକୁ ଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ମଧ୍ୟ ଅର୍ଜନ କରିଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପୁରସ୍କାର ରାଶି ଘୋଷଣା କରିବା ସହିତ ଭାରତୀୟ ହକି ପାଇଁ ଏହା ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଆର୍ଜେଣ୍ଟିନାକୁ ୨-୧ରେ ହରାଇଲା ଭାରତ

## ପ୍ରୋ ଲିଗ୍ ହକି

ଇଣ୍ଡୋଭେନ୍, ୧୧।୬(ପି.ଟି)

ଆର୍ଜେଣ୍ଟିନା ବିପକ୍ଷରେ ବିଜୟ ସହିତ ୨୦୨୨-୨୩ ପ୍ରୋ ଲିଗ୍ ହକି ସିଜନ ଶେଷ କରିଛି ଭାରତ। ନେଦରଲାଣ୍ଡ୍ସ ବିପକ୍ଷ ପରାଜୟ ପରେ ଭାରତୀୟ ଦଳ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହିତ ୨-୧ରେ ବିଜୟୀ ହୋଇଛି। ଭାରତ ପକ୍ଷରୁ ଆକାଶଦୀପ ସିଂ(୧ମ ମିନିଟ) ଓ ସୁଖଜିତ ସିଂ(୧୩ତମ ମିନିଟ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ଆର୍ଜେଣ୍ଟିନା ପକ୍ଷରୁ ଟୋସ୍କାନି ଲୋକାସ (୫୭ ମିନିଟ)ଗୋଲ ଦେଇଥିଲେ।

ସିଜନର ଅନ୍ତିମ ମ୍ୟାଚରେ ଭାରତ ପ୍ରଥମ ମିନିଟରୁ ଆକ୍ରମଣ କରିଥିଲା। ମ୍ୟାଚର ପ୍ରଥମ ମିନିଟରେ ଗୋଲ ସ୍କୋର କରିବା ସହତ ଆକାଶଦୀପ ଆର୍ଜେଣ୍ଟିନାକୁ ଚକିତ କରି ଦେଇଥିଲେ। ମ୍ୟାଚ୍‌ର ୧୩ତମ ମିନିଟରେ ସୁଖଜିତ ସିଂ ଆଉ ଏକ ଗୋଲ ସ୍କୋର କରିଥିଲେ। ପ୍ରଥମ କ୍ୱାର୍ଟର ସୁଦ୍ଧା ଭାରତ ୨-୦ରେ ଆଗୁଆ ରହିଥିବା ବେଳେ ପରବର୍ତ୍ତୀ ଦୁଇ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା। ଅନ୍ତିମ କ୍ୱାର୍ଟରରେ ଆର୍ଜେଣ୍ଟିନାର ଟୋସ୍କାନି ଲୋକାସ ଏକମାତ୍ର ଗୋଲ ଦେଇଥିଲେ। ପରବର୍ତ୍ତୀ ଅଢେଇ ମିନିଟରେ ଦଳ ପକ୍ଷରୁ ଗୋଲ ପରିଶୋଧର ପ୍ରୟାସ କରାଯାଇଥିଲେ ମଧ୍ୟ ସଫଳତା ମିଳି ନ ଥିଲା। ୧୬ ମ୍ୟାଚ୍‌ରୁ ୩୦ ପଏଣ୍ଟ ସହିତ ଭାରତ ପଏଣ୍ଟ ଟେବୁଲରେ ପ୍ରଥମ ସ୍ଥାନରେ ରହିଛି।



ଆର୍ଜେଣ୍ଟିନା ବିପକ୍ଷ ପ୍ରୋ ଲିଗ୍ ହକି ମ୍ୟାଚ୍‌ରେ ଗୋଲ୍ ସ୍କୋର ପରେ ଭାରତୀୟ ଖେଳାଳି ଖୁସି ମନାଉଛନ୍ତି।

# ହିଏ-ୱାଙ୍ଗଙ୍କୁ ମହିଳା ଡବଲ୍ସ ଟାଇଟଲ

ପ୍ୟାରିସ, ୧୧।୬: ତାଇୱାନର ହିଏ ସୁ ୱେଇ ଓ ଚାଇନାର ୱାଙ୍ଗ୍ ଜିନ୍ୟୁ ଫ୍ରେଞ୍ଚ ଓପନ ଟେନିସ ମହିଳା ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ରବିବାର ସେମାନେ ୟୁଏସ୍-କାନାଡିଆନ ଯୋଡ଼ି ଟେଲର ଟାଉନ୍‌ସେଣ୍ଡ ଓ ଲେଲା ଫର୍ନାଣ୍ଡିଜଙ୍କୁ ୧-୬, ୭-୬ (୭/୫), ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ଦୁଇ ଯୋଡ଼ିଙ୍କ ଏହା ଦ୍ୱିତୀୟ ଟୁର୍ନାମେଣ୍ଟ ଥିଲା। ସିଜନରେ ସେମାନେ ପ୍ରଥମ ଥର ଏକ ଟାଇଟଲ ହାତେଇବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ ୧୦ମ ସିଡ୍ ଟାଉନସେଣ୍ଡ/ଫର୍ନାଣ୍ଡିଜଙ୍କୁ ହରାଇବା ପୂର୍ବରୁ ସେମାନେ ଟୁର୍ନାମେଣ୍ଟରେ ୫ମ ସିଡ ଯୋଡ଼ି ସ୍କର୍ସ /କ୍ରାସିଜିକ୍, ୬ଷ୍ଠ ସିଡ ମେଲିଚାର-ମାର୍ଟିନେଜ/ପେରେଜ, ୯ମ ସିଡ୍ ଝାଙ୍ଗ୍/ ମ୍ଲାଡେନୋଭିଚ୍ ଏବଂ ୧୫ତମ ସିଡ୍ କୁଦରମେଟୋଭା/ ସାମ୍‌ସୋନୋଭାଙ୍କୁ ହରାଇଥିଲେ।

# ଅଷ୍ଟ୍ରେଲିଆକୁ ଟେଷ୍ଟ ଚାମ୍ପିୟନଶିପ୍

## ପ୍ରଥମ ଦଳ ଭାବେ ଜିତିଲା ସମସ୍ତ ଆଇସିସି ଟ୍ରଫି



ଆଇସିସି ଟେଷ୍ଟ ମେସ୍ ସହ ଅଷ୍ଟ୍ରେଲିଆ ଦଳ।

ଦି ଓଭାଲ, ୧୧।୬(ପି.ଟି.)

ଇଂଲଣ୍ଡର ଦ ଓଭାଲଠାରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ଫାଇନାଲକୁ ଜିତି ନେଇଛି ଅଷ୍ଟ୍ରେଲିଆ। ଭାରତକୁ ୨୦୯ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରିବା ସହିତ ଡବ୍ଲ୍ୟୁଟିସିର ଦ୍ୱିତୀୟ ସଂସ୍କରଣ କରାୟତ୍ତ କରିଛି ପ୍ୟାଟ୍ କୁମିନ୍ସଙ୍କ ଦଳ। ପଞ୍ଚମ ଦିବସରେ ଭାରତକୁ ବିଜୟ ପାଇଁ ୨୮୦ ରନ୍ ଆବଶ୍ୟକ ଥିବା ବେଳେ ଅଷ୍ଟ୍ରେଲିଆକୁ ଦରକାର ଥିଲା ୭ ଉଇକେଟ। ଭାରତୀୟ ବ୍ୟାଟର ଗୋଟିଏ ସେସନ୍ ମଧ୍ୟ ସମ୍ପୂର୍ଣ୍ଣ କରି ନ ପାରି ଦଳ ମାତ୍ର ୨୩୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ପ୍ରଥମ ଇନିଂସ୍‌ରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଶତକ ବଳରେ ୪୬୯ ରନ୍ କରିଥିଲା। ଜବାବରେ ଭାରତ ୨୯୬ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ୧୭୩ ରନ୍‌ରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ୨୭୦/୮ରେ ଇନିଂସ୍ ଘୋଷଣା କରିଥିଲା। ତେବେ ୪୪୪ ରନ୍‌ର ଲକ୍ଷ୍ୟ ନେଇ ଖେଳିଥିବା ଭାରତ ମାତ୍ର ୨୩୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜଣେହେଲେ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ନ ଥିବା ବେଳେ ବିରାଟ କୋହଲି ସର୍ବାଧିକ ୪୯ ରନ୍ କରିଥିଲେ।

ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୬୪/୩ରୁ ଖେଳ ଆରମ୍ଭ କରିଥିଲା ଭାରତ। ଦୁଇ ଅପରାଜିତ ବ୍ୟାଟର ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ଉଭୟ ଖେଳାଳି ରବିବାର ସକାଳୁ ୧୫ ରନ୍ ଯୋଡ଼ିଥିବା ବେଳେ ବାହାର ବଲ୍‌କୁ ଛାଡୁଥିଲେ। ତେବେ ସ୍କଟ୍ ବୋଲାଣ୍ଡଙ୍କୁ କଭର ଡ୍ରାଇଭ୍ ମାରିବା ପ୍ରୟାସରେ ବିରାଟ ୪୯ ରନ୍ କରି ଦ୍ୱିତୀୟ ସ୍ଲିପ୍‌ରେ କ୍ୟାଚ୍ ହୋଇଥିଲେ। ଭାରତର ଟପ୍ ସ୍କୋରର ରହିଥିବା କୋହଲି ୭୮ ବଲ୍ ଖେଳି ୭ ଚୌକା ମାରିଥିଲେ। ଏହାର ଦୁଇ ବଲ୍ ପରେ ଖାତା ଖୋଲିବା ପୂର୍ବରୁ ରବୀନ୍ଦ୍ର ଜାଡେଜା ଆଉଟ ହେବା ପରେ ଭାରତର ପରାଜୟ ନିଶ୍ଚିତ ହୋଇଯାଇଥିଲା। ଶ୍ରୀକର ଭରତ(୨୩) ଓ ଅଜିଙ୍କ୍ୟ ରାହାନେ(୪୬)ଙ୍କ ମଧ୍ୟରେ ୩୩ ରନ୍‌ର ଭାଗୀଦାରି ହୋଇଥିଲା। ମିଚେଲ୍ ଷ୍ଟାର୍କଙ୍କ ଅଫ୍ ଷ୍ଟମ୍ପ ବାହାର ବଲ୍ ଖେଳିବାକୁ ଯାଇ ରାହାନେ ଉଇକେଟ କିପରଙ୍କୁ କ୍ୟାଚ୍ ଦେଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥାନ ଲିୟନ୍ ୪ ଉଇକେଟ ନେଇଥିବା ବେଳେ ସ୍କଟ୍ ବୋଲାଣ୍ଡ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ୍ ଷ୍ଟାର୍କ ୨ ଓ ପ୍ୟାଟ୍ କୁମିନ୍ସ ଗୋଟିଏ ଉଇକେଟ ନେଇଥିଲେ। ଟ୍ରାଭିସ୍ ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଛି।

### ଆଇସିସି ଇଭେଣ୍ଟରେ ଭାରତର ବିଫଳତା ଜାରି

ଶେଷ ଥର ପାଇଁ ୨୦୧୩ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ଏହା ପରଠାରୁ ଆଇସିସି ଇଭେଣ୍ଟରେ ଭାରତ କ୍ରମାଗତ ବିଫଳ ହୋଇ ଆସିଛି। ୧୦ ବର୍ଷ ଧରି ଭାରତୀୟ ଦଳ ଟ୍ରଫିଶୂନ୍ୟ ରହିଥିବା ବେଳେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ମଧ୍ୟ ଦଳକୁ ନିରାଶ ହେବାକୁ ପଡିଛି। ୨୦୧୫ ଦିନିକିଆ ବିଶ୍ୱକପ, ୨୦୧୬ ଟି୨୦ ବିଶ୍ୱକପ, ୨୦୧୭ ଚାମ୍ପିୟନ୍ସ ଟ୍ରଫି, ୨୦୧୯ ଦିନିକିଆ ବିଶ୍ୱକପ, ୨୦୨୧ ଟି୨୦ ବିଶ୍ୱକପ ଓ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍, ୨୦୨୨ ଟି୨୦ ବିଶ୍ୱକପ ଏବଂ ସଦ୍ୟ ସମାପିତ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଟାଇଟଲ ହାସଲରେ ଭାରତୀୟ ଦଳ ବିଫଳ ହୋଇଛି।

### ଆଇସିସି ଟାଇଟଲ ରେକର୍ଡ

ବିଶ୍ୱର ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ସମସ୍ତ ଆଇସିସି ଟ୍ରଫି ଜିତିବାର ରେକର୍ଡ ନିଜ ନାମରେ କରିଛି। ଏହା ପୂର୍ବରୁ ଆଇସିସି ଦିନିକିଆ ବିଶ୍ୱକପ୍, ଆଇସିସି ଟି୨୦ ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି ବିଜୟର ରେକର୍ଡ ନିଜ ନାମରେ ରଖିଥିଲା ଅଷ୍ଟ୍ରେଲିଆ। ପ୍ରଥମଥର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତକୁ ୨୦୯ ରନ୍‌ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଦଳ। ୧୯୮୭, ୧୯୯୯, ୨୦୦୩, ୨୦୦୭ ଓ ୨୦୧୫ରେ ଅଷ୍ଟ୍ରେଲିଆ ଦିନିକିଆ ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା। ଦଳ ୨୦୦୬ ଓ ୨୦୦୯ରେ ଚାମ୍ପିୟନ୍ସ ଟ୍ରଫି ଏବଂ ୨୦୨୧ରେ ଟି୨୦ ବିଶ୍ୱକପ୍ ଜିତିଥିଲା। ୨୦୨୧-୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଟାଇଟଲ୍ ହାସଲ କରିବା ସହିତ ବିଶ୍ୱର ପ୍ରଥମ ଦଳ ଭାବେ ସମସ୍ତ ଆଇସିସି ଟ୍ରଫି ହାସଲ କରିଛି।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୪୬୯। ଭାରତ ପ୍ରଥମ ଇନିଂସ-୨୯୬। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ-୨୭୦/୮(ଘୋଷଣା)। ଭାରତ ଦ୍ୱିତୀୟ ଇନିଂସ ୬୩.୩ ଓଭରରେ ୨୩୪/୧୦(ବିରାଟ କୋହଲି-୪୯, ଅଜିଙ୍କ୍ୟ ରାହାନେ-୪୬, ରୋହିତ ଶର୍ମା-୪୩, ନାଥାନ ଲିୟନ-୪/୪୧, ସ୍କଟ୍ ବୋଲାଣ୍ଡ-୩/୪୬, ମିଚେଲ୍ ଷ୍ଟାର୍କ-୨/୭୭)।

# କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଘାଟିତ

■ ୨୦ ଦେଶରୁ ଭାଗନେଲେ ୧୨୦୦ ଖେଳାଳି

■ ପୁରସ୍କାର ରାଶି ୩୨ ଲକ୍ଷ ଟଙ୍କା

ଭୁବନେଶ୍ୱର,୧୧।୬ (କ୍ରୀଡ଼ା ପ୍ରତିନିଧି)

କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର ୧୪ତମ ସଂସ୍କରଣ ରବିବାର କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଶ୍ୱନାଥନ୍ ଆନନ୍ଦ ଚେସ୍ ହଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାର, ଭାରତୀୟ ଚେସ୍ ସଂଘ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଓଡ଼ିଶା ଚେସ୍ ସଂଘ ଓ ଫିଡେ ସହଯୋଗରେ କିଟ୍ ଓ କିସ୍ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଆସନ୍ତା ୧୮ ପର୍ଯ୍ୟନ୍ତ ୮ ଦିନ ଧରି ଏହି ପ୍ରତିଯୋଗିତା ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଏସୀୟ ଚେସ୍ ସଂଘର ଉପସଭାପତି ତଥା ଫିଡେ ପରାମର୍ଶଦାତା ବୋର୍ଡର ଅଧ୍ୟକ୍ଷ ଭରତ ସିଂ ଚୌହାନ, ଭାରତୀୟ ଚେସ୍ ସଂଘର କୋଷାଧ୍ୟକ୍ଷ ନରେଶ ଶର୍ମା, ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଓଡ଼ିଶା ଚେସ୍ ସଂଘର ସଭାପତି ଜି.ସି.ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଶେଖର ଚନ୍ଦ୍ର ସାହୁ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚେସ୍ ମହୋତ୍ସବରେ ଭାରତ ସମେତ ୨୦ଟି ଦେଶରୁ ୧୨୦୦ ଖେଳାଳି ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୧୪ ଗ୍ରାଣ୍ଡମାଷ୍ଟର ଏବଂ ୫୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଟାଇଟଲ୍‌ଧାରୀ ରହିଛନ୍ତି। ପ୍ରତିଯୋଗିତାର ମୋଟ ପୁରସ୍କାର ରାଶି ୩୨ ଲକ୍ଷ ଟଙ୍କା ରଖାଯାଇଛି।

ପ୍ରକାଶ ଯୋଗ୍ୟ ଯେ, କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଏସିଆର ଶ୍ରେଷ୍ଠ ୪ ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ନାମେଣ୍ଟ ମଧ୍ୟରୁ ଅନ୍ୟତମ। କିଟ୍ ଭାରତୀୟ ଚେସ୍ ସଂଘ ଦ୍ୱାରା ସ୍ୱିକୃତିପ୍ରାପ୍ତ ୟୁନିଟ୍ ଭାବେ ପ୍ରଥମ ଥର ପାଇଁ ଏପରି ଏକ ଚେସ୍ ଟୁର୍ନାମେଣ୍ଟ ଆୟୋଜନ ଅଧିକାର ପାଇଛି। ୧୪ବର୍ଷ ଧରି କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବକୁ ପ୍ରମୋଟ କରିଆସୁଛି। ପୂର୍ବରୁ କିଟ୍-କିସ୍‌ରେ ୩୦ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ଚେସ୍ ଟୁର୍ନାମେଣ୍ଟ ଆୟୋଜିତ ହୋଇ ସାରିଛି। ଗ୍ରାମାଞ୍ଚଳରେ ମଧ୍ୟ ଚେସ୍‌ର ପ୍ରଚାର ଓ ପ୍ରସାର ପାଇଁ କିଟ୍ ଉଦ୍ୟମ କରିଆସିଛି।



ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିଗଣ।

# ଅଷ୍ଟ୍ରେଲିଆ ପାଇଁ ନିର୍ଣ୍ଣାୟକ ଥିଲେ ବୋଲାଣ୍ଡ

ଲଣ୍ଡନ, ୧୧।୬(ପି.ଟି.): ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଅଷ୍ଟ୍ରେଲିଆର ୨୦୯ ରନ୍ ବିଜୟ ପଛରେ ସ୍କଟ୍ ବୋଲାଣ୍ଡ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ ବୋଲି କହିଛନ୍ତି ଦଳର ଅଧିନାୟକ ପ୍ୟାଟ୍ କୁମିନ୍ସ। ବୋଲାଣ୍ଡ ମ୍ୟାଚ୍‌ସାରା ଚମତ୍କାର ବୋଲିଂ କରି ଭାରତର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍‌କୁ ଶାନ୍ତିରେ ନିଃଶ୍ୱାସ ନେବାକୁ ଦେଇ ନ ଥିଲେ। ଡାହାଣହାତୀ ସିମ୍ ବୋଲର ବୋଲାଣ୍ଡ ଦ୍ୱିତୀୟ ଇନିଂସରେ ଶୁବମନ ଗିଲ୍(୧୮), ବିରାଟ କୋହଲି(୪୯) ଓ ରବୀନ୍ଦ୍ର ଜାଡେଜା(୦)ଙ୍କୁ ଶୀଘ୍ର ପ୍ୟାଭିଲିୟନ ପଠାଇ ଦେଇଥିଲେ। ୪୪୪ ରନ୍ ବିଜୟ ଲକ୍ଷ୍ୟ ପିଛା କରୁଥିବା ଭାରତ ୨୩୪ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ବୋଲାଣ୍ଡ ସବୁବେଳେ ତାଙ୍କ ଫେଭରାଇଟ ଖେଳାଳି ହୋଇ ରହିଆସିଛନ୍ତି। କୁମିନ୍ସ କହିଛନ୍ତି, ମ୍ୟାଚ୍‌ରେ ଆମର ଆରମ୍ଭ ଜବରଦସ୍ତ ଥିଲା। ମ୍ୟାଚ୍‌ର ଅଧିକାଂଶ ଭାଗ ଆମ ନିୟନ୍ତ୍ରଣରେ ରହିଥିଲା। ଭାରତକୁ ପ୍ରତ୍ୟାବର୍ତ୍ତନ ଲାଗି ଆମେ ସାମାନ୍ୟ ସୁଯୋଗ ଦେଇ ନ ଥିଲୁ। ଅଷ୍ଟ୍ରେଲିଆ ଅଧିନାୟକ କୁମିନ୍ସ ମଧ୍ୟ ଟ୍ରାଭିସ ହେଡ୍(୧୬୩) ଓ ଷ୍ଟିଭ୍ ସ୍ମିଥ୍ (୧୨୧)ଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ବ୍ୟାଟରଦ୍ୱୟ ଚତୁର୍ଥ ଉଇକେଟରେ ୨୮୫ ରନ୍ ଯୋଗକରି ଅଷ୍ଟ୍ରେଲିଆର ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ